# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୧/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, September 11/2025 | Page 14 | ₹ 7.00 | DHENKANAL

୫୧ଶ ଭାଗ ୨୮୭ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 287 | ମୂଲ୍ୟ ₹୭/-





**ସାତ୍ ଖୁନ୍ ମାଫ୍ ଦେଖି ନ ଥିଲେ...**

ଅଭିନେତ୍ରୀ ପରିଣୀତି ଚୋପ୍ରା 'ସାତ୍ ଖୁନ୍ ମାଫ୍' ଫିଲ୍ମ ଦେଖିବା ପରେ ଅଭିନୟ ପ୍ରତି ମନ ବଳାଇଥିଲେ। ବୋଧହୁଏ ଏହା ନ ଦେଖିଥିଲେ ତାଙ୍କ ଜୀବନରେ ଭିନ୍ନ କିଛି ଘଟିଥାନ୍ତା। **୧୩**

**୧୪** **ପଦକ ନିଶ୍ଚିତ କଲେ ନୂପୁର**

ଲିଭରପୁଲରେ ଅନୁଷ୍ଠିତ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତ ପାଇଁ ପ୍ରଥମ ପଦକ ନିଶ୍ଚିତ କରିଛନ୍ତି ହେଭିୱେଟ ବକ୍ସର ନୂପୁର ଶେଓରାନ।




# ସାର ପାଇଁ 'ଆଧାର' ଧାଡ଼ି



**ୟୁରିଆ ସାର ଅଭାବ ଚିନ୍ତା ବଢ଼ାଇଛି** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୌରଗୋଠ ପାକ୍ସ ସମ୍ମୁଖରେ ୟୁରିଆ ସାର ନେବା ପାଇଁ ଚାଷୀମାନେ ବୁଧବାର ଭୋରରୁ ସେମାନଙ୍କର ଆଧାର କାର୍ଡକୁ ଲମ୍ବାଧାଡ଼ିରେ ରଖି ଅପେକ୍ଷା କରିଛନ୍ତି।

**ଦେଓଗାଁ,୧୦।୯ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଏବେ ଧାନ ଚାଷ ପାଇଁ ୟୁରିଆ ସାରର ଘୋର ଅଭାବ ଦେଖାଦେଇଛି। ଚଳିତ ବର୍ଷ ଠିକ୍ ସମୟରେ ଚାଷୀଙ୍କୁ ୟୁରିଆ ସାର ଯୋଗାଇବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଦେଓଗାଁ ବ୍ଲକର ଗୌରଗୋଠ ବ୍ଲକରେ ବୁଧବାର ସାର ନେବା ପାଇଁ ଆଧାର କାର୍ଡ ରଖି ଚାଷୀଙ୍କ ଲମ୍ବା ଲାଇନ ଏହାର ଏକ ଉଦାହରଣ ହୋଇଛି। ବ୍ଲକରେ ୧୨ଟି କୃଷି ସେବା ସମବାୟ ସମିତି ରହିଛି। ଏହି ସେବା ସମବାୟ ସମିତିଗୁଡିକୁ ୟୁରିଆ ସାର ଆସିବା ଜଣା ପଡିବା କ୍ଷଣି ଚାଷୀମାନଙ୍କ ଅସମ୍ଭାଳ ଭିଡ ପରିଲକ୍ଷିତ ହେଉଛି। ବ୍ଲକର ଗୌରଗୋଠ ପାକ୍ସରେ ୭୬୦ ଜଣ ଚାଷୀ ଧାନ ବିକ୍ରୟ କରିବା ପାଇଁ ପଞ୍ଜୀକୃତ ହୋଇଥିବା ବେଳେ ୩୧୫ ବସ୍ତା ୟୁରିଆ ସାର ବଣ୍ଟନ ପାଇଁ ଆସିଛି। ସାର ଆସିବା ଖବର ପ୍ରଚାରିତ ହେବା ପରେ ବୁଧବାର ଭୋର ସମୟରୁ ଉକ୍ତ ପାକ୍ସ ସମ୍ମୁଖରେ ପ୍ରାୟ ୭ ଶହରୁ ଊର୍ଦ୍ଧ୍ୱ ଚାଷୀ ଆଧାର କାର୍ଡଗୁଡିକୁ ଧାଡିରେ ରଖି ଲମ୍ବା ଲାଇନରେ ସାର ପାଇବା ଆଶାରେ ଅପେକ୍ଷାରେ ଥିବା ଦେଖିବାକୁ ମିଳିଥିଲା। ତେବେ ମାତ୍ର ୩୧୫ ପ୍ୟାକେଟ ସାର ଆସିଥିବାରୁ ପାକ୍ସ କର୍ତ୍ତୃପକ୍ଷ ପ୍ରଥମେ ଋଣୀ ଚାଷୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଚାଷୀ ପ୍ରତି ଗୋଟିଏ ପ୍ୟାକେଟ ଲେଖାଏ ସାର ଦେବାର ନିଷ୍ପତ୍ତି ନେଇଥିଲେ। ଫଳରେ ଅପେକ୍ଷାରେ ଥିବା ଅନେକ ଚାଷୀ ସାର ପାଇବାରୁ ବଞ୍ଚିତ ହୋଇଥିଲେ । ଏହାକୁ ନେଇ ସାର ପାଇ ପାରିନଥିବା ଚାଷୀମାନଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଖା ଦେଇଥିଲା। ଅନେକ ଚାଷୀ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ପାକ୍ସ ସମ୍ମୁଖରେ ବିଭିନ୍ନ ନାରା ଦେଇ ବିକ୍ଷୋଦ୍‌ଗାର କରିଥିଲେ। ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ତୁରନ୍ତ ୟୁରିଆ ସାର ଯୋଗାଇବା ପାଇଁ ଚାଷୀ ସଂଗଠନ ପକ୍ଷରୁ ଦାବି ହୋଇଛି। ଏ ଦିଗରେ ପ୍ରଶାସନ ତଥା ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଚାଷୀ ମହଲରେ ଦାବି ହେଉଛି।

# ତେଜିଲା ମାକ୍ରଁ ବିରୋଧୀ ଆନ୍ଦୋଳନ

**'ବ୍ଲକ୍ ଏଭ୍ରିଥିଙ୍ଗ୍': ୩୦୦ ଆନ୍ଦୋଳନକାରୀ ଗିରଫ**

## ସେବାସ୍ତିଆନ୍ ଲେକୋର୍ନୁ ୧୨ ମାସରେ ଫ୍ରାନ୍ସର ୪ର୍ଥ ପ୍ରଧାନମନ୍ତ୍ରୀ

**ସୋସିଆଲ ମିଡିଆ ନିଷିଦ୍ଧ ଭଳି କେତେକ ଜନବିରୋଧୀ ସରକାରୀ ପଦକ୍ଷେପ ପାଇଁ ନେପାଳରେ ଯୁବ, ଛାତ୍ର ଗୋଷ୍ଠୀ ଯେଉଁଳି ବ୍ୟାପକ ହିଂସା ଘଟାଇ ଶାସନ ପରିବର୍ତ୍ତନ ନିମନ୍ତେ ପରିବେଶ ସୃଷ୍ଟି କରିଛନ୍ତି, ସେଭଳି ସ୍ଥିତି ବୁଧବାର ୟୁରୋପୀୟ ଦେଶ ଫ୍ରାନ୍ସରେ ଘଟିଛି। ରାଜନୈତିକ ଅସ୍ଥିରତା ଏବଂ ଅର୍ଥନୀତି ଦୁଃସ୍ଥିତିରେ ଅତିଷ୍ଠ ଫ୍ରାନ୍ସବାସୀ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇ ହିଂସା ଘଟାଇଛନ୍ତି। 'ବ୍ଲକ୍ ଏଭ୍ରିଥିଙ୍ଗ୍' ମୁଭ୍‌ମେଣ୍ଟ ଚଳାଇ ଫ୍ରାନ୍ସ ନାଗରିକମାନେ ବ୍ୟାପକ ପୋଡ଼ାଜଳା କରିଛନ୍ତି। ସରକାରଙ୍କ ପକ୍ଷରୁ ଆନ୍ଦୋଳନକାରୀଙ୍କୁ ଦମନ ପାଇଁ ବଳପ୍ରୟୋଗ ହୋଇଥିଲେ ମଧ୍ୟ ସ୍ଥିତି ନିୟନ୍ତ୍ରଣକୁ ଆସିପାରିନାହିଁ। ଏହି ଆନ୍ଦୋଳନ ପ୍ରତି ସ୍ୱତଃପ୍ରବୃତ୍ତ ଜନସମର୍ଥନ ଥିବାରୁ ମାକ୍ରଁ ସରକାର ପାଇଁ ବିପଦ ଘନେଇଛି।**

**ପ୍ୟାରିସ୍,୧୦।୯**

ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରଁଙ୍କ ବିରୋଧରେ ଦେଶରେ ପୁଣି ମୁଣ୍ଡ ଟେକିଛି ଆନ୍ଦୋଳନ। ମାକ୍ରଁ ନିଜ ଅନୁଗତ ତଥା ପ୍ରତିରକ୍ଷା ମନ୍ତ୍ରୀ ସେବାସ୍ତିଆନ୍ ଲେକୋର୍ନୁ(୩୯)ଙ୍କୁ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଛନ୍ତି। ବର୍ଷକ ମଧ୍ୟରେ ଦେଶରେ ଚତୁର୍ଥ ଥର ପ୍ରଧାନମନ୍ତ୍ରୀ ନିଯୁକ୍ତି, ରାଜନୈତିକ ଅସ୍ଥିରତା ଓ ଆର୍ଥିକ ନିଅଣ୍ଟ ସ୍ଥିତିକୁ ନେଇ କ୍ଷୁବ୍ଧ ଫରାସୀ ନାଗରିକମାନେ ବୁଧବାର ମାକ୍ରଁ ଏବଂ ତାଙ୍କ ସରକାର ବିରୋଧରେ ବଡ଼ଧରଣର ବିକ୍ଷୋଭ କରିଛନ୍ତି। 'ବ୍ଲକ୍ ଏଭ୍ରିଥିଙ୍ଗ୍ ମୁଭ୍‌ମେଣ୍ଟ' ବ୍ୟାନରରେ ରାଜଧାନୀ ପ୍ୟାରିସ୍ ସମେତ ଦେଶର ବିଭିନ୍ନ ଭାଗରେ ରାସ୍ତା ଅବରୋଧ କରି ଯାନବାହନଗୁଡ଼ିକୁ ଜଳାପୋଡ଼ା କରିଛନ୍ତି। ଆନ୍ଦୋଳନକାରୀଙ୍କ ଜଳାପୋଡ଼ା ଓ ଭଙ୍ଗାରୁଜା ଭିତରେ ଏହି ୟୁରୋପୀୟ ରାଷ୍ଟ୍ର ଅଶାନ୍ତ ହୋଇପଡ଼ିଛି। ପରିବହନ ଓ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ବିକ୍ଷୋଭକାରୀମାନେ ବିଦ୍ରୋହର ପରିବେଶ ସୃଷ୍ଟି କରୁଥିବା ଦର୍ଶାଇ ପ୍ରାୟ ୩୦୦ ଜଣଙ୍କୁ ଗିରଫ କରାଯାଇଥିବା ଗୃହମନ୍ତ୍ରୀ ବ୍ରୁନୋ ରିଟାଇଲ୍ଲେଉ କହିଛନ୍ତି। ସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ଅଭୂତପୂର୍ବ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ସାରା ଦେଶରେ ୮୦,୦୦୦ ପୋଲିସ ଅଧିକାରୀଙ୍କୁ ମୁତୟନ କରାଯାଇଛି। ଏହାସତ୍ତ୍ୱେ ବିକ୍ଷୋଭକାରୀମାନେ ବ୍ୟାରିକେଡ୍ ଭାଙ୍ଗି, ଟାୟାର ଜାଳି ବିଭିନ୍ନ ଅଞ୍ଚଳରେ ଆନ୍ଦୋଳନ ଜାରି ରଖିଛନ୍ତି। ପ୍ୟାରିସ୍‌ରେ ଅଳିଆଗଦାଗୁଡ଼ିକରେ ସେମାନେ ନିଆଁ ଲଗାଇଦେବାରୁ ରାଜଧାନୀର ପ୍ରମୁଖ ଅଞ୍ଚଳରେ ଲୋକେ ଯାତାୟାତ କରିପାରିନାହାନ୍ତି।

ଫ୍ରାନ୍ସ ପ୍ରଧାନମନ୍ତ୍ରୀ ଫ୍ରାଙ୍କୋଇସ୍ ବେରୌ ସୋମବାର ପାର୍ଲାମେଣ୍ଟରେ ଆସ୍ଥା ହରାଇବା ପରେ ନିଜ ପଦରୁ ବିଦା ହୋଇଛନ୍ତି। ମାତ୍ର ୯ ମାସ ପ୍ରଧାନମନ୍ତ୍ରୀ ରହିଥିବା ୭୪ ବର୍ଷୀୟ ବେରୌଙ୍କ ପ୍ରତି ଏମ୍‌ପିମାନେ ଅନାସ୍ଥା ପ୍ରକଟ କରିବା ପରେ ସମ୍ବିଧାନର ଅନୁଚ୍ଛେଦ ୫୦ ଅନୁଯାୟୀ ସେ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିଲେ। ଏହି ଘଟଣାକ୍ରମ ୟୁରୋପର ଦ୍ୱିତୀୟ ସର୍ବବୃହତ୍ ଅର୍ଥନୀତି ପାଇଁ ନୂଆ ସଙ୍କଟକୁ ଡାକିଆଣିଛି। ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରଁ କାଳବିଳମ୍ବ ନ କରି ମଙ୍ଗଳବାର ପ୍ରତିରକ୍ଷାମନ୍ତ୍ରୀ ସେବାସ୍ତିଆନ୍ ଲେକୋର୍ନୁଙ୍କୁ ବେରୌଙ୍କ ନୂଆ ଉତ୍ତରାଧିକାରୀ ଚୟନ କରିଛନ୍ତି। ୧୨ ମାସ ମଧ୍ୟରେ ଚତୁର୍ଥ ଥର ପ୍ରଧାନମନ୍ତ୍ରୀ ପରିବର୍ତ୍ତନକୁ ଦେଶବାସୀ ଗ୍ରହଣ କରିପାରି ନାହାନ୍ତି। ଦେଶରେ ରାଜନୈତିକ ଅସ୍ଥିରତା ସୃଷ୍ଟି ହୋଇ ଅର୍ଥନୀତି ଖରାପ ଆଡ଼କୁ ଗତି କରୁଥିବାବେଳେ ମାକ୍ରଁ ସେଥିପ୍ରତି ଅଣଦେଖା କରୁଥିବାରୁ ଦେଶରେ ଅସନ୍ତୋଷ ☞ପୃଷ୍ଠା-୪



ଫ୍ରାନ୍ସର ମାର୍ସିଲେରେ 'ବ୍ଲକ୍ ଏଭ୍ରିଥିଙ୍ଗ୍ ମୁଭ୍‌ମେଣ୍ଟ'ରେ ସାମିଲ ଆନ୍ଦୋଳନକାରୀ ବୁଧବାର ବିକ୍ଷୋଭ ଶୋଭାଯାତ୍ରା କରୁଛନ୍ତି। (ଫଟୋ ସୌଜନ୍ୟ: ଏ.ପି.)

# ଭୁବନେଶ୍ୱର 'ନ୍ୟୁ ସିଟି' ଯୋଜନାକୁ ଅନୁମୋଦନ

**ଭୁବନେଶ୍ୱରରେ 'ନ୍ୟୁ ସିଟି' ଉନ୍ନୟନ ଯୋଜନାକୁ ଅନୁମୋଦନ ସାଙ୍ଗକୁ ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା, ଆମ୍ବୁଲାନ୍ସ ସେବାକୁ ଅଧିକ ଗତିଶୀଳ କରିବା ଆଦି ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ରାଜ୍ୟ କ୍ୟାବିନେଟ୍ ବୁଧବାର ମୋହର ମାରିଛି।**

**ଭୁବନେଶ୍ୱର,୧୦।୯ (ରବିନାରାୟଣ ଜେନା)**

ରାଜଧାନୀ ଭୁବନେଶ୍ୱରରେ ଗଢ଼ିଉଠିବ ଆଉ ଏକ ନୂଆ ସହର। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କିଛିଦିନ ତଳୁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ବୁଧବାର ରାଜ୍ୟ କ୍ୟାବିନେଟ୍‌ର ମୋହର ବାଜିଛି। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍

**ରାଜ୍ୟ କ୍ୟାବିନେଟ୍‌ରେ ୫ ପ୍ରସ୍ତାବକୁ ମୋହର**

ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଥିଲେ, ଭୁବନେଶ୍ୱର ପାଇଁ 'ନୂଆ ସହର ଉନ୍ନୟନ'(ନ୍ୟୁ ସିଟି) ଯୋଜନାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି। ଏହି ପ୍ରକଳ୍ପ ☞ପୃଷ୍ଠା-୪

## ବିଡିଓ, ଯନ୍ତ୍ରୀଙ୍କ ଆର୍ଥିକ, ପ୍ରଶାସନିକ କ୍ଷମତା ବଢ଼ିଲା

**ଭୁବନେଶ୍ୱର,୧୦।୯(ରବିନାରାୟଣ ଜେନା)**

ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଗ୍ରାମ ପଞ୍ଚାୟତ ସମିତିସ୍ତରରେ ବୃଦ୍ଧି ପାଇଥିବା ପାଣ୍ଠିର ପ୍ରବାହ ଓ ବିକାଶମୂଳକ କାର୍ଯ୍ୟର ପରିମାଣକୁ ଦୃଷ୍ଟିରେ ରଖି ଓଡ଼ିଶା ପଞ୍ଚାୟତ ସମିତି ହିସାବ ପ୍ରଣାଳୀ ନିୟମାବଳୀ-୨୦୦୨ ଅଧୀନରେ ନିର୍ଦ୍ଧାରିତ ବୈଷୟିକ ମଞ୍ଜୁରୀ ଓ ପ୍ରଶାସନିକ ଅନୁମୋଦନ କ୍ଷମତାକୁ ବୃଦ୍ଧି କରାଯାଇଛି। ଏଣିକି ବ୍ଲକ ଉନ୍ନୟନ ଅଧିକାରୀ(ବିଡିଓ)ମାନଙ୍କର ପଞ୍ଚାୟତ ସମିତି କାର୍ଯ୍ୟର ବିଲ୍ ପାସ୍ କରିବା ପାଇଁ ଆର୍ଥିକ କ୍ଷମତା ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ପଞ୍ଚାୟତସ୍ତରରେ ବିକାଶମୂଳକ ଯୋଜନାଗୁଡ଼ିକର ସୁଗମ କାର୍ଯ୍ୟାନ୍ୱୟନ ହୋଇପାରିବ। ସେହିପରି ପଞ୍ଚାୟତ ସମିତି ପ୍ରକଳ୍ପଗୁଡ଼ିକର ☞ପୃଷ୍ଠା-୪

# ଶିଳ୍ପ, ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ୫୩୩.୬୨ କୋଟି ଜଳକର ବାକି

**ବ୍ରହ୍ମପୁର,୧୦।୯(ଅଶୋକ କୁମାର ସାହୁ)**

ଚଳିତ ଆର୍ଥିକ ବର୍ଷ ଜୁନ୍ ସୁଦ୍ଧା ଗଞ୍ଜାମ, ଗଜପତି ଓ ରାୟଗଡା ଜିଲାର ବିଭିନ୍ନ ଶିଳ୍ପ ଓ ବ୍ୟବସାୟିକ ସଂସ୍ଥା ନିକଟରେ ଜଳକର ବାବଦକୁ ୫୩୩.୬୨କୋଟି ଟଙ୍କା ବାକି ପଡିଛି। ୨ମାସ ଭିତରେ ଏହା ଆଦାୟ କରିବାକୁ ରାଜ୍ୟ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏ ସଂକ୍ରାନ୍ତରେ ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ଗତ ୧ ତାରିଖ ଚିଠି ନଂ. ୨୫୭୩୬ରେ ବ୍ରହ୍ମପୁର ଜଳସେଚନ ବିଭାଜନ, ଭଞ୍ଜନଗର ଜଳସେଚନ ବିଭାଜନ ଓ ହରଭଙ୍ଗୀ ଜଳସେଚନ ବିଭାଜନ ନଂ.୩କୁ ଜଣାଇ ଦିଆଯାଇଛି। ଉପରୋକ୍ତ ୩ ଜିଲାର ୧୧୯ ଶିଳ୍ପ ଓ ବ୍ୟବସାୟିକ ସଂସ୍ଥା ଉପରେ ଉପରୋକ୍ତ ପରିମାଣର ଜଳକର ଦେବାକୁ ଅଛି। ସମ୍ପୃକ୍ତ ଶିଳ୍ପ ସଂସ୍ଥାଗୁଡିକ ଏକକାଳୀନ ସମାଧାନ ବା ୱାନ ଟାଇମ୍ ସେଟେଲମେଣ୍ଟ(ଓଟିଏସ୍) କରିନାହାନ୍ତି କି କର ପୈଠ କରିନାହାନ୍ତି। ତେଣୁ ସମ୍ପୃକ୍ତ ସଂସ୍ଥାଗୁଡିକୁ ତୁରନ୍ତ କର ପୈଠ କରିବା ପାଇଁ ନୋଟିସ ଦେବାକୁ ଜଳ ସମ୍ପଦ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ ପ୍ଲାନିଂ ଆଣ୍ଡ ଡିଜାଇନଙ୍କ ପକ୍ଷରୁ କୁହାଯାଇଛି। ହରିଭଙ୍ଗୀ ଜଳସେଚନ ବିଭାଜନ ଅଧୀନରେ ଅଧିକ ଜଳକର ବାକି ପଡିଥିବାବେଳେ ଦ୍ୱିତୀୟରେ ବ୍ରହ୍ମପୁର ଓ ତୃତୀୟରେ ଭଞ୍ଜନଗର ରହିଛି। ବିଶେଷକରି ମଦ ଓ ଇଟା ତିଆରି ଶିଳ୍ପ ଉପରେ ଅଧିକ କର ବାକି ପଡିଛି। ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା ନୈରାଶ୍ୟଜନକ ଥିବାବେଳେ ଶିଳ୍ପ ସଂସ୍ଥାକୁ ପାଣି ଦେବାରେ ସରକାର ଆଗଭର ବୋଲି ଚର୍ଚ୍ଚା ହେଉଛି। ରାଜ୍ୟର ବିଭିନ୍ନ ନଦୀନାଳରୁ ଉଚ୍ଚ କ୍ଷମତା ସମ୍ପନ୍ନ ପମ୍ପ ମାଧ୍ୟମରେ ଶିଳ୍ପ ସଂସ୍ଥାଗୁଡିକ ପରିଚାଳନା ପାଇଁ ହଜାର ହଜାର କ୍ୟୁସେକ ପାଣି ଉତ୍ତୋଳନ କରୁଛନ୍ତି। ଦୀର୍ଘଦିନରୁ ଏତେ ଟଙ୍କା ବାକି ଥିଲେ ବି ଶିଳ୍ପ ଓ ବ୍ୟବସାୟିକ ପ୍ରତିଷ୍ଠାନମାନେ କର ପୈଠ କରିବାକୁ କାହିଁକି ପଛଘୁଞ୍ଚା ଦେଉଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରିପୋର୍ଟ ଅନୁସାରେ ବ୍ରହ୍ମପୁର ଜଳସେଚନ ବିଭାଜନରୁ ଜଳ ଶୋଷୁଥିବା ପ୍ରାୟ ୬୮ଟି ଛୋଟ ଶିଳ୍ପ ଓ ବ୍ୟବସାୟିକ ପ୍ରତିଷ୍ଠାନ ୧୧୨୨.୮୮ ଲକ୍ଷ ଟଙ୍କା କର ପୈଠ କରିବାକୁ ଅଛନ୍ତି। ସେଥିମଧ୍ୟରେ ବ୍ରହ୍ମପୁର ୱାଟ୍‌କୋ ୧୮.୯୫୯ ଲକ୍ଷ, ଆଇଆରଇଏଲକୁ ଜଳ ଯୋଗାଉଥିବା ବ୍ରହ୍ମପୁର ଜନସ୍ୱାସ୍ଥ୍ୟ ବିଭାଗ ୨୭୫.୭୧୩ ଲକ୍ଷ, ପୂର୍ବତଟ ରେଲୱେ ☞ପୃଷ୍ଠା-୪

## ଅକ୍ଟୋବରରୁ ହୋଇପାରେ ଦେଶବ୍ୟାପୀ ଏସ୍‌ଆଇଆର୍

**ନୂଆଦିଲ୍ଲୀ,୧୦।୯**

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଦେଶବ୍ୟାପୀ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଆରମ୍ଭ ହୋଇପାରେ ବୋଲି ନିର୍ବାଚନ କମିଶନ (ଇସି)ଙ୍କ ସୂତ୍ରରୁ ଜଣାପଡ଼ିଛି। ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ମାନଙ୍କ ସହ ବୁଧବାର ଏସ୍‌ଆଇଆର୍ ପ୍ରକ୍ରିୟାର ପ୍ରସ୍ତୁତି ଆଲୋଚନା ବେଳେ ଏହି ପ୍ରସ୍ତାବକୁ କମିଶନ ସବୁଜ ସଙ୍କେତ ଦେଇଛନ୍ତି। ନିକଟରେ ନିର୍ବାଚନ କମିଶନ ବିହାର ବିଧାନସଭା ଭୋଟକୁ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ମଇଁଷିର ସାଂସ୍କୃତିକ ମହତ୍ତ୍ୱ**




ଭୁବନେଶ୍ୱର ଲୋକସେବା ଭବନରେ ବୁଧବାର ଅନୁଷ୍ଠିତ ୨୬ ତମ ରାଜ୍ୟ କ୍ୟାବିନେଟ୍ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଧ୍ୟକ୍ଷତା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗତ ୨୫ଟି କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ୩୪ଟି ବିଭାଗର ୧୪୯ଟି ନିଷ୍ପତ୍ତିର ଅନୁପାଳନ ରିପୋର୍ଟକୁ ଉନ୍ମୋଚନ କରୁଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକବର୍ଦ୍ଧନ ସିଂହଦେଓଙ୍କ ସମେତ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା।


କାଠମାଣ୍ଡୁର ଏକ ଜେଲରୁ ଖସିଯାଇଥିବା କଏଦୀମାନଙ୍କୁ ଧରି ଜଣେ ସେନା କର୍ମଚାରୀ ଯାଉଛନ୍ତି।

# ଜେଲରୁ ୭ ହଜାର କଏଦୀ ଫେରାର

## ଭାରତ ସୀମାରେ ୫ କଏଦୀଙ୍କୁ ଗିରଫକଲା ଏସ୍ଏସ୍ବି

## ଦେଶବ୍ୟାପୀ ନେପାଳ ସେନାର କର୍ଫ୍ୟୁ

କାଠମାଣ୍ଡୁ, ୧୦।୯ (ପି.ଟି.)

ନେପାଳରେ ଜେଡ୍ଜେଡ୍ ପକ୍ଷରୁ କରାଯାଉଥିବା ଆନ୍ଦୋଳନ ମଙ୍ଗଳବାର ହିଂସ୍ର ରୂପ ଧାରଣ କରିବା ପରେ ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ନେପାଳ ସେନା ପକ୍ଷରୁ ଦେଶବ୍ୟାପୀ କର୍ଫ୍ୟୁ ଏବଂ ବିଭିନ୍ନ କଟକଣା ଜାରି କରାଯାଇଛି। ବୁଧବାର ନେପାଳ ସେନା ପକ୍ଷରୁ ବୟାନ ଜାରି କରି କୁହାଯାଇଛି, ଆନ୍ଦୋଳନ ହିଂସ୍ର ରୂପ ନେବାର ସୁଯୋଗ ନେଇ ବିଭିନ୍ନ ଅସାମାଜିକ ସଙ୍ଗଠନ ଏବଂ ବ୍ୟକ୍ତି ବିଭିନ୍ନ ସ୍ଥାନରେ ପୋଡ଼ାଜଳା, ଲୁଟପାଟ୍, ମହିଳାଙ୍କୁ ନିର୍ଯାତନା ଆଦି କ୍ଷେତ୍ରରେ ଲିପ୍ତ ରହୁଛନ୍ତି। ନେପାଳ ସେନାର ଏହା ଉପରେ କଡ଼ା ନଜର ରହିଛି। ଏହି ଘଟଣାଗୁଡ଼ିକୁ ରୋକିବା ପାଇଁ ଦେଶର ନାଗରିକମାନଙ୍କ ସହଯୋଗ ଆବଶ୍ୟକ। ତେଣୁ ଶାନ୍ତି ଏବଂ ସୁରକ୍ଷା ଦୃଷ୍ଟିରେ ରଖି ଦେଶର ବିଭିନ୍ନ ସ୍ଥାନରେ କର୍ଫ୍ୟୁ ଜାରି କରାଯାଇଛି। ସ୍ଥିତିର ଆକଳନକରି ବିଭିନ୍ନ କର୍ଫ୍ୟୁ ହଟାଯିବା ନିଷ୍ପତ୍ତି ନିଆଯିବ ବୋଲି ସେନା କହିଛି। ସ୍ଥାନୀୟ ପ୍ରଶାସନ ସହ ମିଶି ଶାନ୍ତି ବଜାୟ ରଖିବା ଓ ଆଇନଶୃଙ୍ଖଳା ସ୍ଥିତିକୁ ଫେରାଇ ଆଣିବା ପାଇଁ ଯଥେଷ୍ଟ ପ୍ରୟାସ କରାଯାଉଛି। ଯେଉଁ ବ୍ୟକ୍ତିମାନେ ହିଂସା ସମୟରେ ବିଭିନ୍ନ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଆଦି ଲୁଟ୍ କରିଥିଲେ, ସେମାନେ ସେଗୁଡ଼ିକୁ ତୁରନ୍ତ ନିକଟସ୍ଥ ସୁରକ୍ଷା ସଂସ୍ଥାକୁ ହସ୍ତାନ୍ତର କରନ୍ତୁ। ସେହିପରି ସୁରକ୍ଷା ବଳର ପୋଷାକ ନ ପିନ୍ଧିବାକୁ ନାଗରିକମାନଙ୍କୁ ସେନା ଅନୁରୋଧ କରିଛି। ତେବେ ମଙ୍ଗଳବାର ନେପାଳରେ ହିଂସା ସମୟରେ ୭ ହଜାରରୁ ଅଧିକ କଏଦୀ ଦେଶର ବିଭିନ୍ନ ଜେଲରୁ ଖସିଯାଇଥିବା ନେଇ ସ୍ଥାନୀୟ ଗଣମାଧ୍ୟମ ପ୍ରକାଶ କରିଛି। ସେହିପରି ପଶ୍ଚିମ ନେପାଳର ଏକ ଜେଲରେ ସୁରକ୍ଷା କର୍ମୀଙ୍କ ସହ କଏଦୀଙ୍କ ସଂଘର୍ଷ ବେଳେ ୫ ଜଣ ନାବାଳକ କଏଦୀଙ୍କ ମୃତ୍ୟୁ ଘଟିଛି। ସେହିପରି ନେପାଳର ବିଭିନ୍ନ ଜେଲରୁ ଖସିଆସି ଭାରତରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ବେଳେ ସଶସ୍ତ୍ର ସୀମା ବଳ (ଏସ୍ଏସ୍ବି) ୫ ଜଣ କଏଦୀଙ୍କୁ ଗିରଫ କରିଛି।

# ସୁଶୀଳା କାର୍କିଙ୍କୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ କରିବା ପାଇଁ ଜେନ୍-ଜେଡ୍‌ର ପ୍ରସ୍ତାବ

**ନେ**ପାଳରେ ରାଜନୈତିକ ଅସ୍ଥିରତା ମଧ୍ୟରେ ବୁଧବାର ଜେନ୍-ଜେଡ୍ ବିକ୍ଷୋଭକାରୀଙ୍କ ପକ୍ଷରୁ ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୫ ହଜାରରୁ ଅଧିକ ଯୁବତୀଯୁବକ ଯୋଗଦେଇଥିଲେ। ସାମ୍ପ୍ରତିକ ସ୍ଥିତି ଓ ଚ୍ୟାଲେଞ୍ଜଗୁଡ଼ିକ ବିଷୟରେ ବୈଠକରେ ଚର୍ଚ୍ଚା ହୋଇଥିଲା। ଦେଶର ଅନ୍ତରୀଣ ପ୍ରଧାନମନ୍ତ୍ରୀ ପଦ ପାଇଁ ନେପାଳ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ସୁଶୀଳା କାର୍କି(୭୩)ଙ୍କୁ ଏହି ବୈଠକରେ ସର୍ବାଧିକ ସମର୍ଥନ ମିଳିଛି। କାଠମାଣ୍ଡୁର ମେୟର ବାଲେନ୍ ଶାହଙ୍କ ନାମକୁ ନେଇ ମଧ୍ୟ ଏହି ବୈଠକରେ ଆଲୋଚନା ହୋଇଥିଲା। ତେବେ ସେ ଜେନ୍-ଜେଡ୍ ପକ୍ଷରୁ କରାଯାଇଥିବା କଲ୍‌କୁ ନ ଉଠାଇବାରୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ ପଦ ପାଇଁ ସୁଶୀଳାଙ୍କୁ ସର୍ବାଧିକ ସମର୍ଥନ ରହିଥିବା ଜଣାପଡ଼ିଛି। ସ୍ଥାନୀୟ ଗଣମାଧ୍ୟମର ସୂଚନା ମୁତାବକ, ସୁଶୀଳାଙ୍କୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ କରିବା ପାଇଁ ଜେନ୍-ଜେଡ୍‌ର ସମର୍ଥନ ପତ୍ରରେ ୨,୫୦୦ରୁ ଅଧିକ ଯୁବପିଢ଼ି ସ୍ୱାକ୍ଷର କରିସାରିଲେଣି। ଖୁବ୍‌ଶୀଘ୍ର ଜେନ୍-ଜେଡ୍‌ର ଏକ ଦଳ ଅନ୍ତରୀଣ ପ୍ରଧାନମନ୍ତ୍ରୀ ପଦ ପାଇଁ ସୁଶୀଳାଙ୍କ ନାମର ପ୍ରସ୍ତାବ ନେଇ ନେପାଳର ସେନାମୁଖ୍ୟଙ୍କ ସହ ଆଲୋଚନା କରିବ ବୋଲି ଜଣାପଡ଼ିଛି।


ନେପାଳ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ସୁଶୀଳା କାର୍କି।

ଅନ୍ତରୀଣ ପ୍ରଧାନମନ୍ତ୍ରୀ ପାଇଁ ଜେନ୍‌ଜେଡ୍‌ର ଏହି ପ୍ରସ୍ତାବକୁ ସୁଶୀଳା ସ୍ୱୀକାର କରିଛନ୍ତି। ଏକ ଗଣମାଧ୍ୟମକୁ ସାକ୍ଷାତ୍କାର ଦେଇ ସେ କହିଛନ୍ତି, ଅନ୍ତରୀଣ ସରକାରର ନେତୃତ୍ୱ ନେବା ପାଇଁ ଦେଶର ଯୁବପିଢ଼ି ତାଙ୍କ ଉପରେ ବିଶ୍ୱାସ କରିଛନ୍ତି। ଏହି ଦାୟିତ୍ୱ ନିଭାଇବା ପାଇଁ ସେ ପ୍ରସ୍ତୁତ। ବିକ୍ଷୋଭରେ ପ୍ରଭାବିତ ପରିବାରକୁ ସହଯୋଗ ଯୋଗାଇବା ଏବେ ନେପାଳରେ ଶାନ୍ତି ଫେରାଇ ଆଣିବା ତାଙ୍କର ପ୍ରଥମ ପ୍ରାଥମିକତା ହେବ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ସୁଶୀଳା ହେଉଛନ୍ତି ନେପାଳର ପ୍ରଥମ ମହିଳା ପ୍ରଧାନ ବିଚାରପତି। ସେ ୨୦୧୬ରେ ନେପାଳ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଭାବେ ଶପଥ ନେଇଥିଲେ।

# ବିଜେଡିକୁ ମିଳିଛି ୨୯୭.୮୧ କୋଟି ଚାନ୍ଦା

ନୂଆଦିଲ୍ଲୀ,୧୦।୯(ପି.ଟି.)

## ୨୦୨୩-୨୪ରେ ୪୦ ଆଞ୍ଚଳିକ ଦଳର ଆୟ ୨,୫୩୨ କୋଟି

୨୦୨୩-୨୪ ଆର୍ଥିକବର୍ଷରେ ପ୍ରାୟ ୪୦ଟି ଆଞ୍ଚଳିକ ଦଳକୁ ୨,୫୩୨.୦୯ କୋଟି ଟଙ୍କାର ଚାନ୍ଦା ମିଳିଛି। ସେଥିରୁ ଓଡ଼ିଶାର ବିଜୁ ଜନତା ଦଳ (ବିଜେଡି)ର ଆୟ ହେଉଛି ୨୯୭.୮୧ କୋଟି ଟଙ୍କା। ନିର୍ବାଚନୀ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ଏନ୍‌ଜିଓ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ କରାଯାଇଥିବା ଏକ ବିଶ୍ଳେଷଣରୁ ବୁଧବାର ଏହି ବିଷୟ ଜଣାପଡ଼ିଛି।

ଏଡିଆର୍ ଉକ୍ତ ରିପୋର୍ଟରେ ଦର୍ଶାଇଛି ଯେ, ୪୦ ଅଞ୍ଚଳିକ ଦଳ ୨୦୨୩-୨୪ ଆର୍ଥିକବର୍ଷରେ କରିଥିବା ନିଜ ଆୟ ସମ୍ପର୍କରେ ଘୋଷଣା କରିଛନ୍ତି। ଆଲୋଚ୍ୟ ବର୍ଷରେ ଏହି ଦଳଗୁଡ଼ିକ ମୋଟ ୨,୫୩୨.୦୯ କୋଟି ଟଙ୍କା ଚାନ୍ଦା ପାଇଛନ୍ତି, ଯହିଁରୁ ୭୦%ରୁ ଅଧିକ ପାଣ୍ଠି ଇଲେକ୍ଟୋରାଲ ବଣ୍ଡ ଜରିଆରେ ମିଳିଥିଲା। କେ. ଚନ୍ଦ୍ରଶେଖର ରାଓଙ୍କ ଦଳ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ସର୍ବାଧିକ ୬୮୫.୫୧ କୋଟି ଟଙ୍କା ପାଇଥିବାବେଳେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ୬୪୬.୩୯ କୋଟି, ନବୀନ ପଟ୍ଟନାୟକଙ୍କ ବିଜେଡି ୨୯୭.୮୧ କୋଟି, ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ୧୮୫.୦୭ କୋଟି ଏବଂ ଜଗନ୍‌ମୋହନ୍ ରେଡ୍ଡୀଙ୍କ ନେତୃତ୍ୱାଧୀନ ୱାଇଏସ୍ଆର୍ କଂଗ୍ରେସ ୧୯୧.୦୪ କୋଟି ଟଙ୍କା ଚାନ୍ଦା ପାଇଥିଲା। ଏହି ଶୀର୍ଷ ୫ ଦଳର ଆୟ ହେଉଛି ୪୦ ଆଞ୍ଚଳିକ ଦଳ ପାଇଥିବା ଚାନ୍ଦାର ୮୩.୧୭ ପ୍ରତିଶତ। ମୋଟ ଆୟର ୭୦%ରୁ ଅଧିକ ଇଲେକ୍ଟୋରାଲ ବଣ୍ଡ ଜରିଆରେ ଆସିଥିଲା। ଅନ୍ୟପକ୍ଷେ ଆୟ ସମ୍ପର୍କିତ ରିପୋର୍ଟ ଦାଖଲ ପାଇଁ ରହିଥିବା ଶେଷ ତାରିଖର ୩୧୩ ଦିନ ପରେ ମଧ୍ୟ ୨୦ଟି ଆଞ୍ଚଳିକ ଦଳର ଅଡିଟ୍ ରିପୋର୍ଟ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ୱେବ୍‌ସାଇଟ୍‌ରେ ଉପଲବ୍ଧ ହୋଇନାହିଁ।

୨୭ ଆଞ୍ଚଳିକ ଦଳ ସେମାନଙ୍କ ଆୟର ଏକ ଅଂଶ ଖର୍ଚ୍ଚ ହୋଇ ନ ଥିବା ଦର୍ଶାଇଥିବାବେଳେ ୧୨ ରାଜନୈତିକ ଦଳ ଆଲୋଚ୍ୟ ବର୍ଷରେ ପାଇଥିବା ଟଙ୍କାରୁ ଅଧିକ ଖର୍ଚ୍ଚ କରିଥିବା ଜଣାଇଛନ୍ତି। ବିଆର୍‌ଏସ୍ ନିଜ ଆୟରୁ ୪୩୦.୬୦ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ଟିଏମ୍‌ସି ୪୧୪.୯୨ କୋଟି ଏବଂ ବିଜେଡି ୨୫୩.୭୯ କୋଟି ଟଙ୍କା ପାଇଥିବା ଦର୍ଶାଇଛି। ଅନ୍ୟପକ୍ଷେ ୱାଇଏସ୍ଆର୍ କଂଗ୍ରେସ, ଦ୍ରାବିଡ ମୁନ୍ନେତ୍ରା କାଝାଗାମ୍ (ଡିଏମ୍‌କେ), ସମାଜବାଦୀ ପାର୍ଟି (ଏସ୍‌ପି) ଓ ସଂଯୁକ୍ତ ଜନତା ଦଳ (ଜେଡିୟୁ) ସେମାନଙ୍କ ଆୟରୁ ଅଧିକ ଖର୍ଚ୍ଚ କରିଥିବା ଜଣାଇଛନ୍ତି।

# ରୁଷିଆ ଛାଡ଼ିଲା ଡ୍ରୋନ୍, ଖସାଇଲା ପୋଲାଣ୍ଡ

ୱାର୍ସ,୧୦।୯(ଏ.ପି./ରଏଟର୍ସ)

୨୦୨୨ରୁ ୟୁକ୍ରେନ୍ ସହ ଯୁଦ୍ଧରତ ରୁଷିଆ ବୁଧବାର ପୋଲାଣ୍ଡ ବାୟୁସୀମା ଉଲ୍ଲଂଘନ କରି ସେଠାକୁ ଡ୍ରୋନ୍ ଛାଡ଼ିଛି। ତେବେ ସେଥିରୁ ଅଧିକାଂଶ ଡ୍ରୋନ୍‌କୁ ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେନ୍ (ନାଟୋ) ସହଯୋଗୀ ପୋଲାଣ୍ଡ ଖସାଇଦେଇଥିବା କହିଛି। ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି, ମଙ୍ଗଳବାର ବିଳମ୍ବିତ ରାତି ଓ ବୁଧବାର ଭୋର ସମୟ ମଧ୍ୟରେ ବହୁସଂଖ୍ୟକ ରୁଷୀୟ ଡ୍ରୋନ୍ ତାଙ୍କ ଦେଶର ବାୟୁସୀମା ଉଲ୍ଲଂଘନ କରିଥିଲା। ପୋଲାଣ୍ଡ ନାଗରିକଙ୍କ ନିରାପତ୍ତା ପ୍ରତି ପ୍ରତ୍ୟକ୍ଷ ଭାବେ ବିପଦ ସୃଷ୍ଟିକାରୀ ଡ୍ରୋନ୍‌ଗୁଡ଼ିକୁ ସେନା ଖସାଇଦେଇଛି। ଏନେଇ ସେ ପାର୍ଲାମେଣ୍ଟକୁ ମଧ୍ୟ ଅବଗତ କରାଇଛନ୍ତି।

ପୋଲାଣ୍ଡ ଉପରେ ଏହା ହେଉଛି ରୁଷିଆର ପ୍ରଥମ ଡ୍ରୋନ୍ ମାଡ଼। ଏହା ପରେ ପୋଲାଣ୍ଡ ସଶସ୍ତ୍ର ବଳକୁ ହାଇଆଲର୍ଟରେ ରଖାଯାଇଛି। ସାମରିକ ଅପରେଶନ୍ ଯୋଗୁ ଏୟାରସ୍ପେସ୍‌କୁ ବନ୍ଦ କରାଯାଇଥିବାରୁ ୱାର୍ସ'ର ଚୋପିନ୍ ଏୟାରପୋର୍ଟରେ ବିମାନ ଚଳାଚଳକୁ ଅନେକ ଘଣ୍ଟା ପାଇଁ ସ୍ଥଗିତ କରାଯାଇଛି। ରୁଷୀୟ ସୈନ୍ୟଙ୍କ ଏହି କାର୍ଯ୍ୟକୁ ପୋଲାଣ୍ଡ ସେନା ଏକ ଅତିକ୍ରମଣ ବୋଲି ଅଭିହିତ କରିଛି।


ଡ୍ରୋନ୍ ଆକ୍ରମଣରେ କ୍ଷତିଗ୍ରସ୍ତ ପୋଲାଣ୍ଡର ୱିରିକିସ୍ଥିତ ଏକ ଘର।

# ଖବରଦାତା ସମ୍ମିଳନୀରେ ବେହୋସ୍ ହେଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଷ୍ଟକ୍‌ହୋମ୍, ୧୦।୯

ସୁଇଡେନ୍ ସ୍ୱାସ୍ଥ୍ୟମନ୍ତ୍ରୀ ଏଲିସାବେଥ୍ ଲାନ୍ (୪୮) ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ କରୁଥିବା ବେଳେ ଅଚାନକ ବେହୋସ୍ ହୋଇ ତଳେ ପଡ଼ିଯାଇଥିଲେ। ସୁଇଡେନ୍‌ର ନୂତନ ସ୍ୱାସ୍ଥ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବାର କିଛି ଘଣ୍ଟା ପରେ ସେ ଏହି ଖବରଦାତା ସମ୍ମିଳନୀ କରୁଥିଲେ। ଏହି ସମୟରେ ତାଙ୍କ ସହ ସୁଇଡେନ୍ ପ୍ରଧାନମନ୍ତ୍ରୀ ଉଲଫ୍ କ୍ରିଷ୍ଟର୍ସସନ୍ ଉପସ୍ଥିତ ଥିଲେ। ଖବରଦାତାମାନଙ୍କ ପ୍ରଶ୍ନର ଉତ୍ତର ଦେଉଥିବା ବେଳେ ସେ ହଠାତ୍ ତଳେ ପଡ଼ିଯାଇଥିଲେ। ସେଠାରେ ଥିବା ଅଧିକାରୀ ଓ ଖବରଦାତାମାନେ ତାଙ୍କୁ ତୁରନ୍ତ ହସ୍ପିଟାଲ ନେଇଥିଲେ। ଏଲିସାବେଥ୍‌ଙ୍କୁ ଚେକ୍‌ଅପ୍ କରିବା ପରେ ତାଙ୍କ ଅବସ୍ଥା ସ୍ଥିର ଥିବା ଡାକ୍ତର କହିଛନ୍ତି। ରକ୍ତ ଶର୍କରା ସ୍ତରରେ ହ୍ରାସ ଯୋଗୁ ସେ ଅଚେତ ହୋଇ ପଡ଼ିଥିଲେ ବୋଲି ବୁଧବାର ସୁସ୍ଥ ହେବା ପରେ ଏଲିସାବେଥ୍ କହିଛନ୍ତି। ଖବରଦାତା ସମ୍ମିଳନୀରେ ସେ ବୋହୋସ୍ ହୋଇ ତଳେ ପଡ଼ିଯିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।


ସୁଇଡେନ୍ ସ୍ୱାସ୍ଥ୍ୟମନ୍ତ୍ରୀ ଏଲିସାବେଥ୍ ଲାନ୍

# ନବଜାତକକୁ ଫ୍ରିଜ୍‌ରେ ରଖି ଶୋଇପଡ଼ିଲେ ମା'

ମୋରାଦାବାଦ, ୧୦।୯

## ପୋଷ୍ଟପାର୍ଟମ ସାଇକୋସିସ୍ ରୋଗରେ ପୀଡ଼ିତ ଥିଲେ

ଉତ୍ତରପ୍ରଦେଶର ମୋରାଦାବାଦ ଜିଲା କରୁଲା ଅଞ୍ଚଳରେ ପୋଷ୍ଟପାର୍ଟମ ସାଇକୋସିସ୍ ନାମକ ଏକ ମାନସିକ ରୋଗରେ ପୀଡ଼ିତ ଥିବା ଜଣେ ମହିଳା (୨୩) ନିଜ ୧୫ ଦିନର ଶିଶୁକୁ ଫ୍ରିଜ୍‌ରେ ରଖି ଶୋଇପଡ଼ିଥିବାର ଖବର ସାମ୍ନାକୁ ଆସିଛି। ଗତ ୫ ତାରିଖରେ ଶିଶୁଟି ଦୀର୍ଘ ସମୟ ଧରି ଶୋଉ ନ ଥିବାରୁ ମହିଳା ଜଣକ ତାକୁ ଫ୍ରିଜ୍ ମଧ୍ୟରେ ରଖି ନିଜ ରୁମ୍‌କୁ ଯାଇ ଶୋଇ ପଡ଼ିଥିଲେ। ତେବେ କିଛି ସମୟ ପରେ ଘରେ ଥିବା ତାଙ୍କ ଶାଶୁଙ୍କୁ ଫ୍ରିଜ୍ ମଧ୍ୟରୁ ଶିଶୁର କାନ୍ଦ ଶୁଣାଯାଇଥିଲା। ସେ ଫ୍ରିଜ୍ ଖୋଲି ନିଜ ନାତିକୁ ଉଦ୍ଧାର କରିଥିଲେ। ତୁରନ୍ତ ଶିଶୁଟିକୁ ହସ୍ପିଟାଲ ନିଆଯାଇଥିଲା। ଠିକ୍ ସମୟରେ ଶିଶୁଟିକୁ ଫ୍ରିଜ୍‌ରୁ ବାହାର କରାଯାଇଥିବାରୁ ସେ ସୁରକ୍ଷିତ ରହିଛି ବୋଲି ଡାକ୍ତର କହିଛନ୍ତି। ଶିଶୁଟିର ଜେଜେମା' କହିଛନ୍ତି, ଗର୍ଭଧାରଣ ପରେ ତାଙ୍କ ବୋହୂଙ୍କ ଉପରେ ଖରାପ ଶକ୍ତିର ପ୍ରଭାବ ପଡ଼ିଥିବା ନେଇ ସେମାନେ ସନ୍ଦେହ କରିଥିଲେ। ତେଣୁ ବିଭିନ୍ନ ପାରମ୍ପରିକ ଉପାୟରେ ସେମାନେ ତାଙ୍କ ବୋହୂଙ୍କୁ ଠିକ୍ କରିବାକୁ ଚେଷ୍ଟା କରିଥିଲେ। ତେବେ ସ୍ଥିତିରେ ସୁଧାର ନ ଆସିବାରୁ ସେମାନେ ତାଙ୍କୁ ଏକ ମାନସିକ ଏବଂ ନିଶାମୁକ୍ତି କେନ୍ଦ୍ରକୁ ନେଇଥିଲେ। ସେ ପୋଷ୍ଟପାର୍ଟମ ସାଇକୋସିସ୍ ରୋଗରେ ପୀଡ଼ିତ ଥିବା ନେଇ ସେଠାରେ ମନସ୍ତତ୍ତ୍ୱବିତ୍ ଡାକ୍ତର କାର୍ତ୍ତିକେୟ ଗୁପ୍ତା କହିଥିଲେ। ସମ୍ପ୍ରତି ମହିଳା ଜଣକ ଚିକିତ୍ସାଧୀନ ଥିବା ସହ ତାଙ୍କ କାଉନ୍‌ସେଲିଂ ପ୍ରକ୍ରିୟା ଜାରି ରହିଛି। ପ୍ରସବ ପରେ ମହିଳାମାନଙ୍କୁ ଅବହେଳା କରାଗଲେ କିମ୍ବା ପାରିବାରିକ ସମର୍ଥନ ନ ମିଳିଲେ ଏହି ମାନସିକ ରୋଗ ସୃଷ୍ଟି ହୋଇପାରେ ବୋଲି ଡାକ୍ତର କାର୍ତ୍ତିକେୟ କହିଛନ୍ତି।

## ଫୁରସତ୍

# ନିଯୁକ୍ତି ଆଶାୟୀଙ୍କ ପାଇଁ ଘରେ ଲାଇବ୍ରେରି

ହାଇଦ୍ରାବାଦ

ସାଧାରଣତଃ ଗ୍ରାମୀଣ ଅଞ୍ଚଳର ଅନେକ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିଥାନ୍ତି। ସେମାନଙ୍କୁ ଏହି ପ୍ରସ୍ତୁତିରେ ସାହାଯ୍ୟ କରିବା ପାଇଁ ତେଲଙ୍ଗାନାର ଖମ୍ମମ ଜିଲାରେ ରହୁଥିବା ଏକ ଦମ୍ପତି ନିଜ ଘରେ ପାଠାଗାର ସ୍ଥାପନ କରିବା ସହ ଗତ ୬ ବର୍ଷ ହେବ ଏହାକୁ ଚଳାଉଛନ୍ତି। ପାରୁପଲ୍ଲୀ ସତ୍ୟନାରାୟଣ ପୁସ୍ତକାଲୟମ ନାମରେ ନାମିତ ଏହି ପାଠାଗାରଟି ୨୦୧୯ ଜୁନ୍ ୩୦ରେ ଅବସରପ୍ରାପ୍ତ ଶିକ୍ଷକ ପାରୁପଲ୍ଲୀ ଅଜୟ କୁମାର ଓ ତାଙ୍କ ସ୍ତ୍ରୀ ତଥା ଖମ୍ମମ ଏନ୍ଏନ୍ଏସ୍‌ପିଆଇ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚାଭା ଦୁର୍ଗା ଭବାନୀଙ୍କ ଘରେ ଆରମ୍ଭ ହୋଇଥିଲା। ଅଜୟଙ୍କ ବାପା ପାରୁପଲ୍ଲୀ ସତ୍ୟନାରାୟଣଙ୍କ ସ୍ମୃତିରେ ଏହି ଲାଇବ୍ରେରିକୁ ପ୍ରତିଷ୍ଠା କରାଯାଇଥିଲା। ବିଭିନ୍ନ ସରକାରୀ ନିଯୁକ୍ତି ପାଇବା ପାଇଁ ଗ୍ରାମୀଣ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ସହାୟତା କରିବା ଉଦ୍ଦେଶ୍ୟରେ ସେ ଓ ତାଙ୍କ ସ୍ତ୍ରୀ ଏହି ଲାଇବ୍ରେରିକୁ ସ୍ଥାପନ କରିଥିବା ଅଜୟ କହିଛନ୍ତି।



ଅଜୟ ଓ ଦୁର୍ଗା ଏହି ଲାଇବ୍ରେରିକୁ ଗତ ୬ ବର୍ଷ ଧରି ଚଳାଉଥିବା ସହ ଏଥିପାଇଁ ସେମାନେ ଅନେକ ଲକ୍ଷ ଟଙ୍କା ନିବେଶ କରିଛନ୍ତି। ଏହି ପାଠାଗାରରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଆବଶ୍ୟକ ବିଷୟଗୁଡ଼ିକର ମୋଟ ୬୭ ହଜାର ପୁସ୍ତକ ରହିଛି। ପାଠ୍ୟକ୍ରମରେ ହେଉଥିବା ବିଭିନ୍ନ ପରିବର୍ତ୍ତନ ସହ ଏହି ଦମ୍ପତି ନିୟମିତ ଭାବେ ନିଜ ଲାଇବ୍ରେରିର ପୁସ୍ତକ ସଂଗ୍ରହକୁ ଅପ୍‌ଡେଟ୍ କରିଥାନ୍ତି, ଯାହାଫଳରେ ଛାତ୍ରୀଛାତ୍ରମାନଙ୍କ ପଢ଼ାରେ କୌଣସି ବାଧା ଉପୁଜି ନ ଥାଏ। ନିଯୁକ୍ତି ଆଶାୟୀମାନଙ୍କ ସୁବିଧା ପାଇଁ ଅଜୟ ଓ ଦୁର୍ଗା ଉକ୍ତ ଲାଇବ୍ରେରିରେ ପାନୀୟ ଜଳ, ପଙ୍ଖା, ୱାଇଫାଇ ଏବଂ ଶୌଚାଳୟର ବ୍ୟବସ୍ଥା ମଧ୍ୟ କରିଛନ୍ତି। ପାଠାଗାରର ଏହିସବୁ ରକ୍ଷଣାବେକ୍ଷଣ ପାଇଁ ମାସିକ ପ୍ରାୟ ୨୦ ହଜାର ଟଙ୍କା ଖର୍ଚ୍ଚ ହେଉଛି, ଯାହାକୁ ଉଭୟେ ମିଶି ବହନ କରୁଛନ୍ତି। ପ୍ରତିଦିନ ଶତାଧିକ ସଂଖ୍ୟାରେ ଖମ୍ମମ, ଭଦ୍ରାଦ୍ରି କୋଠାଗୁଡେମ୍, ସୂର୍ଯ୍ୟପେଟ୍ ଏବଂ ମହବୁବାବାଦ୍ ଆଦି ଜିଲାର ସରକାରୀ ନିଯୁକ୍ତି ଆଶାୟୀମାନେ ଏହି ପାଠାଗାରକୁ ଆସି ନିଜ ପ୍ରସ୍ତୁତିକୁ ଜୋର୍‌ଦାର କରିଥାନ୍ତି। ବର୍ତ୍ତମାନ ସୁଦ୍ଧା ଏହି ପାଠାଗାରରେ ପଢ଼ିଥିବା ପ୍ରାୟ ୭୦ ଜଣ ଛାତ୍ରୀଛାତ୍ର ସରକାରୀ କ୍ଷେତ୍ରରେ ଶିକ୍ଷକ, ସହକାରୀ ଇଞ୍ଜିନିୟର, କନ୍‌ଷ୍ଟେବଲ ଏବଂ ଗ୍ରୁପ୍-୪ କର୍ମଚାରୀ ଭାବେ ନିଯୁକ୍ତି ପାଇପାରିଛନ୍ତି ବୋଲି ଅଜୟ କହିଛନ୍ତି।

# କୋର୍ଟରେ ଅର୍ଶଦ, ଅକ୍ଷୟ ଲଢ଼େଇ

ମୁମ୍ବାଇ

## 'ଜଲି ଏଲ୍ଏଲ୍‌ବି ୩' ଟ୍ରେଲର ଆଉଟ୍

ଚଳିତ ବର୍ଷର ବହୁ ପ୍ରତୀକ୍ଷିତ କୋର୍ଟରୁମ୍ କମେଡି ଡ୍ରାମା ଫିଲ୍ମ 'ଜଲି ଏଲ୍ଏଲ୍‌ବି ୩'ର ଟ୍ରେଲରକୁ ବୁଧବାର ରିଲିଜ୍ କରାଯାଇଛି। ଟ୍ରେଲରରେ ଅଭିନେତା ଅକ୍ଷୟ କୁମାର ଓ ଅର୍ଶଦ ୱାର୍ସିଙ୍କୁ ପୁଣିଥରେ ଜଲି ଅବତାରରେ ଦେଖିବାକୁ ମିଳିଛି। ଏଥିରେ ହାସ୍ୟରସ ସହ ଚାଷ ଜମିକୁ ନେଇ ଚାଷୀଙ୍କ ଯନ୍ତ୍ରଣାକୁ ପ୍ରଦର୍ଶିତ କରାଯାଇଛି। ଚାଷୀଙ୍କୁ ସେମାନଙ୍କ ଜମି ଫେରାଇବା ପାଇଁ କୋର୍ଟରୁମ୍‌ରେ ଅକ୍ଷୟ ଏବଂ ଅର୍ଶଦ ପରସ୍ପର ବିରୋଧରେ ଲଢୁଥିବା ନେଇ ଏହି ଟ୍ରେଲରରେ ଦେଖିବାକୁ ମିଳିଛି। ସେହିପରି ବିଭିନ୍ନ ସାମାଜିକ ପ୍ରସଙ୍ଗକୁ ନେଇ ଅକ୍ଷୟ ଓ ଅର୍ଶଦ କୋର୍ଟରେ କିପରି ପରସ୍ପର ସହ ମୁକାବିଲା କରୁଛନ୍ତି, ତାହାକୁ ନେଇ ଫିଲ୍ମର କାହାଣୀ ପର୍ଯ୍ୟବେସିତ। ୩ ମିନିଟ୍ ୫ ସେକେଣ୍ଡର ଏହି ଟ୍ରେଲରଟି ଚାଷୀଙ୍କ ଜମି ହଡ଼ପ କାହାଣୀ ସହ ଆରମ୍ଭ ହୋଇଛି। ଅର୍ଶଦ ଚାଷୀଙ୍କ ପକ୍ଷରୁ କୋର୍ଟରେ ଲଢୁଥିବା ବେଳେ ଅକ୍ଷୟ ଚାଷୀଙ୍କ ଜମିକୁ ହଡ଼ପ କରିଥିବା ବ୍ୟବସାୟୀଙ୍କ ପାଇଁ ମାମଲା ଲଢୁଛନ୍ତି। ଭାରତୀୟ ନ୍ୟାୟିକ ବ୍ୟବସ୍ଥାର ବିଭିନ୍ନ ତ୍ରୁଟିକୁ ଏହି ଟ୍ରେଲରରେ ଭଲ ଭାବେ ଚିତ୍ରଣ କରାଯାଇଛି। ସେହିପରି ଏହି ଟ୍ରେଲରରେ ଅଭିନେତ୍ରୀ ହୁମା କୁରେଶୀଙ୍କୁ ଅକ୍ଷୟଙ୍କ ସ୍ତ୍ରୀ ଭୂମିକାରେ ଏବଂ ଅଭିନେତ୍ରୀ ଅମ୍ରିତା ରାଓଙ୍କୁ ଅର୍ଶଦଙ୍କ ସ୍ତ୍ରୀ ଭୂମିକାରେ ଦେଖିବାକୁ ମିଳିଛି।


ଅର୍ଶଦ ୱାର୍ସି




# ବୃଦ୍ଧଙ୍କୁ ଦଳିଦେଲା ଦନ୍ତା

**ବାଲିଶଙ୍କରା, ୧୦।୯(ସତ୍ ସେଠ)**

ସୁନ୍ଦରଗଡ଼ ଜିଲା ଉଜ୍ଜଳପୁର ରେଞ୍ଜ ଅନ୍ତର୍ଗତ କିଞ୍ଜିରକେଲା ସେକ୍ସନ ବେହେରାଡିହି ଗ୍ରାମରେ ବୁଧବାର ଦନ୍ତା ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୃଷଭ ଗଞ୍ଜୁ(୬୫)। କିଞ୍ଜିରକେଲା ପୋଲିସ ଓ ବନ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଡାକ୍ତରଖାନାକୁ ପଠାଇଛନ୍ତି। ଗୁରୁବାର ବ୍ୟବଚ୍ଛେଦ କରାଯିବ। ମୃତକଙ୍କ ପରିବାର ଲୋକେ ତୁରନ୍ତ ସରକାରୀ ସହାୟତା ପାଇଁ କ୍ଷତିପୂରଣ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ବୃଷଭ ଗୋରୁ ଚରାଇବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ହଠାତ୍ ସେ ଦନ୍ତା ହାବୁଡରେ ପଡିଯାଇଥିଲେ। ଦନ୍ତା ତାଙ୍କୁ ଗୋଡାଇ ଗୋଡାଇ ପାଦରେ ଦଳି ଦେଇଥିଲା। ଘଟଣା ସ୍ଥଳରେ ହିଁ ବୃଷଭଙ୍କ ମୃତ୍ୟୁ ଘଟିଥିଲା। ଏହା ଦେଖି ଗୋରୁ ଚରାଇବାକୁ ଯାଇଥିବା ଅନ୍ୟ ସାଥୀମାନେ ଦୌଡି ପଳାଇଥିଲେ। ସନ୍ଧ୍ୟା ହେବାରୁ ଗୋରୁ ଘରକୁ ଫେରିଆସିଥିବାବେଳେ ବୃଷଭ ଘରକୁ ଆସିନଥିଲେ। ପରେ ପରିବାରବର୍ଗ ତାଙ୍କୁ ଖୋଜାଖୋଜି କରିବା ପରେ ହାତୀ ଦଳି ଦେଇଥିବା ଜାଣିବାକୁ ପାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ଦନ୍ତା ଛତିଶଗଡ ରାଜ୍ୟରୁ ଆସି ୧୫ ଦିନ ହେଲା ଅଞ୍ଚଳରେ ଘୂରି ବୁଲୁଛି। କିଞ୍ଜିରକେଲା ବନ ବିଭାଗ ଦନ୍ତାକୁ ଘଉଡାଇବାକୁ ଚେଷ୍ଟା କରୁଥିଲେ ହେଁ ବିଫଳ ହେଉଛି। ଗତ ୮ ଦିନ ତଳେ ଦନ୍ତା ଓଡ଼ିଶା ସୀମାନ୍ତବର୍ତ୍ତୀ ବାମନମରା ଅଞ୍ଚଳରେ ଜଣେ ବୃଦ୍ଧାଙ୍କୁ ଦଳି ମାରି ଦେଇଥିଲା।




# ବଞ୍ଚିତ ସୁଭଦ୍ରା ହିତାଧିକାରୀଙ୍କ ପାଇଁ ୨ ଦିନ ଭିତରେ ଖୋଲିବ ପୋର୍ଟାଲ

**ଭୁବନେଶ୍ୱର, ୧୦।୯(ସୁନିତ୍ ମିଶ୍ର)**

- **୨ ଲକ୍ଷ ୮୫ ହଜାର ହିତାଧିକାରୀଙ୍କୁ ସାମିଲ ପାଇଁ ହେବ ସର୍ଭେ**
- **୩ ବିଭାଗର ରିପୋର୍ଟ ଆସିବା ପରେ ହେବ ଯାଞ୍ଚ**

ସୁଭଦ୍ରା ଯୋଜନାର ୩ୟ ପର୍ଯ୍ୟାୟରୁ ବଞ୍ଚିତ ହୋଇଥିବା ୨ ଲକ୍ଷ ୮୫ ହଜାର ହିତାଧିକାରୀଙ୍କୁ ସାମିଲ ପାଇଁ ଡୋର୍ ଟୁ ଡୋର୍ ସର୍ଭେ ହେବ। ଅଧିକାରୀମାନେ ଆଗାମୀ ୧୫ ଦିନ ଭିତରେ ଫିଲ୍ଡ ଭିଜିଟକରି ତଦନ୍ତ ରିପୋର୍ଟ ପ୍ରଦାନ କରିବେ। ଏଥିପାଇଁ ୨ ଦିନ ଭିତରେ ଅଭିଯୋଗ ପୋର୍ଟାଲ ଖୋଲିବ। ବାଦ୍ ପଡ଼ିଥିବା ହିତାଧିକାରୀମାନେ ପୋର୍ଟାଲରେ ଅଭିଯୋଗକରି ଆଉ ଥରେ ସାମିଲ ପାଇଁ ଆବେଦନ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୁଧବାର ସୁଭଦ୍ରା ଯୋଜନାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ୧୫ ହଜାର ୯୮୪ ହିତାଧିକାରୀ ବାଦ୍ ପଡ଼ିଛନ୍ତି। ସେଥିରେ ମୃତ ହିତାଧିକାରୀ ବାଦ୍ ପଡ଼ିଛନ୍ତି। ସେଥିରେ ୧୮୦୫ ଜଣ ଜୀବିତ ଅଛନ୍ତି। ସେମାନଙ୍କୁ ମଧ୍ୟ ସାମିଲ କରାଯିବ। ଅନ୍ୟପଟେ ୩୬ ହଜାର ୭୦୨ ହିତାଧିକାରୀ ଗାଡ଼ି କିଣିଥିବା ଯୋଗୁ ବାଦ୍ ପଡ଼ିଛନ୍ତି। ୨୧ ହଜାର ୩୫ ହିତାଧିକାରୀ ଆୟକର ଦେବାରୁ ବାଦ୍ ପଡ଼ିଥିବା ବେଳେ ୧ ଲକ୍ଷ ୩୩ ହଜାର ୬୯୧ ଜଣ ଧାନ ବିକ୍ରି ପଞ୍ଜୀକରଣ ଏବଂ କୃଷକ ଭାବେ ପଞ୍ଜୀକରଣ କରି ବାଦ୍ ପଡ଼ିଛନ୍ତି। ସେ ବାବଦରେ ତଥ୍ୟ ଆସିବା ପରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରାଯିବ। ସୁଭଦ୍ରା ଯୋଜନାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ଟଙ୍କା ମିଳିବ। ଅନେକ ଯୋଗ୍ୟ ହିତାଧିକାରୀ ମହିଳା ସୁଭଦ୍ରା ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ସେମାନେ କାହିଁକି ବଞ୍ଚିତ ହେଲେ, ରାଶନ କାର୍ଡ ଅଛି କି ନାହିଁ, କେୱାଇସି ଅପ୍‌ଡେଟ୍ ହୋଇଛି ନା ନାହିଁ ଏଭଳି ଅନେକ ତର୍ଜମା କରାଯିବ ବୋଲି ସେ କହିଛନ୍ତି। ବୈଠକ ପୂର୍ବରୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ପରିବହନ, ଖାଦ୍ୟ ଯୋଗାଣ ଏବଂ ସ୍ୱାସ୍ଥ୍ୟ ବିଭାଗକୁ ତଥ୍ୟ ମଗାଯାଇଥିଲା। ବାଣିଜ୍ୟ ଏବଂ ପରିବହନ ବିଭାଗକୁ ଚାରିଚକିଆ ଥିବା ମହିଳାଙ୍କ ତଥ୍ୟ ମଗାଯାଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗକୁ ମୃତ ହିତାଧିକାରୀଙ୍କ ତାଲିକା ଯାଞ୍ଚ କରିବାକୁ କୁହାଯାଇଥିଲା। ସେହିପରି ଧାନ ବିକ୍ରି କରିଥିବା ମହିଳାଙ୍କ ନାଁରେ କେତେ ଜମି ପଞ୍ଜୀକରଣ ହୋଇଛି ତା’ର ରିପୋର୍ଟ ଖାଦ୍ୟ ଯୋଗାଣ ବିଭାଗକୁ ମଗାଯାଇଥିଲା। ଜମି ବାବଦୀୟ ହିତାଧିକାରୀଙ୍କ ତାଲିକାକୁ କ୍ଷେତ୍ର ଅନୁଧାନ କରାଯିବା ନେଇ ବୈଠକରେ ମତ ପ୍ରକାଶ ପାଇଛି। ବୟସାଧିକ ହିତାଧିକାରୀଙ୍କ ଆଧାରକୁ ପୁନର୍ବାର ଯାଞ୍ଚ କରିବା ପରେ ବାଦ୍ ପଡ଼ିଥିବା ଯୋଗ୍ୟ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯିବ। ୩ ବିଭାଗର ରିପୋର୍ଟ ଆଧାରରେ ସୁଭଦ୍ରା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ୩ ବିଭାଗର ଦେଇଥିବା ରିପୋର୍ଟର ଯାଞ୍ଚ ହେବା ପରେ ବଞ୍ଚିତ ହୋଇଥିବା ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାରେ ଯୋଡ଼ାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି।


# ରାଜ୍ୟ ସରକାରଙ୍କୁ ୨ଲକ୍ଷ ଟଙ୍କା ଜରିମାନା ନିର୍ଦ୍ଦେଶ

**ଡିକ୍ରି ହୋଲ୍‌ଡରଙ୍କ ସପକ୍ଷରେ କୋର୍ଟଙ୍କ ଆଦେଶକୁ ଅବମାନନା ମାମଲା**

**କଟକ, ୧୦।୯(କାର୍ତ୍ତିକ ସାହୁ)**

ପ୍ରାୟ ୩ ଦଶନ୍ଧି ତଳର ଏକ ଦେୱାନି ମାମଲାରେ କୋର୍ଟ ଦେଇଥିବା ନିର୍ଦ୍ଦେଶକୁ ଅନୁପାଳନଢ଼ କରିବାରେ ସରକାରୀ ଅଧିକାରୀଙ୍କ ଖାମଖିଆଲ ନୀତି ଯୋଗୁ ଏବେ ସରକାରଙ୍କୁ ଦଣ୍ଡିତ ହେବାକୁ ପଡ଼ିଛି। ଓଡ଼ିଶା ହାଇକୋର୍ଟ ରାଜ୍ୟ ସରକାରଙ୍କୁ ୨ଲକ୍ଷ ଟଙ୍କାର ଦୃଷ୍ଟାନ୍ତମୂଳକ ଜରିମାନା କରିଛନ୍ତି। ଏହି ଜରିମାନା ଅର୍ଥ ମାମଲାର ଡିକ୍ରି ହୋଲ୍‌ଡର(ଧାରକ)ଙ୍କୁ ପ୍ରଦାନ କରାଯିବାକୁ କୁହାଯାଇଛି। ଏପରି କି ଅଦାଲତଙ୍କ ଆଦେଶ ଅନୁପାଳନ କରିବାରେ ବିଳମ୍ବ କରିଥିବା ଅଧିକାରୀଙ୍କଠାରୁ ଏହି ଜରିମାନା ଅର୍ଥ ସଂଗ୍ରହ କରିବାକୁ ବିଚାରପତି ଦୀକ୍ଷିତ କ୍ରୀଷ୍ଣା ଶ୍ରୀପଦ ୧୯୯୭ ମସିହାର ଏକ ଏକ୍‌ଜିକ୍ୟୁଶନ ମାମଲାର ରାୟରେ ଉଲ୍ଲେଖ କରିଛନ୍ତି। ଗୋଟେ ଛୋଟ ବିବାଦ ସମାଧାନ କରିବାରେ ଅଧିକାରୀଙ୍କ ଖାମଖିଆଲ ନୀତି ପାଇଁ ଆବେଦନକାରୀଙ୍କୁ ୩ ଦଶନ୍ଧି ଧରି ମାମଲାର ଜାଲରେ ଛନ୍ଦି ହୋଇ ରହିବାକୁ ପଡ଼ିଲା ବୋଲି ଅଦାଲତ କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ୧୯୭୦ ମସିହାରେ ଉଦୟ ନାଥ ସାହୁ ଏବଂ ଆର୍.ଏସ୍ ଭାଟିଆଙ୍କ ମଧ୍ୟରେ ଏକ ଜଙ୍ଗଲ ଜମି ଚୁକ୍ତିକୁ ନେଇ ବିବାଦ ହୋଇଥିଲା। ସୁପ୍ରିମ୍‌କୋର୍ଟ ୧୯୯୦ ମସିହାରେ ଉକ୍ତ ମାମଲାର ବିଚାର କରି ୨ପକ୍ଷଙ୍କ ମଧ୍ୟରେ ଥିବା ବିବାଦ ସମାଧାନ କରିଥିଲେ। ଏଥିସହିତ ଉକ୍ତ ଜଙ୍ଗଲ ଜମି ଉପରେ ଥିବା ଗଛଗୁଡ଼ିକୁ ଚିହ୍ନଟ କରି ଉଭୟ ପକ୍ଷଙ୍କ ମଧ୍ୟରେ ସମାନ ଭାବେ ବାଣ୍ଟି ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସର୍ବୋଚ୍ଚ ରାୟଙ୍କ ଉକ୍ତ ଆଦେଶକୁ କାର୍ଯ୍ୟକାରୀ କରାଯାଇ ନ ଥିଲା।




# ତୀର୍ଥଯାତ୍ରା ମଙ୍ଗଳମୟ ହେଉ: ପ୍ରଭାତୀ

## ପ୍ରଥମ ଟ୍ରେନ୍‌ରେ ଅଯୋଧ୍ୟା- ବାରାଣସୀକୁ ଯାତ୍ରା କଲେ ୭୭୫ ବରିଷ୍ଠ ନାଗରିକ

**ଭୁବନେଶ୍ୱର, ୧୦।୯ (ସୁଚିସ୍ମିତା ସାହୁ)**

ରାଜ୍ୟ ପର୍ଯ୍ୟଟନ ବିଭାଗ, ଇଣ୍ଡିଆନ୍ ରେଲୱେ କ୍ୟାଟରିଂ ଆଣ୍ଡ୍ ଟୁରିଜମ୍ କର୍ପୋରେଶନ ଓ ଖୋର୍ଦ୍ଧା ଜିଲା ପ୍ରଶାସନର ସହଭାଗିତାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ପ୍ରଥମ ଟ୍ରେନ୍ ବୁଧବାର ଭୁବନେଶ୍ୱର ରେଳ ଷ୍ଟେଶନରୁ ଅଯୋଧ୍ୟା, ବାରାଣସୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ଏହି ଯାତ୍ରାରେ ଖୋର୍ଦ୍ଧା ଜିଲାରୁ ୧୬୯ଜଣ, ପୁରୀରୁ ୧୨୭, କଟକରୁ ୧୯୭, ଜଗତ୍‌ସିଂହପୁରରୁ ୮୫, କେନ୍ଦ୍ରାପଡ଼ାରୁ ୮୯, ଢେଙ୍କାନାଳରୁ ୧୦୮ଜଣ ବରିଷ୍ଠ ନାଗରିକଙ୍କ ସହ ୨୫ଜଣ ସହାୟକ (ଏସ୍କର୍ଟ) ଅଧିକାରୀ ରହିଛନ୍ତି। ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହାର ଶୁଭାରମ୍ଭ କରିବା ସହ ତୀର୍ଥଯାତ୍ରୀମାନଙ୍କୁ ଟ୍ରେନ୍ ଟିକେଟ ଦେଇ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ କ୍ଷେତ୍ରରୁ କାଶୀ ବିଶ୍ୱନାଥ ଧାମକୁ ପ୍ରଥମ ଟ୍ରେନ୍‌ରେ ଯାଉଥିବା ତୀର୍ଥଯାତ୍ରୀଙ୍କ ଯାତ୍ରା ମଙ୍ଗଳମୟ ହେଉ। ଏହି ତୀର୍ଥଯାତ୍ରାରେ ୬ ଜିଲାରୁ ୭୭୫ ଜଣ ବରିଷ୍ଠ ନାଗରିକମାନେ ଅଯୋଧ୍ୟାରେ ଥିବା ପ୍ରଭୁ ଶ୍ରୀ ରାମଲାଲଙ୍କୁ ଦର୍ଶନ କରିବାର ସୁଯୋଗ ପାଇପାରିବେ। ଏହାସହ ଭାରତର ପ୍ରସିଦ୍ଧ ଶୈବପୀଠ କାଶୀ ବିଶ୍ୱନାଥ ମନ୍ଦିର ସହ ପବିତ୍ର ଗଙ୍ଗା ଆଳତି ଓ ଗଙ୍ଗା ଘାଟରେ ଥିବା ମନ୍ଦିରଗୁଡ଼ିକୁ ପରିଦର୍ଶନ କରିପାରିବେ। ଏବର୍ଷ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ୧୦ଟି ପର୍ଯ୍ୟାୟରେ ପ୍ରାୟ ୮ହଜାର ବରିଷ୍ଠ ନାଗରିକଙ୍କୁ ଭାରତର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ କହିଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗଦେଇ ସମସ୍ତ ନାଗରିକଙ୍କୁ ଶୁଭକାମନା ଜଣାଇଛନ୍ତି। ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ମାଧ୍ୟମରେ ଭାରତର ବିଭିନ୍ନ ସଂସ୍କୃତିକୁ ଯୋଡିବାର ପ୍ରୟାସକୁ ସେ ପ୍ରଶଂସା କରିଛନ୍ତି।


ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କନକ ବର୍ଦ୍ଧନ ସିଂଦେଓଙ୍କ ସହ ଅନ୍ୟମାନେ ଭୁବନେଶ୍ୱର ରେଳ ଷ୍ଟେଶନରେ ତୀର୍ଥଯାତ୍ରୀ ଟ୍ରେନ୍‌ର ଶୁଭାରମ୍ଭ ଅବସରରେ ଜଣେ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀଙ୍କୁ ଟିକେଟ ପ୍ରଦାନ କରୁଛନ୍ତି।

ଶୁଭାରମ୍ଭ କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ଭୁବନେଶ୍ୱର-ଏକାମ୍ର ବିଧାୟକ ବାବୁ ସିଂ, ପୁରୀ ବିଧାୟକ ସୁନୀଲ ମହାନ୍ତି, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ଖୋର୍ଦ୍ଧା ଜିଲାପାଳ ଅମୃତ ଋତୁରାଜ ପ୍ରମୁଖ ଯୋଗଦେଇ ପ୍ରଥମ ଟ୍ରେନ୍ ଯାତ୍ରା ପାଇଁ ବରିଷ୍ଠ ନାଗରିକଙ୍କୁ ଶୁଭକାମନା ଜଣାଇଥିଲେ। ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ରୁଦ୍ରନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇଆଇଏମ୍‌ସି ଛାତ୍ରୀ ଅସ୍ମିତା କାନ୍ସ ଯିବା ପାଇଁ ମନୋନୀତ

**ସୂଚନା ପ୍ରସାରଣ ମନ୍ତ୍ରଣାଳୟର ପ୍ରତିନିଧି ଦଳରେ ସାମିଲ**


ଅସ୍ମିତା ଅଧିକାରୀ।

**ଢେଙ୍କାନାଳ, ୧୦।୯ (ରତନ ନାୟାର)**

ଢେଙ୍କାନାଳ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ର ଇଂରାଜୀ ବିଭାଗର ଛାତ୍ରୀ ଅସ୍ମିତା ଅଧିକାରୀ ଫ୍ରାନ୍ସର କାନ୍ସରେ ଅନୁଷ୍ଠିତ ହେଉଥିବା ଏମ୍‌ଆଇପି ସିଓଏମ୍ କାର୍ଯ୍ୟକ୍ରମରେ ଯୋଗ ଦେବେ। ଏହି କାର୍ଯ୍ୟକ୍ରମ ଆସନ୍ତା ୧୩ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ କାନ୍ସରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ପାଇଁ ସେ ଭାରତ ସରକାରଙ୍କର ସୂଚନା ପ୍ରସାରଣ ମନ୍ତ୍ରଣାଳୟର ସରକାରୀ ସ୍ତରର ପ୍ରତିନିଧି ଦଳରେ ସାମିଲ ହୋଇଛନ୍ତି। ୱେଭ୍ସ ବଜାର ଗ୍ଲୋବାଲ ଆଉଟରିଚ୍ କାର୍ଯ୍ୟକ୍ରମ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏଥିପାଇଁ ତାଙ୍କୁ ଭାରତୀୟ ଜନସଂଚାର ସଂସ୍ଥାନ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀ ତରଫରୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଏହି ଗସ୍ତ ପାଇଁ ମନୋନୀତ ହେବାପରେ ଅସ୍ମିତା ଖୁସିରେ ବିଭୋର ହୋଇପଡିଛନ୍ତି। ନିଜ ପ୍ରତିକ୍ରିୟାରେ ଅସ୍ମିତା କହିଛନ୍ତି, ମା’, ବାପାଙ୍କୁ ଛାଡ଼ି ମୁଁ କେବେ ବାହାରକୁ ଯାଇନି। ପ୍ରଥମଥର ପାଇଁ ଏହି ସୁଯୋଗ ମିଳିଛି। ଏଥିପାଇଁ ମୁଁ ବହୁତ ଆନନ୍ଦିତ। ଅସ୍ମିତା କଲିକତାର ଉର୍ମିଳା ଅଧିକାରୀ ଓ ପଲାସ ଅଧିକାରୀଙ୍କ କନ୍ୟା ବୋଲି ଜଣାପଡ଼ିଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ହିନ୍ଦୀ ଶିକ୍ଷକ ସଂଘ ଏବଂ ଉତ୍କଳ ପ୍ରଶିକ୍ଷିତ ସଂସ୍କୃତ ଶିକ୍ଷକ ସଂଘ ପକ୍ଷରୁ ଗଣଧାରଣା, ସ୍ଥାନ: ଲୋୟର୍ ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ଜୟକିରଣ ସମ୍ମାନ ସମାରୋହ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତସଙ୍ଗ, ସ୍ଥାନ: ଗୋପବନ୍ଧୁ ଶିକ୍ଷା ମନ୍ଦିର ଲେନ୍, ଜଗତପୁର, ସମୟ: ସନ୍ଧ୍ୟା ୭ଟା ୩୦।

## ପୁରୀ
- ଇଣ୍ଡିଆ ଟି –ଟେନ୍ ଟେନିସ୍ ବଲ୍ କ୍ରିକେଟ୍ ଚାମ୍ପିୟନ୍‌ଶିପ୍, ସ୍ଥାନ: ଶ୍ରୀଜଗନ୍ନାଥ ଷ୍ଟାଡିୟମ୍, ପେଣ୍ଠକଟା, ପୁରୀ, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର
- ଜିଲାସ୍ତରୀୟ ସାମାଜିକ–ଆର୍ଥିକ ଓ ଜୀବିକା ସର୍ଭେ କାର୍ଯ୍ୟକ୍ରମର ତୃତୀୟ ଦିବସ, ସ୍ଥାନ: ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ସପ୍ତାହ, ସ୍ଥାନ: ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ
- ବାବା ଗଜାନନ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ:ନାୟକ କଲୋନୀ, କଦମବେଡ଼ା,ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ
- କଳା ପରିଷଦ ଢେଙ୍କାନାଳ ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'ଯାହା କହିବି ସତ କହିବି',ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ସନ୍ଧ୍ୟା ୬ଟା ୩୦।
- ନାଟ୍ୟଶ୍ରୀ ବରହମପୁର ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'ଜରାୟୁ', ସ୍ଥାନ:ସ୍ମୃତି ଭବନ, ବାରିପଦା,ସମୟ: ରାତି ୮ଟା ୩୦।

## ବ୍ରହ୍ମପୁର
- ଜିଲାସ୍ତରୀୟ ସ୍କେଟିଂ ଚାମ୍ପିୟନଶିପ୍, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୭ଟା ୩୦।

## ଜଗତ୍‌ସିଂହପୁର
- ମାସିକିଆ ରାଜସ୍ୱ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।
- ଜଗତ୍‌ସିଂହପୁର ଜିଲା ଟ୍ରକ୍ ମାଲିକ ସଂଘର ସାଧାରଣ ବୈଠକ ଓ ଖବରଦାତା ସମ୍ମିଳନୀ, ସ୍ଥାନ: ଜିରୋ ପଏଣ୍ଟ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଜଗତ୍‌ସିଂହପୁର ଜିଲା ପ୍ରଶାସନ ତଥା କଳିଙ୍ଗ ବାଲିଯାତ୍ରା କମିଟିର ପ୍ରସ୍ତୁତି ବୈଠକ, ସ୍ଥାନ: ଅଫିସର୍ସ କ୍ଲବ, ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ, ସ୍ଥାନ: ସୁନାଇଲୋ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୩ଟା।

## ଯାଜପୁର
- ଗୋ–ଗ୍ରାମଶକ୍ତି ପରିବାରର ସ୍ୱଦେଶୀ ଉତ୍ସବ, ସ୍ଥାନ: ବରୀ ବ୍ଲକ୍ ଅଧୀନ ରତଲାଙ୍ଗ ରତ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୬ଟା।
- ଏନର୍ଜି କନ୍‌ଜର୍‌ଭେସନ ଆଣ୍ଡ ସଷ୍ଟେନେବୁଲ ବିଲ୍ଡିଂ କୋଡ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ଡିଆରଡିଏ କନଫରେନ୍ସ ହଲ, ସମୟ: ସକାଳ ୯ଟା୩୦।
- ବ୍ୟାସନଗର ସ୍ୱୟଂଶାସିତ କଲେଜ ପକ୍ଷରୁ ବ୍ୟାସ ଲେକ୍‌ଚର ସିରିଜ, ସ୍ଥାନ : କଲେଜ ପରିସର, ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ସାରର ଅଭାବ ପ୍ରତିବାଦରେ କଂଗ୍ରେସର ଚାଷୀ ଆନ୍ଦୋଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ନୟାଗଡ଼, ସମୟ: ଅପରାହ୍ନ ୩ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ବାଦିପାଲାର ତୃତୀୟ ଦିବସ,ସ୍ଥାନ: ନୟାଗଡ଼ ବ୍ଲକ ବଡପଣ୍ଡୁସର ଗଡ ଭିତରସାହି, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା
- ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଗୁଣପୁର, ସମୟ: ସକାଳ ୭ ଟା।
- ବ୍ଲକସ୍ତରୀୟ କ୍ରୀଡା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଚନ୍ଦ୍ରପୁର, ସମୟ: ଅପରାହ୍ନ ୪ ଟା ।

## ନବରଙ୍ଗପୁର
- ଜିଲା ପରିଷଦ ଉନ୍ନୟନ କାର୍ଯ୍ୟର ସମୀକ୍ଷା, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଜିଲାସ୍ତରୀୟ ଭିଜିଲାନ୍ସ ମନିଟରିଙ୍ଗ କମିଟି ବୈଠକ, ସ୍ଥାନ : ସଦ୍‌ଭାବନା ସଭାଗୃହ, କୋରାପୁଟ
- ସମୟ : ଅପରାହ୍ନ ୪ଟା।

## ମାଲକାନଗିରି
- ଏମ୍‌ଜିଏନ୍‌ଆରଇଜିଏସ୍ ଜନଶୁଣାଣି, ସ୍ଥାନ: କାଲିକେଲା ବ୍ଲକ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା ।

## ସମ୍ବଲପୁର
- ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷକ ସଂଘ ବୈଠକ, ସ୍ଥାନ : ବୁର୍ଲା ବିଦ୍ୟାଳୟ ପରିସରସ୍ଥ ସଭାକକ୍ଷ, ସକାଳ : ସକାଳ ୫ଟା ୩୦ ।
- ୨୪ତମ ସୈରେନ୍ଦ୍ରି ନାୟକ ଟ୍ରଫି ଫୁଟ୍‌ବଲ ମ୍ୟାଚ, ସ୍ଥାନ : ସିଂହପାଲି–କାଇଁଶିର ଫୁଟ୍‌ବଲ ପଡିଆ, ସମୟ : ଅପରାହ୍ନ ୩ଟା ।
- .ଓଡ଼ଶା ସାଂସ୍କୃତିକ ସମାଜ ପକ୍ଷରୁ ପଞ୍ଚସଖା ଦିବସ, ସ୍ଥାନ : ଶାସନ ପାବପାଲି, ସମୟ : ଅପରାହ୍ନ ୩ଟା ।

## ରାଉରକେଲା
- ଜୟହିନ୍ଦ କ୍ଲବ ପକ୍ଷରୁ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସୁବାସପାଲୀ, ସମୟ: ପୂର୍ବାହ୍ନ ୧୦ଟା।
- ଘରୋଇକରଣ ବିରୋଧରେ ଶ୍ରମିକ ସଙ୍ଗଠନର ବୈଠକ, ସ୍ଥାନ: ସେକ୍ଟର– –୧୮, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼
- ସୁନ୍ଦରଗଡ କ୍ଲବ ପକ୍ଷରୁ ନୂଆଁଖାଇ ଭେଟଘାଟ,ସ୍ଥାନ: ସଂସ୍କୃତି ଭବନ, ସୁନ୍ଦରଗଡ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼
- ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ:ଅଞ୍ଚଳ ଉଚ୍ଚ ବିଦ୍ୟାଳୟ ଗୌଡ଼ମାଲ, ଝାରବନ୍ଧ,ସମୟ : ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ଆଦି କର୍ମଯୋଗୀ ଅଭିଯାନ ଉପରେ ଜିଲାସ୍ତରୀୟ ତାଲିମ ଶିବିର ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ଭାରତ ପ୍ୟାଲେସ, ସମୟ: ପୂର୍ବାହ୍ନ ୧୦ଟା।
- କୃଷି, ଉଦ୍ୟାନ ଓ ପ୍ରାଣୀଧନ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ତରଭା ବ୍ଲକ ଚୂଡାଖାଇ ଡଙ୍ଗର ମହୋତ୍ସବ ୨୦୨୫ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଡଙ୍ଗର ମହୋତ୍ସବ ମଞ୍ଚ, ସମୟ: ଅପରାହ୍ନ ୪ଟା ୩୦।

## ନୂଆପଡ଼ା
- ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା, ସ୍ଥାନ: ଜୈନ ଭବନ ଖରିଆର ରୋଡ, ସମୟ: ଅପରାହ୍ନ ୩ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି କର୍ମାରମ୍ଭ, ଯାତ୍ରା, ବାଣିଜ୍ୟ, ଶେୟାର ବଜାର, ପାଇଁ ଅନୁକୂଳ ରହିବ। ସାଧାରଣ ବ୍ୟତିକ୍ରମକୁ ବାଦ୍ ଦେଲେ ପାରିବାରିକ ଓ ପାରିପାର୍ଶ୍ୱିକ ପରିସ୍ଥିତି ଉନ୍ନତ ହେବ। ଅବୁଝା ବନ୍ଧୁଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେଇପାରନ୍ତି। ସାହିତ୍ୟ, କଳା, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** ସତର୍କତା ଅଭାବରୁ ଧନହାନି, ଧାରକରଜ, ଆଇନ ଅଦାଲତ, ସ୍ଥଗିତ କାର୍ଯ୍ୟ ସକାଶେ ଚିନ୍ତିତ କରାଇବ। କର୍ମକ୍ଷେତ୍ରରେ ବିଶିଷ୍ଟବ୍ୟକ୍ତିଙ୍କ ସାହାଯ୍ୟ ଲାଭକରି ଅଭିଳାଷ ପୂରଣ ପାଇଁ ଆଶା କରିପାରନ୍ତି। ଆନୁଷ୍ଠାନିକ କାମରେ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି।

**ମିଥୁନ** ପରିବାରରେ ଅର୍ଥ ସମ୍ବନ୍ଧୀୟ ଆଲୋଚନାକୁ କେନ୍ଦ୍ରକରି ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବ। ପ୍ରତ୍ୟେକ କ୍ଷେତ୍ରରେ ସମସ୍ତ ସୁବିଧା ଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ଆଜି ଭାବୁଥିବେ ଗୋଟିଏ କଥା କିନ୍ତୁ କଲା ବେଳକୁ ଆଉ ଗୋଟିଏ କାମ କରିବାକୁ ବାଧ୍ୟ ହେବେ। ସମ୍ପର୍କୀୟଙ୍କ ଦ୍ୱାରା ଭୋଗ ବିଳାସର ମଉକା ପାଇବେ।

**କର୍କଟ** ଯେ କୌଣସି ପରିସ୍ଥିତି ହେଉନା କାହିଁକି, ପ୍ରତ୍ୟେକ ଦିଗରୁ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଦୂରରେ ରହୁଥିବା ବନ୍ଧୁଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବାର ସୂଚନା ରହିଛି। ବନ୍ଧୁମିଳନ ସାଙ୍ଗକୁ କର୍ମସାଫଲ୍ୟର ପ୍ରଶଂସା ଓ ଆର୍ଥିକ ଅନୁଦାନ ପ୍ରାପ୍ତିର ଆଶା କରାଯାଇପାରେ। ତଥାପି ଈର୍ଷାପରାୟଣ ଗୁପ୍ତ ଶତ୍ରୁମାନଙ୍କ ପ୍ରତି ସତର୍କତାର ଆବଶ୍ୟକତା ରହିଛି।

**ସିଂହ** ଆପଣଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ସାଙ୍ଗକୁ ଯୁକ୍ତିସଙ୍ଗତ ମଧୁର କଥା ପ୍ରତ୍ୟେକ ପରିସ୍ଥିତିକୁ ସାବଲୀଳ କରିଦେବ। ଆର୍ଥିକ ସ୍ଥିତିରେ ଉନ୍ନତି ସାଙ୍ଗକୁ ବନ୍ଧୁଙ୍କ ସହ ସୁସମ୍ପର୍କରୁ ପ୍ରଶଂସିତ ମଧ୍ୟ ହେବେ। ପାରିବାରିକ ଜୀବନରେ ସମସ୍ୟା ଆସିଲେ ମଧ୍ୟ ଉପସ୍ଥିତବୁଦ୍ଧି ପ୍ରୟୋଗ କରି ସୁଧାରି ନେଇପାରିବେ। ବହୁତ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ।

**କନ୍ୟା** ଆଜି ଯାହାକୁ ଯାହା କହିବେ କିମ୍ବା କରିବାକୁ ଯିବେ ତାହାର ପୁନର୍ବିଚାର କରିବା ଭଲ ହେବ। ଜମିଜମା, ଯାନ୍ତ୍ରିକ ଜିନିଷ, ଯାନବାହନ ସମ୍ପର୍କିତ କାମକୁ ସତର୍କତାର ସହ କରନ୍ତୁ। ସନ୍ତାନ ହେତୁକ କିଛି ନିଷ୍ପତ୍ତି ନେବା କ୍ଷେତ୍ରରେ ସମସ୍ୟା ସୃଷ୍ଟିର ଆଶଙ୍କା ରହିଛି। ପାରିବାରିକ ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଅନୁଭବ କରିବେ।

**ତୁଳା** ଆଜି କର୍ମକ୍ଷେତ୍ରରେ ବିଜାତୀୟବ୍ୟକ୍ତିଙ୍କ ହସ୍ତକ୍ଷେପ ସମସ୍ୟାର କାରଣ ହେବ। ପଛ କଥା ମନକୁ ନ ଆଣି ଯାହା କରିବା କଥା ଶୀଘ୍ର କରିବା ମନ୍ଦ ହେବନି। କେତେକ କ୍ଷେତ୍ରରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବ ପ୍ରକାଶ କରିବାକୁ ପଛେଇ ଯିବେ। ସାଧାରଣ କଥାରେ ପାରିବାରିକ ଅଶାନ୍ତି ହେତୁକ ଅବସାଦ ଦେଖାଦେଇପାରେ।

**ବିଛା** ଅତୀତ ଘଟଣା କିମ୍ବା ବିଭିନ୍ନ ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି। ବନ୍ଧୁଙ୍କୁ ଅନୁନୟ ବିନୟ ହୋଇ ଧାର କରଜ କରି ଆବଶ୍ୟକତା ଚଳାଇ ନେଇପାରନ୍ତି। କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ପାରସ୍ପରିକ ଆଲୋଚନା ମାଧ୍ୟମରେ ପାରିବାରିକ ଶାନ୍ତି ଫେରି ଆସିବ ଓ ସମସ୍ୟା ସମାଧାନ ହେବ। ସାହିତ୍ୟ, ସାମ୍ବାଦିକତା, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ବୈଦ୍ୟୁତିକ ଗଣମାଧ୍ୟମ, ଚଳଚ୍ଚିତ୍ର ପାଇଁ ସ୍ୱତନ୍ତ୍ର ଗୌରବ ଆଣିଦେବ। କଠୋର କଥା କହିବାରୁ ଅଶାନ୍ତି ଦେଖାଦେଇପାରେ।

**ମକର** ସ୍ୱାସ୍ଥ୍ୟସମସ୍ୟା ନିମ୍ନାଭିମୁଖୀ ହେଉଥିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ପରିସ୍ଥିତିବଶତଃ ଘରର କେତେକ ଅତ୍ୟାବଶ୍ୟକ ଜିନିଷ ଆଣିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବାର ସୌଭାଗ୍ୟ ପ୍ରାପ୍ତ ହେବ। ମାତ୍ର ରାଜନୈତିକ କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**କୁମ୍ଭ** ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା ପୂର୍ଣ୍ଣ ମାତ୍ରାରେ ଉପଶମ ନ ହେଲେ ମଧ୍ୟ ପୂର୍ବାପେକ୍ଷା ନିୟନ୍ତ୍ରଣରେ ରହିବ। ଆର୍ଥିକ ସ୍ଥିତି ଦୁର୍ବଳ ରହିବା କାରଣରୁ ଚିନ୍ତା କରିବାକୁ ପଡିବ। ବନ୍ଧୁଙ୍କ ସହାୟତାରେ ଆଜି ସହଜ ଓ ସୁବିଧାରେ ହାତକୁ ନେଇଥିବା କାମ ସମ୍ପନ୍ନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମୀନ** କେଉଁ କାମ ଅଟକିବ ନାହିଁ ସିନା ସହଜ ଓ ସୁବିଧାରେ ସମ୍ପନ୍ନ ବି ହେବ ନାହିଁ। ସମ୍ପର୍କୀୟା ମହିଳାଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ କିନ୍ତୁ ଜିଦ୍‌ଖୋର ପ୍ରବୃତ୍ତି ଯୋଗୁ ହଇରାଣ ହୋଇପାରନ୍ତି। ଆଜିର ଯାତ୍ରା, ବ୍ୟବସାୟ ଓ ବନ୍ଧୁଙ୍କ ଆଲୋଚନାରୁ ଖୁସି ରହିବେ।

ଆଜି ସେପ୍ଟେମ୍ବର ୧୧ ତାରିଖ, ବିଶ୍ୱ ଭ୍ରାତୃତ୍ୱ ଦିବସ, (ସ୍ୱାମୀ ବିବେକାନନ୍ଦଙ୍କ ଚିକାଗୋ ଭାଷଣ, ୧୧।୦୯।୧୮୯୩), ଆଶ୍ୱିନ କୃଷ୍ଣପକ୍ଷର ଚତୁର୍ଥୀ ଯୁକ୍ତ ଅଶ୍ୱ ପଞ୍ଚମୀ ଗୁରୁବାର, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶିନକ୍ଷତ୍ର– ଦିବା ଘ. ୦୧.୫୮ ମି. ପର୍ଯ୍ୟନ୍ତ ଅଶ୍ୱିନୀ/ମେଷ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ମହାଳୟା ବିଧିରେ କରାଯିବ। ସକାଳ ଘ.୦୫.୩୬ ଗତେ, ଘ.୦୭.୧୪ ମଧ୍ୟେ, ଘ.୧୦.୨୯ ଗତେ ଘ.୧୨.୫୬ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୧୪ ଗତେ ଘ.୦୨.୪୬ ମଧ୍ୟେ ରାହୁ କାଳ ।

# ଚଳିତ ମାସରେ ଆସିବ ନୂଆ ଅବକାରୀ ନୀତି: ମନ୍ତ୍ରୀ

ଭୁବନେଶ୍ୱର, ୧୦।୯(ସୁନିତ୍ ମିଶ୍ର)

ଚଳିତ ମାସରେ ରାଜ୍ୟ ସରକାର ନୂଆ ଅବକାରୀ ନୀତି ଆଣିବେ। ନୂଆ ଅବକାରୀ ନୀତି ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଦିନେ କିମ୍ବା ଦୁଇଦିନ ମଧ୍ୟରେ ଆଲୋଚନା ହେବ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପୃଥ୍ୱୀରାଜ କହିଛନ୍ତି, ନୂଆ ଅବକାରୀ ନୀତି ଲାଗୁ କରିବା ଲାଗି ରାଜ୍ୟ ସରକାର ସବୁ ପ୍ରକାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ବିଭାଗର ପ୍ରତିନିଧି ଦଳରେ କେତେଜଣ ଅଧିକାରୀ ଦୁଇଟି ରାଜ୍ୟକୁ ଯାଇ ସେମାନଙ୍କ ରାଜ୍ୟରେ ଲାଗୁ ହୋଇଥିବା ଅବକାରୀ ନୀତିକୁ ଅନୁଧ୍ୟାନକରି ଫେରିଛନ୍ତି। ଚଳିତ ମାସରେ ନୂଆ ଅବକାରୀ ନୀତି କାର୍ଯ୍ୟ ଶେଷ ହୋଇଯିବ। ନୂଆ ଅବକାରୀ ନୀତିରେ ଚୋରା ମାଦକ ଦ୍ରବ୍ୟର ବିକ୍ରି ଉପରେ ରୋକ୍ ଲଗାଯିବ। ଚୋରା ମାଦକଦ୍ରବ୍ୟ ବିକ୍ରି ଉପରେ ଚଢ଼ାଉ ଜୋର୍‌ଦାର କରାଯାଉଛି। ଯେଉଁମାନେ ଏଥିରେ ଦୋଷୀ ହୋଇଥିବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯିବ। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ସଚେତନତା କାର୍ଯ୍ୟକ୍ରମ କରାଯିବ। ମାସବ୍ୟାପୀ 'ନିଶା ନୁହେଁ ଜୀବନ' କାର୍ଯ୍ୟକ୍ରମ ହେବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ସରକାର ନୂଆ ଅବକାରୀ ନୀତି ଆଣିବାରେ ବହୁ ଦିନ ବିଳମ୍ବ କରିସାରିଲେଣି। ୨୦୨୫ ଜାନୁଆରୀରୁ ନୂଆ ଅବକାରୀ ନୀତି ଆଣିବେ ବୋଲି ବିଭିନ୍ନ ସମୟରେ ଅନେକ ତାରିଖ ଦିଆଯାଇଥିଲା। ହେଲେ ସରକାର ଏହା ଆଣିବାରେ ସମୟ ଗଡ଼ାଇ ଚାଲିଛନ୍ତି। ପରବର୍ତ୍ତୀ ସମୟରେ ନୂଆ ଅବକାରୀ ନୀତି ଆଣିବା ଆଗରୁ ଦେଶର ଅନ୍ୟ କେତେକ ରାଜ୍ୟ କେଉଁ ନିୟମ ରଖିଛନ୍ତି ତାକୁ ଦେଖିବା ପରେ ପ୍ରସ୍ତୁତ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ସେହି କ୍ରମରେ ୨ଟି ରାଜ୍ୟରୁ ତଥ୍ୟ ସଂଗ୍ରହ ପରେ ସରକାର ନୂଆ ଅବକାରୀ ନୀତି ଆଣିବାକୁ ଯାଉଛନ୍ତି ବୋଲି ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଟରେ ଦେଖିଲେ କମାର**
**ଲୁହା ପଜେଇଦେ ଆମର ।**

ଯାହାଠାରୁ କିଛି ସାହାଯ୍ୟ ପାଇବାର ଆଶାଥାଏ ତାଙ୍କୁ ଦେଖିବା ମାତ୍ରେ କେତେଜଣ ବ୍ୟକ୍ତି ନିଜର ଫାଇଦା କଥା ଭାବି ଉତ୍‌ଫୁଲିତ ହୋଇଉଠନ୍ତି। ସ୍ଥାନ କାଳ ପାତ୍ର ଭୁଲି ନିଜର ଈପ୍‌ସିତ କାର୍ଯ୍ୟ କରାଇଦେବା ଲାଗି ଜିଗର କରିଥାନ୍ତି। କରିବା ଲୋକ ତ ହାବୁଡ଼େ ପଡିଗଲା, କାମଟା କରେଇନେବା ଚକ୍କରରେ ରହିଥାନ୍ତି। ସୁବିଧାବାଦୀ ଲୋକଙ୍କ ଏତାଦୃଶ ପ୍ରକୃତି ବା ଚରିତ୍ର ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବାଳ ପାଚିଲେ ବୋଲନ୍ତି ମଉସା**
**ପଙ୍କ ଚିପିଲେ ମିଳନ୍ତି ଗଡ଼ିଶା ।**

ବୟସ ବଢ଼ିଗଲେ ଏହାର ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଦେହ ହାତ ଶିଥିଳ ପଡ଼ିଯିବା ସହ ଆଖିକୁ ଭଲ ଦିଶି ନ ଥାଏ ଓ କେଶ ମଧ୍ୟ ପାଚିଯାଇଥାଏ। ଏପରି କେଶ ପାଚିଯାଇଥିବା ବ୍ୟକ୍ତିଙ୍କୁ ପିତୃସ୍ଥାନୀୟ ମାନ୍ୟତା ଦିଆଯାଇଥାଏ। ସେହିପରି ଗଡ଼ିଶା ମାଛ ପଙ୍କ ମଧ୍ୟରେ ରହିଥାଏ। ତାକୁ ଧରିବାକୁ ହେଲେ ପଙ୍କ ଘାଣ୍ଟିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଭୁବନେଶ୍ୱର 'ନ୍ୟୁ ସିଟି' ...

ଗୋଠପାଟଣା, ମଳିପଡ଼ା ଓ ଦାଶପୁର ଅଞ୍ଚଳର ପ୍ରାୟ ୮୦୦ ଏକର ଜମିକୁ ନେଇ ହେବ। ଏହା ରାଜ୍ୟର ଦୀର୍ଘକାଳୀନ ବିକାଶ ଯୋଜନା 'ବିକଶିତ ଓଡ଼ିଶା–୨୦୩୬' ସହ ଜଡ଼ିତ ଏକ ବହୁ–ଅର୍ଥନୀତି ବୃଦ୍ଧି ଅଞ୍ଚଳ ରୂପେ ତିଆରିହେବ। 'ନୂଆ ସହର'(ନିୟୁ ସିଟି) ଏକ ପରିବହନ–କେନ୍ଦ୍ରିକ ଯୋଜନା, ଯାହା ସହଜ ସାର୍ବଜନୀନ ପରିବହନ, କମ୍ ଯାତ୍ରା ଦୂରତା ଓ ବିଭିନ୍ନ ଜମି ବ୍ୟବହାରର ସୁଗମ ସଂଯୋଗ ଉପରେ ଧ୍ୟାନ ଦେଇଛି। ଏହା ସହରବାସୀଙ୍କ ପାଇଁ ଘର ଯୋଗାଇବା ଲକ୍ଷ୍ୟ ରଖୁଛି, ଯେଉଁଥିରେ ସମସ୍ତ ଆୟ ଶ୍ରେଣୀ ପାଇଁ ସାମର୍ଥ୍ୟ ଓ ଆବଶ୍ୟକତା ଅନୁସାରେ ବିଭିନ୍ନ ପ୍ରକାରର ଘର ଉପଲବ୍ଧ ହେବ। ଏହି ସହର ଆଧୁନିକ ସୁବିଧା ସୁଯୋଗ ସହ ତିଆରିହେବ, ଯେପରିକି ବୈଠକ, ପ୍ରୋତ୍ସାହନ, ସମ୍ମିଳନୀ ଓ ପ୍ରଦର୍ଶନୀ ପାଇଁ ସୁବିଧା, ନୂଆ ଆଇଡିଆ–ଆଧାରିତ କାର୍ଯ୍ୟକ୍ଷେତ୍ର ଓ ଡାଟା ପରିଚାଳନା କେନ୍ଦ୍ର। ଲୋକଙ୍କ ସାମାଜିକ ଆବଶ୍ୟକତା ପୂରଣ ଓ ସମୁଦାୟରେ ମିଳାମିଶା ବୃଦ୍ଧି ପାଇଁ ସେଣ୍ଟ୍ରାଲ ଫରେଷ୍ଟ ପାର୍କ, ଗେଟ୍‌ୱେ ପ୍ଲାଜା ଓ ଅନେକ ଖୋଲା ସାର୍ବଜନୀନ ସ୍ଥାନ ତିଆରି ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହି ପ୍ରକଳ୍ପ ଜଳବାୟୁ ସହନଶୀଳତା, ପରିବେଶ ସୁରକ୍ଷା ଓ ନାଗରିକଙ୍କ ସମଗ୍ର କଲ୍ୟାଣ ପାଇଁ ସ୍ମାର୍ଟ ଓ ସବୁଜ ଭିତ୍ତିଭୂମି ସମାଧାନକୁ ମଧ୍ୟ ଅନ୍ତର୍ଭୁକ୍ତ କରିବ। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ନୋଡାଲ ଏଜେନ୍ସି ଭାବେ ନିଯୁକ୍ତ ହୋଇଛି, ଯାହା ବର୍ତ୍ତମାନ ବିଭିନ୍ନ ପର୍ଯ୍ୟାୟରେ ଯୋଜନା ଏବଂ ପ୍ରାରମ୍ଭିକ କାର୍ଯ୍ୟକାରିତା ପର୍ଯ୍ୟାୟରେ ରହିଛି।

ମୁଖ୍ୟ ଶାସନ ସଚିବ ପୁଣି କହିଥିଲେ, ୨୦୨୫ ଜାନୁଆରୀ ୧୭ରେ ସିଙ୍ଗାପୁର ରାଷ୍ଟ୍ରପତି ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଓ ସିଙ୍ଗାପୁରର ସୁର୍ବାନା ଜୁରୋଙ୍ଗ ସଂସ୍ଥା (ଏସ୍‌ଜେଆଇ) ମଧ୍ୟରେ ଏକ ଚୁକ୍ତି(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଅନୁଯାୟୀ, ଏସ୍‌ଜେଆଇ ନୂଆ ସହର ବା 'ନିୟୁ ସିଟି' ପାଇଁ ମାଷ୍ଟର ପ୍ଲାନ୍ ତିଆରି ଓ ଭିତ୍ତିଭୂମି ବିକାଶ ଲାଗି ପରାମର୍ଶ ଦେବ। ପୂରା ପ୍ରକଳ୍ପ ଲାଗି ବିଡିଏ ଆଗାମୀ ୧୫ ବର୍ଷରେ ୮,୧୭୯ କୋଟି ଟଙ୍କା ଖର୍ଚ୍ଚ କରିବାର ଯୋଜନା ରଖିଛି, ଯେଉଁଥିରେ ସରକାରୀ ଓ ଘରୋଇ ଅର୍ଥ ମିଶିବ। ପ୍ରଥମ ୫ ବର୍ଷ(୨୦୨୫–୨୬ ରୁ ୨୦୨୯–୩୦)ରେ ରାଜ୍ୟ ବଜେଟ୍‌ରୁ ୧,୩୪୨ କୋଟି ଟଙ୍କା ଦେବାକୁ ପ୍ରସ୍ତାବ ରହିଛି, ଯେଉଁ ଅର୍ଥ ଜମିକିଣା ସହିତ ରାସ୍ତା ତିଆରି, ମୌଳିକ ସୁବିଧା, ସାର୍ବଜନୀନ ସୁବିଧା ଓ ପ୍ରଶାସନିକ ଖର୍ଚ୍ଚ ପାଇଁ ବ୍ୟବହୃତ ହେବ ବୋଲି ମୁଖ୍ୟ ଶାସନ ସଚିବ ଆହୁଜା କହିଥିଲେ।

## ବିଡିଓ, ଯନ୍ତ୍ରୀଙ୍କ ଆର୍ଥିକ, ...

ଯୋଜନା ଏବଂ ଆକଳନର ପ୍ରଶାସନିକ ଅନୁମୋଦନ ପ୍ରଦାନ କରିବାର କ୍ଷମତା ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ନ୍ୟସ୍ତ କରାଯାଇଛି।

ମୁଖ୍ୟ ସଚିବ କହିଛନ୍ତି, ସାଧାରଣ ବିକାଶମୂଳକ କାର୍ଯ୍ୟଗୁଡ଼ିକ ପାଇଁ ବୈଷୟିକ ମଞ୍ଜୁରୀ ଏବଂ ପ୍ରଶାସନିକ ଅନୁମୋଦନ ପୂର୍ବରୁ ଯାହା ଥିଲା ତାକୁ ବୃଦ୍ଧି କରାଯାଇଛି। କନିଷ୍ଠ ତଥା ସହକାରୀ ଯନ୍ତ୍ରୀମାନେ ଏବେ ୫ ଲକ୍ଷ ପର୍ଯ୍ୟନ୍ତ ବୈଷୟିକ ମଞ୍ଜୁରୀ ପ୍ରଦାନ କରିପାରିବେ। ସହକାରୀ ନିର୍ବାହୀ ଯନ୍ତ୍ରୀମାନଙ୍କୁ ୫ ଲକ୍ଷରୁ ୨୦ ଲକ୍ଷ ପର୍ଯ୍ୟନ୍ତ କ୍ଷମତା ମିଳିଥିବାବେଳେ ନିର୍ବାହୀ ଯନ୍ତ୍ରୀମାନେ ୨୦ ଲକ୍ଷରୁ ୧ କୋଟି, ଅଧୀକ୍ଷଣ ଯନ୍ତ୍ରୀମାନେ ୧ କୋଟିରୁ ୪ କୋଟି ପର୍ଯ୍ୟନ୍ତ ଏବଂ ୪ କୋଟିରୁ ଅଧିକ ପ୍ରକଳ୍ପ ମୁଖ୍ୟ ଯନ୍ତ୍ରୀଙ୍କ ଦ୍ୱାରା ବୈଷୟିକ ମଞ୍ଜୁରୀ ପ୍ରଦାନ କରାଯିବ।

ଅନ୍ୟପକ୍ଷେ ଏମ୍‌ଜିଏନ୍‌ଆର୍‌ଇଜିଏସ୍

## ପ୍ରଥମ ପୃଷ୍ଠାରୁ...

ଯୋଜନା ଅଧୀନରେ ବିକାଶମୂଳକ କାର୍ଯ୍ୟ ପାଇଁ କନିଷ୍ଠ/ସହାୟକ ଯନ୍ତ୍ରୀ/ଗ୍ରାମ ପଞ୍ଚାୟତ ବୈଷୟିକ ସହାୟକମାନେ ଏବେ ୫ ଲକ୍ଷ ପର୍ଯ୍ୟନ୍ତ ବୈଷୟିକ ମଞ୍ଜୁରୀ ପ୍ରଦାନ କରିପାରିବେ। ଯେତେବେଳେ କି ସହକାରୀ ନିର୍ବାହୀ ଯନ୍ତ୍ରୀମାନଙ୍କୁ ୫ ଲକ୍ଷରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷମତା ଦିଆଯାଇଛି। ଅନୁରୂପ ଭାବେ ନିର୍ବାହୀ ଯନ୍ତ୍ରୀ/ଅତିରିକ୍ତ ନିର୍ବାହୀ ଅଧିକାରୀ(ବୈଷୟିକ)ମାନେ ୨୦ ଲକ୍ଷରୁ ୧ କୋଟି, ଅଧୀକ୍ଷଣ ଯନ୍ତ୍ରୀମାନେ ୧ କୋଟିରୁ ୪ କୋଟି ଏବଂ ୪ କୋଟି ଟଙ୍କାରୁ ଅଧିକ ପ୍ରକଳ୍ପ ମୁଖ୍ୟ ଯନ୍ତ୍ରୀଙ୍କ ଦ୍ୱାରା ବୈଷୟିକ ମଞ୍ଜୁରୀ ପ୍ରଦାନ କରାଯାଇପାରିବ।

ସେହିପରି ସାଧାରଣ ବିକାଶମୂଳକ ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବ୍ୟତୀତ)ରେ ପ୍ରଶାସନିକ ଅନୁମୋଦନ କ୍ଷମତା ମଧ୍ୟ ବୃଦ୍ଧି କରାଯାଇଛି। ବ୍ଲକ ଉନ୍ନୟନ ଅଧିକାରୀ ୨୦ ଲକ୍ଷ ପର୍ଯ୍ୟନ୍ତ, ପଞ୍ଚାୟତ ସମିତି ଅଧ୍ୟକ୍ଷ ୨୦ ଲକ୍ଷରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ–ତଥା–ନିର୍ବାହୀ ଅଧିକାରୀ ୫୦ ଲକ୍ଷରୁ ଅଧିକ ଟଙ୍କାର ପ୍ରକଳ୍ପରେ ଅନୁମୋଦନ ପ୍ରଦାନ କରିପାରିବେ। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ଅଧୀନରେ ବିକାଶମୂଳକ କାର୍ଯ୍ୟ ପାଇଁ ପ୍ରଶାସନିକ ଅନୁମୋଦନ କ୍ଷମତା ମଧ୍ୟ ବୃଦ୍ଧି କରାଯାଇଛି। ବିଡିଓମାନେ ୨୦ ଲକ୍ଷ ପର୍ଯ୍ୟନ୍ତ, ପଞ୍ଚାୟତ ସମିତି ଅଧ୍ୟକ୍ଷ ୨୦ ଲକ୍ଷରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ଜିଲାପାଳ ୫୦ ଲକ୍ଷ ଟଙ୍କାରୁ ଅଧିକ ପ୍ରକଳ୍ପ ନିମନ୍ତେ ଅନୁମୋଦନ ପ୍ରଦାନ କରିପାରିବେ। ଏହି ସଂଶୋଧନଗୁଡ଼ିକ ବିଲ୍ ପାସ୍ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ଏବଂ ସମସ୍ତ ପଞ୍ଚାୟତ ସମିତିରେ ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଦିଗରେ ସହାୟକ ହେବ ବୋଲି ମୁଖ୍ୟ ଶାସନ ସଚିବ କହିଥିଲେ।

## ତେଜିଲା ମାକ୍ରଁ ...

ବଢ଼ିବାରେ ଲାଗିଛି। ଦେଖିବାକୁ ଗଲେ ଫ୍ରାନ୍ସରେ ରାଜନୈତିକ ସ୍ତରରେ ଭୁଲ୍ ପଦକ୍ଷେପ ଯୋଗୁ ସଙ୍କଟ ସୃଷ୍ଟି ହୋଇଛି। ୟୁରୋପୀୟ ପାର୍ଲାମେଣ୍ଟରେ ମାକ୍ରଁଙ୍କ ଦଳର ଦୁର୍ବଳ ପ୍ରଦର୍ଶନ ପରେ ସାନି ନିର୍ବାଚନ କରାଇବା ନେଇ

ନିଷ୍ପତ୍ତି ତାଙ୍କ ସରକାରକୁ ଆହୁରି ଅସ୍ଥିର କରିଦେଇଥିଲା। ନୂଆ ନ୍ୟାଶନାଲ ଆସେମ୍ବ୍ଲି ବାମପନ୍ଥୀ ବ୍ଲକ୍, ମାରିନ୍ ଲି ପେନ୍‌ଙ୍କ ନ୍ୟାଶନାଲ ପାର୍ଟି ଓ ସେଣ୍ଟ୍ରିଷ୍ଟଙ୍କୁ ନେଇ ଭାଗଭାଗ ହୋଇଯାଇଛି। ଏଥିଯୋଗୁ ପୂର୍ବରୁ ୩ ଜଣ ପ୍ରଧାନମନ୍ତ୍ରୀ ଗାବ୍ରିଏଲ୍ ଅଟ୍ଟଲ, ମିଶେଲ ବର୍ନିଏ ଓ ଫ୍ରାଙ୍କୋଇସ୍ ବେରୌଙ୍କୁ ପଦ ହରାଇବାକୁ ପଡ଼ିଛି। ଅର୍ଥନୀତିଜ୍ଞମାନେ କହିଛନ୍ତି, ଫ୍ରାନ୍ସରେ ସ୍ଥିରତା ଆଣିବାକୁ ହେଲେ ଟିକସ ବୃଦ୍ଧି ଓ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୫% ଖର୍ଚ୍ଚ କାଟ୍ ପାଇଁ ପଦକ୍ଷେପ ନେବାକୁ ପଡ଼ିବ। ଏହି ସବୁ ପ୍ରସଙ୍ଗରେ ମାକ୍ରଁଙ୍କ ଉଦାସୀନତାକୁ ଦେଶବାସୀ ନାପସନ୍ଦ କରି 'ବ୍ଲକ୍ ଏଭ୍ରିଥିଙ୍ଗ୍ ମୁଭ୍‌ମେଣ୍ଟ' ଚଳାଇଛନ୍ତି। ବିଶେଷକରି ଟିକ୍‌ଟକ୍, X ଓ ଏନ୍‌କ୍ରିପ୍ଟେଡ୍ ମେସେଜିଂ ଚ୍ୟାନେଲଗୁଡ଼ିକରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ସମ୍ପ୍ରତି ଦାନା ବାନ୍ଧିବାରେ ଲାଗିଛି। ଷ୍ଟ୍ରାଇକ୍, ବର୍ଜନ, ରାସ୍ତାରେ ବିକ୍ଷୋଭ ସହ ଶ୍ରମିକ, ଛାତ୍ରୀଛାତ୍ର ଓ ଅଧିକାର କର୍ମୀମାନେ ମାକ୍ରଁଙ୍କ ଅସମାନତା ନୀତିକୁ ଜୋର୍‌ଦାର ବିରୋଧ କରୁଛନ୍ତି। ଏହି ଆନ୍ଦୋଳନର କେହି କେନ୍ଦ୍ରୀୟ ନେତୃତ୍ୱ ନାହାନ୍ତି। ଏହାସତ୍ତ୍ୱେ ରାସ୍ତା ଅବରୋଧ, ବ୍ୟାଙ୍କରୁ ଅର୍ଥ ଉଠାଣ ଓ ବଡ଼ ସଂସ୍ଥାଗୁଡ଼ିକୁ ବର୍ଜନ କରିବା ୨୦୧୮–୧୯ର 'ୟେଲୋ ଭେଷ୍ଟ' ପ୍ରୋଟେଷ୍ଟର ସ୍ମୃତିକୁ ଉଜ୍ଜୀବିତ କରିଛି। ପୋଲିସ ବୁଧବାର ସକାଳେ ୭୫ ଜଣଙ୍କୁ ଅଟକ ରଖିଥିବାବେଳେ ଅପରାହ୍ନ ହେଲାବେଳକୁ ଗିରଫ ଆନ୍ଦୋଳନକାରୀଙ୍କ ସଂଖ୍ୟା ୩୦୦ ଛୁଇଁଛି। ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ନିସ୍, ମାର୍ସିଲେ, ବସ୍ତିଆ, ଆଜାକ୍ସିଓ ଓ ଅନ୍ୟ ସହରଗୁଡ଼ିକରେ ବିମାନବନ୍ଦର ପାଇ ସତର୍କତା ଜାରି କରିଛନ୍ତି। ଯାତ୍ରୀମାନେ ସେମାନଙ୍କ ବିମାନ ଚଳାଚଳରେ ବିଳମ୍ବ ଓ ରଦ୍ଦ ନେଇ ଯାଞ୍ଚ କରିନିଅନ୍ତୁ ବୋଲି ପରାମର୍ଶ ଦିଆଯାଇଛି। ଏସବୁ ଭିତରେ ନୂତନ ପ୍ରଧାନମନ୍ତ୍ରୀ ନିଯୁକ୍ତି ସହ ମାକ୍ରଁଙ୍କ ପାଇଁ ନୂଆ ଚ୍ୟାଲେଞ୍ଜ ଉଭା ହୋଇଛି। ରାଷ୍ଟ୍ରପତି ଭୋଟରଙ୍କ ନୈରାଶ୍ୟକୁ ଅଣଦେଖା କରି ନିଜ ଅନୁଗତଙ୍କୁ ଥଇଥାନ କରିବାକୁ ଉଦ୍ୟମ କରିଥିବା ସୋସିଆଲିଷ୍ଟ ପାର୍ଟି ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଛନ୍ତି।

## ଶିଳ୍ପ, ବ୍ୟବସାୟିକ ...

ବାଲୁଗାଁ ଓ ବ୍ରହ୍ମପୁର ୬୯.୨୪୧ ଲକ୍ଷ, ପୂର୍ବତଟ ରେଲୱେ ଛତ୍ରପୁର, ଜଗନ୍ନାଥପୁର ଓ ବ୍ରହ୍ମପୁର ୬୭୨.୭୫୮ ଲକ୍ଷ ଟଙ୍କା ପୈଠ କରିନାହିଁ। ସେହିପରି ଭଞ୍ଜନଗର ଜଳସେଚନ ବିଭାଜନରୁ ପାଣି ନେଉଥିବା ୨ଟି ସଂସ୍ଥା ୧୮.୨୩୦ ଲକ୍ଷ ଟଙ୍କା ବାକି ରଖିଥିବା ବେଳେ ହରଭଙ୍ଗୀ ଜଳସେଚନ ବିଭାଜନରୁ ପାଣି ନେଉଥିବା ୪୯ ଶିଳ୍ପ, ଅନୁଷ୍ଠାନ ଓ ବ୍ୟବସାୟିକ ସଂସ୍ଥା ପାଖରେ ୫୨୦୫୧.୪୯ ଲକ୍ଷ ଟଙ୍କା ବାକି ପଡିଛି। ତେବେ ଏମାନଙ୍କ ମଧ୍ୟରେ ରାୟଗଡାର ଜେ.କେ.ପେପର ଲିମିଟେଡ ସିଂହଭାଗ ବାକି ରଖିଛି। ସେ ୫୧୯୦୬.୯୬୭୧୧ ଲକ୍ଷ ଟଙ୍କା କର ଦେବାକୁ ଅଛି। ସେହିପରି ଜେ.କେ.ଆକ୍ୱା ପ୍ରଜକ୍ଟ ୨.୧୬୪୩୧ ଲକ୍ଷ ଟଙ୍କା, ରାୟଗଡାର ତେଜସ୍ୱୀ ହୋଟେଲ ୫.୫୧୦୯୭ ଲକ୍ଷ, ରାୟଗଡା ବାସୁଦେବ ଲଜ୍ ୨.୨୩୫୭୨ ଲକ୍ଷ, ପାରଳାଖେମୁଣ୍ଡି ସହରକୁ ଜଳଯୋଗାଣ କରୁଥିବା ବ୍ରହ୍ମପୁର ଜନସ୍ୱାସ୍ଥ୍ୟ ବିଭାଗ ୧୦.୪୧୨୪ ଲକ୍ଷ, ରାୟଗଡା ଜନସ୍ୱାସ୍ଥ୍ୟ ବିଭାଗ ୬.୨୮ ଲକ୍ଷ, ରାୟଗଡା ରେଲୱେ ବିଭାଗ ୫୮.୫୨୬୨୯ ଲକ୍ଷ, ମିଟସ୍ ଇଞ୍ଜିନିୟରିଂ କଲେଜ ୧୨.୩୨ ଲକ୍ଷ ଟଙ୍କା ବାକି ରଖିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ବିଭିନ୍ନ ନଦୀ, ନାଳ ଜରିଆରେ ପମ୍ପ ସାହାଯ୍ୟରେ ଏମାନେ ପାଣି ନେଉଥିବାବେଳେ ଜଳକର ଦେବାକୁ ପଛଘୁଞ୍ଚା ଦେଉଥିବାରୁ ସରକାରଙ୍କ ରାଜସ୍ୱ ହାନୀ ହେଉଥିବା ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ବ୍ରହ୍ମପୁର ଜଳ ସମ୍ପଦ ବିଭାଗ ଋଷିକୁଲ୍ୟା, ବାହୁଦା, ବଂଶଧାରା ଓ ନାଗାବଳୀ ଅବବାହିକାର ମୁଖ୍ୟଯନ୍ତ୍ରୀ ନିର୍ବିଘ୍ନ ଭୋଇଙ୍କୁ ପଚାରିବାରୁ ସେ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଚିଠି ଆସିନାହିଁ। ଚିଠି ଆସିଲେ ତୁରନ୍ତ ପଦକ୍ଷେପ ନିଆଯିବ।

## ଅକ୍ଟୋବରରୁ ହୋଇପାରେ...

ଦୃଷ୍ଟିରେ ରଖି ଭୋଟର ତାଲିକାର ଏସ୍‌ଆଇଆର୍ ଆରମ୍ଭ କରିଥିଲେ। ସୂତ୍ରରୁ ଜଣାପଡ଼ିଛି, ବୁଧବାର ଅନୁଷ୍ଠିତ ସମ୍ମିଳନୀ–କର୍ମଶାଳାରେ ସିଇଓମାନଙ୍କୁ କେତେଶୀଘ୍ର ସେମାନେ ରିଭିଜନ୍ ପାଇଁ ପ୍ରସ୍ତୁତ ହୋଇପାରିବେ ବୋଲି ପ୍ରଶ୍ନ କରାଯାଇଥିଲା। ଅଧିକାଂଶ ଅଧିକାରୀ କହିଥିଲେ, ସେପ୍ଟେମ୍ବର ସୁଦ୍ଧା ମୌଳିକ କାର୍ଯ୍ୟ ସମ୍ପନ୍ନ ହେଲେ ଅକ୍ଟୋବରରେ ଏସ୍‌ଆଇଆର୍ ପାଇଁ ବାଟ ଫିଟିପାରେ। ସାଢ଼େ ୩ ଘଣ୍ଟା ଧରି ଚାଲିଥିବା ଆଲୋଚନା ବେଳେ ଏସ୍‌ଆଇଆର୍ ପାଇଁ ଲଜିଷ୍ଟିକ୍ ଓ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ରିଭିଜନ୍ ବେଳେ ମତଦାତାଙ୍କ କେଉଁସବୁ ଦସ୍ତାବିଜକୁ ଯାଞ୍ଚ ପାଇଁ ଗ୍ରହଣ କରାଯାଇପାରିବ ସେନେଇ ଏକ ତାଲିକା ପ୍ରସ୍ତୁତ କରିବାକୁ ସିଇଓମାନଙ୍କୁ ଇସି ନିର୍ଦ୍ଦେଶ ଦେଇଛନ୍ତି। ଭୋଟର ତାଲିକାରେ ସଂଶୋଧନ କରି ମୃତ ବ୍ୟକ୍ତି, ସ୍ଥାୟୀ ଭାବେ ସ୍ଥାନାନ୍ତରିତ, ନକଲି ଭୋଟର, ଅଣନାଗରିକମାନଙ୍କ ନାମ ହଟାଇବା ଏବଂ ଯୋଗ୍ୟ ଭୋଟରଙ୍କୁ ତାଲିକାରେ ଯୋଡ଼ିବା ଏହି ପ୍ରକ୍ରିୟାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଇସି କହିଛନ୍ତି।

## ସଂକ୍ଷେପରେ

### ବାଇକ୍ ଧକ୍କାରେ ମହିଳା ଗୁରୁତର

ବଇଣ୍ଡା,୧୦।୯(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଘୋଡ଼ାବାନ୍ଧୁଣି ଗ୍ରାମରେ ମଙ୍ଗଳବାର ଏକ ବାଇକ୍ (ଓଡି ୧୯ ଏକ୍ସ ୮୭୮୩) ଧକ୍କାରେ ମଞ୍ଜୁ ଦେହୁରୀ ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ମଞ୍ଜୁଙ୍କ ସ୍ୱାମୀ ତରଣୀ ଦେହୁରୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୨୫୭/୨୫ରେ ଏକ ମାମଲା ରୁଜୁ କରିଛି।

### ମଦ ଜବତ, ଜଣେ ଗିରଫ

ବଇଣ୍ଡା,୧୦।୯(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପୋଲିସ ପାଇକସାହି ନିକଟସ୍ଥ କଳା ପାଟନାଳୀ ଗ୍ରାମରେ ମଙ୍ଗଳବାର ଚଢ଼ାଉ କରି ପପୁନ ସାହୁଙ୍କ ଘରୁ ୮ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି। ସେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲା। ଏ ନେଇ ପୋଲିସ ନମ୍ବର ୨୫୮/୨୫ରେ ଏକ ମାମଲା ରୁଜୁ କରିଛି।

### ସ୍ତ୍ରୀଙ୍କୁ ବ୍ଲେଡ୍‌ରେ ଆକ୍ରମଣ ଅଭିଯୋଗ

ବଇଣ୍ଡା,୧୦।୯(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଗୁଣ୍ଡୁରୀମୁଣ୍ଡା ଗ୍ରାମର ରିନା ନାୟକଙ୍କୁ ତାଙ୍କ ସ୍ୱାମୀ ଅପିନ୍ଦ୍ର ନାୟକ ଓ ଶାଶୁ ସୁକାନ୍ତି ନାୟକ ବ୍ଲେଡରେ ଆକ୍ରମଣ ସହ ମାଡ଼ ମାରିଥିବା ଥାନାରେ ରୀନା ମଙ୍ଗଳବାର ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୩୩୫/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ରୀନାଙ୍କୁ ଅନେକ ସମୟରେ ତାଙ୍କ ଶାଶୁ ଘର ଲୋକେ ବିନା କାରଣରେ ମାଡ଼ ମାରିବା ସହ ନିର୍ଯାତନା ଦେଉଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

### ଘରୁ ରଣା ସାପ ଉଦ୍ଧାର

ବଇଣ୍ଡା, ୧୦।୯ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବଇସିଣା ଗ୍ରାମର ଲିପନ ଦେହୁରୀଙ୍କ ଘରୁ ବୁଧବାର ଏକ ରଣା ସାପ ଉଦ୍ଧାର କରାଯାଇଛି। ସାପଟି ଘର ଭିତରକୁ ପଶିଆସୁଥିବା ଦେଖି ଲିପନଙ୍କ ପରିବାର ଲୋକେ ଭୟରେ ବାହାରକୁ ପଳାଇ ଆସିଥିଲେ। ପରେ ସାପ ଉଦ୍ଧାରକାରୀ ସିଦ୍ଧେଶ୍ୱର ରଥ ପହଞ୍ଚି ସୁରକ୍ଷିତ ଅବସ୍ଥାରେ ସାପଟିକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଥିଲେ।

### ଗଞ୍ଜେଇ ଜବତ, ଜଣେ ଗିରଫ

ବଇଣ୍ଡା,(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ଥାନା ତୁଳସୀପୁର ଗ୍ରାମର ପ୍ରଦୀପ ଦେହୁରୀଙ୍କ ଘରେ ମଙ୍ଗଳବାର ପୋଲିସ ଚଢ଼ାଉ କରି ୧୨ କେଜି ଗଞ୍ଜେଇ ଜବତ କରିଛି। ଏଥିସହ ତାଙ୍କୁ ନମ୍ବର ୨୬୩/୨୫ ମାମଲାରେ ଗିରଫ କରାଯାଇଛି। ପୋଲିସ କହିଛି, ପ୍ରଦୀପ ଘରେ ଚୋରା ଗଞ୍ଜେଇ ରଖି ବାହାରକୁ ଚାଲାଣ କରୁଥିବା ଖବରପାଇ ଚଢ଼ାଉ କରାଯାଇଥିଲା।

# ଫେରାର ସ୍ୱାମୀଙ୍କ ସନ୍ଧାନ ନେଉନାହିଁ ପୋଲିସ

■ ପ୍ରେମ ବିବାହ କରିଥିବା ମହିଳା ପ୍ରତାରଣାର ଶିକାର

■ ୧୭ ଦିନର ଶିଶୁପୁତ୍ରକୁ ଧରି ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ

ଅନୁଗୋଳ,୧୦।୯(ମାନସ ବିଶ୍ୱାଳ)

୩ ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ମା' ବୁଢ଼ୀ ଠାକୁରାଣୀଙ୍କୁ ସାକ୍ଷୀ ରଖି ପ୍ରେମିକ ବେକରେ ବରଣମାଳା ପିନ୍ଧାଇଥିଲେ। ହେଲେ କିଛି ମାସର ସୁଖର ସଂସାର ପରେ ଧୋକା ଦେଲେ ସ୍ୱାମୀ। ପରିବାର ଲୋକଙ୍କ କଥାରେ ପଡ଼ି ଗର୍ଭବତୀ ସ୍ତ୍ରୀଙ୍କ ସହ ପ୍ରତାରଣା କଲେ। ତାଙ୍କୁ ଭଡ଼ା ଘରେ ଛାଡ଼ି କେଉଁଆଡ଼େ ଫେରାର ହୋଇଗଲେ। ସ୍ୱାମୀଙ୍କ ସନ୍ଧାନ ନେବାକୁ ସେ ଅନୁଗୋଳ ଟାଉନ ଥାନା ଓ ଜରପଡ଼ା ଥାନାର ଦ୍ୱାରସ୍ଥ ହୋଇଥିଲେ। ହେଲେ ପୋଲିସ ଫେରାର ସ୍ୱାମୀଙ୍କୁ ଏଯାଏ ଖୋଜିଆଣୁ ନାହିଁ। ୧୭ ଦିନର ଶିଶୁପୁତ୍ରକୁ ଧରି ବୁଧବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ଜରପଡ଼ା ଥାନା ଓଗି ଗ୍ରାମର ମୋନାଲିସା ପ୍ରଧାନ (୨୫) ଏପରି ଅଭିଯୋଗ କରିଛନ୍ତି।



ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ମୋନାଲିସା ପ୍ରଧାନ।

ଅଭିଯୋଗରେ ମୋନାଲିସା ଉଲ୍ଲେଖ କରିଛନ୍ତି, ସେ ଜରପଡ଼ା ଥାନା ଅଞ୍ଚଳର ସୂର୍ଯ୍ୟକାନ୍ତ ସାହୁଙ୍କୁ ୩ ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ଏହାପରେ ସେ ସ୍ୱାମୀଙ୍କ ସହ ଅନୁଗୋଳ ଗାନ୍ଧୀ ମାର୍ଗରେ ଭଡ଼ା ଘର ନେଇ ରହୁଥିଲେ। ବିବାହର କିଛି ମାସ ପରେ ସ୍ୱାମୀଙ୍କ ଦ୍ୱାରା ସେ ଶାରୀରିକ, ମାନସିକ ଓ ଯୌତୁକଜନିତ ନିର୍ଯାତନାର ଶିକାର ହୋଇଥିଲେ। ଯେହେତୁ ପ୍ରେମ ବିବାହ କରିଥିଲେ ତେଣୁ ସବୁକିଛି ସେ ସହି ଯାଉଥିଲେ। ହେଲେ ଗର୍ଭବତୀ ଥିବାବେଳେ ସ୍ୱାମୀଙ୍କ ପରିବାର ଲୋକେ ତାଙ୍କୁ ୧ ଲକ୍ଷ ଟଙ୍କା ନେଇ ସ୍ୱାମୀଙ୍କ ଠାରୁ ଦୂରେଇ ଯିବାକୁ ବାଧ କରିଥିଲେ। ସେ ଏଥିରେ ରାଜି ନ ହେବାରୁ ସ୍ୱାମୀ ତାଙ୍କୁ ଛାଡ଼ି ଫେରାର ହୋଇଯାଇଥିଲେ। ସେ ଏବେ ପୁତ୍ର ସନ୍ତାନର ଜନନୀ ହୋଇଥିବା ବେଳେ ସ୍ୱାମୀଙ୍କ ପରିବାର ଲୋକେ ତାଙ୍କୁ ହତ୍ୟା ଧମକ ଦେଉଛନ୍ତି। ଏ ନେଇ ସେ ଅନୁଗୋଳ ଓ ଜରପଡ଼ା ଥାନାରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିବା ମୋନାଲିସା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗକୁ ଗୁରୁତ୍ୱ ଦେଇ ତଦନ୍ତ କରିବା ପାଇଁ ଏସ୍‌ପି ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ମୋନାଲିସା ପ୍ରକାଶ କରିଛନ୍ତି।

# ଚୋରି ସାମଗ୍ରୀ ଜବତ, ୨ ଗିରଫ

ଛେଣ୍ଡିପଦା,୧୦।୯(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ହାଣ୍ଡିଗୋଡ଼ା ଗ୍ରାମରେ ଥିବା ରାଜ୍ କନ୍‌ଷ୍ଟ୍ରକ୍ସନ କ୍ୟାମ୍ପରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରିଥିବା ଅଭିଯୋଗରେ ପୋଲିସ ୨ ଯୁବକଙ୍କୁ ଗିରଫ କରିଛି। ଏଥିସହ ଏକ ପିକ୍‌ଅପ୍ ଭ୍ୟାନ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ରାଜସ୍ଥାନ କଲୱାର ମଣ୍ଡୋଟା ଅଞ୍ଚଳର ବିଷ୍ଣୁ ନାଏକ ଓ ଦାଶରଥି ଯୋଗୀ। ପୋଲିସ କହିଛି, ଛେଣ୍ଡିପଦା-ବସନ୍ତପୁର ରାସ୍ତାରେ ଧଳାଗାର ରଙ୍ଗ କରିବା ପାଇଁ ରାଜ୍ କନ୍‌ଷ୍ଟ୍ରକସନ୍ ପକ୍ଷରୁ ରାଜସ୍ଥାନ ଅଞ୍ଚଳର ଲୋକେଶ ମିନାଙ୍କୁ ଠିକା ଦିଆଯାଇଥିଲା। ହେଲେ କାମ କରିବା ପାଇଁ ଆସିଥିବା ଶ୍ରମିକ କାମ ନ କରି କ୍ୟାମ୍ପରୁ ଲକ୍ଷାଧିକ ଟଙ୍କାର ୩୭୦ଟି ଥର୍ମୋ ପ୍ଲାଷ୍ଟିକ ବ୍ୟାଗ୍ ଓ ୧୮ଟି କାଚମଣି ବ୍ୟାଗ ଚୋରି କରି ନେଇଯାଇଥିଲେ। କନ୍‌ଷ୍ଟ୍ରକ୍ସନର କର୍ମଚାରୀ ସଞ୍ଜୟ କୁମାର ଦାସ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୪୪୧/୨୫ରେ ମାମଲା ରଜୁ କରି ଜଗତସିଂହପୁର ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଯୌତୁକ ପାଇଁ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ

ଅନୁଗୋଳ,୧୦।୯(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଟାପଢ଼ୋଲ ଗ୍ରାମର ପ୍ରଫୁଲ୍ଲ ପ୍ରଧାନଙ୍କ ଝିଅ ଝୁଲିଲତାଙ୍କ ମୃତ୍ୟୁ ସାପ କାମୁଡ଼ିବାରୁ ହୋଇଥିବା ଶାଶୁଘର ଲୋକେ ପ୍ରକାଶ କରିଥିଲେ। ଅଗଷ୍ଟ ୨୮ରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟରେ ଏ ନେଇ ସ୍ପଷ୍ଟ ହୋଇ ନ ଥିବା ବାପଘର ଲୋକେ କହିବା ସହ ଯୌତୁକ ପାଇଁ ଝିଅକୁ ହତ୍ୟା କରାଯାଇଥିବା ଠାକୁରଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ହେଲେ ଥାନା ପକ୍ଷରୁ ମାମଲା ରୁଜୁ କରାଯାଇ ନ ଥିବାରୁ ଝୁଲିଲତାଙ୍କ ବାପଘର ଲୋକେ ବୁଧବାର ଅନୁଗୋଳ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନଙ୍କୁ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଟାପୋଢୋଲ ଗ୍ରାମର ପ୍ରଫୁଲ୍ଲଙ୍କ ଝିଅ ଝୁଲିଲତା ସିନ୍ଦୂରଖୋଲ ଗ୍ରାମର ଗଣେଶ୍ୱର ପ୍ରଧାନଙ୍କ ପୁଅ ପବିତ୍ର ପ୍ରଧାନଙ୍କୁ ୫ ବର୍ଷ ତଳେ ବିବାହ କରିଥିଲେ। ୪ ବର୍ଷ ପର୍ଯ୍ୟନ୍ତ ତାଙ୍କର କୌଣସି ସନ୍ତାନ ନ ହେବାରୁ ଶାଶୁ ଘର ପକ୍ଷରୁ ବାରମାର ଅପମାନିତ କରାଯିବା ସହିତ ଯୌତୁକ ନିର୍ଯାତନା ଦିଆଯାଉଥିଲା। ଗତ ଅଗଷ୍ଟ ୨୮ ତାରିଖରେ ଶାଶୁଘର ଲୋକେ ଫୋନ କରି ଝିଅକୁ ସାପ କାମୁଡ଼ିଥିବା କହିଥିଲେ। ବାପଘର ଲୋକେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ବେଳକୁ ଝିଅର ମୃତ୍ୟୁ ହୋଇଯାଇଥିଲା। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରେ ସେମିତି କିଛି ଉଲ୍ଲେଖ ନ ଥିବାରୁ ଝିଅକୁ ହତ୍ୟା କରାଯାଇଥିବା ସନ୍ଦେହ କରି ଠାକୁରଗଡ଼ ଥାନାରେ ଅଭିଯୋଗ କରାଯାଇଥିଲା। କିନ୍ତୁ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ବାପଘର ଲୋକେ ଅଭିଯୋଗରେ ଦର୍ଶାଇଛନ୍ତି।

**ସାପ କାମୁଡ଼ା ମୃତ୍ୟୁକୁ ଗ୍ରହଣ କରିପାରୁନାହାନ୍ତି ପରିବାର ଲୋକ**

# ରାସ୍ତା ନିର୍ମାଣ ପାଇଁ ମନ୍ତ୍ରୀଙ୍କୁ ଦାବିପତ୍ର

ବଇଣ୍ଡା,୧୦।୯(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପାଇକସାହି ପଞ୍ଚାୟତର ତଳବାହାଳି ଓ ବାଘୁଆନାଳି ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ପାଇଁ ବୁଧବାର ଭାଜପାର ଏକ ପ୍ରତିନିଧି ଦଳ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲା ଭାଜପା ଉପସଭାପତି ଅର୍ଜୁନ କୁମାର ସାହୁଙ୍କ ନେତୃତ୍ୱରେ ଗ୍ରାମର ଯୋଗେଶ୍ୱର ପ୍ରଧାନ, କ୍ଷୀରୋଦ ପ୍ରଧାନ, ମାନସ ଦେହୁରୀ, ରାମ ଚନ୍ଦ୍ର ପ୍ରଧାନ, ରବିନାରାୟଣ ସାହୁ ପ୍ରମୁଖ ମନ୍ତ୍ରୀଙ୍କୁ ଭୁବନେଶ୍ୱରଠାରେ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ତଳବାହାଳି ଓ ବାଘୁଆନାଳି ଗ୍ରାମ ରାସ୍ତା ସମ୍ପୂର୍ଣ୍ଣ ଶୋଚନୀୟ ଅବସ୍ଥାରେ ରହିଛି। ସାମାନ୍ୟ ବର୍ଷା ହେଲେ ପାଣି ଜମିରହୁଛି। ଫଳରେ ଲୋକେ ଯିବାଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଉକ୍ତ ୨ଟି ରାସ୍ତାକୁ ପକ୍କା କରିବାକୁ ଅଞ୍ଚଳବାସୀ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।



ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ନୁନୁକାପଶି ଗ୍ରାମବାସୀଙ୍କ ସହ ବିଧାୟକଙ୍କ ଆଲୋଚନା



ଆଲୋଚନା ବେଳେ ଅଞ୍ଚଳବାସୀଙ୍କ ସହ ବିଧାୟକ।

ବଇଣ୍ଡା,୧୦।୯(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ବୁଧବାର ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଗସ୍ତ କରି ଅଞ୍ଚଳର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପଞ୍ଚାୟତର ଆନନ୍ଦମୁଣ୍ଡା, କଦଳୀମୁଣ୍ଡା, ଶରଧାମୁଣ୍ଡା, ନୁନୁକାପଶି ଗ୍ରାମକୁ ଯାଇ ମୌଳିକ ସମସ୍ୟା ସମ୍ପର୍କରେ ବୁଝିଥିଲେ। ପିଇବା ପାଣି ସହ ରାସ୍ତା ନିର୍ମାଣ ସମ୍ପର୍କରେ କଥା ହୋଇଥିଲେ। କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ କିପରି ବଇଣ୍ଡା ଅଞ୍ଚଳରେ ଶୀଘ୍ର ସରିବ ସେ ନେଇ ଅଧିକାରୀମାନଙ୍କ ସହ ଆଲୋଚନା କରିଥିବା ଅଞ୍ଚଳବାସୀଙ୍କୁ କହିଥିଲେ। ନିର୍ବାଚନ ପୂର୍ବରୁ ଦିଆଯାଇଥିବା ପ୍ରତିଶ୍ରୁତି କିପରି ପାଳନ ହେବ ସେ ସମ୍ପର୍କରେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାରେ କିପରି ଲୋକେ ଉପକୃତ ହୋଇପାରିବେ ସେ ନେଇ ତଦାରଖ କରିବେ ବୋଲି କହିଥିଲେ। ବିଧାୟକଙ୍କ ଏହି ଗସ୍ତ ବେଳେ କୁମୁଦ ଚନ୍ଦ୍ର ପ୍ରଧାନ, ଅରୁଣ କୁମାର ସାହୁ, ରଞ୍ଜନ ସାହୁ, ଜଳଧର ସାହୁ, ଜିତେନ୍ଦ୍ର ବେହେରା, ସସ୍ମିତା ସାହୁ, ନାରାୟଣ ପ୍ରଧାନ, ରମେଶ ଘିୱାଲ, ପ୍ରଦୀପ ସାହୁ, ପବନା ବେହେରା, ସୁବାସ ସାହୁ, ପ୍ରମୋଦ ପ୍ରଧାନଙ୍କ ସମେତ ବହୁ ବିଜେଡି ନେତା ଉପସ୍ଥିତ ଥିଲେ।

# ନାବାଳିକାଙ୍କୁ ୩ ଘଣ୍ଟା ଅଟକ, ଥାନାରେ ମାମଲା

ସନ୍ନିଛକ,୧୦।୯ (ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଅଁରପାଳ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ମଙ୍ଗଳବାର ରାତି ୯ଟାରୁ ୧୨ଟା ଯାଏ ଏକ ଘରେ ୨ ଜଣ ଯୁବକ ଅଟକ ରଖିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରେ ଉଲ୍ଲେଖ କରାଯାଇଛି, ସ୍ଥାନୀୟ ଅଞ୍ଚଳରେ ରାତିରେ ଶୋଭାଯାତ୍ରା ଯାଉଥିବା ବେଳେ ନାବାଳିକା ତାହାକୁ ଦେଖୁଥିଲେ। ସେ ଏକା ଥିବାର ସୁଯୋଗ ନେଇ ସେହି ଅଞ୍ଚଳର ୨ ଜଣ ଯୁବକ ନାବାଳିକାଙ୍କୁ ସେଠାରୁ ଉଠାଇ ଆଣି ଏକ ଘରେ ଅଟକ ରଖିଥିଲେ। ତାଙ୍କ ପାଟିରେ କପଡ଼ା ବାନ୍ଧି ଦେଇଥିଲେ। ହେଲେ କୌଶଳକ୍ରମେ ନାବାଳିକା ଜଣକ ସେଠାରୁ ଖସିଆସି ଘରେ ଜଣାଇବା ପରେ ବିଳମ୍ବିତ ରାତିରେ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଯାଞ୍ଚ ପରେ ଅଟକ ସାଧୁ ବେଶଧାରୀଙ୍କୁ ଛାଡ଼ିଲା ପୋଲିସ

ପବିତ୍ରନଗର,୧୦।୯(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ପୋଲିସ ଦ୍ୱାରା ମଙ୍ଗଳବାରଠାରୁ ଅଟକ ଥିବା ସାଧୁ ବେଶଧାରୀ ୯ ଜଣଙ୍କୁ ବୁଧବାର ଯାଞ୍ଚ ପରେ ଛଡ଼ାଯାଇଛି। ଏହି ସାଧୁବେଶଧାରୀମାନେ ଭାଲିଆବେଡା ଗ୍ରାମ ଦେଇ ୨ଟି କାର୍‌ରେ ଯାଉଥିବା ବେଳେ ପିଲାଚୋର ସନ୍ଦେହ କରି ଗ୍ରାମବାସୀ ସେମାନଙ୍କୁ ଥାନା ଜିମା ଦେଇଥିଲେ। ପୋଲିସ ସମସ୍ତଙ୍କୁ ଥାନାରେ ଅଟକ ରଖି ପରିଚୟ ଯାଞ୍ଚ କରିଥିଲା। ପିଲା ଚୋରି ଅଭିଯୋଗରେ ସତ୍ୟତା ନ ଥିବା ଜଣାପଡ଼ିବାରୁ ସେମାନଙ୍କୁ ପୋଲିସ ଛାଡି ଦେଇଥିଲା। ଏ ନେଇ ପାଲଲହଡା ଏସ୍‌ଡିପିଓ କୈଳାସ ସେଠୀ କହିଛନ୍ତି, ପିଲା ଚୋରି କଥା ମିଛ। ଅଟକ ଥିବା ସାଧୁବେଶଧାରୀ ଅଣଓଡ଼ିଆଙ୍କ ନାମରେ ସେମାନଙ୍କ ଅଞ୍ଚଳର ଥାନାରେ କୌଣସି ଆପରାଧିକ ମାମଲା ନ ଥିବା ଜଣାପଡିବା ପରେ ଛାଡି ଦିଆଯାଇଛି।

# ଫାଇଲେରିଆ ରୋଗର ସଂକ୍ରମଣ ହାର ଆକଳନ



ଅନୁଗୋଳ,୧୦।୯(ଜ୍ୟୋତିରଞ୍ଜନ ସାହୁ)

ବିଗତ ବର୍ଷରେ ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନରେ ସଫଳତା ପାଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗ ଓ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ମିଳିତ ଉଦ୍ୟମରେ ସଂକ୍ରମଣ ହାର ଆକଳନ ଆରମ୍ଭ ହୋଇଛି। ତାଳଚେର ଡେରାସ୍ଥିତ ଶ୍ରୀ ଅରବିନ୍ଦ ପାଠ୍ୟଚକ୍ର ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ରକ୍ତରେ ଫାଇଲେରିଆ ସଂକ୍ରମଣ ହାର ପରୀକ୍ଷଣ କରାଯାଇ ଏହି ଅଭିଯାନର ଶୁଭାରମ୍ଭ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ମଦନ ମୋହନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି ଆକଳନ ପ୍ରକ୍ରିୟା ପ୍ରଥମ ପର୍ଯ୍ୟାୟରେ ତାଳଚେର ଓ କଣିହାଁ ବ୍ଲକରେ କରାଯିବ। ପ୍ରଥମ ଓ ଦିତୀୟ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରଙ୍କ ରକ୍ତ ନମୁନା ସଂଗ୍ରହ କରି ଫାଇଲେରିଆ ସଂକ୍ରମଣ ହାର ଚିହ୍ନଟ କରାଯିବ। ଦୁଇଟି ବ୍ଲକର ମୋଟ ୧୮୬୦ ଶିଶୁଙ୍କ ରକ୍ତ ପରୀକ୍ଷଣ ଲକ୍ଷ୍ୟ ଧାର୍ଯ୍ୟ ଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ କିଶୋରନଗର ବ୍ଲକରେ ୧୫୨୦ଶିଶୁଙ୍କ ପରୀକ୍ଷା ହେବ। ଆସନ୍ତା ୨୫ ସେପ୍ଟେମ୍ବର ସୁଦ୍ଧା ଆକଳନ ପ୍ରକ୍ରିୟା ଶେଷ କରାଯିବ। ମୋଟ ୬ଟି ଟିମକୁ ନେଇ ୩ଟି ବ୍ଲକରେ ଏହି କାର୍ଯ୍ୟକ୍ରମ ସମ୍ପାଦନ କରାଯିବ। ଛାତ୍ରୀଛାତ୍ରଙ୍କ ଅଭିଭାବକ ଓ ସ୍କୁଲ ଶିକ୍ଷକ ଏହି ଆକଳନ ପ୍ରକ୍ରିୟାରେ ସହଯୋଗ କରିବାକୁ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଧାନ ନିବେଦନ କରିଛନ୍ତି। ଏହି ଆକଳନ ଟିମ୍‌ରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ରାଜ୍ୟ ସଂଯୋଜକ ଡା. ବିଶ୍ୱ ପ୍ରକାଶ ଦତ୍ତ, ଡା. ଶ୍ୟାମବନ୍ଧୁ ରଥ, ଜିଲା ମ୍ୟାଲେରିଆ ଅଧିକାରୀ ଡା. ପୂର୍ଣ୍ଣିମା ଉଦ୍‌ଗାତା, ଶ୍ରୀ ଅରବିନ୍ଦ ପାଠ୍ୟଚକ୍ର ବିଦ୍ୟାଳୟ ଉପାଧ୍ୟକ୍ଷ ପ୍ରମୋଦ କୁମାର ସାମଲ, ଜିଲା ଭେକ୍ଟର ବାହକ ରୋଗ ପରାମର୍ଶଦାତା ଶକ୍ତି ପ୍ରସନ୍ନ ମିଶ୍ର, ଜିଲା କୀଟ ବିଜ୍ଞାନୀ ପ୍ରେମାଞ୍ଜନ ପଣ୍ଡାଙ୍କ ସମେତ ଗୋଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟଟିମ ସାମିଲ ଥିଲେ।

# ମହିଳା କମିଶନ ସଦସ୍ୟାଙ୍କ ଅନୁଗୋଳ ଗସ୍ତ



ଅନୁଗୋଳ ଜିଲା ଗସ୍ତରେ ଆସିଥିବା ମହିଳା କମିଶନ ସଦସ୍ୟାମାନେ।

ଅନୁଗୋଳ,୧୦।୯ (ମାନସ ବିଶ୍ୱାଳ)

ଓଡ଼ିଶା ସରକାରଙ୍କ ମହିଳା କମିଶନ ସଦସ୍ୟା ପ୍ରତିଭା ଶତପଥୀ ଓ ନିରୀକ୍ଷକ ସସ୍ମିତା ଦାସ ବୁଧବାର ଦିନିକିଆ ଅନୁଗୋଳ ଗସ୍ତରେ ଆସି ଜିଲାର ବିଭିନ୍ନ ସାମାଜିକ ଅନୁଷ୍ଠାନ ବୁଲି ଅନ୍ତେବାସୀଙ୍କ ସହ ବାର୍ତ୍ତାଳାପ କରି ସୁବିଧା ଓ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ସମସ୍ତ ନଥିପତ୍ର ଅନୁଧ୍ୟାନ କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ କିଭଳି ସେମାନେ ପାଇପାରିବେ ତାହା କାର୍ଯ୍ୟକାରୀ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ପୂର୍ବାହ୍ନରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ସଖୀ ସେଣ୍ଟର ପରିଦର୍ଶନ କରିଥିଲେ। ପରେ ଜିଲା କାରାଗାର ପରିଦର୍ଶନ କରି ମହିଳା ଅନ୍ତେବାସୀମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ସେଥିପାଇଁ ପରାମର୍ଶ ଦେଇଥିଲେ। ଅପରାହ୍ନରେ ୨ଟି ଶକ୍ତି ସଦନ ପରିଦର୍ଶନ କରି ହିତାଧିକାରୀମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ଘରୋଇ ହିଂସାର ସୁରକ୍ଷା ଅଧିକାରୀ ଦ୍ରୌପଦୀ ମାରାଣ୍ଡିଙ୍କ ସମେତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲା ଫଟୋଗ୍ରାଫର କ୍ଲବ ଗଠନ



ନୂଆକରି ଗଠନ ହୋଇଥିବା ଅନୁଗୋଳ ଜିଲା ଫଟୋଗ୍ରାଫର କ୍ଲବର କର୍ମକର୍ତ୍ତାମାନେ।

ଅନୁଗୋଳ,୧୦।୯(ମାନସ ବିଶ୍ୱାଳ)

ଅନୁଗୋଳ ଜିଲାର ଯୁବ ଫଟୋଗ୍ରାଫରମାନଙ୍କୁ ନେଇ ନୂଆକରି ଗଠନ ହୋଇଛି ଅନୁଗୋଳ ଜିଲା ଫଟୋଗ୍ରାଫର କ୍ଲବ। ଏ ନେଇ ଏକ କ୍ଲବର ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ଜିଲାର ପ୍ରାୟ ୨୦୦ରୁ ଅଧିକ ଫଟୋଗ୍ରାଫର ଏଥିରେ ଯୋଗଦେଇଥିଲେ। ଏହି ଅବସରରେ କ୍ଲବର ବିଭିନ୍ନ କର୍ମକର୍ତ୍ତା ଚୟନ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ଗୋପାଳ ଚନ୍ଦ୍ର ନାଥ ଆଇନ ପରାମର୍ଶଦାତା ସହିତ ଉପଦେଷ୍ଟା ଭାବେ ଯୋଗଦେଇଥିଲେ। ସଭାପତି ଭାବେ ମନୋଜ ପାଳ, କାର୍ଯ୍ୟକାରୀ ସଭାପତି ଭାବେ ରଘୁନାଥ ଦାସ, ସମ୍ପାଦକ ଭାବେ ରୂପ ରୁପେଶ ବେହେରା, ଯୁଗ୍ମ ସମ୍ପାଦକ ଭାବେ ସିଦ୍ଧାନ୍ତ କୁମାର ପରିଡ଼ା ଓ କୋଷାଧ୍ୟକ୍ଷ ଭାବେ ବିଶ୍ୱଜିତ ସାହୁ ମନୋନୀତ ହୋଇଥିଲେ। ଉପସଭାପତି ଭାବେ ନୀଳମଣି ବେହେରା, ସଲିଭ ପ୍ରଧାନ, ଅନିଲ ସାହୁ, ସୁନୀଲ ସାହୁ ଏବଂ ସହ ସମ୍ପାଦକ ଭାବେ ଆଲୋକ ବେହେରା, ପ୍ରଦୀପ ନାୟକ, ଯୋଗୀନାଥ ସାହୁ, ବାଜି, ସୁନୀଲ ମହାନ୍ତି, ଅଭିନାଶ ମହାରଣା, କୈଳାସ ବେହେରା ଓ ରାଜୁଙ୍କୁ ମନୋନୀତ କରାଯାଇଥିଲା। ଉପଦେଷ୍ଟା ଭାବେ ମାନସ ରଞ୍ଜନ ମିଶ୍ର, ଶୁଭରଞ୍ଜନ ନାଥ, ଶୁଭ୍ରଜିତ ସ୍ୱାଇଁ, ସୁଜିତ କୁମାର ସାହୁ, ଦେବରାଜ ସେଠୀ, ସତ୍ୟବ୍ରତ ସ୍ୱାଇଁ, ହେମାନନ୍ଦ ଦାସ ପ୍ରମୁଖ ମନୋନୀତ ହୋଇଥିଲେ। ବୈଠକରେ ଢେଙ୍କାନାଳ ଜିଲାର ହିନ୍ଦୋଳ ଏବଂ ପରଜଙ୍ଗ ଅଞ୍ଚଳରୁ ଅନେକ ଫଟୋଗ୍ରାଫର ଯୋଗଦେଇଥିଲେ।

# ସାର କଳାବଜାର ଅଭିଯୋଗ

ବଇଣ୍ଡା,୧୦।୯(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକରେ ସାରର କଳାବଜାର ହେଉଥିବା ଅଭିଯୋଗ ହୋଇଛି। ଲୁହାମୁଣ୍ଡା, ହଣ୍ଡପା, ଉରୁକୁଲା ସୋସାଇଟିରୁ କେତେଜଣ ଅସାଧୁ ବ୍ୟବସାୟୀ କୌଶଳକ୍ରମେ ସାର ଆଣି ବାହାରେ ଚଢ଼ା ଦରରେ ବିକ୍ରି କରୁଛନ୍ତି। ଏ ନେଇ ଉରୁକୁଲା ଅଞ୍ଚଳର କେତେଜଣ ଚାଷୀ ବୁଧବାର ଅନୁଗୋଳ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ରରେ ଚାଷୀମାନେ ଉଲ୍ଲେଖ କରିଛନ୍ତି, ଚାଷୀଙ୍କ ପାଇଁ ସାର ଆସିଥିବାବେଳେ ସେମାନଙ୍କୁ ଆଧାର କାର୍ଡ ଦେଖାଇ ବିଭିନ୍ନ ସମବାୟ ସମିତିରୁ ସାର ଆଣିବା ପାଇଁ ଅନୁମତି ରହିଛି। ହେଲେ କେତେଜଣ ଅସାଧୁ ସାର ବ୍ୟବସାୟୀ ଅଣଚାଷୀଙ୍କ ମାଧ୍ୟମରେ ସମିତିରୁ ସାର ଆଣି ଦୁଇଗୁଣ ଦରରେ ବିକ୍ରି କରୁଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଯୁବପିଢ଼ି ଭାଗବତ ମନସ୍କ ହେଲେ ଜୀବନ ଆଦର୍ଶମୟ ହୋଇପାରିବ



ମହାପୁରୁଷ ଶ୍ରୀ ଶ୍ରୀ ଜଗନ୍ନାଥ ଦାସ ଜୟନ୍ତୀ ଓ ଆଲୋଚନାଚକ୍ର ଅବସରରେ ଅତିଥିମାନେ।

ଅନୁଗୋଳ,୧୦।୯(ମାନସ ବିଶ୍ୱାଳ)

**ଶ୍ରୀ ଶ୍ରୀ ଜଗନ୍ନାଥ ଦାସ ଜୟନ୍ତୀ ପାଳିତ**

ଅନୁଗୋଳ ସହର ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଶୈଳଶ୍ରୀକ୍ଷେତ୍ର ଶାଖା ଆନୁକୂଲ୍ୟରେ ମହାପୁରୁଷ ଶ୍ରୀ ଶ୍ରୀ ଜଗନ୍ନାଥ ଦାସ ଜୟନ୍ତୀ ଓ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାଗବତ ପାଠ, ଆଲୋଚନା ଆଦି ଅନୁଷ୍ଠିତ ହୋଇଥିଲା। ପରିଷଦ ଉପାଧ୍ୟକ୍ଷ ଡ. ସଦାନନ୍ଦ ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସମ୍ପାଦକ କ୍ଷୀରେନ୍ଦ୍ର ମୋହନ ଦେହୁରୀ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ଦାଶ ଯୋଗଦେଇ ଓଡ଼ିଆ ଜାତିର ଉତ୍ଥାନ ପାଇଁ ଭାଗବତର ଅନବଦ୍ୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଯୁବପିଢ଼ି ଭାଗବତ ମନସ୍କ ହେଲେ ସେମାନଙ୍କ ଜୀବନ ଆଦର୍ଶମୟ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶ୍ୱହିନ୍ଦୁ ପରିଷଦ ଓଡ଼ିଶା(ପୂର୍ବ)ର ସାଧାରଣ ସାମ୍ପାଦକ ପଣ୍ଡିତ ମହେଶ ସାହୁ ଯୋଗଦାନ କରି ଭାଗବତ ସହିତ ହିନ୍ଦୁ ସମାଜର ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ। ଉପଦେଷ୍ଟା ବିଜୟ ମୋଦି ମାତୃଭାଷା, ମାତୃଭୂମି ପ୍ରତି ସମର୍ପିତ ହେବା ପାଇଁ ପରାମର୍ଶ ଦେଇଥିଲେ। କୁନି ପ୍ରବଚିକା ସୁଶ୍ରୀ ସାଇ ଜିଜ୍ଞାଶା ବାରିକ ଭାଗବତ ପାଠ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଷଦର ସହ ସାମ୍ପାଦକ ମନୋଜ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ବୈଦ୍ୟନାଥ ସାମଲ, ସୌମେନ୍ଦ୍ର ଡାଙ୍ଗ, ହର୍ଷଲ ଟାଙ୍କ ଓ ବେଣୁଧର ଭାଇ ସହଯୋଗ କରିଥିଲେ। ରାମକୃଷ୍ଣ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

କୌଣସି କୌଣସି ଯୁଗରେ ଆମର ଏହି ପୃଥିବୀର ଜୀବନ ଅଲୌକିକ ଭାବେ ଅନେକ ସୋପାନ ପାରି ହୋଇ ଅଳ୍ପସମୟରେ ବହୁ ଉର୍ଦ୍ଧ୍ୱକୁ ଉଠିଯାଏ । କିନ୍ତୁ ଅନ୍ୟ ସବୁ ସମୟରେ ସେତିକି ପଥ ଯିବାକୁ ତାକୁ ହଜାର ହଜାର ବର୍ଷ ଲାଗିଯାଏ । -ଶ୍ରୀମା



# ମଇଁଷିର ସାଂସ୍କୃତିକ ମହତ୍ତ୍ୱ



ଦେବଦତ୍ତ ପଟ୍ଟନାୟକ

ମଇଁଷି ନଦୀ, ନାଳ, ପୋଖରୀ, ପଙ୍କୁଆ ଜାଗା ଓ ଆର୍ଦ୍ରଭୂମିରେ ଦେଖିବାକୁ ମିଳନ୍ତି। ଅନ୍ୟପଟେ ଗୋରୁ ଶୁଷ୍କ ବନାଞ୍ଚଳକୁ ବେଶି ପସନ୍ଦ କରନ୍ତି। ଭାରତରେ ଉଭୟ ଶୁଷ୍କ ଜଙ୍ଗଲ ଓ ନଦୀ ଅବବାହିକାର ଆର୍ଦ୍ରାଞ୍ଚଳ ରହିଛି। ଶୁଷ୍କ ଅଞ୍ଚଳରେ ଗହମ ଓ ବାଜରା ଜାତୀୟ ଶସ୍ୟ ଚାଷ କରାଯାଉଥିବାବେଳେ ଆର୍ଦ୍ରାଞ୍ଚଳ ଧାନଚାଷ ପାଇଁ ଉପଯୋଗୀ। ଏଣୁ ଦେଖିବାକୁ ଗଲେ ମଇଁଷି ଓ ଗୋସମ୍ପଦ ଭାରତର ଦୁଇଟି ପରିବେଶ (ଆର୍ଦ୍ର ଓ ଶୁଷ୍କ ଅଞ୍ଚଳ)ର ପ୍ରତୀକ। ତେବେ ଅଧିକାଂଶ ଭାରତୀୟ ଗୋସମ୍ପଦ ଉପରେ ଧ୍ୟାନଦେଉଥିବା ବେଳେ ଭାରତର ଆର୍ଥିକ ବ୍ୟବସ୍ଥାରେ ମଇଁଷିର ଗୁରୁତ୍ୱକୁ ବହୁ ସମୟରେ ଅଣଦେଖା କରାଯାଇଥାଏ। ସେମାନଙ୍କର କଳା, ସଂସ୍କୃତି ଓ ରୀତିନୀତିରେ କେତେ ମହତ୍ତ୍ୱ ରହିଛି ତାହା ଉପରେ ଧ୍ୟାନ ଦିଆଯାଏ ନାହିଁ।

ହରପ୍ପା ସଭ୍ୟତାର ପ୍ରାଚୀନ ସିଲ୍ ବା ମୋହରରେ ମଇଁଷି ଛବି ରହିଛି। ଏହା ସୂଚିତ କରୁଛି, ସେତେବେଳେ ମଇଁଷି ପାଳନ କରାଯାଉଥିଲା। ୪,୫୦୦ ବର୍ଷ ପୂର୍ବେ ହରପ୍ପା ସଭ୍ୟତାର ସହ ମଇଁଷି ଯୋଡ଼ିହୋଇ ରହିଥିଲା। ସେତେବେଳେ ଲୋକେ ମଇଁଷି ମାଂସ ଖାଉଥିଲେ (ଏବେ ଭାରତ ହେଉଛି ମଇଁଷି ମାଂସ ରପ୍ତାନିର ଏକ ପ୍ରମୁଖ ଦେଶ) ଏବଂ ସେମାନଙ୍କ ହାଡ଼ରୁ ବିଭିନ୍ନ ଜିନିଷ ତିଆରି କରାଯାଉଥିଲା। ମଇଁଷି ମଧ୍ୟ ପଶୁପତି ସିଲ୍‌ରେ ଦେଖିବାକୁ ମିଳେ, ଯେଉଁଥିରେ ଜଣେ ସନ୍ନ୍ୟାସୀ ମଇଁଷି ଶିଙ୍ଗର ମୁକୁଟ ପିନ୍ଧିଥିବା ଦେଖାଯାଏ। ମଇଁଷି ଶିଙ୍ଗ ମଧ୍ୟ ଅନ୍ୟ କେତେକ ସିଲ୍‌ରେ ଦେଖିବାକୁ ମିଳେ, ଯାହା ଶକ୍ତି ଏବଂ ପୌରୁଷକୁ ସୂଚିତକରେ।

ପ୍ରାୟ ୩,୫୦୦ ବର୍ଷ ପୂର୍ବେ, ଋଗ୍‌ବେଦ (୪.୧୮.୧୩)ରେ ବର୍ଣ୍ଣନା ରହିଛି ଯେ, ପରାକ୍ରମୀ ଇନ୍ଦ୍ର ଶକ୍ତି ବୃଦ୍ଧି କରିବା ସକାଶେ ସୋମରସ ପାନ କରୁଥିଲେ ଏବଂ ତାହା ଗୋଟିଏ ହିଂସ୍ର ମଇଁଷିର ଶକ୍ତି ସହ ସମାନ ଥିଲା। ପ୍ରାୟ ୨୦୦୦ ବର୍ଷ ପୂର୍ବେ ତାମିଲ ସଙ୍ଗମ କାବ୍ୟ କୁରୁଣ୍ଟୋକାଇ ୬୫ରେ ବର୍ଣ୍ଣନା ରହିଛି, ଏକ ପଦ୍ମ ପୁଷ୍କରିଣୀରେ ଥିବା ମଇଁଷି ଜଣେ ଅସଭ୍ୟ ବ୍ୟକ୍ତି ସହ ସମାନ । ଭାରତର ଉତ୍ତରରୁ ଆରମ୍ଭକରି ଦକ୍ଷିଣ ଯାଏ, ସାଂସ୍କୃତିକ ଭାବନା ସହ ମଇଁଷି କିଭଳି ଜଡ଼ିତ ରହିଥିଲା ତାହା ଏଥିରୁ ଜଣାପଡ଼େ। ଅଜନ୍ତାର କାନ୍ଥରେ ଥିବା ବୌଦ୍ଧଧର୍ମର ମହିଷା ଜାଟକାରେ ମଇଁଷି ସମ୍ପର୍କରେ ବର୍ଣ୍ଣନା ରହିଛି। ଗୋଟିଏ ଶାନ୍ତ ସ୍ୱଭାବର ମଇଁଷି ଗୋଟିଏ ମାଙ୍କଡ଼ର ଅଙ୍ଗା ପରିହାସକୁ କିଭଳି ସହିଛି ସେସମ୍ପର୍କରେ ସେଥିରେ ଦର୍ଶାଯାଇଛି। ଚିଡ଼େଇବା ଓ ଖରାପ ପ୍ରକୃତି ପାଇଁ ମାଙ୍କଡ଼କୁ ଦଣ୍ଡଦେବା ଲାଗି ମଇଁଷି ମନା କରିଦେଇଛି। ଅଲୌକିକ ବୃକ୍ଷଦେବୀ କିମ୍ବା ଯକ୍ଷ ମଇଁଷିକୁ ଏଭଳି କରିବା ସକାଶେ ପରାମର୍ଶ ଦେଇଛନ୍ତି। ଦିନେ ଶାନ୍ତ ମଇଁଷିଟିଏ ଦୂରକୁ ପଳାଇଯାଇଛି ଓ ତା' ସ୍ଥାନରେ ଆଉ ଏକ ମଇଁଷି ରହିଯାଇଛି। ନୂଆ ମଇଁଷିଟିକୁ ମାଙ୍କଡ଼ ଜାଣିପାରିନାହିଁ ଏବଂ ତା' ସହ ମଧ୍ୟ ପୂର୍ବଭଳି ବ୍ୟବହାର କଲା ଏବଂ ଶେଷରେ ମଇଁଷିଟି ତାକୁ ଖୁରାରେ ଦଳି ମାରିଦେଲା।



ଜୈନ ପୁରାଣରେ ମଧ୍ୟ ଦ୍ୱାଦଶ ତୀର୍ଥଙ୍କର ବସୁପୂଜ୍ୟଙ୍କର ପ୍ରତୀକ ହେଉଛି ମଇଁଷି। ଜୈନ ଯକ୍ଷୀ ଜ୍ୱାଳାମାଳିନୀ ମଇଁଷି ଉପରେ ବସିଥିବା ଦେଖାଯାଏ। ଅନ୍ୟ ଏକ କାହାଣୀରେ କୁହାଯାଇଛି, ଯକ୍ଷୀ ତାଙ୍କ ପୂର୍ବଜନ୍ମରେ ଜଣେ ଜୈନ ଭକ୍ତ ଥିଲେ ଓ ଜୈନ ସନ୍ନ୍ୟାସୀଙ୍କୁ ଖାଇବାକୁ ଦେଉଥିଲେ ଏବଂ ତାଙ୍କ ସ୍ୱାମୀ ତାଙ୍କୁ ନିର୍ଯାତନା ଦେଇଥିଲେ। ଏଣୁ ସେ ଯକ୍ଷୀ ଭାବେ ଓ ତାଙ୍କ ସ୍ୱାମୀ ମଇଁଷି ରୂପରେ ପୁନର୍ଜନ୍ମ ଲାଭ କରିଥିଲେ, ଯାହା ଉପରେ ଯକ୍ଷୀ ବସି ବୁଲୁଥିଲେ।

ହିନ୍ଦୁ ପୁରାଣରେ ମଇଁଷିର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଏହା ମୃତ୍ୟୁଦେବ ଯମଙ୍କ ବାହନ। ମା' ଦୁର୍ଗା ବଧକରିଥିବା ମହିଷାସୁରଙ୍କ ମଇଁଷି ଅତି ପ୍ରିୟ ଥିଲା। ଦେବୀ ମହିଷାସୁରକୁ ବଧ କରୁଥିବା ପୁରାତନ ମୂର୍ତ୍ତି (ଖ୍ରୀଷ୍ଟପୂର୍ବ ୧୦୦ର) ରାଜସ୍ଥାନରେ ଦେଖାଯାଏ। କୁଶାଣ ଶାସନ ସମୟର ଦେବୀ ଖାଲି ହାତରେ ମଇଁଷିକୁ ହତ୍ୟା କରୁଥିବା ମୂର୍ତ୍ତି ବି ଦେଖିବାକୁ ମିଳେ। ପରେ ମୂର୍ତ୍ତିକୁ ଅଧିକ ପରିବର୍ତ୍ତନ କରାଯାଇଛି। ଦେବୀଙ୍କ ସିଂହ ଉପରେ ବସିଥିବା ଏବଂ ତାଙ୍କ ପାଦରେ ମଇଁଷିକୁ ଚାପି ମାରିଦେଇଥିବା ମୂର୍ତ୍ତି ସାମ୍ନାକୁ ଆସିଛି। ଏଭଳି ସବୁ ମୂର୍ତ୍ତି ଗୁପ୍ତ, ଚାଲୁକ୍ୟ ଓ ପଲ୍ଲବ ଶାସନ ସମୟର ମନ୍ଦିରଗୁଡ଼ିକରେ ଦେଖାଯାଏ । ସେସବୁ ଏବେ ସାରା ଭାରତରେ ନବରାତ୍ର ଉତ୍ସବର ଅଂଶ ପାଲଟିଯାଇଛି।

ଡେକାନ୍ ବା ଗୋଦାବରୀ ଅବବାହିକା ଅଞ୍ଚଳରେ ସ୍ଥାନୀୟ ପର୍ବଗୁଡ଼ିକରେ ଦେବୀଙ୍କୁ ସନ୍ତୁଷ୍ଟ କରିବାକୁ ଏକ ଅଣ୍ଡିରା ମଇଁଷିକୁ ବଳି ଦିଆଯାଏ। ଏହାଦ୍ୱାରା ସେମାନଙ୍କ ପିଲାମାନେ ବାଘ ଆକ୍ରମଣରୁ ରକ୍ଷାପାଇବେ ବୋଲି ବିଶ୍ୱାସ ରହିଛି। ଏହି ପ୍ରକାର ପରମ୍ପରା ନେପାଳରେ ମଧ୍ୟ ରହିଛି। ଗୋଟିଏ ନୂଆ ଅଣ୍ଡିରା ମଇଁଷି ଛୁଆକୁ ପୂରା ଗୋଟିଏ ବର୍ଷ ପାଳିପୋଷି ବଡ଼ କରାଯାଇ ପର ବର୍ଷରେ ବଳି ଦିଆଯାଏ। ଏହିସବୁ ପରମ୍ପରା ବୟସ୍କ ବଦଳରେ ନୂଆ ଜୀବନକୁ ସମର୍ପଣକରି ପୃଥିବୀର ଉର୍ବରତାକୁ ନିଶ୍ଚିତ କରିଥାଏ।

କେରଳରେ ହର ଏବଂ ହରି(ବିଷ୍ଣୁଙ୍କ ମୋହିନୀ ଅବତାର)ଙ୍କ ପୁତ୍ର ଆୟାପ୍ପା ମହିଷାଙ୍କ ଭଉଣୀ ମହିଷୀକୁ ପରାସ୍ତ କରିଥିବା ବର୍ଣ୍ଣନା ରହିଛି। ମହାରାଷ୍ଟ୍ରରେ, ଗ୍ରାମଦେବୀଙ୍କ ସ୍ୱାମୀ ମହାସୋବା (ମଇଁଷି ଦେବତା)ଙ୍କୁ ପୂଜା କରାଯାଏ। ଏଥିରୁ ମନେହେଉଛି, ଦେବୀଙ୍କ ପ୍ରିୟ ମଇଁଷିଦେବଙ୍କୁ ହତ୍ୟା କରାଯିବା ହେତୁ ସେ ଷଣ୍ଢବାହାନ ଥିବା ଶିବଙ୍କୁ ସ୍ୱାମୀ ରୂପରେ ବାଛିଥିଲେ। ଡେକାନ୍ ଅଞ୍ଚଳରେ ବହୁ ସ୍ଥାନୀୟ ଦେବୀଙ୍କର ଅନେକ ଯୁବ ପୂଜକ ରହିଛନ୍ତି, ଯାହାଙ୍କୁ ପଟରାଜ ବା ମଇଁଷି ରାଜା କୁହାଯାଏ। ସେମାନେ ଆଗରେ ରହି ଦେବୀଙ୍କ ଶୋଭାଯାତ୍ରାକୁ ପରିଚାଳନା କରିଥାନ୍ତି। ଭୟଙ୍କର ଦେଖାଯାଉଥିବା ପୋଷାକ ପିନ୍ଧିଥିବା ଜଣେ ବ୍ୟକ୍ତି ଚାବୁକ ଧରି ଆଗରେ ଚାଲନ୍ତି। ଏହା ତେଲଙ୍ଗାନା ଅଞ୍ଚଳରେ ପାଳନ କରାଯାଉଥିବା ବୋନାଉଲ ଶୋଭାଯାତ୍ରାରେ ଦେଖିବାକୁ ମିଳେ। ଏଭଳି ରୂପକୁ ବହୁ ସମୟରେ କାଳୀଙ୍କ ପୁତ୍ର ବୋଲି କୁହାଯାଏ ଏବଂ ବେଳେବେଳେ ମଧ୍ୟ ତାଙ୍କ ସ୍ୱାମୀ ଭାବେ ଦର୍ଶାଯାଏ, କିନ୍ତୁ ସେ କହନ୍ତି, ମୁଁ ହେଉଛି ଦେବୀଙ୍କ ସେବକ।

-devduttofficial@gmail.com

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 7 | 9 | 5 | | | | | |
| 6 | 2 | | 3 | | | | | 1 |
| | | | | | | | | |
| 4 | | 1 | | 5 | | | | 9 |
| | | 8 | 4 | | | | 7 | 5 |
| 9 | | | | | | | | 8 |
| | | | | 3 | | | | |
| | | 4 | 6 | | | | 8 | |
| | | | | 9 | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 4 | 3 | 1 | 7 | 8 | 2 | 5 |
| 7 | 5 | 8 | 4 | 6 | 2 | 3 | 1 | 9 |
| 3 | 1 | 2 | 8 | 5 | 9 | 4 | 7 | 6 |
| 8 | 2 | 6 | 1 | 4 | 3 | 5 | 9 | 7 |
| 1 | 9 | 3 | 5 | 7 | 6 | 2 | 8 | 4 |
| 5 | 4 | 7 | 9 | 2 | 8 | 6 | 3 | 1 |
| 2 | 7 | 9 | 6 | 8 | 4 | 1 | 5 | 3 |
| 4 | 8 | 5 | 7 | 3 | 1 | 9 | 6 | 2 |
| 6 | 3 | 1 | 2 | 9 | 5 | 7 | 4 | 8 |

ଗତକାଲିର ଉତ୍ତର

# ମୋହନ ଭାଗବତ ଜୀଙ୍କୁ ଅଭିନନ୍ଦନ



ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଆଜି ସେପ୍ଟେମ୍ବର ୧୧। ଏହିଦିନ ଦୁଇଟି ବିପରୀତ ସ୍ମୃତିକୁ ମନେପକାଏ। ପ୍ରଥମଟି ହେଉଛି ୧୮୯୩ ମସିହାର, ଯେତେବେଳେ ସ୍ୱାମୀ ବିବେକାନନ୍ଦ ଚିକାଗୋର ବିଶ୍ୱ ଧର୍ମ ସମ୍ମିଳନୀରେ ତାଙ୍କର ପ୍ରତୀକାତ୍ମକ ଭାଷଣ ଦେଇଥିଲେ। 'ଆମେରିକାର ଭଉଣୀ ଓ ଭାଇମାନେ...' ଏହି କିଛି ଶବ୍ଦରେ ସେ ପ୍ରେକ୍ଷାଳୟର ହଜାର ହଜାର ଶ୍ରୋତାଙ୍କ ହୃଦୟକୁ ଜିତି, ଭାରତର ଆଧ୍ୟାତ୍ମିକ ଐତିହ୍ୟ ଏବଂ ବିଶ୍ୱ ଭ୍ରାତୃତ୍ୱର ସନ୍ଦେଶକୁ ବିଶ୍ୱସ୍ତରରେ ପରିଚିତ କରାଇଥିଲେ। ଦ୍ୱିତୀୟଟି ହେଉଛି ୯/୧୧ ଆତଙ୍କବାଦୀ ଆକ୍ରମଣ, ଯେତେବେଳେ ମୌଳବାଦ ଓ ଆତଙ୍କବାଦର ବିପଦ ଯୋଗୁ ଏହି ନୀତି ଆକ୍ରମଣର ଶିକାର ହୋଇଥିଲା।

ଆଜିର ଦିନଟି ଆଉ ଏକ ବିଶେଷ ସ୍ମୃତି ସହ ମଧ୍ୟ ଜଡ଼ିତ। ଏହା ହେଉଛି ଶ୍ରୀ ମୋହନ ଭାଗବତ ଜୀଙ୍କ ୭୫ତମ ଜନ୍ମଦିନ। 'ବସୁଧୈବ କୁଟୁମ୍ବକମ୍'ର ଆଦର୍ଶରୁ ଅନୁପ୍ରାଣିତ ହୋଇ ସେ ସାମାଜିକ ପରିବର୍ତ୍ତନ, ସଦ୍ଭାବ ଏବଂ ଭାଇଚାରାର ଭାବନାକୁ ମଜବୁତ କରିବା ପାଇଁ ସମଗ୍ର ଜୀବନକୁ ଉତ୍ସର୍ଗ କରିଛନ୍ତି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ଜଡ଼ିତ ଲକ୍ଷ ଲକ୍ଷ ସଦସ୍ୟଙ୍କ ପାଇଁ ସେ 'ପରମପୂଜ୍ୟ ସରସଂଘଚାଳକ' ଭାବେ ସମ୍ମାନିତ। ତାଙ୍କ ୭୫ତମ ଜନ୍ମଦିନ, ଆକସ୍ମିକ ଭାବରେ, ସେହି ବର୍ଷ ପଡୁଛି, ଯେତେବେଳେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତା'ର ଶତବାର୍ଷିକୀ ପାଳନ କରୁଛି। ଏହି ଅବସରରେ ମୁଁ ତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ଏବଂ ତାଙ୍କ ଦୀର୍ଘ, ସୁସ୍ଥ ଓ ସକ୍ରିୟ ଜୀବନ ପାଇଁ ପ୍ରାର୍ଥନା କରୁଛି।

ମୋହନ ଜୀଙ୍କ ପରିବାର ସହିତ ମୋର ସମ୍ପର୍କ ଗଭୀର। ମୁଁ ତାଙ୍କ ପିତା ସ୍ୱର୍ଗତ ମଧୁକରରାଓ ଭାଗବତ ଜୀଙ୍କ ସହ କାମ କରିବାର ସୌଭାଗ୍ୟ ପାଇଛି ଏବଂ ମୋର ପୁସ୍ତକ 'ଜ୍ୟୋତିପୁଞ୍ଜ'ରେ ମଧ୍ୟ ତାଙ୍କର ଜୀବନ ଏବଂ କାର୍ଯ୍ୟ ବିସ୍ତୃତ ଭାବେ ଉଲ୍ଲେଖ କରିଛି। ଆଇନ ଜଗତରେ ତାଙ୍କର ଯୋଗଦାନ ସହିତ ରାଷ୍ଟ୍ର ନିର୍ମାଣ ପ୍ରତି ତାଙ୍କର ଉତ୍ସର୍ଗ ଅସାଧାରଣ। ସମଗ୍ର ଗୁଜରାଟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘକୁ ଶକ୍ତିଶାଳୀ କରିବାରେ ସେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ରାଷ୍ଟ୍ର ପ୍ରତି ଏହି ଅଗାଧ ସମର୍ପଣ ତାଙ୍କ ପୁଅ ମୋହନରାଓଙ୍କୁ ମଧ୍ୟ ପ୍ରେରଣା ଦେଉଥିଲା, ଯାହା ତାଙ୍କୁ ଭାରତର ପୁନର୍ଜନ୍ମ ପାଇଁ ନିଷ୍ଠାପୂର୍ଣ୍ଣ ଭାବରେ କାର୍ଯ୍ୟ କରିବାକୁ ଅନୁପ୍ରାଣିତ କଲା। ଜଣେ ପରଶମଣି ମଧୁକରରାଓ, ମୋହନରାଓଙ୍କ ମାଧ୍ୟମରେ ଆଉ ଏକ ପରଶମଣିଙ୍କୁ ପ୍ରସ୍ତୁତ କରିଥିଲେ।

ମୋହନ ଜୀ ୧୯୭୦ ଦଶକର ମଧ୍ୟଭାଗରେ ଆର୍‌ଏସ୍‌ଏସ୍‌ର ଜଣେ ପ୍ରଚାରକ ହୋଇଥିଲେ । 'ପ୍ରଚାରକ' ଶବ୍ଦଟି ଶୁଣିବା ପରେ କେହି ଭୁଲ୍‌ରେ ଭାବିପାରନ୍ତି ଯେ, ଏହା ଏପରି ବ୍ୟକ୍ତିଙ୍କୁ ବୁଝାଏ, ଯିଏ କେବଳ ପ୍ରଚାର କରନ୍ତି କିମ୍ବା ପ୍ରଚାର କରୁଛନ୍ତି। କିନ୍ତୁ ଯେଉଁମାନେ ଆର୍‌ଏସ୍‌ଏସ୍‌ର କାର୍ଯ୍ୟ ସହିତ ଉତ୍ତମରୂପେ ପରିଚିତ ସେମାନେ ଅବଶ୍ୟ ବୁଝନ୍ତି ଯେ, ପ୍ରଚାରକ ପରମ୍ପରା ସଙ୍ଗଠନର କାର୍ଯ୍ୟର ମୂଳଦୁଆରେ ରହିଛି। ଗତ ଶହେବର୍ଷ ଧରି ଦେଶପ୍ରେମ ଉତ୍ସାହରେ ଅନୁପ୍ରାଣିତ ହଜାର ହଜାର ଯୁବକ 'ଭାରତ ପ୍ରଥମ'ର ଚିନ୍ତାଧାରା ଓ ଆଦର୍ଶକୁ ସାକାର କରିବା ନିମନ୍ତେ ନିଜର ଜୀବନ ଉତ୍ସର୍ଗ କରିବା ପାଇଁ ନିଜର ଘର ଏବଂ ପରିବାର ଛାଡ଼ିଛନ୍ତି।

ଆର୍‌ଏସ୍‌ଏସ୍‌ରେ ତାଙ୍କର ପ୍ରାରମ୍ଭିକ ବର୍ଷଗୁଡ଼ିକ ଭାରତୀୟ ଇତିହାସର ଏକ ଅତ୍ୟନ୍ତ ଅନ୍ଧକାର ସମୟ ସହିତ ସମାନ ଭାବରେ ରହିଥିଲା। ଏହା ସେହି ସମୟ ଥିଲା, ଯେତେବେଳେ ତତ୍କାଳୀନ କଂଗ୍ରେସ ସରକାର ଦ୍ୱାରା ଦେଶରେ କଠୋର ଜରୁରିକାଳୀନ ପରିସ୍ଥିତି ଲାଗୁ କରାଯାଇଥିଲା। ପ୍ରତ୍ୟେକ ବ୍ୟକ୍ତି, ଯେଉଁମାନେ ଗଣତାନ୍ତ୍ରିକ ନୀତିକୁ ଆଦର କରୁଥିଲେ ଏବଂ ଭାରତକୁ ସମୃଦ୍ଧ କରିବାକୁ ଚାହୁଁଥିଲେ, ସେମାନଙ୍କ ପାଇଁ ଜରୁରିକାଳୀନ ବିରୋଧୀ ଆନ୍ଦୋଳନକୁ ମଜବୁତ କରିବା ସ୍ୱାଭାବିକ ଥିଲା। ମୋହନ ଜୀ ଏବଂ ଅଗଣିତ ଆର୍‌ଏସ୍‌ଏସ୍ ସ୍ୱୟଂସେବକମାନେ ଏହା ହିଁ କରିଥିଲେ। ସେ ମହାରାଷ୍ଟ୍ରର ଗ୍ରାମୀଣ ଏବଂ ପଛୁଆ ଅଞ୍ଚଳ, ବିଶେଷକରି ବିଦର୍ଭରେ ବ୍ୟାପକ ଭାବରେ କାର୍ଯ୍ୟ କରିଥିଲେ। ଏହା ଗରିବ ଏବଂ ଦଳିତ ଲୋକଙ୍କ ଦ୍ୱାରା ସମ୍ମୁଖୀନ ହେଉଥିବା ଆହ୍ୱାନ ବିଷୟରେ ତାଙ୍କର ବୁଝାମଣାକୁ ଆକାର ପ୍ରଦାନ କରିଥିଲା।



ବର୍ଷ ବର୍ଷ ଧରି ଭାଗବତ ଜୀ ଆର୍‌ଏସ୍‌ଏସ୍‌ର ବିଭିନ୍ନ ପଦବୀରେ ରହିଥିଲେ। ସେ ପ୍ରତ୍ୟେକ କର୍ତ୍ତବ୍ୟକୁ ଅତ୍ୟନ୍ତ ଦକ୍ଷତାର ସହ ସମ୍ପାଦନ କରିଥିଲେ। ୧୯୯୦ ଦଶକରେ ଅଖିଳ ଭାରତୀୟ ଶାରୀରିକ ବ୍ୟାୟାମ ପ୍ରମୁଖର ମୁଖ୍ୟ ଭାବରେ ମୋହନ ଜୀଙ୍କ ବର୍ଷଗୁଡ଼ିକୁ ଏବେ ବି ଅନେକ ସ୍ୱୟଂସେବକ ସ୍ମରଣ କରନ୍ତି। ଏହି ସମୟ ମଧ୍ୟରେ ସେ ବିହାରର ଅସଂଖ୍ୟ ଗ୍ରାମରେ କାର୍ଯ୍ୟକରି ସମୟ ବିତାଇଥିଲେ । ଏହି ଅଭିଜ୍ଞତା ତୃଣମୂଳ ସ୍ତରର ସମସ୍ୟାଗୁଡ଼ିକ ସହିତ ତାଙ୍କର ସମ୍ପର୍କକୁ ଆହୁରି ଗଭୀର କରିଥିଲା। ୨୦୦୦ ମସିହାରେ ସେ ସାଧାରଣ ସମ୍ପାଦକ ହୋଇଥିଲେ ଏବଂ ସେଥିରେ ମଧ୍ୟ ସେ ତାଙ୍କର ଅନନ୍ୟ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଥିଲେ । ଅନେକ ଜଟିଳ ପରିସ୍ଥିତିକୁ ସହଜ ଏବଂ ସଠିକତାର ସହିତ ପରିଚାଳନା କରୁଥିଲେ। ୨୦୦୯ ମସିହାରେ ସେ ସରସଂଘଚାଳକ ହୋଇଥିଲେ ଏବଂ ଅତ୍ୟନ୍ତ ଦକ୍ଷତାର ସହ କାମ କରିଚାଲିଥିଲେ।

ସରସଂଘଚାଳକ ହେବା ଏକ ସାଂଗଠନିକ ଦାୟିତ୍ୱ ଅପେକ୍ଷା ଅଧିକ। ଅସାଧାରଣ ବ୍ୟକ୍ତିବିଶେଷ ବ୍ୟକ୍ତିଗତ ତ୍ୟାଗ, ଉଦ୍ଦେଶ୍ୟର ସ୍ପଷ୍ଟତା ଏବଂ ମା' ଭାରତୀଙ୍କ ପ୍ରତି ଅଟଳ ପ୍ରତିବଦ୍ଧତା ମାଧ୍ୟମରେ ଏହି ଭୂମିକାକୁ ପରିଭାଷିତ କରିଛନ୍ତି। ମୋହନ ଜୀ ଦାୟିତ୍ୱର ବିଶାଳତାକୁ ପୂର୍ଣ୍ଣ ନ୍ୟାୟ ଦେବା ସହିତ ଏଥିରେ ନିଜର ଶକ୍ତି, ବୌଦ୍ଧିକ ଗଭୀରତା ଏବଂ ସହାନୁଭୂତିଶୀଳ ନେତୃତ୍ୱକୁ ମଧ୍ୟ ଆଣିଥିଲେ, ଯାହା ରାଷ୍ଟ୍ର ସର୍ବୋପରି ନୀତି ଦ୍ୱାରା ଅନୁପ୍ରାଣିତ ।

ମୁଁ ମୋହନ ଜୀଙ୍କ ବ୍ୟକ୍ତିତ୍ୱକୁ ଯେତିକି ନିକଟରୁ ଜାଣିଛି, ତାଙ୍କ କାର୍ଯ୍ୟଶୈଳୀର ମୂଳରେ ଥିବା ଦୁଇଟି ଗୁଣକୁ ମୁଁ ଚିହ୍ନଟ କରିପାରେ, ତାହା ହେଉଛି – ନିରନ୍ତରତା ଏବଂ ଅନୁକୂଳନ। ସେ ସଦାସର୍ବଦା ସଂଗଠନକୁ ସବୁଠୁ କଠିନ ପରିସ୍ଥିତି ମଧ୍ୟରେ ଅଗ୍ରସର କରାଇଛନ୍ତି, କିନ୍ତୁ ମୂଳ ବିଚାରଧାରା ସହ କେବେ ମଧ୍ୟ ସାଲିସ୍ କରିନାହାନ୍ତି। ଅନୁରୂପ ଭାବରେ ସେ ସମାଜର ବିକଶିତ ଆବଶ୍ୟକତାକୁ ପୂରଣ କରୁଛନ୍ତି। ଯୁବପିଢ଼ି ସହିତ ତାଙ୍କର ସ୍ୱାଭାବିକ ଏବଂ ନିବିଡ଼ ସମ୍ପର୍କ, ସର୍ବଦା ନୂଆ ପିଢ଼ିକୁ ସଂଘ ପରିବାର ସହିତ ଯୋଡ଼ିବା ପ୍ରତି ତାଙ୍କର ପ୍ରଚେଷ୍ଟା ଆଜିର ଗତିଶୀଳ ଏବଂ ଡିଜିଟାଲ ବିଶ୍ୱରେ ଅଧିକ ଲାଭଦାୟକ ହୋଇଛି। ସାଧାରଣ ଆଲୋଚନା, ସମ୍ବାଦ ଓ ପାରସ୍ପରିକ କାର୍ଯ୍ୟରେ ସେ ଯେଭଳି ନିୟମିତ ଭାବେ ଯୋଡ଼ିହୁଅନ୍ତି, ତାହା ତାଙ୍କୁ ସର୍ବଦା ପ୍ରେରଣାଦାୟୀ ନେତୃତ୍ୱ ଭାବରେ ପ୍ରତିଷ୍ଠିତ କରେ।

ସାମଗ୍ରିକ ଭାବରେ କହିବାକୁ ଗଲେ, ଭାଗବତ ଜୀଙ୍କ କାର୍ଯ୍ୟକାଳକୁ ଆର୍‌ଏସ୍‌ଏସ୍‌ର ୧୦୦ ବର୍ଷର ଯାତ୍ରାରେ ସବୁଠାରୁ ପରିବର୍ତ୍ତନକାରୀ ଅବଧି ଭାବରେ ବିବେଚନା କରାଯିବ। ୟୁନିଫର୍ମ ପରିବର୍ତ୍ତନଠାରୁ ଆରମ୍ଭକରି ଶିକ୍ଷା ବର୍ଗ(ପ୍ରଶିକ୍ଷଣ ଶିବିର)ରେ ସଂସ୍କାର ପର୍ଯ୍ୟନ୍ତ ତାଙ୍କ ନେତୃତ୍ୱରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଛି।

ମୁଁ ବିଶେଷ ଭାବରେ କୋଭିଡ୍ ସମୟରେ ମୋହନ ଜୀଙ୍କ ପ୍ରୟାସକୁ ସ୍ମରଣ ରଖିଛି, ଯେତେବେଳେ ମାନବଜାତି ଜୀବଦ୍ଦଶାରେ ଥରେ ଦେଖାଦେଉଥିବା ଭୟଙ୍କର ମହାମାରୀ ସହିତ ଲଢୁଥିଲା । ସେହି ସମୟରେ ପାରମ୍ପରିକ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କାର୍ଯ୍ୟକଳାପ ଜାରି ରଖିବା ସବୁଠୁ ବଡ଼ ଆହ୍ୱାନ ସାଜିଥିଲା। ମୋହନ ଜୀଙ୍କ ପରାମର୍ଶ ଥିଲା ଯେ, ପ୍ରଯୁକ୍ତିର ବ୍ୟବହାର ବୃଦ୍ଧି କରାଯାଉ। ବିଶ୍ୱସ୍ତରୀୟ ଆହ୍ୱାନ ପରିପ୍ରେକ୍ଷୀରେ ସେ ସଂସ୍ଥାଗତ ଢାଞ୍ଚାର ବିକାଶ କରିବା ସହିତ ବିଶ୍ୱସ୍ତରୀୟ ଦୃଷ୍ଟିକୋଣ ସହ ଜଡ଼ିତ ରହିଥିଲେ।

ସେହି ସମୟରେ ସମସ୍ତ ସ୍ୱୟଂସେବକ ନିଜର ଏବଂ ଅନ୍ୟମାନଙ୍କର ସୁରକ୍ଷା ସୁନିଶ୍ଚିତ କରିବା ସହିତ ଦୁର୍ଦ୍ଦଶା ମଧ୍ୟରେ ଥିବା ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ ଯଥାସମ୍ଭବ ପ୍ରୟାସ କରିଥିଲେ। ଅନେକ ସ୍ଥାନରେ ଚିକିତ୍ସା ଶିବିରର ଆୟୋଜନ କରାଯାଇଥିଲା। ଆମେ ଆମର ଅନେକ ଶ୍ରମନିଷ୍ଠ ସ୍ୱୟଂସେବକଙ୍କୁ ମଧ୍ୟ ହରାଇଥିଲୁ, କିନ୍ତୁ ମୋହନ ଜୀଙ୍କ ପ୍ରେରଣା ଏପରି ଥିଲା ଯେ ସେମାନଙ୍କର ଦୃଢ଼ ନିଷ୍ପତ୍ତି କେବେ ବି ବିଚଳିତ ହୋଇ ନ ଥିଲା।

ଚଳିତ ବର୍ଷ ଆରମ୍ଭରେ ନାଗପୁରରେ ମାଧବ ନେତ୍ର ଚିକିତ୍ସାଳୟର ଉଦ୍‌ଘାଟନ ସମୟରେ ମୁଁ ମତ ଦେଇଥିଲି ଯେ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଏକ ଅକ୍ଷୟବଟ ସଦୃଶ। ଏହା ଏକ ଅନନ୍ତ ବଟବୃକ୍ଷ, ଯାହା ଆମ ଦେଶର ଜାତୀୟ ସଂସ୍କୃତି ଏବଂ ସାମୂହିକ ଚେତନାକୁ ଶକ୍ତି ପ୍ରଦାନ କରେ। ଏହି ଅକ୍ଷୟବଟର ମୂଳ ଗଭୀର ଏବଂ ଦୃଢ଼; କାରଣ ସେଗୁଡ଼ିକ ମୂଲ୍ୟବୋଧରେ ପରିପୂର୍ଣ୍ଣ। ମୋହନ ଭାଗବତ ଜୀ ଏହି ମୂଲ୍ୟବୋଧଗୁଡ଼ିକୁ ପୋଷଣ ଯୋଗାଇଛନ୍ତି ଏବଂ ଆଗକୁ ବଢ଼ାଇବା ପାଇଁ ଯେଉଁ ସମର୍ପଣ ସହିତ ନିଜକୁ ପ୍ରତିବଦ୍ଧ କରିଛନ୍ତି, ତାହା ବାସ୍ତବରେ ପ୍ରେରଣାଦାୟକ।

ମୋହନ ଜୀଙ୍କ ବ୍ୟକ୍ତିତ୍ୱର ଅତ୍ୟନ୍ତ ପ୍ରଶଂସନୀୟ ଗୁଣ ହେଉଛି ତାଙ୍କର ମୃଦୁଭାଷୀ ସ୍ୱଭାବ। ସେ କେବଳ କହିବାରେ ନୁହେଁ, ଶୁଣିବାରେ ମଧ୍ୟ ଅସାଧାରଣ। ଏହି ଗୁଣ ଏକ ଗଭୀର ଦୃଷ୍ଟିକୋଣ ସୁନିଶ୍ଚିତ କରେ ଏବଂ ତାଙ୍କ ବ୍ୟକ୍ତିତ୍ୱ ଓ ନେତୃତ୍ୱ ପାଇଁ ସମ୍ବେଦନଶୀଳତା ଏବଂ ମର୍ଯ୍ୟାଦାର ଭାବନା ମଧ୍ୟ ଜାଗ୍ରତ କରେ।


ଏଠାରେ ମୁଁ ବିଭିନ୍ନ ଜନ ଆନ୍ଦୋଳନ ପ୍ରତି ତାଙ୍କର ସର୍ବଦା ଦେଖାଯାଉଥିବା ଆଗ୍ରହ ବିଷୟରେ ମଧ୍ୟ ଉଲ୍ଲେଖ କରିବାକୁ ଚାହୁଁଛି। 'ସ୍ୱଚ୍ଛ ଭାରତ ମିଶନ'ଠାରୁ 'ବେଟୀ ବଚାଓ ବେଟୀ ପଢ଼ାଓ' ପର୍ଯ୍ୟନ୍ତ ମୋହନ ଜୀ ସର୍ବଦା ସମଗ୍ର ଆର୍‌ଏସ୍‌ଏସ୍ ପରିବାରକୁ ଏହି ଆନ୍ଦୋଳନଗୁଡ଼ିକ ମାଧ୍ୟମରେ ଶକ୍ତି ସଂଯୋଗ କରିବାକୁ ଅନୁରୋଧ କରିଥାଆନ୍ତି। ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମକୁ ଆହୁରି ଆଗକୁ ଆଗେଇନେବା ନିମନ୍ତେ ମୋହନ ଜୀ 'ପଞ୍ଚ ପରିବର୍ତ୍ତନ' ପରାମର୍ଶ ଦେଇଛନ୍ତି, ଯେଉଁଥିରେ ସାମାଜିକ ସମନ୍ୱୟ, ପାରିବାରିକ ମୂଲ୍ୟବୋଧ, ପରିବେଶଗତ ସଚେତନତା, ଜାତୀୟ ସ୍ୱାଭିମାନ ଏବଂ ନାଗରିକ କର୍ତ୍ତବ୍ୟ ଅନ୍ତର୍ଭୁକ୍ତ। ଏହା ଜୀବନର ସମସ୍ତ କ୍ଷେତ୍ରର ଭାରତୀୟମାନଙ୍କୁ ପ୍ରେରଣା ଯୋଗାଇପାରିବ। ପ୍ରତ୍ୟେକ ସ୍ୱୟଂସେବକ ଏକ ଶକ୍ତିଶାଳୀ ଏବଂ ସମୃଦ୍ଧ ରାଷ୍ଟ୍ର ଗଢ଼ିବାର ସ୍ୱପ୍ନ ଦେଖନ୍ତି। ଏହି ସ୍ୱପ୍ନକୁ ସାକାର କରିବା ନିମନ୍ତେ ସ୍ପଷ୍ଟ ଦୃଷ୍ଟିକୋଣ ଏବଂ ନିର୍ଣ୍ଣାୟକ କାର୍ଯ୍ୟ ଉଭୟ ଆବଶ୍ୟକ। ମୋହନ ଜୀ ଏହି ଦୁଇଟି ଗୁଣକୁ ବିପୁଳ ମାତ୍ରାରେ ପ୍ରତିପାଦନ କରନ୍ତି।

ଭାଗବତ ଜୀ ସଦାସର୍ବଦା 'ଏକ୍ ଭାରତ ଶ୍ରେଷ୍ଠ ଭାରତ'ର ଜଣେ ଦୃଢ଼ ଅନୁଗାମୀ। ଭାରତର ବିବିଧତା ଏବଂ ଆମ ଭୂମିର ଏକ ଅଂଶ ଥିବା ଅସଂଖ୍ୟ ଭିନ୍ନ ସଂସ୍କୃତି ଏବଂ ପରମ୍ପରା ପାଳନରେ ଦୃଢ଼ବିଶ୍ୱାସୀ।

ତାଙ୍କର ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ବ୍ୟତୀତ ମୋହନ ଜୀ ସର୍ବଦା ସଙ୍ଗୀତ ଏବଂ ଗୀତ ଗାଇବା ଭଳି ଆଗ୍ରହକୁ ଅନୁସରଣ କରିବା ପାଇଁ ସମୟ ପାଇଛନ୍ତି। ବହୁତ କମ୍ ଲୋକ ଜାଣନ୍ତି ଯେ, ସେ ବିଭିନ୍ନ ଭାରତୀୟ ବାଦ୍ୟଯନ୍ତ୍ରରେ ମଧ୍ୟ ପାରଙ୍ଗମ। ପାଠପଢ଼ା ପ୍ରତି ଆଗ୍ରହ ତାଙ୍କର ଅନେକ ଭାଷଣ ଏବଂ ଆଲୋଚନାରେ ଦେଖାଯାଇପାରେ ।

ଚଳିତ ବର୍ଷ ଆଉ ମାତ୍ର ଅଳ୍ପଦିନ ପରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତା'ର ୧୦୦ ବର୍ଷ ପୂରଣ କରିବାକୁ ଯାଉଛି। ଏହା ମଧ୍ୟ ଏକ ସୁଖଦ ସଂଯୋଗ ଯେ ଚଳିତ ବର୍ଷ ବିଜୟାଦଶମୀ, ଗାନ୍ଧୀ ଜୟନ୍ତୀ, ଲାଲ୍ ବାହାଦୁର ଶାସ୍ତ୍ରୀ ଜୟନ୍ତୀ ଏବଂ ଆର୍‌ଏସ୍‌ଏସ୍ ଶତବାର୍ଷିକୀ ପାଳନ ଗୋଟିଏ ଦିନରେ ହେଉଛି । ଏହା ଭାରତ ଏବଂ ବିଶ୍ୱରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ଜଡ଼ିତ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଏକ ଐତିହାସିକ ମାଇଲଖୁଣ୍ଟ ହେବ। ମୋହନ ଜୀଙ୍କ ରୂପରେ ଆମର ଜଣେ ଅତ୍ୟନ୍ତ ଜ୍ଞାନୀ ଏବଂ ପରିଶ୍ରମୀ ସରସଂଘଚାଳକ ଅଛନ୍ତି, ଯିଏ ବର୍ତ୍ତମାନ ସମୟରେ ସଂଗଠନକୁ ପରିଚାଳନା କରୁଛନ୍ତି। ମୁଁ ଏହା କହି ଶେଷ କରିବି ଯେ, ମୋହନ ଜୀ ହେଉଛନ୍ତି 'ବସୁଧୈବ କୁଟୁମ୍ବକମ୍'ର ଏକ ଜୀବନ୍ତ ଉଦାହରଣ, ଯାହା ଦର୍ଶାଏ ଯେ ଯେତେବେଳେ ଆମେ ସ୍ୱାର୍ଥର ସୀମାରୁ ଉପରକୁ ଉଠି ସମସ୍ତଙ୍କୁ ନିଜର ବୋଲି ବିବେଚନା କରୁ; ଏହା ସମାଜରେ ବିଶ୍ୱାସ, ଭ୍ରାତୃତ୍ୱ ଏବଂ ସମାନତାକୁ ଦୃଢ଼ କରେ। ମୁଁ ପୁଣି ଥରେ ମା' ଭାରତୀଙ୍କ ସେବାରେ ମୋହନ ଜୀଙ୍କ ଦୀର୍ଘ ଏବଂ ସୁସ୍ଥ ଜୀବନ କାମନା କରୁଛି।

# ଅନନ୍ୟ ଭୂମିରୂପ ପାହାଡ଼-ପର୍ବତ



ଡ. ଅଜୟ କୁମାର ପାତ୍ର

ପାହାଡ଼-ପର୍ବତ ହିମବାହଠାରୁ ଆରମ୍ଭ କରି ଝରଣା, ଔଷଧୀୟ ଗୁଳ୍ମ, ବିବିଧ ପ୍ରକାର ଜୀବଜନ୍ତୁଙ୍କ ଜୈବ ବିବିଧତା ଧାରଣ କରି ଆଦିମ ଯୁଗରୁ ଜୀବ ସେବା କରିଆସୁଅଛି । ମାତ୍ର ପର୍ଯ୍ୟଟକଙ୍କ ନକାରାତ୍ମକ ପ୍ରଭାବ ସହ ପ୍ଲାଷ୍ଟିକ ଉତ୍ପୀଡ଼ନ ସୁନ୍ଦର ଶୈଳ ପରିବେଶକୁ ଦିନକୁ ଦିନ କଳୁଷିତ କରିବାରେ ଲାଗିଛି। ପୃଥିବୀରେ ପ୍ରାୟ ୨୨ ପ୍ରତିଶତ ଭାଗରେ ପାହାଡ଼-ପର୍ବତ ରହିଛି । ୧୯୯୨ରେ ହୋଇଥିବା ଜାତିସଂଘ ସମ୍ମିଳନୀରେ ପରିବେଶ ସହ ପର୍ବତର ବିକାଶ ଓ ସଂରକ୍ଷଣ ଦିଗରେ ସମଗ୍ର ବିଶ୍ୱର ଦୃଷ୍ଟିଆକର୍ଷଣ କରାଯାଇଥିଲା। ପାହାଡ଼-ପର୍ବତରୁ ଜଳ, ଖାଦ୍ୟ, ଚିକିତ୍ସା, ଶକ୍ତି ରୂପରେ ବହୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ ମିଳିଥାଏ । ତେବେ ବର୍ଦ୍ଧିଷ୍ଣୁ ପର୍ଯ୍ୟଟନ ଏବଂ ବିକାଶଧାରା ପଥୁରିଆ ପରିବେଶର ପବିତ୍ରଧାରାରେ ଘୋର ବ୍ୟାଘାତ ସୃଷ୍ଟିକରୁଛି। ପାହାଡ଼-ପର୍ବତର ସଂରକ୍ଷଣ କେବଳ ମଣିଷ ପାଇଁ ନୁହେଁ, ସମଗ୍ର ବିଶ୍ୱର ପରିବେଶ ଚକ୍ର ଲାଗି ବିଶେଷ ଗୁରୁତ୍ୱପୂର୍ଣ୍ଣ। ଚଳିତବର୍ଷ ପାହାଡ଼ ଓ ପର୍ବତରୁ ସଂଗୃହୀତ ପ୍ଲାଷ୍ଟିକର ୮୪.୨ ପ୍ରତିଶତ ଖାଦ୍ୟ ପ୍ୟାକେଜିଂରୁ ଆସିଥିଲା ଏବଂ ଏଥିରୁ ପ୍ରାୟ ୭୧ ପ୍ରତିଶତ ପୁନଃଚକ୍ରଣଯୁକ୍ତ ନ ଥିଲା। ପୁନଶ୍ଚ ପର୍ବତାରୋହୀମାନେ ସାଙ୍ଗରେ ନେଇଯାଉଥିବା ବିଭିନ୍ନ ସାମଗ୍ରୀର ଆବର୍ଜନା ଯଥା: ତମ୍ବୁ, ଅମ୍ଳଜାନ ଟାଙ୍କି, ଦଉଡ଼ି, ବିଭିନ୍ନ ମାନବୀୟ ଅବଶେଷ ମଧ୍ୟ ଛାଡ଼ିଦେଇ ଆସୁଛନ୍ତି । ଆକଳନ କରାଯାଇଛି ଯେ ଜଣେ ପର୍ବତାରୋହୀ ଅତି କମ୍‌ରେ ଆଠରୁ ଦଶକିଲୋ ଓଜନର ଆବର୍ଜନା ଛାଡ଼ି ଆସନ୍ତି । ଏପରି ସ୍ଥିତିରେ ହିମାଳୟ ଭଳି ପର୍ବତଶ୍ରେଣୀ ଓ ତା' ସହିତ ପାହାଡ଼ିଆ ଅଞ୍ଚଳକୁ ଆବର୍ଜନାମୁକ୍ତ କରିବା ଲାଗି ସରକାର ତଥା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ



ତୁରନ୍ତ ପଦକ୍ଷେପ ନେବା ଉଚିତ । ସେହିପରି କ୍ଷୁଦ୍ର ଓ ବୃହତ୍ ପର୍ଯ୍ୟଟନ ସ୍ଥଳ ପର୍ଯ୍ୟଟକଙ୍କ ଖାମଖିଆଲ ମନୋଭାବ ଯୋଗୁ ଯେପରିକି ବଣଭୋଜି ପରେ ଫିଙ୍ଗା ଯାଇଥିବା ପଲିଥିନ୍, ବଳକା ଖାଦ୍ୟ, ପ୍ଲାଷ୍ଟିକ ଖାଦ୍ୟ ଥାଳି, ପ୍ଲାଷ୍ଟିକ ବୋତଲ, ଦରପୋଡ଼ା ବିଡ଼ି, ସିଗାରେଟ ଏପରିକି ଖାଲି ମଦବୋତଲ ପ୍ରଦୂଷଣର ମୁଖ୍ୟ କାରଣ ପାଲଟିଛି । ପ୍ଲାଷ୍ଟିକ୍‌ର ମନମୁଖି ବ୍ୟବହାର ଫଳରେ ବିଶ୍ୱ ତାପମାତ୍ରା ଓ ରୋଗ ବଢ଼ିବା ସହିତ ବିଭିନ୍ନ ପ୍ରକାରର ପ୍ରାକୃତିକ ଦୁର୍ବିପାକ ଦେଖିବାକୁ ମିଳୁଛି । ଏପରି ଅବସ୍ଥା ହେଲାଣି ଯେ ନାନୋ ପ୍ଲାଷ୍ଟିକର ସୂକ୍ଷ୍ମ କଣିକା ବାଦଲରେ ଦେଖିବାକୁ ମିଳିଲାଣି । ଏମିତି ଦିନ ଆସିପାରେ ଯେ ଏହା ଚନ୍ଦ୍ରପୃଷ୍ଠରେ ବି ମିଳିପାରେ।

ପାହାଡ଼-ପର୍ବତକୁ ପ୍ରଦୂଷଣମୁକ୍ତ କରିବା ପାଇଁ ହିମାଳୟ ପାଦଦେଶରେ ଧୀରେ ଧୀରେ ଏକ ଆନ୍ଦୋଳନ ମୁଣ୍ଡ ଟେକିଛି । ୨୦୧୮ ରୁ ପ୍ରତିବର୍ଷ ହିମାଳୟ କ୍ଲିନ୍‌ଅପ୍‌ର ଆହ୍ୱାନରେ ପାର୍ବତୀୟ ରାଜ୍ୟଗୁଡ଼ିକର ସ୍ୱେଚ୍ଛାସେବୀମାନେ ଶତାଧିକ ସ୍ଥାନରେ ସଫେଇ କାର୍ଯ୍ୟ ଲାଗି ଏକଜୁଟ ହେଉଛନ୍ତି। ଏଥିରେ ସିକିମ ଏବଂ ଦାର୍ଜିଲିଂ ହିମାଳୟରେ ସର୍ବାଧିକ ସ୍ଥାନରେ ସଫେଇ କରାଯାଇଛି। ପାହାଡ଼ିଆ ଅଞ୍ଚଳରେ ବ୍ୟାପୁଥିବା ଆବର୍ଜନାର ସୁପରିଚାଳନା ପାଇଁ ଜନଜାଗରଣ ବିଶେଷଭାବରେ ସଚେତନ ବୁଦ୍ଧିଜୀବୀ ଆପଣା ସ୍ୱାର୍ଥର ଉର୍ଦ୍ଧ୍ୱକୁ ଉଠି ପରିବର୍ତ୍ତନର ସ୍ୱର ଉତ୍ତୋଳନ କରିବାର ସମୟ ଉପନୀତ । ଏହି ସମସ୍ୟା କେବଳ ଭାରତରେ ନୁହେଁ, ବିଶ୍ୱର ବିଭିନ୍ନ ପର୍ବତାଞ୍ଚଳରେ ଦେଖାଯାଉଛି। ପାହାଡ଼-ପର୍ବତ ପର୍ଯ୍ୟଟନ ଯେପରି ଆନନ୍ଦଦାୟକ ହେଉଛି, ସେହିପରି ପ୍ରକୃତି ଅନୁକୂଳ ହେବା ଉଚିତ।

**ପରିବେଶ ବିଜ୍ଞାନୀ**
**ମୋ:୯୪୩୮୬୨୧୩୯୧**

## ଏଇ ଭାରତରେ

ପଞ୍ଜାବର ଜଣେ କୃଷକ ଯୁମାନ୍ ସିଂ କାଉରା ଗାଜର ଚାଷକରି ବର୍ଷକୁ ୧ କୋଟି ଟଙ୍କା ରୋଜଗାର କରୁଛନ୍ତି। ୩୦ ବର୍ଷ ପୂର୍ବେ ସେ ଏହି ଚାଷ ଆରମ୍ଭ କରିଥିଲେ। ଏବେ କପୁରତାଲାର ପରମ୍‌ଜିତପୁର ଗାଁରେ ସେ ୮୦ ଏକର ଜମିରେ ଏହି ଚାଷ କରୁଛନ୍ତି। ଏହାବ୍ୟତୀତ ସେ ଏକ ସିଡ୍ ବ୍ୟାଙ୍କ ଖୋଲିଛନ୍ତି। ସେ ଅନ୍ୟ ଚାଷୀଙ୍କୁ ରିହାତି ମୂଲ୍ୟରେ ବିହନ ଯୋଗାଉଛନ୍ତି। ପ୍ରଥମେ ସେ ଗହମ, ଧାନ ଚାଷ କରୁଥିଲେ ଏବଂ ପରେ ୪ ଏକର ଜମିରେ ଗାଜର ଚାଷ ଆରମ୍ଭ କଲେ। ଏବେ ତାହାକୁ ସେ ୮୦ ଏକରରେ ପହଞ୍ଚାଇପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୧ ସେପ୍ଟେମ୍ବର ୧୯୭୬

- କେନ୍ଦ୍ର ସରକାର ୧୧ଟି ପାନ୍ତିକ କମ୍ପୋଷ୍ଟ କାରଖାନା ସ୍ଥାପନ ପାଇଁ ୧୦୦ ନିୟୁତ ଟଙ୍କା ମଞ୍ଜୁର କରିଛନ୍ତି।
- ଭିଏତ୍‌ନାମରୁ ଦୁଇଟି ଦଳରେ ମୋଟ ୪୪୭ ଜଣ ଭାରତୀୟ ଆନ୍ତର୍ଜାତିକ ରେଡକ୍ରସ ସଂସ୍ଥାର ବିମାନ ଯୋଗେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି।

## ଚିରନ୍ତନୀ

ସବୁ ଜୀବ-ଗ୍ରାମ
ପଥ ଛାଡ଼ି ଗୃହେ ଏବେ ଲୋଡ଼ଇ ବିଶ୍ରାମ
କ୍ଷୀଣସ୍ରୋତେ ଶୁଭ୍ର ବାଲି ପରେ
ସୁକୋମଳ ସାନ୍ଧ୍ୟ ଛାୟା ମୃଦୁ ମୃଦୁ ଝରେ ।
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତାର ପୁନଃ ନାମିତ ହେଉ

ମହାଶୟ,

ବିଗତ ବିଜେଡି ସରକାର ଶାସନ ସମୟରେ ଭୁବନେଶ୍ୱରର ଏକ ପ୍ରମୁଖ ରାସ୍ତାକୁ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ନାମରେ ନାମିତ କରାଯାଇଥିଲା । ମାତ୍ର ଦୁଃଖର ବିଷୟ, କିଛିଦିନ ପରେ ଏହି ରାସ୍ତାର ନାମ ବଦଳାଯାଇ ଜଣେ ବିଦେଶିନୀଙ୍କ ନାମରେ ନାମିତ କରାଗଲା । ଏଥିପାଇଁ ବହୁ ପ୍ରତିବାଦ କରାଯାଇଥିଲେ ମଧ୍ୟ ସରକାର କର୍ଣ୍ଣପାତ କରି ନ ଥିଲେ । ବର୍ତ୍ତମାନର ସରକାର ଏଥିପ୍ରତି ଦୃଷ୍ଟି ଦେବା ଦରକାର। ସରକାର ଏ ଦିଗରେ ବିହିତ ପଦକ୍ଷେପସ୍ୱରୂପ ପୂର୍ବରୁ ଅଭିମନ୍ୟୁଙ୍କ ନାମରେ ନାମିତ ହୋଇଥିବା ରାସ୍ତାକୁ ପୁନଶ୍ଚ ତାଙ୍କ ନାମରେ ନାମିତ କରି ଓଡ଼ିଆ ଅସ୍ମିତା ରକ୍ଷା କରନ୍ତୁ।

**-ଡ. ନିରଞ୍ଜନ ସାହୁ, ସାହୁପଡ଼ା, ବରୀ, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମହତ୍ୟା ଉଦ୍ୟମ

## ନିଯୁକ୍ତି ନ ପାଇ ନିରାଶ ଯୁବକଙ୍କ ବିଷପାନ ଉଦ୍ୟମ

ଢେଙ୍କାନାଳ,୧୦।୯(ରତନ ନାୟାର)


ଆତ୍ମହତ୍ୟା ଉଦ୍ୟମ କରିଥିବା ଯୁବକ ପ୍ରସନ୍ନ ନାୟକ

ଢେଙ୍କାନାଳ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ପରଜଙ୍ଗ ବ୍ଲକ ବାରିହାପୁର ଗ୍ରାମର ପ୍ରସନ୍ନ ନାୟକ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଇଜିଏସ ସେଣ୍ଟରରେ ନିଯୁକ୍ତି ନପାଇ ନିରାଶ ପ୍ରସନ୍ନ ବୋତଲ ଠିପି ଖୋଲି ବିଷପାନ ଉଦ୍ୟମ କରୁଥିବା ବେଳେ ଘଟଣା ସ୍ଥଳରେ ଟାଉନ ଥାନା ପୋଲିସ ପହଞ୍ଚି ବିଷ ବୋତଲକୁ ଜବତ କରିବା ସହ ଯୁବକଙ୍କୁ କାବୁକରି ନେଇଥିଲେ । ଯୁବକଙ୍କ ଅଭିଯୋଗରୁ ଜଣାପଡିଛି ଯେ, ୨୦୦୧ରେ ପରଜଙ୍ଗ ବ୍ଲକ ବାରିହାପୁର ଦଳିତ ବସ୍ତିରେ ପୂର୍ବର ଜିଲା ପ୍ରାଥମିକ ଶିକ୍ଷା ପ୍ରକଳ୍ପ ତଥା ବର୍ତ୍ତମାନର ସମଗ୍ର ଶିକ୍ଷା ପକ୍ଷରୁ ଏକ ଇଜିଏସ୍ ସେଣ୍ଟର କରିବା ପାଇଁ ପ୍ରସ୍ତାବ ରହିଥିଲା । ପ୍ରସନ୍ନ ଉକ୍ତ ସେଣ୍ଟରରେ ଇଜିଏସ୍ ଟିଚର ପାଇଁ ଆବେଦନ କରିଥିଲେ । ସେଥିପାଇଁ ତାଙ୍କୁ ୮ହଜାର ଟଙ୍କା ଲାଞ୍ଚ ମଧ୍ୟ ଦେବାକୁ ପଡିଥିଲା । ପ୍ରସନ୍ନ ଯୋଗ୍ୟ ଥାଇ ମଧ୍ୟ ତାଙ୍କୁ ସେଠାରେ ନିଯୁକ୍ତି ଦିଆ ନ ଯାଇ ଅନ୍ୟଜଣେ ଝିଅଙ୍କୁ ସେଠାରେ ନିଯୁକ୍ତି ଦିଆଯାଇଥିଲା। ଏହାପରଠାରୁ ପ୍ରସନ୍ନ ଡିପିଇପି ତଥା ବର୍ତ୍ତମାନର ସମଗ୍ର ଶିକ୍ଷା ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ, ବିଡିଓ ଓ ଜିଲାପାଳଙ୍କ ନିକଟକୁ ଦୌଡ଼ି ଦୌଡ଼ି ନିରାଶ ହୋଇଥିଲେ । ଏପରିକି ସେ ନ୍ୟାୟ ପାଇଁ ଅଦାଲତର ଦ୍ୱାରସ୍ଥ ହୋଇଥିଲେ । ଅଦାଲତଙ୍କ ନିର୍ଦ୍ଦେଶକୁ ପ୍ରଶାସନ ଅଣଦେଖା କରିଥିବା ପ୍ରସନ୍ନ କହିଛନ୍ତି। ବର୍ଷବର୍ଷ ଧରି ଦୌଡିବା ପରେ ମଧ ଜିଲ ଶିକ୍ଷା ଅଧିକାରୀ ଓ ଜିଲା ପ୍ରଶାସନ କେହି ତାଙ୍କ କଥା ଶୁଣିଲେ ନାହିଁ । ଶେଷରେ ସେ ହତାଶ ହୋଇ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି କହିଛନ୍ତି। ଘଟଣା ସମ୍ପର୍କରେ ପୋଲିସ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଫାଇଲ ଆଦିକୁ ଯାଞ୍ଚ କରାଯାଉଛି । ପ୍ରସନ୍ନଙ୍କୁ ଟାଉନ ଥାନାରେ ଅଟକ ରଖାଯାଇଛି । ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ କହିଛନ୍ତି ଯେ, ଇଜିଏସ ସେଣ୍ଟରରେ ନିଯୁକ୍ତି ନପାଇ ଆତ୍ମହତ୍ୟା ପାଇଁ ବିଷପାନ ଉଦ୍ୟମ କରୁଥିବା ଯୁବକଙ୍କୁ ଘଟଣା ସ୍ଥଳରୁ ଧରି ଆଣିଥିଲୁ । ତାଙ୍କଠାରୁ ବିଷ ବୋତଲ ଜବତ କରାଯାଇଛି । ଜିଲା ଶିକ୍ଷା ଅଧିକାରୀଙ୍କ ରିପୋର୍ଟକୁ ଭିତ୍ତିକରି ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ଦଫା-୨୨୬ ବିଏନ୍‌ଏସ୍ ଏବଂ ଉପ ଜିଲାପାଳଙ୍କ ଅଦାଲତରେ ଦଫା-୧୨୬ ବିଏନ୍‌ଏସ୍‌ରେ ତାଙ୍କୁ ପିଆର ବଣ୍ଡ ଦେବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏ ସଂକ୍ରାନ୍ତରେ ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି କହିଛନ୍ତି, ଇଜିଏସ୍ ସେଣ୍ଟର ସମ୍ପୃକ୍ତ ଅଞ୍ଚଳରେ ଆଜି ପର୍ଯ୍ୟନ୍ତ ଆରମ୍ଭ ହୋଇପାରିନାହିଁ। ତେଣୁ ତାଙ୍କୁ ନିଯୁକ୍ତି କିଭଳି ଦିଆଯାଇଥାନ୍ତା ବୋଲି ଜିଲା ଶିକ୍ଷା ଅଧିକାରୀ ପାଲଟା ପ୍ରଶ୍ନ ଉଠାଇଥିଲେ । ଏ ସଂକ୍ରାନ୍ତରେ ସମସ୍ତ ରିପୋର୍ଟ ଆମେ ଏସ୍‌ପିଙ୍କୁ ପ୍ରଦାନ କରିଛୁ ବୋଲି ଜିଲା ଶିକ୍ଷା ଅଧିକାରୀ କହିଛନ୍ତି।

# ବଳଦ ଯାତ୍ରା ପାଇଁ ଶାନ୍ତି କମିଟି ବୈଠକ




ଭୁବନ ୧୦।୯ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନରେ ଚଳିତ ବର୍ଷ ବଳଦଯାତ୍ରା ପାଇଁ ବୁଧବାର ଶାନ୍ତି କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶାନ୍ତିକମିଟି ସଭାପତି ତଥା କାମାକ୍ଷାନଗର ଉପଜିଲ୍ଲାପାଳ ଦିନମଣୀ ନାଏକ ସଭାପତିତ୍ୱ କରିଥିବା ବେଳେ ପୂର୍ବତନ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ତହସିଲଦାର ସୂର୍ଯ୍ୟ ଶଙ୍କର ଦାସ, କାମାକ୍ଷାନଗର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରଜନୀକାନ୍ତ ସାମଲ, ଦାୟିତ୍ୱରେ ଥିବା ନିର୍ବାହୀ ଅଧିକାରୀ ପ୍ରଦତ୍ତ ସାହୁ ଓ ଥାନା ଅଧିକାରୀ ଜିତେନ୍ଦ୍ର ମଲ୍ଲିକ ଉପସ୍ଥିତ ଥିଲେ। ପୂର୍ବବର୍ଷ ବୈଠକର ବିବରଣୀ ଓ କିପରି ଯାତ୍ରାକୁ ପରିଚାଳନା କରାଯାଇଥିଲା ସେ ସମ୍ପର୍କରେ ଏନଏସି କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ରନାଥ ସାହୁ ବିବରଣୀ ପାଠ କରିଥିଲେ। ବଳଦିଆ କମିଟିର ସଭାପତି ଦିଲ୍ଲିପ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କୁଞ୍ଜବିହାରୀ ଚିନାରା ପୂର୍ବବର୍ଷର ସମସ୍ୟା ଉପରେ ଆଲୋଚନା କରିଥିଲେ। ଚଳିତ ବର୍ଷ ଭୁବନରେ ୧୩ଟି ମଣ୍ଡପରେ ଦୁର୍ଗା ଓ ହରପାର୍ବତୀ ମେଢ଼ ପୂଜା କରାଯାଉଛି । ୨ ଦିନ ବଳଦ ଯାତ୍ରା ଅକ୍ଟୋବର ୨ ଓ ୩ ତାରିଖରେ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଥିଲା। ଅନୁକୁଳ ଯାତ୍ରାକୁ ଜଗନ୍ନାଥ ମନ୍ଦିର ନିକଟରେ ଉଦଘାଟନ କରାଯିବା ସହିତ ଭସାଣି ଯାତ୍ରା ୪ ତାରିଖ ଦିନ ସକାଳ ୭ ଘଣ୍ଟିକା ସମୟରେ ସମ୍ପୂର୍ଣ୍ଣ କରାଯିବା ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି। ଚଳିତ ବର୍ଷ ଡିଡେ ସାଉଣ୍ଡ ବନ୍ଦ କରାଯିବ ବୋଲି ସ୍ଥିର କରାଯାଇଛି। ଗ୍ରାମର ବରିଷ୍ଠ ସଦସ୍ୟ ନିରଞ୍ଜନ ପୃଷ୍ଟି, ବିଶ୍ୱନାଥ ସାହୁ, ମାତୃ ପ୍ରସାଦ ମିଶ୍ର, ଅଜୟ କୁମାର ସେଠୀ, ରାମଚନ୍ଦ୍ର ନାୟକ, ରାମଚନ୍ଦ୍ର ରାଉତ, ଶ୍ରୀଧର ବେହେରା, ନିରଞ୍ଜନ ଗୁରୁ, ଗିରାଧାରୀ ସାହୁଙ୍କ ସମେତ ସମସ୍ତ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

# କ୍ଷୀରୋଦ ସଭାପତି, ସଦାନନ୍ଦ ସମ୍ପାଦକ

## ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ୍ କାର୍ଯ୍ୟକାରିଣୀ ବୈଠକ

ଢେଙ୍କାନାଳ,୧୦।୯(ରତନ ନାୟାର)

ନିଖିଳ ଉତ୍କଳ ଇପିଏଫ୍ ପେନ୍‌ସନର୍ସ ଆସୋସିଏସନ୍ ଢେଙ୍କାନାଳ ଜିଲା କମିଟିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ବସ୍‌ଷ୍ଟାଣ୍ଡସ୍ଥିତ ଢେଙ୍କାନାଳ ଜିଲା ଲେଖକ ସଂସଦ ଭବନଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଜିଲା କମିଟି ସଭାପତି କ୍ଷୀରୋଦ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ କମିଟିର ସାଧାରଣ ସଂପାଦକ ମାୟାଧର ମଲ୍ଲିକ, ସଂଗଠନ ସମ୍ପାଦକ କସ୍ତୁରୀ ଚରଣ ସୁବୁଦ୍ଧି, ସଂଯୋଜକ ରାଜ କିଶୋର ସ୍ୱାଇଁ ଓ କୋଷାଧ୍ୟକ୍ଷ ଲକ୍ଷ୍ମଣ ନନ୍ଦ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଇପିଏଫ୍ ସର୍ବନିମ୍ନ ମାସିକ ପେନ୍‌ସନ୍ ୧୦୦୦ ରୁ ୯୦୦୦ ଟଙ୍କା ସହ ମହଙ୍ଗା ଭତ୍ତା ପ୍ରଦାନ ଏବଂ ୦୧.୦୯.୨୦୧୪ ପରର କର୍ମଚାରୀଙ୍କ ଉଚ୍ଚତମ ହାରରେ ପେନ୍‌ସନ୍ ପାଇବା ପାଇଁ ଆଲୋଚନା କରାଯାଇଥିଲା । ଜିଲା କମିଟିରେ କ୍ଷିରୋଦ କୁମାର ବେହେରା ସଭାପତି ଓ ସଦାନନ୍ଦ ସାହୁଙ୍କୁ ସମ୍ପାଦକ ଭାବେ ନିର୍ବାଚିତ କରାଗଲା। ସଂଘର ସଂଗଠକ ସଂପାଦକ ଭାବେ ଉତ୍କଳ ଆଜବେଷ୍ଟର କର୍ମଚାରୀ ଅମରେନ୍ଦ୍ର ସିଂଙ୍କୁ ଚୟନ କରାଯାଇଥିଲା । ସେ ତାଙ୍କ ବକ୍ତବ୍ୟରେ ଉଚ୍ଚତମ ପେନ୍‌ସନ୍ ପାଇବା ପାଇଁ ଇପିଏଫ୍ କେନ୍ଦ୍ରୀୟ କମିଶନରଙ୍କ ପାଖରେ ଦାବି କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ସଂଘର ଉପଦେଷ୍ଟା ସୁଶିଲ୍ କୁମାର ରାଉତ ସର୍ବନିମ୍ନ ପେନ୍‌ସନ୍ ଓ ଉଚ୍ଚତମ ପେନ୍‌ସନ୍ ପାଇଁ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ରାଜ୍ୟ କମିଟି ସଭାପତି ସଂଜୟ କୁମାର ରଥ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଉଦ୍‌ବୋଧନ ପ୍ରଦାନ କରି ଉପସ୍ଥିତ ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନୁଗୋଳ ଜିଲା କମିଟି ସଭାପତି ଦୁଃଖବନ୍ଧୁ ପଟ୍ଟନାୟକ ଯୋଗଦେଇ ସଭା ପରିଚାଳନାରେ ସହଯୋଗ କରିଥିଲେ। ସଭାପତି କ୍ଷିରୋଦ କୁମାର ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ ।

# କଂଗ୍ରେସର ସଂଗଠନ ସୃଜନ ଅଭିଯାନ




କାମାକ୍ଷାନଗର,/ଭୁବନ, ୧୦।୯ (ସୁଧୀର କୁମାର ପରିଡ଼ା/ବିପିନ ବିହାରୀ ସେଠୀ)

କାମାକ୍ଷାନଗରଠାରେ କଂଗ୍ରେସ ଦଳ ତରଫରୁ ସଂଗଠନ ସୃଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସହରର କଲ୍ୟାଣମଣ୍ଡପ ଠାରେ ଏ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଖିଳ ଭାରତୀୟ କଂଗ୍ରେସ କମିଟି ତରଫରୁ ଓଡିଶା ପାଇଁ ସଂଗଠନ ସୃଜନ ଅଭିଯାନର ପର୍ଯ୍ୟବେକ୍ଷକ ତଥା କେରଳର ଏମପି ଡିନ କୋଷିକୋଷ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପ୍ରଦେଶ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ସନ୍ତୋଷ ସିଂ ସାଲୁଜା, କିଶୋର ଜେନା, ଜୟନ୍ତ ଭୋଇ ପ୍ରମୁଖ ଉପସ୍ଥିତ ରହି ସଂଗଠନ ସୃଜନ ଅଭିଯାନ ସମ୍ପର୍କରେ ଉପସ୍ଥିତ କର୍ମୀମାନଙ୍କୁ ସମ୍ବୋଧିତ କରିଥିଲେ। ତୃଣମୂଳ ସ୍ତରରୁ ଏକ ଆଦର୍ଶ ଓ ସୁସ୍ଥ ଗଣତନ୍ତ୍ରର ବାର୍ତ୍ତା ନେଇ କଂଗ୍ରେସ ଏହି କାର୍ଯ୍ୟକ୍ରମ ଆଗେଇ ନେଉଥିବା ବେଳେ ଏହା ମାଧ୍ୟମରେ ବିଭିନ୍ନ ଜିଲ୍ଲା ସଭାପତିଙ୍କୁ ଚୟନ କରାଯିବା ନେଇ ମତଦାନ କରାଯାଉଛି। ସମସ୍ତଙ୍କ ସହଯୋଗ ଫଳରେ କିପରି ଆଗାମୀ ସମୟରେ କଂଗ୍ରେସର ଭିତ୍ତିଭୂମି ଦୃଢ଼ କରାଯିବ ସେ ନେଇ କର୍ମୀମାନଙ୍କୁ ଏକହୋଇ ଲଢ଼େଇ କରିବା ପାଇଁ ପରାମର୍ଶ ଦିଆଯାଇଛି । ଏହି ଅବସରରେ କାମାକ୍ଷାନଗର ବ୍ଲକର ବିଭିନ୍ନ ପଞ୍ଚାୟତ ତଥା ଏନଏସିର ବହୁ କଂଗ୍ରେସ କର୍ମୀ ଯୋଗଦେଇଥିଲେ । କଂଗ୍ରେସର ଜିଲ୍ଲା ସଭାପତି ପାଇଁ ମତଦାନ ।

ସେହିପରି ଭୁବନ ବାଜି ରାଉତ କଲ୍ୟାଣ ମଣ୍ଡପରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ କମିଟି ସଂଯୋଜକ ଛିୟାଜ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ମାନସ କୁମାର କର, ବିପ୍ରବର ସାହୁ, ବିନୋଦ ମହାରଣା ଓ ନଗର କଗ୍ରେସ କମିଟି ସଭାପତି ମନୋଜ କୁମାର ସାହୁ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧନା



ସାତମାଇଲ, ୧୦।୯ (ସୁଶାନ୍ତ ପତି)

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ହରିହର ଦେହୁରୀଙ୍କୁ ନୂତନ ପେନସନଭୁକ୍ତ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରକାଶ କୁମାର ପ୍ରଧାନ, ସଞ୍ଜୟ କୁମାର ନାୟକ, ଦ୍ୱିତୀକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ସଭାପତି ବିରଞ୍ଚି ନାରାୟଣ ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉପସଭାପତି ବିଦ୍ୟାଧର ବେହେରା, ସଂପାଦକ ନିର୍ମଳ କୁମାର ବେହେରା, ଉପଦେଷ୍ଟା ଅଶୋକ କୁମାର ଆଚାର୍ଯ୍ୟ, ରଣଜିତ ସାହୁ, ଦିଲ୍ଲୀପ କୁମାର ବେହେରା ଓ ଗଗନ ମହାଲିକ ପ୍ରମୁଖ ଯୋଗଦେଇଥିଲେ।

# ଶିଶୁ ମଙ୍ଗଳ ସମିତି ଓ ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ତଦନ୍ତ

## ଦୃଷ୍ଟିହୀନ ଛାତ୍ରଙ୍କୁ ହାତ ମୋଡ଼ିଦେବା ଘଟଣା

ଢେଙ୍କାନାଳ,୧୦।୯(ରତନ ନାୟାର)

ଢେଙ୍କାନାଳ ସହର କଣ୍ଟାନାଳୀ ବାଇପାସ ଛକ ନିକଟରେ ଥିବା ଦୃଷ୍ଟିହୀନ ବଧିର ବିଦ୍ୟାଳୟରେ ମଙ୍ଗଳବାର ଜଣେ ୪ର୍ଥ ଶ୍ରେଣୀ ଦୃଷ୍ଟିହୀନ ଛାତ୍ରଙ୍କୁ ବିଦ୍ୟାଳୟ ପରିଚାଳନା କମିଟିର କୋଷାଧ୍ୟକ୍ଷ ସଦସ୍ୟ ତାଙ୍କ ହାତ ମୋଡି ତଳେ ପକାଇଦେବା ଘଟଣାକୁ ନେଇ ଶିଶୁ ମଙ୍ଗଳ ସମିତି ଓ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ବୁଧବାର ତଦନ୍ତ ଆରମ୍ଭ ହୋଇଛି । ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ପୁଷ୍ପକ ତ୍ରିପାଠୀ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଶିଶୁ ମଙ୍ଗଳ ସମିତିର ସଦସ୍ୟା କୃଷିଦା ବେଗମଙ୍କ ସହ ଘଟଣାସ୍ଥଳକୁ ଯାଇ ସମ୍ପୃକ୍ତ ଦୃଷ୍ଟିହୀନ ଛାତ୍ରଙ୍କ ସମେତ ଅନ୍ୟ ଛାତ୍ରମାନଙ୍କୁ ପଚରାଉଚରା କରି ତଦନ୍ତ କରିଥିଲେ । ଏହି ଅବସରରେ ପରିଚାଳନା କମିଟିର ସମ୍ପାଦକ ବିଶ୍ୱନାଥ ବେହେରା ଉପସ୍ଥିତ ଥିଲେ । ଏ ସଂକ୍ରାନ୍ତରେ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ପୁଷ୍ପକ ତ୍ରିପାଠୀ କୁହନ୍ତି ଯେ, ଅଭିଯୋଗ ପାଇ ଘଟଣାର ତଦନ୍ତ କରାଯାଇଛି। ସମ୍ପୃକ୍ତ ଛାତ୍ର ଓ ଆହତ ଛାତ୍ରମାନଙ୍କୁ ପଚରାଯାଇଛି । ଆହତ ଛାତ୍ରଟି ଘଟଣା ସମ୍ପର୍କରେ ସେମାନଙ୍କୁ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ । ଏହି ତଦନ୍ତ ରିପୋର୍ଟ ଆମେ ଜିଲାପାଳ ଓ ଏସ୍‌ପିଙ୍କୁ ପ୍ରଦାନ କରିବୁ।

# ଅର୍ଥନୀତି ବିଭାଗର ସ୍ୱାଗତ ଉତ୍ସବ




କାମାକ୍ଷାନଗର, ୧୦।୯ (ସୁଧୀର କୁମାର ପରିଡ଼ା)

ମଠକରଗୋଳା ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ପକ୍ଷରୁ ନବାଗତମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦାଶ ସଭାପତିତ୍ୱ କରିଥିଲେ। ବିଭାଗୀୟ ମୁଖ୍ୟ ଅଜୟ କୁମାର ଦାସ ଦିବସର ମାହାତ୍ମ୍ୟ ବିଷୟରେ ଆଲୋଚନା କରିଥିଲେ। ବାଣିଜ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ସୁଧାଂଶୁ ଶେଖର ପାତ୍ର ଛାତ୍ରୀଛାତ୍ରମାନେ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଇଥିଲେ। ଆଭ୍ୟନ୍ତରୀଣ ଗୁଣବତ୍ତା ପ୍ରକୋଷ୍ଠର ସଂଯୋଜିକା ଅଧ୍ୟାପିକା ସ୍ୱପ୍ନିତା ରାଉତ ଛାତ୍ରୀଛାତ୍ରମାନେ ପ୍ରତିଦ୍ୱନ୍ଦିତାମୂଳକ ପରୀକ୍ଷାରେ ସଫଳତା ହାସଲ ନିମନ୍ତେ ମାର୍ଗଦର୍ଶନ କରାଇଥିଲେ। ଗଣିତ ବିଭାଗର ମୁଖ୍ୟ ପ୍ରଫେସର କୈଳାଶ ଚନ୍ଦ୍ର ପାତ୍ର ଅର୍ଥନୀତି ବିଷୟର ଉତ୍କର୍ଷତା ଓ ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିଥିଲେ। ଅର୍ଥନୀତି ବିଭାଗର ଅଧ୍ୟାପିକା ଶ୍ରଦ୍ଧାଞ୍ଜଳି ସ୍ୱାଇଁ ଅର୍ଥଶାସ୍ତ୍ର ସମ୍ବନ୍ଧୀୟ ପାଠ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ବିଭାଗର ସମସ୍ତ ଛାତ୍ରୀଛାତ୍ରଙ୍କ ସହ ମହାବିଦ୍ୟାଳୟର ଅଧିକାଂଶ ଅଧ୍ୟାପକ ଅଧ୍ୟାପିକା ପ୍ରତିଭା ମଞ୍ଜରୀ ଦାଶ, ସବିତା ଦେହୁରୀ, ଅର୍ଚ୍ଚିତା ମହାମାନସିଂ, ବିଦ୍ୟାବତୀ ରାଜୀନ୍ଦ୍ର, ଲଳିତ କୁମାର ବେହେରା, ଫକୀର ମୋହନ ଲେଙ୍କା ଓ ରଣଜିତ ସ୍ୱାଇଁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀ ରୁବିନା ପାଣି ଓ ସୋଦାମିନୀ ପଣ୍ଡା ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମନ୍ଦିର କମିଟି ପକ୍ଷରୁ ଚାରା ରୋପଣ



ପରଜଙ୍ଗ, ୧୦।୯ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ ରେଣ୍ଟାପାଟ ପଞ୍ଚାୟତ ଗେଙ୍ଗୁଟିଆ ଗ୍ରାମର ହନୁମାନ ମନ୍ଦିର କମିଟି ପକ୍ଷରୁ ଦ୍ୱିତୀୟ ଥର ପାଇଁ ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ରମେଶ ମାଟିଆ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଆଶିଷ ପଣ୍ଡା ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ହନୁମାନ ମନ୍ଦିର କମିଟିର ମୁଖ୍ୟ କାର୍ଯ୍ୟକର୍ତ୍ତା ଦୀପକ ରାଉତ ଓ କାଳିଆ ବେହେରା ପରିଚାଳନା କରିଥିଲେ। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଚାରା ବ୍ରାହ୍ମଣୀ ନଦୀ କୂଳରେ ଲଗାଇଥିଲେ। ମୁଖ୍ୟ ଅତିଥି ଉପସ୍ଥିତ ପିଲାମାନଙ୍କୁ ଗଛର ଉପକାରିତା ଓ ଗଛର ପରିବେଶ ପାଇଁ ଥିବା ଭୂମିକା ଉପରେ ବୁଝାଇଥିଲେ।

# ନିଶା ନିବାରଣ, କନ୍ୟାଭ୍ରୂଣ ହତ୍ୟା ନେଇ ପଥପ୍ରାନ୍ତ ନାଟକ



ପରଜଙ୍ଗ, ୧୦।୯ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରାଙ୍ଗ ସ୍ଥିତ ପିଏମଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବିଦ୍ୟାଳୟର ଶିକ୍ଷକ ଡଃ ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ଦ୍ୱାରା ଲିଖିତ ଓ ନିର୍ଦ୍ଦେଶିତ ଏବଂ ୨୫ ଜଣ ବିଦ୍ୟାର୍ଥୀଙ୍କ ଦ୍ୱାରା ନିଶା ନିବାରଣ ଏବଂ କନ୍ୟାଭ୍ରୂଣ ହତ୍ୟା ଉପରେ ଦୁଇଟି ନାଟକ ଅଭିନୟ କରି ପଥପ୍ରାନ୍ତ ଦର୍ଶକ ଏବଂ ଜଟିଆ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ବିଦ୍ୟାଳୟର ଆଚାର୍ଯ୍ୟା ଡ଼ଃ ପ୍ରତିମା ମିଶ୍ର ବିଦ୍ୟାର୍ଥୀଙ୍କର ଏହି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦିଗରେ ବିଦ୍ୟାଳୟର ଶିକ୍ଷକ ଅଶୋକ କୁମାର ମହାନ୍ତି, ଶୈଳେନ୍ଦ୍ର ଶର୍ମା, ନିରୁପମା ଭଞ୍ଜ, ରାଜେନ୍ଦ୍ର ବେହେରା ଏବଂ ବିଦ୍ୟାଳୟର ଏନସିସି ଛାତ୍ରୀଛାତ୍ର ସହଯୋଗ କରିଥିଲେ।

# ସୁରକ୍ଷା ଦାବିରେ ୧୩ ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ

ଢେଙ୍କାନାଳ,୧୦।୯(ରତନ ନାୟାର)



## ଜଙ୍ଗଲ ଲୁଟୁଛନ୍ତି ଚୋରା କାଠ ବ୍ୟବସାୟୀ

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଷଡଙ୍ଗୀ ରେଞ୍ଜ୍ ଯୋରନ୍ଦା ସେକ୍ସନ ଅଧିନସ୍ଥ ନୂଆକାଟେଣୀଠାରେ ଜଙ୍ଗଲ ଜମି ଉପରେ ଚୋରା କାଠ ବ୍ୟବସାୟୀଙ୍କ ନଜର ପଡିଛି । ଫଳରେ ପୁରୁଷାନୁକ୍ରମେ ଉକ୍ତ ଜଙ୍ଗଲକୁ ଗ୍ରାମବାସୀମାନେ ସୁରକ୍ଷା ଦେଇ ଆସୁଥିବା ବେଳେ ଏହି ସବୁଜିମା ଜଙ୍ଗଲକୁ ଶ୍ରୀହୀନ କରିବାକୁ ବସିଛନ୍ତି ଚୋରା କାଠ ବ୍ୟବସାୟୀ । ଏହାର ପ୍ରତିବାଦରେ ସ୍ଥାନୀୟ ବାଇଶିଆ ଓ ରାଇତଳା ଗ୍ରାମ ପଞ୍ଚାୟତର ବନ ସୁରକ୍ଷା ଅଧିନରେ ଥିବା ଅଧିବାସୀମାନେ ମେଳି ବାନ୍ଧିଛନ୍ତି । ଇତିମଧ୍ୟରେ ବାଇଶିଆ ପଞ୍ଚାୟତର ଆମ୍ବବାହାଲିଠାରେ ଅନୁଷ୍ଠିତ ହୋଇଥିବା ଏକ ମହାସମାବେସରେ ତୁରନ୍ତ ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଗ୍ରାମବାସୀମାନେ ପ୍ରଶାସନକୁ ଅନୁରୋଧ କରିଥିବା ବେଳେ ଜଙ୍ଗଲ ସୁରକ୍ଷା ଦାବିରେ ଆବଶ୍ୟକ ପଡିଲେ ୧୩ ଗ୍ରାମର ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

ଅଭିଯୋଗରୁ ଜଣାପଡିଛି ଯେ, ବାଇଶିଆ ଓ ରାଇତଳା ପଞ୍ଚାୟତର ୧୩ଟି ଗ୍ରାମର ଅଧିବାସୀ ୧୯୮୦ରୁ ଶାଳ ଜଙ୍ଗଲକୁ ଜଗାରଖା କରିଆସୁଛନ୍ତି । ରାଇତଳା ଓ ଅଶ୍ୱଖୋଲା ସଂରକ୍ଷିତ ଜଙ୍ଗଲକୁ ନେଇ ବାଇଶିଆ ଗ୍ରାମପଞ୍ଚାୟତରେ ବନ ସୁରକ୍ଷା କମିଟି ଗଠିତ ହୋଇଛି । ବନୀକରଣ ମଧ୍ୟ ହୋଇଛି । ୨୦୨୩-୨୪ରେ ବନ ବିଭାଗ ପକ୍ଷରୁ ଏହି ଅଞ୍ଚଳରେ ଲକ୍ଷାଧିକ ଟଙ୍କାର ବନୀକରଣ କରାଯାଇଛି । ଗତ ୧ ତାରିଖରେ ଲଗାଣ ବର୍ଷା ସମୟରେ କଟକ ଅଡଶପୁର ଅଞ୍ଚଳର ଜଣେ ବ୍ୟକ୍ତି ତହସିଲ ଓ ବନ ବିଭାଗ ଅଧିକାରୀମାନଙ୍କ ସହ ସଲାସୁତରା କରି ବନ ସୁରକ୍ଷା ସମିତି ଅଜାଣତରେ ଜାଗା ଚିହ୍ନଟ କରି ୧୦ଏକର ଜଙ୍ଗଲରୁ ଶାଳ ଓ ଚାକୁଣ୍ଡା ଗଛ ଆଦି କାଟି ନେଇଛନ୍ତି । ଏହାର ୪ଦିନ ପରେ ଏ ସଂକ୍ରାନ୍ତରେ ବନ ବିଭାଗକୁ ଜଣାଇଥିଲେ । ଏପରିକି ସମ୍ପୃକ୍ତ ବ୍ୟକ୍ତି ନିକଟରେ ଏକ ଫାର୍ମ ହାଉସ କରି ବନ୍ୟପ୍ରାଣୀ ଶିକାର କରୁଥିବା ଗ୍ରାମବାସୀ ଅଭିଯୋଗ କରନ୍ତି। ଏହାକୁ ନେଇ ସୋମବାର ଆମ୍ବବାହାଲିଠାରେ ଖଙ୍କର, ଆମ୍ବବାହାଲି, କାଠପାଳ, ବାଇସିଆ, କଙ୍କା, ବହ୍ଲବ, ବୁଢାଖୁଆ, ଜୋଲୁଆ, ବଜୁରିଆ, ବ୍ରହ୍ମପୁରା, ବାଲିଯୋରନ୍ଦା, ରାଇପୁର ଆଦି ମୌଜାର ଲୋକମାନେ ଏକାଠି ହୋଇ ଘଟଣାର ପ୍ରତିବାଦ କରିଥିଲେ । ଖବରପାଇ ଯୋରନ୍ଦା ସେକ୍ସନ ଫରେଷ୍ଟର ଗଦାଧର ସାହୁ ପ୍ରତିବାଦ ସ୍ଥଳରେ ପହଞ୍ଚି ଜଙ୍ଗଲକୁ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ । ଏହି ବୈଠକରେ ବାଇଶିଆ ଗ୍ରାମପଞ୍ଚାୟତ ବନ ସୁରକ୍ଷା ସମିତି ସଭାପତି ଅଭିରାମ ପଣ୍ଡା, ପୂର୍ବତନ ସରପଞ୍ଚ ସୁବୋଧ କୁମାର ପଣ୍ଡା, ରାଜେନ୍ଦ୍ର ମୋହନ ପତି, ରବିନ୍ଦ୍ର ତରାଇ, ପ୍ରସନ୍ନ ନାୟକ, ଶିବ ବେହେରା, ନିରଞ୍ଜନ ପ୍ରଧାନ, ଅମିନ ଦେହୁରୀ, ଦୁର୍ଗାଚରଣ ନାୟକ, ପ୍ରସନ୍ନ ସାମଲ, ଟଙ୍ଗଧର ତରାଇ, ଗୋବିନ୍ଦଚନ୍ଦ୍ର ସ୍ୱାଇଁ ଓ ଅଭୟ କୁମାର ପାଣିଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ ବୋଲି ବନ ସୁରକ୍ଷା ସମିତି ପକ୍ଷରୁ ସୂଚନା ଦିଆଯାଇଛି ।

## ସଂକ୍ଷେପରେ

### ପରକୀୟା ପ୍ରୀତି ସନ୍ଦେହ ଶୋଇଥିବା ଅବସ୍ଥାରେ ସ୍ୱାମୀଙ୍କୁ ହତ୍ୟା

କେନ୍ଦୁଝର,୧୦।୯(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସଦର ଥାନା କାଉଁରୀକଳା ପଞ୍ଚାୟତ ଅଧୀନ ଖୁଣ୍ଟାପଡା ଗ୍ରାମରେ ସୋମବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ପରକୀୟା ପ୍ରୀତି ସନ୍ଦେହରେ ସ୍ୱାମୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି ସ୍ତ୍ରୀ। ଏହି ଘଟଣାରେ ସଦର ପୋଲିସ ସ୍ତ୍ରୀ ମମତା ନାଏକ(୨୧)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ମୁନା ମୁଣ୍ଡା ଓ ମମତାଙ୍କର ଦେଢବର୍ଷ ତଳେ ବିବାହ ହୋଇଥିଲା। ତାଙ୍କର ଏକ ୩ ମାସର ଶିଶୁପୁତ୍ର ଅଛି। ପରକୀୟା ପ୍ରୀତି ନେଇ ମୁନାଙ୍କୁ ସବୁବେଳେ ମମତା ସନ୍ଦେହ କରିଆସୁଥିଲେ। ସୋମବାର ରାତିରେ ମୁନା ଶୋଇଥିବାବେଳେ ମମତା ତାଙ୍କ ବେକକୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ମୁନାଙ୍କ ମୃତ୍ୟୁ ହୋଇଯାଇଥିଲା। ମୁନାଙ୍କ ବଡଭାଇ ଟୁନା ଏ ସମ୍ପର୍କରେ ପୋଲିସକୁ ସୂଚନା ଦେଇଥିଲେ। ସଦର ପୋଲିସ ଟୁନାଙ୍କ ଏତଲାକୁ ଭିତ୍ତି କରି ଏକ ମାମଲା(ନଂ. ୫୨୪/୨୦୨୫) ରୁଜୁ କରି ମମତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ଢେଙ୍କିକୋଟ,୧୦।୯(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲ୍ଲା ଢେଙ୍କିକୋଟ୍ ଫରେଷ୍ଟ ସେକ୍ସନ ପିପିଳିଆ ଫରେଷ୍ଟ ବିଟ ହାଉସ ଅନ୍ତର୍ଗତ ମଥୁରାପଶି ଗ୍ରାମରେ ବୁଧବାର ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଯୁବକ ହେଲେ ଗ୍ରାମର ନିତ୍ୟାନନ୍ଦ ମହାନ୍ତ(୪୮)। ସେ ଭୋର ୫ଟା ବେଳେ ଘର ନିକଟସ୍ଥ ଜଙ୍ଗଲକୁ ଶୌଚ ହେବା ପାଇଁ ଯାଇଥିଲେ। ଏହି ସମୟରେ ତାଙ୍କୁ ପଛପଟୁ ଭାଲୁ ଆକ୍ରମଣ କରିଥିଲା। ନିତ୍ୟାନନ୍ଦ ଭାଲୁ ସହ ସଂଘର୍ଷ କରିଥିଲେ ହେଁ ଭାଲୁ ତାଙ୍କ ମୁହଁ, ମୁଣ୍ଡ, ଦେହ, ହାତ ଗୋଡ଼ରେ କ୍ଷତାକ୍ତ କରି ଛାଡ଼ି ଜଙ୍ଗଲ ଭିତରକୁ ଚାଲିଯାଇଥିଲା। ଗୁରୁତର ଅବସ୍ଥାରେ ନିତ୍ୟାନନ୍ଦଙ୍କୁ ଗ୍ରାମବାସୀ ଉଦ୍ଧାର କରି ଫରେଷ୍ଟ ଗାର୍ଡ ମିନା ଲାଗୁରିଙ୍କୁ ଖବର ଦେଇଥିଲେ। ଗାର୍ଡ ଓ ଢେଙ୍କିକୋଟ ଫରେଷ୍ଟର ନଗେନ୍ଦ୍ର ଜେନା ପହଞ୍ଚି ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଏ ନେଇ ଢେଙ୍କିକୋଟ ଫରେଷ୍ଟର ଜେନା କହିଛନ୍ତି, ଆହତଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାରଙ୍କ ତରଫରୁ ବହନ କରାଯିବ। ନିୟମ ଅନୁଯାୟୀ ଆର୍ଥିକ ସହାୟତା ରାଶି ଦିଆଯିବ।

# ବାରଣ ସତ୍ତ୍ୱେ ଭାରିଯାନ ଚଳାଚଳ

## ନରଣପୁର-ହରିଚନ୍ଦନପୁର ରାସ୍ତା

କେନ୍ଦୁଝର,୧୦।୯(ନରେଶ ଚନ୍ଦ୍ର ପଟ୍ଟନାୟକ):

କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟ ନରଣପୁର-ହରିଚନ୍ଦନପୁର ରାସ୍ତାରେ ବାରଣ ସତ୍ତ୍ୱେ ଭାରିଯାନ ଚଳାଚଳ ହେଉଛି। ପ୍ରଶାସନ ପକ୍ଷରୁ ନରଣପୁର ନିକଟରେ ସୂଚନା ଫଳକ ଲଗାଯାଇଥିଲେ ମଧ୍ୟ କେହି ନିୟମ ମାନୁନାହାନ୍ତି। ଉଭୟ ପାର୍ଶ୍ୱରୁ ବହୁ ସଂଖ୍ୟାରେ ଖଣିଜପଥର ବୋଝେଇ ଟ୍ରକ୍ ଚଳାଚଳ କରୁଛି। ଏ ନେଇ ଅଭିଯୋଗ ପରେ ବି କେହି ଶୁଣୁ ନ ଥିବାରୁ ସ୍ଥାନୀୟ ଲୋକେ ଅସୁରକ୍ଷିତ ମନେ କରିବା ସହ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଥିବା କହିଛନ୍ତି।

ପ୍ରକାଶ ଯେ, ୨୦ ନଂ. ଜାତୀୟ ରାଜପଥରେ ଭାରିଯାନ ଚଳାଚଳ କରୁଥିବାରୁ ଲୋକେ ସୁରକ୍ଷା ଦୃଷ୍ଟି କୋଣରୁ ନରଣପୁର-ହରିଚନ୍ଦନପୁର-ଡୁବୁରି ରାସ୍ତାରେ କଟକ, ଭୁବନେଶ୍ୱର, ପାରାଦୀପ



ନରଣପୁର-ହରିଚନ୍ଦନପୁର ରାସ୍ତାରେ ଚଳାଚଳ କରୁଥିବା ଭାରିଯାନ।

ଆଦି ଅଞ୍ଚଳକୁ ଯିବା ଆସିବା କରିଥାନ୍ତି। ଅନେକ ସଂଖ୍ୟାରେ ଟ୍ରକ୍ ଚଳାଚଳ ଯୋଗୁ ଏନ୍ଏଚ୍ ୨୦ ଭାଙ୍ଗିଯାଇ ମରଣଯନ୍ତା ପାଲଟିଯାଇଥିଲା। ସେ ସମୟରେ ତତ୍କାଳୀନ ଜିଲାପାଳ ସୁଶୀଲ ଲୋହାନୀ ରାସ୍ତାର ଉନ୍ନତିକରଣ ଓ ସମ୍ପ୍ରସାରଣ କରିଥିଲେ। ରାସ୍ତାରେ ରାମଚନ୍ଦ୍ରପୁର ନିକଟରେ ଏକ କାରଖାନା ପ୍ରତିଷ୍ଠା ହୋଇଥିବାରୁ ଦୈନିକ ବହୁ ସଂଖ୍ୟାରେ ଟ୍ରକ୍ ଚଳାଚଳ କରୁଛି। ରାସ୍ତାକଡ଼ରେ ବହୁ ଗ୍ରାମ ରହିଥିବାରୁ ଭାରୀଯାନ ଚଳାଚଳ କଲେ ଦୁର୍ଘଟଣା ଘଟିବା ସହ ରାସ୍ତା ନଷ୍ଟ ହେବା ସମ୍ଭାବନା ରହିଛି। ଏହାକୁ ନଜରରେ ରଖି ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଥିଲା। ଏ ନେଇ ପ୍ରଶାସନ ପକ୍ଷରୁ ସୂଚନା ଫଳକ ମରାଯାଇଛି। ମାତ୍ର ଭାରିଯାନଗୁଡ଼ିକ ନିୟମକୁ ଭ୍ରୂକ୍ଷପ ନ କରି ଯାତାୟାତ କରୁଛନ୍ତି। ସେହିପରି ହରିଚନ୍ଦନପୁର ଦେଇ ଅପରପାର୍ଶ୍ୱରୁ ମଧ୍ୟ ବହୁ ଟ୍ରକ୍ କେନ୍ଦୁଝର ଆଡକୁ ଆସୁଥିଲେ ହେଁ ରୋକାଯାଉନାହିଁ । ଏପରିକି ପୋଲିସ ବିଭାଗ ପକ୍ଷରୁ ରାସ୍ତାରେ ଗାଡ଼ି ଚେକିଂ କରି ଦୁଇ, ଚାରି ଚକିଆ ଗାଡ଼ିଗୁଡିକୁ ଯାଞ୍ଚ କରି ଫାଇନ ଆଦାୟ କରାଯାଉଛି। ଟ୍ରକ୍‌ଗୁଡିକୁ ଯାଞ୍ଚ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରିବର୍ତ୍ତେ ସୁରକ୍ଷିତ ଛାଡ଼ି ଦେଉଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ତେଲ ବଞ୍ଚାଇବାକୁ ଅନେକ ଟ୍ରକ ଏହି ରାସ୍ତାରେ ଅବାଧରେ ଚଳାଚଳ କରୁଛି। ଭାରିଯାନ ଚଳାଚଳ କାରଣରୁ ରାସ୍ତାର ଅନେକ ସ୍ଥାନ ଦବି ଯାଇ ବିପଦପୂର୍ଣ୍ଣ ହୋଇ ପଡ଼ିଥିବା ବେଳେ ଭାଙ୍ଗି ଗଲାଣି। ପ୍ରଶାସନ ପକ୍ଷରୁ ଲଗାଯାଇଥିବା ସୂଚନା ଫଳ ହଟାଇ ସବୁ ଗାଡ଼ିକୁ ଯିବା ଆସିବା ପାଇଁ ଅନୁମତି ଦିଆଯାଉ, ନ ଚେତ ସମ୍ପୂର୍ଣ୍ଣ କଟକଣା ଲାଗୁ କରାଯାଉ ବୋଲି ଉତ୍ତମ କୁମାର ସାହୁ କହିଛନ୍ତି। ବରିଷ୍ଠ ଆଇନଜୀବୀ ଅଶୋକ ଦାସ କହିଛନ୍ତି, ରାସ୍ତାଟି ଜିଲାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରାସ୍ତା। ରାସ୍ତାରେ ବହୁ ବସ୍, ଚାରି ଚକିଆ ଯାନ ସୁରକ୍ଷିତ ଚଳାଚଳ କରିଥାଏ। ଲୋକଙ୍କ ଯାତାୟାତ ସୁରକ୍ଷିତ କରିବା ପାଇଁ ପ୍ରଶାସନ ପଦକ୍ଷେପ ନେବା ଜରୁରୀ।

# ଦୋଷୀଙ୍କୁ ୨୦ବର୍ଷ ଜେଲ

## ନାବାଳିକା ବଳାତ୍କାର ମାମଲା

କେନ୍ଦୁଝର,୧୦।୯(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର):

କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟରେ ବୁଧବାର ଏକ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ବିଜୟ କୁମାର ମିଶ୍ର ମାମଲାର ବିଚାର କରି ବେତନଟି ଥାନା ଅନ୍ତର୍ଗତ ଅଭିଯୁକ୍ତ ଶୁଭେନ୍ଦୁ ପ୍ରଧାନ(୩୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧ବର୍ଷ ସଶ୍ରମ କାରାଦଣ୍ଡ ରାୟ ଶୁଣାଇଛନ୍ତି।

ମାମଲା ବିବରଣୀ ଅନୁଯାୟୀ, ୧୭ ବର୍ଷୀୟା ନାବାଳିକା ୨୦୨୩ ଅପ୍ରେଲ ୧୧ରେ କଲେଜ ଯାଉଥିବା ସମୟରେ ଶୁଭେନ୍ଦୁ ଅପହରଣ କରିନେଇଥିଲେ। ପରିବାର ଲୋକେ ପାଟଣା ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ. ୬୨/୨୩)ରୁଜୁ କରି ପୀଡ଼ିତାଙ୍କୁ ବେଙ୍ଗାଲୁରୁରୁ ଉଦ୍ଧାର କରିଥିଲା। ସେହି ସମୟରେ ଅଭିଯୁକ୍ତ ଚମ୍ପଟ ମାରିଥିଲେ। ପରେ ଅଭିଯୁକ୍ତଙ୍କୁ ଭୁବନେଶ୍ୱର ରେଳଷ୍ଟେଶନ ନିକଟରୁ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କୋର୍ଟଚାଲାଣ କରିଥିଲା। ବିଚାରପତି ୧୫ଜଣ ସାକ୍ଷୀ ଓ ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତି କରି ଉପରୋକ୍ତ ରାୟ ଶୁଣାଇଛନ୍ତି। ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ଜିଲା ଆଇନସେବା ପ୍ରାଧିକରଣକୁ ସୁପାରିଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ପେସାଲ ପିପି ଜ୍ଞାନେନ୍ଦ୍ରନାଥ ଜେନା ମାମଲା ପରିଚାଳନା କରୁଥିଲେ।

# ସାହିତ୍ୟିକ ନିରଞ୍ଜନ ନାୟକଙ୍କ ଶ୍ରାଦ୍ଧବାର୍ଷିକୀ

କେନ୍ଦୁଝର,୧୦।୯(ଦୀପକ ମିଶ୍ର): କେନ୍ଦୁଝରେ କାଳୀତୀର୍ଥ ମଣ୍ଡପରେ ବିଶିଷ୍ଟ ସାହିତ୍ୟିକ, ଲେଖକ, କେନ୍ଦୁଝର ଟାଇମ୍ ଓ ସାଳନ୍ଦୀ ପତ୍ରିକାର ପ୍ରତିଷ୍ଠାତା ନିରଞ୍ଜନ ନାୟକଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ରାମ ନାରାୟଣ ଦ୍ୱିବେଦୀ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାୟକ, ସୁରେଶ ଚନ୍ଦ୍ର ପଟ୍ଟନାୟକ, ପୂର୍ବତନ ଏମ୍ପି ମାଧବ ସର୍ଦ୍ଦାର, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ପୂର୍ବତନ ବିଧାୟକ ଜଗନ୍ନାଥ ନାୟକ, କେନ୍ଦୁଝର ମ୍ୟୁନିସିପାଲିଟି ଅଧକ୍ଷା ନିକୁ ସାହୁ, କେନ୍ଦୁଝର ପ୍ରେସ୍ କ୍ଲବ୍‌ର ସଭାପତି ଜୟକୃଷ୍ଣ ପଣ୍ଡା, ସମ୍ପାଦକ ଶରତ ଦାସ, ଖବରଦାତା ଦେବାଶିଷ ମିଶ୍ର, ଜିଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ, ବ୍ୟବସାୟ ପ୍ରତିଷ୍ଠାନ ଶ୍ରୀକ୍ରିଷ୍ଣା ଏଣ୍ଟରପ୍ରାଇଜେସର ସ୍ୱାଧିକାରୀ ସୁରେଶ ଚନ୍ଦ୍ର ରାଉତ, ଖବରଦାତା ରାଖାଲ ମହାନ୍ତି, ସୁଦର୍ଶନ ସ୍ୱାଇଁ, ବ୍ରଜ କିଶୋର ରାୟ, ସନ୍ଦିପ ବେହେରା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଏକ ପତ୍ରିକା 'ନାୟକର ନାମ ନିରଞ୍ଜନ' ଉନ୍ମୋଚିତ କରିଥିଲେ। ସ୍ୱର୍ଗତ ନାୟକଙ୍କ ସ୍ତ୍ରୀ ଓ ଏକମାତ୍ର ପୁଅ ଇସାନ ନାୟକ ଉପସ୍ଥିତ ଥିଲେ। ସତ୍ୟଜିତ ମିଶ୍ର ପରିଚାଳନା କରିଥିଲେ।

# ଘଟଗାଁକୁ ଏନ୍ଏସି ମାନ୍ୟତା ପ୍ରଦାନ ଦାବି

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ଘଟଗାଁ,୧୦।୯(ରାଜେନ୍ଦ୍ର କୁମାର ପଟ୍ଟନାୟକ):

କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍‌କୁ ଏନ୍ଏସି ମାନ୍ୟତା ପ୍ରଦାନ ଦାବି ହୋଇଛି। ଏନେଇ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅଞ୍ଚଳର ୫୦୦ରୁ ଉର୍ଦ୍ଧ୍ୱ ଦସ୍ତଖସ୍ତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ସୂଚନା ଅନୁଯାୟୀ, ଘଟଗାଁ ଅଞ୍ଚଳ ତଥା ମୁକୁନ୍ଦପୁର ପାଟଣା ଓ ଉପରଡ଼ିହା ପଞ୍ଚାୟତର ୨୦୧୧ ଜନଗଣନା ଅନୁସାରେ ୧୫ ହଜାର ଉପରେ ଥିଲା। ୨୦୨୫ ରେ ୧୮ ହଜାରରୁ ଉର୍ଦ୍ଧ୍ୱ ହେବା ନେଇ ଅନୁମାନ କରାଯାଉଛି। ଏନ୍ଏସି ପାଇଁ ସର୍ବନିମ୍ନ ୧୦ ହଜାର ଲୋକସଂଖ୍ୟା ଆବଶ୍ୟକ ଥିବାବେଳେ ସଂଖ୍ୟା ଅଧିକ ହେଲାଣି। ଭୌଗଳିକ ଦୃଷ୍ଟିକୋଣରୁ ଦେଖିଲେ ମୁକୁନ୍ଦପୁରପାଟଣା ପଞ୍ଚାୟତର ଘଟଗାଁ, ମୁକୁନ୍ଦପୁରପାଟଣା, ବୀଣାଝରୀ ଏବଂ ଉପରଡ଼ିହା ପଞ୍ଚାୟତର ଉପରଡ଼ିହା, କୁସୁନପୁର, ଗୋଲାବନ୍ଧ ଗ୍ରାମକୁ ନେଇ ଘଟଗାଁ ଏନ୍ଏସି



ସ୍ଥାନୀୟ ଲୋକ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଘୋଷଣା କଲେ ଏହାର ଲୋକସଂଖ୍ୟା ୧୦ହଜାରରୁ ଅଧିକ ହେବ। ବ୍ଲକ୍ ସଦର ମହକିମାରେ ବ୍ଲକ୍, ତହସିଲ, ଗ୍ରାମ୍ୟ ଉନ୍ନୟନ ବିଭାଗ, ସବ୍‌ଡିଭିଜନ ଅଫିସ, କ୍ଷୁଦ୍ର ଜଳସେଚନ ସବ୍‌ଡିଭିଜନ, ବିଦ୍ୟୁତ୍ ବିଭାଗ ସବ୍‌ଡିଭିଜନ, ରାସ୍ତା ଓ ଗୃହନିର୍ମାଣ ସବ୍‌ଡିଭିଜନ ଅଫିସ ସହ ଡିଭିଜନାଲ ଅଫିସ ରହିଛି। ୫୦ ଶର୍ଯ୍ୟା ବିଶିଷ୍ଟ ମେଡିକାଲ, ପଶୁ ଡାକ୍ତରଖାନା, ଫରେଷ୍ଟ ରେଞ୍ଜ ଅଫିସ, ଟ୍ରେଜରୀ ଅଫିସ, ଜଳ ଓ ପରିମଳ ବିଭାଗ ଅଫିସ, ଯୁକ୍ତ ୨ ବିଜ୍ଞାନ, ବାଣିଜ୍ୟ ଓ କଳା, ଯୁକ୍ତ ତିନି ବିଜ୍ଞାନ, ବାଣିଜ୍ୟ ଓ କଳାର ମହାବିଦ୍ୟାଳୟ ରହିଛି। ଉଭୟ ପଞ୍ଚାୟତରେ ୫ ଉଚ୍ଚବିଦ୍ୟାଳୟ ଓ ୧୫ ଗୋଟି ପ୍ରାଥମିକ ବିଦ୍ୟାଳୟ ରହିଛି। ମନ୍ଦିରରୁ ୨ କି.ମି ଦୂରତ୍ୱରେ ୨୫ କୋଟି ବ୍ୟୟରେ ସାଇନ୍ସ ପାର୍କ ଓ ପ୍ଲାନେଟେରିୟମ, ଜିଲା ଆଦିବାସୀ ସଂଗ୍ରାହଳୟ, ଘଟଗାଁରେ ଜୁଡିସିଆଲ କୋର୍ଟ, ବସ୍‌ଷ୍ଟାଣ୍ଡ ଥିବାରୁ ଘଟଗାଁକୁ ଏକ ସବ୍‌ଡିଭିଜନର ମାନ୍ୟତା ପାଇଁ ମଧ୍ୟ ସବୁପ୍ରକାର ମାପକାଠିକୁ ପୂରଣ କରୁଛି। ଏ ନେଇ ଜଗବନ୍ଧୁ ଶା, ଶରତ କୁମାର ବେଜ, ଆନନ୍ଦ ଚନ୍ଦ୍ର ସିଂହ, ଶରତ କୁମାର ସାହୁ, ମକରଧ୍ୱଜ ବେହେରା, ସୁବୋଧ କୁମାର ସେଠୀ, ମନୋଜ ବିଶ୍ୱାଳ, ଗଦାଧର ରାଉତ, ଗୁରୁଚରଣ ନାଏକ ପ୍ରମୁଖ ୫୦୦ରୁ ଉର୍ଦ୍ଧ୍ୱ ଦସ୍ତଖସ୍ତ କରି ଦାବିପତ୍ର ପ୍ରଦାନ କରିଥିଲେ।

### ଗୋଷ୍ଠୀ ଜଙ୍ଗଲ ଅଧିକାର ଉପରେ ଆଲୋଚନା

ବଡଳା,୧୦।୯(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌କେ.ବାଳିପାଳ ପଞ୍ଚାୟତ ଅଧୀନ ମୟୂରନଚାଠାରେ ଆରସିଡିସି ଅନୁଷ୍ଠାନ ପକ୍ଷରୁ ଜଙ୍ଗଲ ଅଧିକାର ଆଇନର କାର୍ଯ୍ୟକାରିତା ଉପରେ ଆଲୋଚିତ ହୋଇଥିଲା। ଜଙ୍ଗଲ ସମ୍ପଦ ଅଞ୍ଚଳରେ ସମ୍ପୂର୍ଣ୍ଣ ନିର୍ଭର ଥିବା ଗ୍ରାମବାସୀ କିପରି ଗୋଷ୍ଠୀ ଜଙ୍ଗଲ ସମ୍ପଦ ଅଞ୍ଚଳ ଉପରେ ନିଜର ଅଧିକାର ପାଇଁ ଦାବିପତ୍ର ସହ ପ୍ରମାଣପତ୍ର ସଂଲଗ୍ନ କରି ଦାବି ହାସଲ କରିବେ ସେ ନେଇ ଆରସିଡିସି ଆନନ୍ଦ ସେଠୀ କହିଥିଲେ। ଜଙ୍ଗଲ ମଧ୍ୟରେ ଲଘୁବାନ ଜାତ ଦ୍ରବ୍ୟ ସଂଗ୍ରହ ଓ ତାହାର ଉଚିତ୍ ମୂଲ୍ୟ ପାଇଲେ ଲୋକଙ୍କ ଶ୍ରମ ସାର୍ଥକ ହେବ ବୋଲି ଲୋକମାନେ ମତ ଦେଇଥିଲେ। ଅଞ୍ଚଳରେ ଜଙ୍ଗଲ ଅଧିକାର ଆଇନ ଅନୁଯାଇ ୧୩ ପ୍ରକାର ଉନ୍ନତିମୂଳକ କାମ ହୋଇପାରିବ। ତାହା ଆଇନ ସମ୍ମତ ଅଟେ। ଏଥିପାଇଁ ବନ ବିଭାଗ ଓ ରାଜସ୍ୱ ବିଭାଗ ମିଳିତ ତଦନ୍ତ କରିବାକୁ ଗ୍ରାମବାସୀମାନେ ଲିଖିତ ଅନୁରୋଧ ଦେବେ ବୋଲି ସର୍ବସମ୍ମତି ନିଷ୍ପତ୍ତି ନେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମର ବହୁ ମହିଳା, ପୁରୁଷ ଯୋଗାଦେଇଥିବା ବେଳେ ବୁଧିରାମ ପୂର୍ତି ସଂଯୋଜନା କରିଥିଲେ। କୁନାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାଷୀଙ୍କ ଚିନ୍ତା ବଢ଼ାଇଲା ୟୁରିଆ ସାର

ଚମ୍ପୁଆ,୧୦।୯(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳରେ ୟୁରିଆ ସାର ମିଳୁନି। ବର୍ତ୍ତମାନ ଧାନ ଚାଷ ପାଇଁ ୟୁରିଆ ସାରର ଆବଶ୍ୟକତା ରହିଥିବା ବେଳେ ଚାଷୀ ଲ୍ୟାମ୍ପକୁ ଦୌଡ଼ି ସାର ପାଇପାରୁନାହାନ୍ତି। ଫଳରେ ଚାଷୀ ଅଧିକ ମୂଲ୍ୟରେ ଝାଡ଼ଖଣ୍ଡରୁ ସାର କିଣୁଥିବା ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ଚମ୍ପୁଆ ଲ୍ୟାମ୍ପ ଅଧୀନରେ ଥିବା ଚାଷୀଙ୍କୁ ଆବଶ୍ୟକ ସାର ଲ୍ୟାମ୍ପ ପକ୍ଷରୁ ଯୋଗାଇ ଦିଆଯାଉନାହିଁ। ୨ ହଜାର କୁଇଣ୍ଟାଲ ୟୁରିଆ ସାର ଚମ୍ପୁଆ ପାଇଁ ଡିମାଣ୍ଡ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ୧୨୩୭ କୁଇଣ୍ଟାଲ ୟୁରିଆ ସାର ଲ୍ୟାମ୍ପକୁ ମିଳିଛି। ବର୍ତ୍ତମାନ ଚାଷ ପାଇଁ ୟୁରିଆ ପକାଇବାର ଉପଯୁକ୍ତ ସମୟ ହୋଇଥିଲେ ମଧ୍ୟ ସାର ଆସୁ ନ ଥିବା ଲ୍ୟାମ୍ପ ଏମ୍‌ଡି ରଜତ କୁମାର ଗିରି ସୂଚନା ଦେଇଛନ୍ତି। ପ୍ରତ୍ୟେକ ଦିନ ରିମୁଳି, ଜାମୁଦଲକ, କଦଗାଡ଼ିଆ ଓ ଚମ୍ପୁଆର ଚାଷୀମାନେ ସାର ପାଇଁ ଲ୍ୟାମ୍ପ ଆସି ଫେରୁଥିବା ଦେଖାଯାଇଛି। ଲ୍ୟାମ୍ପ ଅଧୀନରେ ୫୬୩୧ ପଞ୍ଜିକୃତ ଚାଷୀ ରହିଥିବା ବେଳେ ଆବଶ୍ୟକ ପରିମାଣରେ ସାର ପାଇବାରୁ ବଞ୍ଚିତ ହୋଇଛନ୍ତି। ଆଗାମୀ ୨-୩ ଦିନ ମଧ୍ୟରେ ୟୁରିଆ ସାର ନ ମିଳିଲେ ନିଶ୍ଚିତ ଭାବରେ କ୍ଷତିରେ ପଡିବେ ବୋଲି ଚାଷୀମାନେ ମତ ଦେଇଛନ୍ତି। ଖୁବ୍‌ଶୀଘ୍ର ୟୁରିଆ ସାର ଯୋଗାଣ ପାଇଁ ଚେଷ୍ଟା ଚାଲିଛି ବୋଲି ଲ୍ୟାମ୍ପ ଏମ୍.ଡି ଗିରି ସୂଚନା ଦେଇଛନ୍ତି।

# ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି ପୁରୁଣା ସିଆରସିସି

ଛେନାପଦି,୧୦।୯(ନିରାକାର ପରିଡା):

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ସିଆରସିସି ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି। ପଦବୀରୁ ଯାଇ ଶିକ୍ଷକ କିମ୍ବା ଅନ୍ୟ କ୍ଲଷ୍ଟରର ଦାୟିତ୍ୱ ନେବା ପରେବି ପୂର୍ବ କ୍ଲଷ୍ଟରର ଦାୟିତ୍ୱ ହସ୍ତାନ୍ତର କରୁ ନ ଥିବା ଅଭିଯୋଗ ହେଉଛି। ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ କେତେଜଣ ସିଆରସିସି ନିର୍ଦ୍ଦେଶ ଅବମାନନା କରୁଛନ୍ତି।


ପ୍ରକାଶ ଯେ, ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ୨୧ ଜଣ ସିଆରସିସିଙ୍କ ମଧ୍ୟରୁ ନୂତନ ଭାବେ ୧୧ଜଣ ସିଆରସିସି ନିଯୁକ୍ତି ପାଇଛନ୍ତି। ନୂତନ ସିଆରସିସିମାନେ କାର୍ଯ୍ୟରେ ଯୋଗଦେଇଛନ୍ତି। ମାତ୍ର ପୁରୁଣା ସିଆରସିସି କାର୍ଯ୍ୟରୁ ଅନ୍ତର ହୋଇଥିଲେ ବି ସେମାନେ କ୍ଲଷ୍ଟରର ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି। ଏମିତିକି ରେକର୍ଡପତ୍ର, କ୍ଲଷ୍ଟର ରୁମ୍‌ର ଚାବିକାଠି ମଧ୍ୟ ଦେଉନାହାନ୍ତି। ଫଳରେ ନୂତନ ସିଆରସିସିମାନେ ନାନା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ନୂତନ ସିଆରସିସି ଏ ନେଇ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ। ପରେ ଶିକ୍ଷାଧିକାରୀ ଗତ ୧୪ ତାରିଖରେ କାର୍ଯ୍ୟରୁ ଅପସାରିତ ହୋଇଥିବା ସମସ୍ତ ସିଆରସିସିଙ୍କୁ ଚିଠି(ନଂ. ୨୮୬୯/ ୧୪ ଅଗଷ୍ଟ ୨୦୨୫) କରି ୨୦ ଅଗଷ୍ଟ ୨୦୨୫ ଭିତରେ ଦାୟିତ୍ୱ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଦାୟିତ୍ୱ ହସ୍ତାନ୍ତର ନ କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶରେ ଉଲ୍ଲେଖ ଥିଲା। ଆଜି ପର୍ଯ୍ୟନ୍ତ ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି। ଏପରିକି ସରକାର ଯୋଗାଇ ଦେଇଥିବା କମ୍ପ୍ୟୁଟରକୁ ମଧ୍ୟ ନେଇ ଘରେ ରଖିଛନ୍ତି। ଏ ନେଇ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ପୁଣି ଅଭିଯୋଗ ହୋଇଛି। ପରେ ସମ୍ପୃକ୍ତ ସିଆରସିସିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବା ବ୍ଲକ୍ ଶିକ୍ଷାଧିକାରୀ ରାଜୀବ ଦଳେଇ କହିଛନ୍ତି।

# ଛାତ୍ରୀଙ୍କୁ ତାଲା ପକାଇ ଝାଡୁରେ ପିଟିବା ଅଭିଯୋଗର ତଦନ୍ତ

ପାଲଲହଡ଼ା,୧୦।୯ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଜମରଡିହ ବନ୍ଧାଭୂଇଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ତାଲା ପକାଇ ଝାଡୁରେ ପିଟିଥିବା ଅଭିଯୋଗର ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ, ସମ୍ପୃକ୍ତା ଛାତ୍ରୀ ସ୍କୁଲ ହଷ୍ଟେଲରେ ରହୁଛନ୍ତି। ଗତ ୩୧ରେ ଖୁଦୁରୁକୁଣୀ ଓଷାର ଶେଷ ପାଳିଥିବାରୁ ଝିଅକୁ ଗୋଟିଏ ଦିନ ଛାଡ଼ିବାକୁ ମାତାପିତା ପ୍ରଧାନ ଶିକ୍ଷୟିତ୍ରୀ ଦେବଯାନୀ ପ୍ରଧାନଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ଛାତ୍ରୀ ଜଣକୁ ଛଡ଼ାଯାଇ ନ ଥିଲା। ପରଦିନ ସାହିର ଖୁଦୁରିକୁଣୀ ବିସର୍ଜନ ଶୋଭାଯାତ୍ରା ବିଦ୍ୟାଳୟ ଦେଇ ଯିବା ସମୟରେ ଛାତ୍ରୀ ଜଣଙ୍କ ହଷ୍ଟେଲରେ ଅଚେତ ହୋଇ ପଡ଼ିଥିଲେ। ପରେ ଛାତ୍ରୀଙ୍କୁ ଏକ ଗୃହରେ ତାଲା ପକାଇ ପ୍ରଧାନ ଶିକ୍ଷୟିତ୍ରୀ ଝାଡୁରେ ପିଟିଥିବା ଜଣେ ଶିକ୍ଷକଙ୍କଠାରୁ ଖବରପାଇ ମାତାପିତା ପହଞ୍ଚି ଝିଅଙ୍କୁ ଘରକୁ ନେଇ ଯାଇଥିଲେ। ପରଦିନ ଛାତ୍ରୀ ଜଣଙ୍କ ବିଦ୍ୟାଳୟକୁ ଆସିଥିଲେ ମଧ୍ୟ ତାଙ୍କୁ ପ୍ରବେଶ ଅନୁମତି ଦିଆଯାଇ ନ ଥିଲା। ଏ ନେଇ ଛାତ୍ରୀଙ୍କ ଅଭିଭାବକ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲା ସହକାରୀ ମଙ୍ଗଳ ଅଧିକାରୀ ଓ ବ୍ଲକ ସମ୍ପ୍ରସାରଣ ଅଧିକାରୀ ସୋମବାର ବିଦ୍ୟାଳୟକୁ ଯାଇ ଘଟଣାର ତଦନ୍ତ କରିଥିଲେ। ଖବରପାଇ ବିଧାୟକ ଅଶୋକ ମହାନ୍ତି ବିଦ୍ୟାଳୟରେ ପହଞ୍ଚି ଆଲୋଚନା କରି ପରିସ୍ଥିତିକୁ ସମାଧାନ କରିବା ପାଇଁ କହିଥିଲେ। ପୂର୍ବତନ ବିଧାୟକ ମୁକେଶ ପାଲ ଘଟଣା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ବୁଧବାର ଜମରଡିହ ଯାଇ ଘଟଣା ସତ୍ୟ ହୋଇଥିବା ପ୍ରକାଶ କରିଛନ୍ତି।

# ମାହେଶ୍ୱରୀଙ୍କ ଷୋଡ଼ଶ ଦିନାତ୍ମକ ପୂଜା ପାଇଁ ପ୍ରସ୍ତୁତି ବୈଠକ




ପ୍ରସ୍ତୁତି ବୈଠକରେ ଉପଜିଲାପାଳଙ୍କ ସହ ଅନ୍ୟ ଅଧିକାରୀ।

ଆଠମଲ୍ଲିକ,୧୦।୯(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକର ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀଙ୍କ ଷୋଡ଼ଶ ଦିନାତ୍ମକ ପୂଜା ଓ ଦଶହରା ପର୍ବ ପାଳନ ପାଇଁ ପ୍ରଶାସନ ତରଫରୁ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଭାଗୃହରେ ଉପଜିଲାପାଳ ଉପେନ୍ଦ୍ର ଲୁହାଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ତହସିଲଦାର ପ୍ରସନ୍ନ ଟେଟେ, ଏସ୍‌ଡିପିଓ ସୁଶାନ୍ତ କୁମାର ତାଡ଼ଡ଼ିଆ, ସହକାରୀ ଜିଲାପାଳ ପାର୍ଥସାରଥୀ ବିଶ୍ୱାଳ, ଏନଏସି ଅଧକ୍ଷା ଆଶା କୁମାରୀ ସାହୁ, ଆଇଆଇସି ପ୍ରକାଶ ଚନ୍ଦ୍ର ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ମନ୍ଦିର ପରିସର ପରିଷ୍କାର, ଆଲୋକୀକରଣ, ଜଳଯୋଗାଣ, ସହରର ରାସ୍ତା ପାର୍ଶ୍ୱ ଗଛ ଡାଳ କାଟିବା, ଦୋଳମଣ୍ଡପ ସାଜସଜ, ଟ୍ରାଫିକ ନିୟନ୍ତ୍ରଣ ଉପରେ ଆଲୋଚନା ହୋଇଥିଲା । ଆସନ୍ତା ୧୪ ତାରିଖ ରବିବାର ମା'ଙ୍କ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭହେବ। ୨୮ ତାରିଖ ରବିବାର ମହାଶପ୍ତମୀ ପୂଜା, ୨୯ ତାରିଖ ସୋମବାର ମହାଷ୍ଟମୀ, ୩୦ ତାରିଖ ମହାନବମୀ ପୂଜା, ଅକ୍ଟୋବର ୧ ତାରିଖ ବୁଧବାର ବିଶ୍ରାମ ଥିବାବେଳେ ଅକ୍ଟୋବର ୨ ତାରିଖ ଗୁରୁବାର ଦିନ ମା'ଙ୍କ ନିକଟରେ ଦଶହରା ଉପଲକ୍ଷେ ସ୍ୱତନ୍ତ୍ର ପୂଜା ଓ ରାତିରେ ନଗର ପରିକ୍ରମା କରାଯିବ ବୋଲି ପୂଜକ ପ୍ରଫୁଲ୍ଲ ପାଣିଗ୍ରାହୀ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗୀୟ ଅଧିକାରୀ, ଦେବୋତ୍ତର କମିଟି ଉପଦେଷ୍ଟା ମଣ୍ଡଳୀ, ମନ୍ଦିର ପୂଜକ ଓ ସେବାୟତ, ଦେବୋତ୍ତର ସହାୟକ ନଗେନ ରାଉତ, ତ୍ରିନାଥ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ତହସିଲଦାର ଟେଟେ ଧନ୍ୟବାଦ ଦେଇଥିଲେ।

# ଜିଲା ସଭାପତି ଚୟନ ପାଇଁ କସରତ

## ଅସ୍ତିତ୍ୱ ଖୋଜୁଛି କଂଗ୍ରେସ

କେନ୍ଦୁଝର,୧୦।୯(ଦୀପକ ମିଶ୍ର):

କେନ୍ଦୁଝର ଜିଲାରେ କିଛି ଦିନ ହେଲା ସଭାପତି ଚୟନ ପାଇଁ କଂଗ୍ରେସ ମହଲରେ କସରତ ଲାଗି ରହିଛି। ଏଆଇସିସି ନିର୍ଦ୍ଦେଶ ପରେ ରାଜ୍ୟର ସବୁ ଜିଲାରେ କଂଗ୍ରେସ ସଭାପତି ଖୋଜା ଚାଲିଛି। ସେହି ପରିପ୍ରେକ୍ଷୀରେ କେନ୍ଦୁଝରରେ ମଧ୍ୟ ସଭାପତି ଚୟନ ନିମନ୍ତେ ପର୍ଯ୍ୟବେକ୍ଷକ ଭାବେ ତାମିଲନାଡୁର ବିଧାୟକ ମୌଲାନା ହାସନ ଡେରା ପକାଇଛନ୍ତି। ସେ ଜିଲାର ବିଭିନ୍ନ ଅଞ୍ଚଳକୁ ଗସ୍ତ କରି କେଉଁ କଂଗ୍ରେସ ନେତା ଜିଲାରେ ଦଳ ଓ ଜନସାଧାରଣରେ ଗ୍ରହଣୀୟ ରହିଛନ୍ତି। ଲୋକସମ୍ପର୍କ ଭଲ ଅଛି, ଯିଏ ଜିଲାରେ କଂଗ୍ରେସ ସଂଗଠନକୁ ଆଗେଇ ନେଇପାରିବେ ସେ ବିଷୟରେ ଅନୁଧ୍ୟାନ କରୁଛନ୍ତି। ଆସନ୍ତା ୧୪ ତାରିଖ ସୁଦ୍ଧା ଏହାର ରିପୋର୍ଟ କରି ଏଆଇସିସିକୁ ଦେବେ ବୋଲି ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲୁ ଗତ ସୋମବାର ତାଙ୍କ କେନ୍ଦୁଝର ଗସ୍ତ ସମୟରେ ପ୍ରକାଶ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ପର୍ଯ୍ୟବେକ୍ଷକଙ୍କ ସମ୍ମୁଖରେ ଜିଲା କଂଗ୍ରେସରେ ବିଭିନ୍ନ ଆଶାୟୀ ନିଜ ନିଜର ପତିଆରା ପ୍ରଦର୍ଶନ ପାଇଁ ଉଦ୍ୟମରେ ଲାଗି ପଡ଼ିଛନ୍ତି। ଆଶାୟୀମାନେ ନିଜର ସପକ୍ଷରେ ଦଳୀୟ କର୍ମୀଙ୍କୁ ଆଣି ପର୍ଯ୍ୟବେକ୍ଷକଙ୍କ ସମ୍ମୁଖରେ ପହଞ୍ଚାଇବା ପାଇଁ ଚେଷ୍ଟା ଚଳାଇଛନ୍ତି। ଶୁଣିବାକୁ ମିଳୁଛି ପ୍ରାୟ ୧୦ରୁ ୧୨ ଜଣ ନେତା ନିଜକୁ ସଭାପତି ଭାବେ ନିଯୁକ୍ତି ଦେବା ପାଇଁ ପର୍ଯ୍ୟବେକ୍ଷକଙ୍କ ନିକଟରେ ଦରଖାସ୍ତ କରିଛନ୍ତି। ସଭାପତି ଆଶାୟୀଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ମହାନ୍ତି, ପୂର୍ବତନ ପ୍ରଦେଶ କଂଗ୍ରେସର ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ରାଜ୍ୟ ସମ୍ପାଦକ ସଂଗ୍ରାମ ଦାସ, ପଦ୍ମପୁରର କଂଗ୍ରେସ ନେତା ଉତ୍ତମ ସାହୁ, ବଡ଼ବିଲ ଅଞ୍ଚଳର ଅଶୋକ ଠାକ୍‌ରେ, ଯଦୁମଣି ବେହେରା, ଜିଲା ଯୁବ କଂଗ୍ରେସ ସଭାପତି ସୁନେସ ଧୀର ପ୍ରମୁଖ ରହିଥିବା ସୂତ୍ରରୁ ଜଣାପଡ଼ିଛି। ହରିଚନ୍ଦନପୁର ଅଞ୍ଚଳର କୃଷ୍ଣଚନ୍ଦ୍ର ମହାନ୍ତି ପୁରୁଖା ନେତା ହୋଇଥିବା ବେଳେ ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ଆଲୋକ ମିଶ୍ରଙ୍କ ସାଂଗଠନିକ ଦକ୍ଷତା ଜିଲା, ରାଜ୍ୟରେ ଭଲ ରହିଛି। ସେହିପରି ସଂଗ୍ରାମ ଦାସ ମଧ୍ୟ ସାଂଗଠନିକ କ୍ଷେତ୍ରରେ ଭଲ ଦକ୍ଷତା ରହିଛି। ଯୁବନେତା ସୁନେସ ଧୀରଙ୍କ ହାତରେ ଯୁବକମାନେ ରହିଛନ୍ତି। କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ସୁବର୍ଣ୍ଣ ନାୟକ କହିଛନ୍ତି, ଜିଲାରେ ଦଳୀୟ ସଂଗଠନକୁ ଆଗେଇ ନେବା ପାଇଁ ସାଂଗଠନିକ ଦକ୍ଷତା ସହ ଆର୍ଥିକ କ୍ଷେତ୍ରରେ ଯେଉଁ ନେତା ସକ୍ଷମ, ସେଭଳି ନେତା ଜିଲା ସଂଗଠନ ନିମନ୍ତେ ଆବଶ୍ୟକ ରହିଥିବା ସେ କହିଥିଲେ।

# ସ୍ୱଚ୍ଛ ବାୟୁମଣ୍ଡଳ ଉପରେ ଗୁରୁତ୍ୱାରୋପ

ଅନୁଗୋଳ,୧୦।୯ (ଜ୍ୟୋତିରଞ୍ଜନ ସାହୁ)

ବାୟୁ ପ୍ରଦୂଷଣ ବର୍ତ୍ତମାନର ସବୁଠାରୁ ବଡ଼ ପରିବେଶଗତ ବିପଦ। ଏହା ଜଳବାୟୁ ପରିବର୍ତ୍ତନକୁ ଆହୁରି ତୀବ୍ର କରିବା ସହ ଆର୍ଥିକ କ୍ଷତି ଘଟାଉଛି। କୃଷି ଉତ୍ପାଦକତାକୁ ହ୍ରାସ କରୁଛି। ଏଣୁ ବାୟୁମଣ୍ଡଳକୁ ସୁରକ୍ଷା ଦେବା ଏବଂ ସମସ୍ତଙ୍କ ପାଇଁ ସୁସ୍ଥ ବାୟୁ ସୁନିଶ୍ଚିତ କରିବା ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁଗୋଳସ୍ଥିତ କାର୍ଯ୍ୟାଳୟ ଏବଂ ସହଯୋଗୀ ଅନୁଷ୍ଠାନ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତିର ମିଳିତ ଆନୁକୂଲ୍ୟରେ ସୋମବାର ଅନୁଗୋଳ ବ୍ଲକ ବଡ଼କେରା ପଞ୍ଚାୟତର ଗୁରଙ୍ଗ ଗ୍ରାମରେ ପାଳିତ ନୀଳ ଆକାଶ ପାଇଁ




ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ ପାଳନ କରାଯାଉଛି।

ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ ଅବସରରେ ଏହି ମତ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ସହକାରୀ ପରିବେଶ ବିଜ୍ଞାନୀ ପ୍ରଫୁଲ୍ଲ ବେହେରା, ସଞ୍ଜୟ ଭୋଇ, ବଡକେରା ବିଏମ୍‌ସି ଅଧକ୍ଷ ମୁରଲୀଧର ବେହେରା ଏବଂ ନିୟୁଜ ଅନୁଷ୍ଠାନର ସଂଯୋଜକ ପ୍ରିୟବ୍ରତ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବାୟୁ ପ୍ରଦୂଷଣ ହ୍ରାସ ନିମନ୍ତେ ବିଭିନ୍ନ ପରିବେଶଧର୍ମୀ କାର୍ଯ୍ୟ କରିବାକୁ ଗୁରଙ୍ଗ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପ୍ରକୃତି ବନ୍ଧୁ ଅରୁଣ କୁମାର ନାଏକ ଏବଂ ଲିଙ୍କୁନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

ଓଡାପଡା,(ରଞ୍ଜିତ ନାୟକ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ବାଙ୍କୁରସିଂହ ପଞ୍ଚାୟତର ଯବାନ ସୁଶାନ୍ତ ସାହୁ ସୈନ୍ୟ ବିଭାଗରେ କାର୍ଯ୍ୟରତ ଥିବା ସମୟରେ ଦେଶ ଅସୁସ୍ଥ ହୋଇଥିଲେ। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କର ପାର୍ଥିବ ଶରୀର ଗୁରୁବାର ୮ଟାରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କ ଜନ୍ମସ୍ଥାନ ବାଙ୍କୁରସିଂହ ଗ୍ରାମକୁ ଆଣାଯିବ ବୋଲି ଜଣାପଡ଼ିଛି।



# ହିଡ଼ସିଙ୍ଗ ଜଳସେଚନ ପ୍ରକଳ୍ପ ପାଇଁ ସ୍ଥିତି ଅନୁଧ୍ୟାନ



କେନ୍ଦ୍ରୀୟ ଟିମ୍ ପ୍ରକଳ୍ପ ପାଇଁ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ବନ୍ତଲା,୧୦।୯(ସୁଶିତ ସାହୁ) ଅନୁଗୋଳ ଜିଲ୍ଲା ବନ୍ତଲା ଅଞ୍ଚଳର ବହୁ ପ୍ରତିକ୍ଷିତ ନନ୍ଦପୁର ପଞ୍ଚାୟତ କରଡ଼ାସିଙ୍ଗାଠାରେ ହିଡସିଙ୍ଗ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ଆଶା ଉଜ୍ଜ୍ୱଳିତ ହୋଇଛି। ବୁଧବାର କେନ୍ଦ୍ରୀୟ ଜଙ୍ଗଲ ମନ୍ତ୍ରଣାଳୟର ଏକ ପ୍ରତିନିଧିଦଳ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନର ବିଭିନ୍ନ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିରେ କେନ୍ଦ୍ରୀୟ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ କଲିକତା ଆସିଷ୍ଟାଣ୍ଟ କମିଶନର ଡ. ସୂର୍ଯ୍ୟ ଦତ୍ତ, ଆସିଷ୍ଟାଣ୍ଟ ଚିଫ୍ ଇଞ୍ଜିନିୟର ଜଳସେଚନ ଭୁବନେଶ୍ୱର ପ୍ରମୋଦ କୁମାର ନାୟକ, ଅନୁଗୋଳ ବନଖଣ୍ଡ ଅଧିକାରୀ ନୀତୀଶ କୁମାର, ଜଳ ଗବେଷଣା କେନ୍ଦ୍ର ଅଧିକାରୀ ଏ.ସି. ସରସ୍ୱତୀ ମହନ୍ତ, ଅନୁଗୋଳ ଜଳସେଚନ ବିଭାଗ ଏସ୍‌ଡିଓ ମନୋଜ କୁମାର ନନ୍ଦ, ବେସରକାରୀ ସଂସ୍ଥା ଭିଜନଟେକ୍ ଟେକ୍ନିସିଆନ ମନୋଜ ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରତିନିଧି ଦଳ ପ୍ରଥମେ ପ୍ରକଳ୍ପ ନିର୍ମାଣ ହେଲେ ଅଞ୍ଚଳରେ ନଷ୍ଟ ହେବାକୁ ଥିବା ରିଜର୍ଭ ଜଙ୍ଗଲ, ଚାଷୀଙ୍କ ଚାଷଜମି ଅଞ୍ଚଳ ବୁଲି ଦେଖିଥିଲେ। ବାମ, ଡାହାଣ ୨ କେନାଲ ଓ ଡ୍ୟାମ୍ ଅଞ୍ଚଳ ପାଇଁ ପୋତାଯାଉଥିବା ପିଲର ପୋଷ୍ଟକୁ ପରୀକ୍ଷା କରିବା ସହ ଡ୍ୟାମ୍ ନିର୍ମାଣ ସମୟରେ ବୁଡ଼ିବାକୁ ଥିବା ଅନୁଗୋଳ-ତିକରପଡ଼ା ପୂର୍ବ ବିଭାଗ ରାସ୍ତା ତଦାରଖ କରିଥିଲେ। ରାସ୍ତା ନିର୍ମାଣରେ କେଉଁ ସବୁ ଗଛ ନଷ୍ଟ ହେବ ତଦାରଖ କରିବା ସହ ବଇଳି ନଦୀକୁ ସଂଯୋଗ ହୋଇଥିବା ଅନ୍ୟ ନଦୀଗୁଡ଼ିକୁ ମଧ୍ୟ ବୁଲି ଦେଖିଥିଲେ। ସମସ୍ତ ବିଷୟର ଅନୁଧ୍ୟାନ କରି ଉପସ୍ଥିତ କେନ୍ଦ୍ରୀୟ ଟିମ୍ ଖୁସିବ୍ୟକ୍ତ କରିଥିଲେ। ପ୍ରକଳ୍ପ ନିର୍ମାଣ ହେଲେ କ୍ଷତି କମ୍ ଓ ଲାଭ ଅଧିକ ହେବ ବୋଲି ଉଲ୍ଲେଖ କରିଥିଲେ। ଏହାଛଡ଼ା ଉତ୍ତମ ପରିବେଶ, ବନ୍ୟଜନ୍ତୁ ସୁରକ୍ଷିତ ସହ ରିଜର୍ଭରେ ଆଦ୍ରତା ବୃଦ୍ଧି ପାଇବ ବୋଲି ପ୍ରକାଶ କରିଥିଲେ। ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଚାଷୀଙ୍କ ପ୍ରସ୍ତାବିତ ହିଡ଼ସିଙ୍ଗ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ୨୦୦୦ ମସିହାରେ ଏକ ବିରାଟ ଗଣ ଆନ୍ଦୋଳନ ପରେ ସରକାର ପ୍ରକଳ୍ପ ନିର୍ମାଣ ପାଇଁ ସର୍ଭେକାର୍ଯ୍ୟ କରିଥିଲେ। ହିଡ଼ସିଙ୍ଗ କୃଷକ ମହାସଂଘ ସଭାପତି ବିନେଶ ବେହୁରା, ନନ୍ଦପୁର ସରପଞ୍ଚ ଜଗବନ୍ଧୁ ସାହୁ, ସମିତି ସଭ୍ୟଙ୍କ ପ୍ରତିନିଧି ସୁରେନ୍ଦ୍ର ନାୟକ, ପୋକରୁଙ୍ଗା ସରପଞ୍ଚ ସୁଜିତ୍ ମହାଲିକ, ସରୋଜ ଜେନା, ସଞ୍ଜୟ ସାହୁ, କାହ୍ନୁ ଚରଣ ବେହୁରା, ପୋକରୁଙ୍ଗା ଗ୍ରାମ ସଭାପତି ଲମ୍ବୋଦର ବେହୁରା, ଯତୀନ୍ଦ୍ର ପ୍ରଧାନ, ଅଶୋକ ପ୍ରଧାନ, ସୁଭାଷ ବେହୁରା, ସୁବାସ ବେହୁରା, ମହେଶ୍ୱର ସାହୁ, ପ୍ରଶାନ୍ତ ପ୍ରଧାନ, ଲକ୍ଷ୍ମଣ ସାହୁଙ୍କ ସମେତ ବହୁ ଚାଷୀ ଉପସ୍ଥିତ ରହି କେନ୍ଦ୍ରୀୟ ଟିମ୍‌କୁ ପ୍ରସ୍ତାବିତ ସହଯୋଗ କରିଥିଲେ।

# ସିଏମ୍‌ପିଏଫ୍ ପେନ୍‌ସନ ବୃଦ୍ଧି ଦାବି

ତାଳଚେର, ୧୦।୯ (ମନୋଜ ନନ୍ଦ) ତାଳଚେରର ବିଭିନ୍ନ କୋଇଲାଖଣିରେ କାର୍ଯ୍ୟକରି ବହୁ କର୍ମଚାରୀ ଓ ଶ୍ରମିକ ଅବସର ନେଇଥିବାବେଳେ ସେମାନଙ୍କୁ ଉପଯୁକ୍ତ ପେନ୍‌ସନ ମିଳୁନାହିଁ। ସାସ୍ଥ୍ୟ ସୁବିଧା ପାଇବାରେ କର୍ମଚାରୀ ଓ ଅଧିକାରୀଙ୍କ କ୍ଷେତ୍ରରେ ତାରତମ୍ୟ ରହୁଛି। ଅଲ ଓଡ଼ିଶା କୋଲ୍ ପେନସନର୍ସ ଆସୋସିଏସନ ଏମ୍‌ସିଏଲ୍ ତାଳଚେର ଶାଖା ତରଫରୁ ବୁଧବାର ଏକ ଖବରଦାତା ସମ୍ମିଳନୀରେ ଏହି ଅଭିଯୋଗ କରାଯାଇଛି। ଏଥିସହ ସଂଘ ୪ ଦଫା ଦାବି ନେଇ ଆସନ୍ତା ୧୫ ତାରିଖରେ କୋଲ ଇଣ୍ଡିଆ ମୁଖ୍ୟାଳୟ କୋଲକୋତାଠାରେ ଦିନିକିଆ ଧାରଣା ଦେବ ବୋଲି ସଂଘ ସଭାପତି ବିଜୁଳି ସାହୁ ସୂଚନା ଦେଇଛନ୍ତି। ୨୭ ବର୍ଷ ହେଲା ସିଏମ୍‌ପିଏଫ୍ ୯ଂ ଧାରା ୨୨ ମୁତାବକ ପେନସନ ରିଭିଜନ ନ ହେବା, ସିଆଇଏଚ୍‌ଏସ୍ ସ୍କିମରେ ଉଭୟ ଅଧିକାରୀ ଓ କର୍ମଚାରୀଙ୍କ କ୍ଷେତ୍ରରେ ସମାନ ପ୍ରୟୋଗ ନ ହେବା, ୨୦୧୭ ମସିହାରୁ ଗ୍ରାଚ୍ୟୁଇଟି ବୃଦ୍ଧି ହେବା ଓ ୮ ମାର୍ଚ୍ଚ ୨୦୨୪ରେ ଭାରତ ସରକାରଙ୍କ ଗେଜେଟ ବିଜ୍ଞପ୍ତି ମୁତାବକ ମାସକୁ ସର୍ବନିମ୍ନ ୧ ହଜାର ଟଙ୍କା ପେନସନ ବୃଦ୍ଧି ହେବା ଦାବି ରହିଛି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନିର୍ମଳ ସାହୁ, ବାବୁଲାଲ ଖଣ୍ଡୁଆଲ, ତ୍ରିପୁର ବେହୁରା, କୁଞ୍ଜବନ ସାହୁ, ପ୍ରକାଶ କୁଣ୍ଡ, ପ୍ରହ୍ଲାଦ ପରିଡ଼ା, କରୁଣାକର ଖଣ୍ଡୁଆଲ, ପ୍ରକାଶ ଚନ୍ଦ୍ର ପ୍ରଧାନ, ସଙ୍ଗୀତ ପ୍ରଧାନ, ଉଦୟନାଥ ନାୟକ, ବିଏନ୍ ମହାପାତ୍ର ଓ କିଶୋର ଚନ୍ଦ୍ର ପ୍ରଧାନଙ୍କ ସମେତ ବହୁ ଅବସରପ୍ରାପ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଭୁବନ ଏନ୍‌ଏସି ଅଧ୍ୟକ୍ଷ ବହିଷ୍କୃତ



ଶୁଭେନ୍ଦୁ କୁମାର ସାହୁ

ଭୁବନ, ୧୦।୯ (ବିପିନ ବିହାରୀ ସେଠୀ) ଢେଙ୍କାନାଳ ଜିଲ୍ଲା ଭୁବନ ଏନ୍‌ଏସି ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ସାହୁ ପଦ ମର୍ଯ୍ୟାଦାର ଅପବ୍ୟବହାର କରିବା ଅଭିଯୋଗରେ ବୁଧବାର ବହିଷ୍କୃତ ହୋଇଛନ୍ତି। ଢେଙ୍କାନାଳ ଜିଲ୍ଲାପାଳଙ୍କ ନିକଟରେ ଅଧ୍ୟକ୍ଷଙ୍କ ବିରୋଧରେ ହୋଇଥିବା ଅଭିଯୋଗର ଓଡ଼ିଶା ମ୍ୟୁନିସିପାଲ ଆଇନ ୧୯୫୦ (୧୯୫୦ର ଓଡ଼ିଶା ଆଇନ ୨୩) ର ଧାରା ୫୩ର ଉପଧାରା (୧) ଅନୁଯାୟୀ ତଦନ୍ତ କରାଯାଇଥିଲା। ତେବେ ଅଧ୍ୟକ୍ଷଙ୍କୁ ରାଜ୍ୟ ସରକାର କାହିଁକି ବହିଷ୍କାର କରିବେ ନାହିଁ ବୋଲି ଜବାବ ରଖିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ପତ୍ରରୁ ନଂ. ୧୩୮୦୯/ଏଚ୍‌ୟୁଡି, ୧୮ ଜୁନ ୨୦୨୫ରେ ନୋଟିସ୍ କରାଯାଇଥିଲା। ତେବେ ଅଧ୍ୟକ୍ଷଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସ୍ପଷ୍ଟୀକରଣ ସନ୍ତୋଷଜନକ ନ ଥିଲା। ତାଙ୍କୁ ୧୪ ଅଗଷ୍ଟ ୨୦୨୫ରେ ବ୍ୟକ୍ତିଗତ ଶୁଣାଣିର ସୁଯୋଗ ଦିଆଯାଇଥିଲା। ହେଲେ ଜିଲ୍ଲାପାଳଙ୍କ ତଦନ୍ତ ରିପୋର୍ଟ, ଅଧ୍ୟକ୍ଷଙ୍କ ସ୍ପଷ୍ଟୀକରଣ ଓ ବ୍ୟକ୍ତିଗତ ଶୁଣାଣିର ସୁଯୋଗକୁ ତର୍ଜମା କରିବା ପରେ ଅଧ୍ୟକ୍ଷ ଉଦ୍ଦେଶ୍ୟମୂଳକ ଭାବରେ ଆଇନର ବ୍ୟବସ୍ଥା ଏବଂ ନିୟମଗୁଡ଼ିକୁ ଉଲ୍ଲଂଘନ କରିଛନ୍ତି ବୋଲି ରାଜ୍ୟ ସରକାର ହୃଦୟଙ୍ଗମ କରିଥିଲେ। ଅଧ୍ୟକ୍ଷ ତାଙ୍କର କର୍ତ୍ତବ୍ୟ ପାଳନ କରିବାରେ ବିଫଳ ହୋଇଛନ୍ତି। ତେଣୁ ସରକାର ଉକ୍ତ ଆଇନର ଧାରା ୫୩ର ଉପଧାରା (୩) ଦ୍ୱାରା କରାଯାଇଥିବା କ୍ଷମତା ବ୍ୟବହାର କରି ରାଜ୍ୟ ସରକାର ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ସାହୁଙ୍କୁ ବହିଷ୍କାର କରିଛନ୍ତି।

# ବିଶ୍ୱକର୍ମା ପୂଜା ପାଇଁ ସଜେଇହେଉଛି ନାଲ୍‌କୋନଗର



## ଆକର୍ଷିତ କରିବ ପଟଲାଇନ୍‌ର ସାଉଥ୍‌କୋରିଆ ମନ୍ଦିର ତୋରଣ

ବଣ୍ଡାପାଳ,୧୦।୯(ସୁବାସ ସାହୁ) ବଣ୍ଡାପାଳ ବ୍ଲକର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଆସନ୍ତା ୧୭ ତାରିଖରୁ ଆରମ୍ଭ ହେବ। ଏଥିପାଇଁ ନାଲ୍‌କୋ ନଗର ସଜେଇ ହେବା ଆରମ୍ଭ କରିଛି। ଚଳିତବର୍ଷ ୧୯ଟି ମଣ୍ଡପରେ ପୂଜା ପାଇବେ ବିଶ୍ୱକର୍ମା। ତେବେ ଏଥର ଦର୍ଶକଙ୍କୁ ଆକର୍ଷିତ କରିବ ପଟଲାଇନ୍‌ର ସାଉଥ୍‌କୋରିଆ ମନ୍ଦିର ତୋରଣ। କାଷ୍ଟହାଉସ-ଏ, ପଟ୍ଟଲାଇନ, କାଷ୍ଟହାଉସ-ବି, ପଟ୍ଟଲାଇନ ବିଦ୍ୟୁତ୍ ବିଭାଗ, ଠିକାଦାର ସଂଘ, ଭେଣ୍ଡିଙ୍ଗସପ୍-୧, ସିପିପି ଅପରେଶନ, ସିପିପି ସିଏସ୍‌ପି, ଜିଏସ୍, ମ୍ୟାଟେରିଆଲ ଷ୍ଟୋର, ବେକଓଭେନ୍ ଆଦି ପକ୍ଷରୁ ଆକର୍ଷଣୀୟ ପୂଜା କରାଯିବ। ଏଥିପାଇଁ ରାଜ୍ୟ ଓ ରାଜ୍ୟ ବାହାରର କାରିଗର ତୋରଣ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଚଳିତବର୍ଷ ପଟଲାଇନ୍ ପୂଜା କମିଟି ସ୍ୱତନ୍ତ୍ରତା ବଜାୟ ରଖି ସୁଉଚ୍ଚ ତୋରଣ ସାଙ୍ଗକୁ ଆକର୍ଷଣୀୟ ସାଜସଜ୍ଜା କରୁଛି। ଦର୍ଶକମାନେ ମିନାବଜାର ଓ ପଲ୍ଲିଶ୍ରୀ ମେଳାର ଭରପୂର ମଜା ନେବା ପାଇଁ ସୁବନ୍ଦୋବସ୍ତ କରାଯାଇଛି ବୋଲି ପଟଲାଇନ ବିଭାଗ ସଭାପତି ରାଜୁ କୁମାର, ଜଗନ୍ନାଥ ସେଠ, ବିଭୂତି ଭୂଷଣ ଦାସ, ନରେନ୍ଦ୍ର ବେହୁରା, ଅଜିତ ଦାସ, ତପନ ଜେନା, ଅଜିତ ସାହୁ, ଉଦ୍ଧବ ସେଠ, ମୁନା ଗୋଚ୍ଛାୟତ, ସୁଶାନ୍ତ ବେହେରା, ସମ୍ପାଦକ ରାମେଶ୍ୱର ହାଣ୍ଡା ସୂଚନା ଦେଇଛନ୍ତି।

# ଗଠନ ହେଲା ନୂତନ ନିର୍ମାଣ ଶ୍ରମିକ ସଙ୍ଗଠନ

ବନ୍ତଲା,୧୦।୯(ସୁଶିତ ସାହୁ): ଅନୁଗୋଳ ଜିଲ୍ଲା ବନ୍ତଲା ଅଞ୍ଚଳର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବର୍ଗର ନିର୍ମାଣ ଶ୍ରମିକଙ୍କୁ ନେଇ ବାରଗୋଡ଼ିଆ ମା' ପାଉଁରିଣ୍ଡି ପୀଠ ନିକଟରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନ୍ତଲା ଅଞ୍ଚଳର ପ୍ରାୟ ୨୫ଟି ଗାଁର ନିର୍ମାଣ ଶ୍ରମିକ ଯୋଗଦେଇଥିଲେ। ଅସ୍ଥାୟୀ ସଭାପତି ଅଭିମନ୍ୟୁ ବେହୁରାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସରକାରୀ ପାରିଶ୍ରମିକ ବୃଦ୍ଧି, ବେସରକାରୀ ନିର୍ମାଣ କାର୍ଯ୍ୟବେଳେ ଶ୍ରମିକଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସଭାରେ ଉପସ୍ଥିତ ଶ୍ରମିକ ବନ୍ତଲା ଅଞ୍ଚଳରେ ଏକ ସଙ୍ଗଠନ ପାଇଁ ପ୍ରସ୍ତାବ ଦେଇଥିଲେ। 'ଅନୁଗୋଳ ଶ୍ରମିକ ସଙ୍ଗଠନ ବନ୍ତଲା' ନାମରେ ନୂତନ ସଙ୍ଗଠନର ନାମକରଣ ପାଇଁ ସର୍ବସମ୍ମତି ପ୍ରକାଶ ପାଇଥିଲା। ଅସ୍ଥାୟୀ ସଭାପତିଙ୍କୁ ସ୍ଥାୟୀ ସଭାପତି, ଜୟକୃଷ୍ଣ ମୁଣ୍ଡୁଲିଙ୍କୁ ଉପସଭାପତି, ଅଶୋକ ସାହୁଙ୍କୁ ସମ୍ପାଦକ ଓ ଈଶ୍ୱର ବେହୁରାଙ୍କୁ କୋଷାଧ୍ୟକ୍ଷ କରିବାକୁ ସମସ୍ତିରେ ପ୍ରକାଶ ପାଇଥିଲା। ଶ୍ରମିକଙ୍କ ସାମୂହିକ ଉନ୍ନତି ସହ ଯେକୌଣସି ସଦସ୍ୟଙ୍କ ସୁଖ ଦୁଃଖରେ ସଙ୍ଗଠନ କର୍ମକର୍ତ୍ତା ସହଯୋଗ କରିବା ପାଇଁ ସଭାପତି ସମସ୍ତଙ୍କ ମତାମତ ଲୋଡ଼ିଥିଲେ। ଏଥିପାଇଁ ସମସ୍ତେ ସହଯୋଗର ହାତ ବଢ଼ାଇବେ ବୋଲି ନିଷ୍ପତ୍ତି ନେଇଥିଲେ।

# ଲଟେରି ମାଧ୍ୟମରେ ଦୋକାନ ଗୃହ ଆବଣ୍ଟନ



ବଣ୍ଡାପାଳ,୧୦।୯(ସୁବାସ ସାହୁ): ଅନୁଗୋଳ ଜିଲ୍ଲା ବଣ୍ଡାପାଳରେ ହେବାକୁ ଥିବା ବିଶ୍ୱକର୍ମା ପୂଜାର ମିନାବଜାରରେ ଦୋକାନ ଘର ପାଇଁ ବୁଧବାର ଲଟେରି ମାଧ୍ୟମରେ ଦୋକାନ ଘର ଆବଣ୍ଟନ କରାଯାଇଥିଲା। ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହି ଆବଣ୍ଟନ କରାଯାଇଥିଲା। ସମୁଦାୟ ୪୦୧ଟି ଦୋକାନ ଗୃହ ପାଇଁ ୨୪୪୫ ଜଣ ଆବେଦନ କରିଥିଲେ। ୮୮ଟି ଖାଦ୍ୟ ଷ୍ଟଲ ଓ ୩୧୨ଟି ବିନା ଖାଦ୍ୟ ପଦାର୍ଥ ଷ୍ଟଲ, ମନୋହରି ଦୋକାନ, ଖେଳନା ଦୋକାନ ଘର ଆବଣ୍ଟନ କରାଯାଇଥିଲା। ନାଲ୍‌କୋ ବିଜୁ ପଞ୍ଚାୟତ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଏହି ଆବଣ୍ଟନ କାର୍ଯ୍ୟ ହୋଇଥିବା ବେଳେ ମାଜିଷ୍ଟ୍ରେଟ ଦାୟିତ୍ୱରେ ବଣ୍ଡାପାଳ ତହସିଲଦାର ସୁଶାନ୍ତ କୁମାର ମିଶ୍ର, ନାଲ୍‌କୋ ଥାନା ଅଧିକାରୀ ଶ୍ୟାମଲାଲ ଓରାମ, ଇଣ୍ଡଷ୍ଟ୍ରିଜ ବିଭାଗ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଲୋକସମ୍ପର୍କ ବିଭାଗ ଅଧିକାରୀ ରାଜାରାମ ମିଶ୍ର, ଠିକା ସୁରକ୍ଷା କର୍ମୀ ଅଧିକାରୀ ଏପି କରନଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।


**BERHAMPUR UNIVERSITY**
BHANJA BIHAR, BERHAMPUR-7, GANJAM, ODISHA-760007
Lt.No.350/RCoE/BU/2025 Date : 10.09.2025

**ADVERTISEMENT FOR RESEARCH POSITION**

Application in plane paper along with biodata and attested copies of the certificate are invited for the appointment of the Post of Research Assistant (02 No.) for the center of excellence in nano science and technology for the development of sensors (CoENSTDs) on a temporary basis for a duration of 01 year or till the complication of the project on or before date: 24.09.2025 by speed post. The applications are to be submitted to "The Coordinator" CoENSTDs, Department of Physics, Berhampur university, Bhanja Bihar, 760007, Berhampur, Odisha. Short listed candidates will be called for interview by E- mail only. No TA/DA will be provided for attending the interview.
The details of the required qualifications and experiences are available on the university website- www.budisha.edu.in. Any modification in the advertisement will be reflected only in the University website.

Sd/- Coordinator of CoENSTDs
Berhampur University



GOVERNMENT OF ODISHA No. O-727

**OFFICE OF THE SUPERINTENDING ENGINEER**
RURAL WORKS DIVISION-II, DHENKANAL, KAMAKHYANAGAR
E-Mail: rw.kamakhyanagar@yahoo.co.in

**e-Procurement Notice No. 08/ Building Work / 2025-26**

| | | |
|---|---|---|
| 1. | Name of the Work | Building Work |
| 2. | Total No. of Works | 02 (Two) Nos. |
| 3. | Tender Cost | Rs.30.34 & 12.61 Lakhs |
| 4. | Class of Contractor | D, C & B equivalent |
| 5. | Period of Completion | 2 Calendar Months |
| 6. | Availability of Tender Online for Bidding | 12.09.2025 at 11.00 A.M. to 19.09.2025 upto 5.00 P.M. |
| 7. | Last date & time of seeking tender clarification | 18.09.2025 upto 4.00 P.M. |
| 8. | Date & time of opening of tender | 20.09.2025 at 11.00 A.M. |

Other details can be seen from the website: http://tendersorissa.gov.in.

Sd./- Superintending Engineer
Rural Works Division-II, Dkl
Kamakhyanagar

OIPR-25094/11/0032/2526



GOVERNMENT OF ODISHA

**e-Procurement Notice, Angul (R&B) Division**
**Bid Identification No. 32 of 2025-26**

No. B-502 e-mail ID: angulrbdivision@yahoo.co.in

| | | |
|---|---|---|
| 1. | Number of Works | 03 (Three) Number of road works<br>01 (One) Number of building work<br>02 (Two) Number of electrical works |
| 2. | Approximate Estimated Cost | Varies from 12.00 lakh to 49.00 lakh |
| 3. | Period of Completion | Varies from 02 (Two) to 06 (Six) Calendar Months |
| 4. | Date & Time of availability of bid document in the portal | Dt.12.09.2025 at 10.00 A.M. |
| 5. | Last date/time for receipt of bid in the portal | Dt.22.09.2025 upto 5.00 P.M. |
| 6. | Date of Opening Bid | Dt.23.09.2025 at 11.00 A.M. |
| 7. | Name and address of the Office Inviting Bid | Superintending Engineer, Angul (R&B) Division, Angul |

8. The bidders must participate in ONLINE bidding only.

Further details can be seen from the e-procurement portal https://tendersodisha.gov.in.

Sd./- Superintending Engineer
Angul (R&B) Division

OIPR-34074/11/0032/2526



**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-Central-WAT-34-2025 ତା.01.09.2025ରିଖ

କାର୍ଯ୍ୟର ନାମ : ... (PR-575/Q/25-26)

**ଦ.ପୂ. ରେଳପଥ - ଟେଣ୍ଡର**

... http://www.ireps.gov.in ... (PR-612)



**JHARKHAND URJA SANCHARAN NIGAM LIMITED**
(CIN No.:U40108JH2013SGC001704)
Regd. Office: 2nd Floor, JUSNL (SLDC) Building Kusai Colony, Doranda, Ranchi - 834002
(E-mail: cetjusnl@gmail.com)

**e-TENDER NOTICE**

NIT No. – 390/PR/ JUSNL/ 2025-26

E-tender in two parts i.e. Technical (Part-I) and Financial (Part – II) is invited from reputed, capable, experienced and financially sound firm for the following works :-

| | |
|---|---|
| Name of work | Design, Engineering, Supply of Materials/ Equipments, Erection, Testing and Commissioning of 132/33 KV, 2 x 80 MVA Grid sub -station including construction of Control Room Building & approach road as well as other civil works at Sindri (Hurl) on turnkey basis |
| Estimated cost (Rs.) | Rs. 72,77,80,287.00 (including GST) |
| Earnest Money Deposit | Rs. 1,45,55,610.00 On line mode |
| Completion Period | 18 Months |
| e-Tender fee | Rs. 20,000.00 + 18% GST On line mode. |
| Start Date & Time of Download the Tender Documents | 15.09.2025 at 11:00 AM |
| Start Date and time of upload of BID | 15.09.2025 at 11:00 AM |
| End date and time of upload of BID | 08.10.2025 upto 04:00 PM |
| BID Opening date for technical part | 09.10.2025 at 04:00 PM |
| BID Opening date for price part | Will be communicated |
| Procurement Officer and address for communication | General Manager, C&M (NWBP), 2nd Floor, JUSNL (SLDC) Building, Kusai Colony, Doranda, Ranchi – 834002 |

1. e-Tender document and BOQ including terms & conditions, tender specification can be downloaded from website https://jharkhandtenders.gov.in. Any details required in this regard can also be had from the office of the undersigned (6202162568) during office hours.
2. The bids will be received through electronic tendering mode only.
3. No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.

स्वहित एवं राष्ट्रहित में ऊर्जा बचायें। कृपया अपनी शिकायतों को 18003456570 (कॉल सेन्टर) पर दर्ज करायें।

Sd/-
General Manager
C&M (NWBP)

PR 361530 Jharkhand Urja Sancharan Nigam Ltd (25-26)_D



**ୟୁକୋ ବ୍ୟାଙ୍କ** | ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯ | **ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖାରେ ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ବିମାଣ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାଁନ୍ତି। ... ୧୨.୦୦ଘଣ୍ଟା ସମୟରେ ସମ୍ପୃକ୍ତ ଶାଖା ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। ...

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମରେ) |
|---|---|---|---|
| | **ଶୁକଳ ଶାଖା, ସା: ଆଳିଶ, ପୋ: ଶୁକଳ, ଭାୟା: ସାକ୍ଷୀଗୋପାଳ, ଜିଲ୍ଲା: ପୁରୀ, ଶାଖା ପ୍ରବନ୍ଧକଙ୍କ ନାମ: ଅଙ୍କିତା ଜେନା, ମୋ.: ୮୨୭୦୩୩୩୧୧୬** | | |
| ୧. | ମମତା ପରିଡ଼ା, ସା: ଆଳିଶ ପାଟଣା, ପୋ: ଶୁକଳ, ଥାନା: ସତ୍ୟବାଦୀ, ଜିଲ୍ଲା: ପୁରୀ / ୩୦୩୧୦୬୧୦୦୦୩୬୮୯ | ଟ.୭୮,୦୦୦/- + ସୁଧ ଏବଂ ଦେୟ | ୧୫.୭୩ |
| ୨. | ନନ୍ଦ କିଶୋର ବେହେରା, ସା: ଆଳିଶ ପାଟଣା, ପୋ: ଶୁକଳ, ଥାନା: ସତ୍ୟବାଦୀ, ଜିଲ୍ଲା: ପୁରୀ / ୩୦୩୧୦୬୧୦୦୦୩୯୫୬୭ | ଟ.୧,୧୫,୦୦୦/- + ସୁଧ ଏବଂ ଦେୟ | ୨୯.୩୦ |
| ୩. | ବନ୍ଧୁ ପତି, ସା: ଆଳିଶ ପାଟଣା, ପୋ: ଶୁକଳ, ଥାନା: ସତ୍ୟବାଦୀ, ଜିଲ୍ଲା: ପୁରୀ / ୩୦୩୧୦୬୧୦୦୦୪୦୨୭୭ | ଟ.୫୯,୦୦୦/- + ସୁଧ ଏବଂ ଦେୟ | ୧୮.୧୦ |
| | **ସାତପାଟଣା ଶାଖା, ସା/ପୋ: ସାତପାଟଣା, ଦଶପଲ୍ଲା, ଜିଲ୍ଲା: ନୟାଗଡ଼, ଶାଖା ପ୍ରବନ୍ଧକଙ୍କ ନାମ: ପବିତ୍ର ମାଝୀ, ମୋ.: ୭୭୩୨୫୧୮୭୪୦** | | |
| ୧. | ସୁଷମା ରଣା, ସା: ମାଣିକ ସାହି, ଦଶପଲ୍ଲା, ଜିଲ୍ଲା: ନୟାଗଡ଼ / ୦୪୦୦୦୬୧୦୦୦୩୩୫୮ | ଟ.୫୧,୦୦୦/- + ସୁଧ ଏବଂ ଦେୟ | ୧୧.୩୦ |
| ୨. | କିଶୋର ରଣା, ସା: ପୁରୁଣା ଦଶପଲ୍ଲା, ପୋ: ସୁବଳୟା, ଜିଲ୍ଲା: ନୟାଗଡ଼ / ୦୪୦୦୦୬୧୦୦୦୩୭୦୧ | ଟ.୭୦,୦୦୦/- + ସୁଧ ଏବଂ ଦେୟ | ୧୯.୦୦ |
| | **ମୈତ୍ରୀ ବିହାର ଶାଖା, ମୈତ୍ରୀ ବିହାର, ଭୁବନେଶ୍ୱର, ଶାଖା ପ୍ରବନ୍ଧକଙ୍କ ନାମ: ଉମେଶ ଚନ୍ଦ୍ର ନାୟକ, ମୋ.: ୬୩୭୦୧୦୦୬୯୫** | | |
| ୧. | ଲକ୍ଷ୍ମୀଧର ସାହୁ, ସା: ବାଡ଼ା ପାଟଣା, ବାରଙ୍ଗ, ଜିଲ୍ଲା: କଟକ / ୧୮୩୦୬୧୦୦୧୬୫୪ | ଟ.୮୯,୦୦୦/- + ସୁଧ ଏବଂ ଦେୟ | ୨୧.୦୦ |
| ୨. | ଲକ୍ଷ୍ମୀଧର ସାହୁ, ସା: ବାଡ଼ା ପାଟଣା, ବାରଙ୍ଗ, ଜିଲ୍ଲା: କଟକ / ୧୮୩୦୬୧୦୦୧୬୩୩୧ | ଟ.୩୭,୦୦୦/- + ସୁଧ ଏବଂ ଦେୟ | ୯.୨୭ |
| ୩. | ଲକ୍ଷ୍ମୀଧର ସାହୁ, ସା: ବାଡ଼ା ପାଟଣା, ବାରଙ୍ଗ, ଜିଲ୍ଲା: କଟକ / ୧୮୩୦୬୧୦୦୧୬୬୦ | ଟ.୧,୫୦,୦୦୦/- + ସୁଧ ଏବଂ ଦେୟ | ୩୮.୮୦ |
| ୪. | ଲକ୍ଷ୍ମୀଧର ସାହୁ, ସା: ବାଡ଼ା ପାଟଣା, ବାରଙ୍ଗ, ଜିଲ୍ଲା: କଟକ / ୧୮୩୦୬୧୦୦୧୮୫୪ | ଟ.୯୪,୦୦୦/- + ସୁଧ ଏବଂ ଦେୟ | ୨୩.୬୦ |
| | **ମିରଗାନ୍‌ଗୁଡ଼ା ଶାଖା, ନବରଙ୍ଗପୁର କଲେଜ ବିଭାଗ, ମିରଗାନ୍‌ଗୁଡ଼ା, ଶାଖା ପ୍ରବନ୍ଧକଙ୍କ ନାମ: ସଂଗ୍ରାମ କେଶରୀ ପାତ୍ର, ମୋ.: ୭୦୦୪୭୮୪୧୦୭** | | |
| ୧. | ଭାସ୍କର ମାଳି, ସା: ଏକମା, ପୋ: ନହାହାଣ୍ଡି, ନବରଙ୍ଗପୁର / ୨୮୪୦୦୬୧୦୦୦୧୪୭୫୭ | ଟ.୫୨,୦୦୦/- + ସୁଧ ଏବଂ ଦେୟ | ୧୧.୭୦ |
| ୨. | ଧରଣୀଧର ଶବର, ୟୁନିଟ୍-୧୩ (ଓ) ବିଏନ୍ ଏନ୍‌ସିସି, ନବରଙ୍ଗପୁର / ୨୮୪୦୦୬୧୦୦୦୧୫୨୮୦ | ଟ.୫୪,୦୦୦/- + ସୁଧ ଏବଂ ଦେୟ | ୧୭.୧୦ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡ଼ିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ: ...

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୦.୦୯.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

# ଆନ୍ତଃ ଜିଲା ବାଇକ୍ ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାଶ

■ ମୁଖ୍ୟ ଅଭିଯୁକ୍ତଙ୍କ ସହ ୪ ଗିରଫ

■ ବିଭିନ୍ନ ସ୍ଥାନରୁ ଚୋରି ୧୩ ବାଇକ୍ ଜବତ

**ଖୁଣ୍ଟୁଣୀ,୧୦।୯(ସଚ୍ଚିଦାନନ୍ଦ ପଣ୍ଡା)**

କଟକ ଜିଲା ଖୁଣ୍ଟୁଣୀ ପୋଲିସ ଏକ ଆନ୍ତଃ ଜିଲା ବାଇକ୍ ଚୋର ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କ ସହ ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କଟକ ଜିଲା ବାରଙ୍ଗ ଥାନା ବିଦ୍ୟାଧରପୁର ଗ୍ରାମର ମୁଖ୍ୟ ଅଭିଯୁକ୍ତ ରାଜା ଓରଫ ଲୁଲୁ ମହନ୍ତ, ଖୁଣ୍ଟୁଣୀ ଥାନା ଡାଲୁଆ ଗ୍ରାମର ମନ ଓରଫ ମନୋଜ ଦେହୁରୀ, ଖୁଣ୍ଟୁଣୀ ଥାନା ମାଣିତ୍ରୀ ଗ୍ରାମର ବିଜୁ ଦେହୁରୀ, ଗୁରୁଡ଼ିଝାଟିଆ ଥାନା କୁସ୍ପଙ୍ଗି ଗ୍ରାମର ସତ୍ୟନାରାୟଣ ବେହେରା। ସମସ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଅପରାହ୍ନରେ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ ଓ ଖୁଣ୍ଟୁଣୀ ଥାନା ଆଇଆଇସି ରଞ୍ଜନ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଉପରୋକ୍ତ ଅଭିଯୁକ୍ତମାନେ ଜିଲାର ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି କରି ଆଣି ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଲୁଆ ଓ କୁସ୍ପଙ୍ଗିଠାରେ ରଖିଥିଲେ। ଗତ ୭ ତାରିଖରେ ଖୁଣ୍ଟୁଣୀ ଥାନା ସାବିତ୍ରୀପୁର ଗ୍ରାମର କାଳନ୍ଦୀ ବେହେରାଙ୍କ ଏକ ବାଇକ୍ ଚୋରି ହୋଇଥିବା ଖୁଣ୍ଟୁଣୀ ଥାନାରେ ସେ ଅଭିଯୋଗ କରିଥିଲେ। ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ପ୍ରିୟଦର୍ଶନ ସେଠୀ ଓ ଆଇଆଇସି ରଞ୍ଜନ କୁମାର ପ୍ରଧାନ ଘଟଣାର ତଦନ୍ତ କରି ଡ଼ାଲୁଆ ଗ୍ରାମର ମନୋଜଙ୍କଠାରୁ ବାଇକ୍ ଜବତ କରିଥିଲା। ପରେ ମନୋଜଙ୍କ ବୟାନକୁ ଭିତ୍ତିକରି ପୋଲିସ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଲୁଲୁଙ୍କୁ ପଚରାଉଚରା କରିଥିଲା। ସେମାନେ ବାଇକ୍ ଚୋରି କରି ଖୁଣ୍ଟୁଣୀ ଷ୍ଟେଶନ ରୋଡ ବିଜୁ ଦେହୁରୀଙ୍କ ବାଇକ୍ ଦୋକାନରେ ନମ୍ବର ପ୍ଲେଟ ଆଦି ଅଦଳବଦଳ କରି ଏହାକୁ ବିଭିନ୍ନ ସ୍ଥାନରେ ବିକ୍ରି କରୁଥିଲେ। ଏହି ଡକାୟତ ଗ୍ୟାଙ୍ଗକୁ ଧରିବା ପାଇଁ ଚୌଦ୍ୱାର ଏସ୍‌ଡିପିଓ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଆଇଆଇସି ପ୍ରଧାନଙ୍କ ନେତୃତ୍ୱରେ ଏସ୍‌ଆଇ ପ୍ରିୟଦର୍ଶନ ସେଠୀ, ଏସ୍‌ଆଇ ପ୍ରୀତି ରାୟ ଓ ୨ କନଷ୍ଟେବଲଙ୍କ ସହିତ ଏକ ଟିମ୍ ଗଠିତ ହୋଇଥିଲା। ଉପରୋକ୍ତ ଅଭିଯୁକ୍ତମାନଙ୍କ ବୟାନକୁ ଭିତ୍ତିକରି ବିଭିନ୍ନ ସ୍ଥାନରୁ ଅନ୍ୟ ୨ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କଠାରୁ ୧୩ଟି ବାଇକ୍ ପୋଲିସ୍ ଜବତ କରିଥିଲା। ଏହି ଘଟଣାରେ ଆହୁରି ଅନେକଙ୍କ ସମ୍ପୃକ୍ତି ଥିବା ଓ ଅଧିକ ଚୋରା ବାଇକ୍ ଜବତ ହେବା ସମ୍ଭାବନା ଥିବାରୁ ପୋଲିସ ଅଧିକ କିଛି କହିବାକୁ ମନା କରିଥିଲା। ଏ ନେଇ ଖୁଣ୍ଟୁଣୀ ଥାନାରେ ଏକ ମାମଲା (ନଂ.୧୮୪/୨୫) ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ସେଠୀ ସୂଚନା ଦେଇଛନ୍ତି।


ଗିରଫ ଅଭିଯୁକ୍ତ ଓ ଜବତ ଚୋରି ବାଇକ୍।

# ସାର କଳାବଜାର: କିର୍ମିରା ପାକ୍ସ ସମ୍ପାଦକ ଗିରଫ


ଗିରଫ ଅଭିଯୁକ୍ତ ଓ ଜବତ ସାର।

**ଝାରସୁଗୁଡ଼ା, ୧୦।୯(ଆଶିଷ ରଞ୍ଜନ ଦାଶ)**

ସାର ଅଭାବ ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଷୀମାନେ ଧାରଣା ସହ ରାସ୍ତାରୋକ କରୁଛନ୍ତି। ହେଲେ ସାର କଳାବଜାର ବଢ଼ିବାରେ ଲାଗିଛି। ସାର କଳାବଜାର ଅଭିଯୋଗରେ ଝାରସୁଗୁଡ଼ା ଜିଲା କିର୍ମିରା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ସମ୍ପାଦକ ବୁଦ୍ଧଦେବ ସାହୁଙ୍କୁ ଲଇକେରା ପୋଲିସ ଗିରଫ କରିଛି। ମଙ୍ଗଳବାର ରାତିରେ ଉକ୍ତ ସମିତିରୁ ସାର କଳାବଜାର କରାଯିବା ସହ ୨୬ ବସ୍ତା ସାର ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଲୋଡିଂ କରାଯାଇଥିଲା। ଖବରପାଇ ଗ୍ରାମବାସୀ ସେଠାରେ ପହଞ୍ଚି ଉକ୍ତ ଗାଡ଼ି ଜବତ କରିଥିଲେ। ଜିଲା କୃଷି ଅଧିକାରୀ ପ୍ରଦୀପ ନନ୍ଦ, ଲଇକେରା ତହସିଲଦାର ସଞ୍ଜୀବ କୁଲୁ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ଏହି ସାର କଳାବଜାରରେ ପାକ୍ସ ସମ୍ପାଦକ ବୁଦ୍ଧଦେବଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ତହସିଲଦାରଙ୍କ ଉପସ୍ଥିତିରେ ତାଙ୍କ ବିରୋଧରେ ଲଇକେରା ଥାନାରେ ଏତଲା ଦିଆଯାଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୩୦୩/୨୫) ରୁଜୁ କରିବା ସହ ବୁଦ୍ଧଦେବଙ୍କୁ ଗିରଫ କରିଥିଲା।

# ନାବାଳିକା ଅପହରଣ ବେଳେ ଅଭିଯୁକ୍ତଙ୍କୁ ଗୋଡ଼ାଇ ଧରିଲେ ଲୋକେ

**ଭଞ୍ଜନଗର,୧୦।୯(ବାବୁଲା ପ୍ରଧାନ)**

ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ନୂଆଁପଲ୍ଲୀ ଅଞ୍ଚଳରୁ ମଙ୍ଗଳବାର ଜଣେ ନାବାଳିକା (୧୦)ଙ୍କୁ ରାଇକିଆ ଥାନା ଅନ୍ତର୍ଗତ ସୁବଳାବାଡି ଗ୍ରାମର ଜଣେ ବ୍ୟକ୍ତି (୫୫) ନିଜ ସ୍କୁଟିରେ ଅପହରଣ କରି ନେଉଥିଲେ। ନାବାଳିକା ଜଣଙ୍କ କାନ୍ଦୁଥିବା ଦେଖି ଗାଲେରିଠାରେ ଅଞ୍ଚଳବାସୀ ଅଭିଯୁକ୍ତଙ୍କୁ ସନ୍ଦେହ କରି ଗୋଡ଼ାଇ ଗୋଡ଼ାଇ ଧରିଥିଲେ। ପରେ ଲୋକେ ତାରସିଂ ପୋଲିସକୁ ଡାକି ଅଭିଯୁକ୍ତଙ୍କୁ ହସ୍ତାନ୍ତର କରିଥିଲେ। ପୋଲିସ ତଦନ୍ତ ପରେ ଅଭିଯୁକ୍ତ ଜଣକ ବେଆଇନ କାର୍ଯ୍ୟରେ ଜଡ଼ିତ ଥିବା ଜଣାପଡିଥିଲା। ସେ ସମ୍ପୃକ୍ତା ନାବାଳିକାଙ୍କୁ ଯୌନ ନିର୍ଯାତନା ଦେବା କିମ୍ବା ଅନ୍ୟତ୍ର ଚାଲାଣ ପାଇଁ ଯୋଜନା କରିଥିବା ସନ୍ଦେହ କରାଯାଉଛି। ପୋଲିସ ନାବାଳିକାଙ୍କ ମା'ଙ୍କ ଏତଲାକୁ ଭିତ୍ତିକରି ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି।

ଖବରରୁ ଜଣାପଡିଛି, ନୂଆଁପଲ୍ଲୀର ୩ ଭଉଣୀଭାଇ ମଙ୍ଗଳବାର ଗ୍ରାମ ରାସ୍ତାରେ ଖେଳୁଥିଲେ। ସେମାନଙ୍କ ମା' ଜମିକୁ କାମ କରିବାକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ଜଣଙ୍କ ଏକ ସ୍କୁଟିରେ ଗ୍ରାମରେ ପହଞ୍ଚି ଖେଳୁଥିବା ୩ ଭଉଣୀଭାଇଙ୍କ ମଧ୍ୟରୁ ବଡ଼ଭଉଣୀକୁ ଅପହରଣ କରିନେଇଥିଲେ। ନାବାଳିକାଙ୍କ ମା' ଜମିରୁ ଫେରି ଘରେ ବଡଝିଅ ନ ଥିବା ଦେଖି ସାନଝିଅ ଓ ପୁଅଙ୍କୁ ପଚାରିଥିଲେ। କିଏ ଜଣେ ଆସି ଗାଡିରେ ବଡ ଭଉଣୀକୁ ଗାଲେରି ରାସ୍ତାରେ ନେଇଯାଇଥିବା ସେମାନେ କହିଥିଲେ। ପରେ ନାବାଳିକାଙ୍କ ମା' ଗାଲେରି ଆଡ଼େ ଝିଅକୁ ଖୋଜିବାକୁ ଆସିଥିବା ବେଳେ ଲୋକେ ତାଙ୍କ ଝିଅକୁ ଉଦ୍ଧାର କରିଥିବା ଜାଣିବାକୁ ପାଇଥିଲେ। ପୋଲିସ ଉପସ୍ଥିତିରେ ମା' ଝିଅଙ୍କୁ ଫେରି ପାଇଛନ୍ତି। ଏନେଇ ନଂ. ୩୩୮/୨୫ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ଏହି ତିନି ଭଉଣୀଭାଇଙ୍କ ବାପା ବେଙ୍ଗାଲୁରୁରେ କାମ କରନ୍ତି।

# ପେନ୍‌ସନ କରାଇଦେବାକୁ ୩୦ ହଜାର ନେଉଥିଲେ

**ଭିଜିଲାନ୍ସ ଜାଲରେ ବନ ବିଦ୍ୟାଳୟ କିରାଣି**

**ଚମ୍ପୁଆ/କେନ୍ଦୁଝର,୧୦।୯(ମହେଶ୍ୱର ଦାସ/ନରେଶ ଚନ୍ଦ୍ର ପଟ୍ଟନାୟକ)**




ନିକଲସନ ବନ ବିଦ୍ୟାଳୟ ଓ କିରାଣି ରୂପଚାନ୍ଦ ନାଏକ।

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ମୁଖ୍ୟାଳୟରେ ଥିବା ନିକଲସନ ଫରେଷ୍ଟ ଟ୍ରେନିଂ ସ୍କୁଲ(ବନ ବିଦ୍ୟାଳୟ)ର ଜଣେ କନିଷ୍ଠ କିରାଣି ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। କିରାଣି ରୂପଚାନ୍ଦ ନାଏକ ଜଣେ ଅବସରପ୍ରାପ୍ତ ପିଅନଙ୍କ ପେନ୍‌ସନ ପେପର ଓ ଅନ୍ୟାନ୍ୟ କାମ କରାଇଦେବାକୁ ଲାଞ୍ଚ ନେଉଥିଲେ। କିରାଣି ନାଏକ ଫରେଷ୍ଟ ଟ୍ରେନିଂ ସ୍କୁଲରେ ୨୦୨୪ ମସିହାରୁ କାର୍ଯ୍ୟ କରି ଆସୁଛନ୍ତି।

ପ୍ରକାଶ ଯେ, ୩୧ ଜୁଲାଇ ୨୦୨୪ରେ ଜଣେ ପିଅନ ସ୍ୱେଚ୍ଛାକୃତ ଭାବେ ଅବସର ନେଇଥିଲେ। ସେ ତାଙ୍କ ସର୍ଭିସ୍ ବୁକ୍, ପେନ୍‌ସନ୍ ପେପର ଆଦି କରିବାକୁ ବନ ବିଦ୍ୟାଳୟକୁ ଆସୁଥିଲେ। ମାତ୍ର ବରିଷ୍ଠ କିରାଣି ରୂପଚାନ୍ଦ ନାଏକ ତାଙ୍କର ଏଚ୍‌ଆର୍‌ଏମ୍‌ଏସ୍‌ରେ ସର୍ଭିସ୍ ବହି ଏବଂ ଅନ୍ୟାନ୍ୟ କାଗଜପତ୍ର ଅପ୍‌ଲୋଡ୍ କରିବା ପାଇଁ ୩୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ମାତ୍ର ସେ ଟଙ୍କା ଦେବାକୁ ଅକ୍ଷମତା ପ୍ରକାଶ କରିଥିଲେ। ତେଣୁ ବାରମ୍ବାର ହଇରାଣ କରୁଥିଲେ। ଶେଷରେ ସେ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ବୁଧବାର ପୂର୍ବ ଯୋଜନା ଅନୁଯାୟୀ ଉକ୍ତ ଲାଞ୍ଚ ଟଙ୍କା ପ୍ରଦାନ ସମୟରେ ଭିଜିଲାନ୍ସ ଟିମ୍ ମାଡ଼ି ବସିଥିଲା। ପରେ ଭିଜିଲାନ୍ସ ଟିମ୍ ଏକକାଳୀନ ତାଙ୍କ କାର୍ଯ୍ୟାଳୟ ଓ ସରକାରୀ ବାସଭବନରେ ମଧ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ କେନ୍ଦୁଝର ଭିଜିଲାନ୍ସ ଡିଏସ୍‌ପି ସୁଧାଂଶୁ ଶେଖର ପୂଜାରୀ, ଇନ୍ସପେକ୍ଟର ଉଲପି ବେହେରା, ସବ୍‌ଇନ୍ସପେକ୍ଟର ସୁଶାନ୍ତ କୁମାର ସେଠୀ, ଷ୍ଟେନୋ ଧ୍ରୁବେନ୍ଦ୍ର କୁମାର ପାତ୍ର, କନଷ୍ଟେବଲ ସର୍ବେଶ୍ୱର ସାହୁ, ମଳୟ କୁମାର ବାରିକ ଏବଂ ବାଲେଶ୍ୱର ଭିଜିଲାନ୍ସ ଡିଭିଜନର କର୍ମଚାରୀମାନେ ସାମିଲ ଥିଲେ। ଏ ନେଇ ତାଙ୍କ ନାଁରେ ଏକ ମାମଲା(ନଂ. ୯/୨୫)ରୁଜୁ କରାଯାଇ କୋର୍ଟଚାଲାଣ କରାଯିବ ବୋଲି ଡିଏସ୍‌ପି ପୂଜାରୀ ସୂଚନା ଦେଇଛନ୍ତି।

# ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

**ଛେଣ୍ଡିପଦା,୧୦।୯ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ବୃଦ୍ଧ ଜନୈକା ମୂକ, ବଧିର ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଯୁବତୀ ଜଣକ ଏବେ ୮ ମାସର ଗର୍ଭବତୀ ଅଛନ୍ତି। ଅଭିଯୋଗ ଅନୁଯାୟୀ, ନାକିଚିଦେଉଳ ଥାନା ଅଞ୍ଚଳର ସମ୍ପୃକ୍ତା ଯୁବତୀ ଛେଣ୍ଡିପଦା ଥାନା ଅଞ୍ଚଳର ସମ୍ପର୍କୀୟଙ୍କ ଘରେ ୫ବର୍ଷ ହେବ ରହୁଛନ୍ତି। ସେ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିବାବେଳେ ଅଭିଯୁକ୍ତ ବୃଦ୍ଧ ଜଣଙ୍କ ତାଙ୍କୁ ବଳାତ୍କାର କରିଥିଲେ। ମୂକ, ବଧିର ହୋଇଥିବାରୁ ଯୁବତୀ ଜଣଙ୍କ ଘଟଣା ସମ୍ପର୍କରେ କାହାକୁ ଜଣାଇପାରି ନ ଥିଲେ। ହେଲେ ସେ ୮ ମାସର ଗର୍ଭବତୀ ହେବା ପରେ ସମ୍ପର୍କୀୟମାନଙ୍କ ନଜରକୁ ଘଟଣା ଆସିଥିଲା। ଏହାପରେ ଯୁବତୀଙ୍କ ମା' ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୪୪୫/୨୫ରେ ମାମାଲା ରୁଜୁ କରିବା ସହ ଯୁବତୀଙ୍କ ଭାଷା ବୁଝି ପାରୁଥିବା ଏକ୍ସପର୍ଟଙ୍କ ଦ୍ୱାରା ବୟାନ ରେକର୍ଡ କରିଛି। ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରାଯାଉଛି। ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ପୋଲିସ ସୂଚନା ଦେଇଛି।

## BUSINESS

# ଲକ୍ଷ୍ୟଠାରୁ ୨୪.୩୬% ଅଧିକ ଟଙ୍କା ହାସଲ କରିଛନ୍ତି ବ୍ୟାଙ୍କ

**୧୮୦ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସମିତି ବୈଠକ**

**ଭୁବନେଶ୍ୱର,୧୦।୯(ଅନୁରାଧା ମହାରଣା)**




୧୮୦ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସମିତି ବୈଠକ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ୟୁକୋ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଏସ୍‌ଏଲ୍‌ବିସି ଓଡ଼ିଶାର ଅଧ୍ୟକ୍ଷ ଅଶ୍ୱିନୀ କୁମାର ସୂଚନା ଦେଇ କହିଛନ୍ତି , ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଏସିପି ଅଧୀନରେ ବାର୍ଷିକ ଲକ୍ଷ୍ୟ ୨,୫୨,୦୯୫.୬୬ କୋଟି ଟଙ୍କା ରଖାଯାଇଥିବାବେଳେ ସମସ୍ତ ବ୍ୟାଙ୍କଗୁଡିକ ୨୦୨୫ ଜୁନ୍ ଶେଷ ସୁଦ୍ଧା ୬୧,୪୧୨.୭୬ କୋଟି ଟଙ୍କା ହାସଲ କରିଛନ୍ତି। ଏହା ଲକ୍ଷ୍ୟର ୨୪.୩୬ ପ୍ରତିଶତ । ରାଜ୍ୟର ବ୍ୟାଙ୍କଗୁଡିକ କୃଷି କ୍ଷେତ୍ରରେ ୨୦.୯୩% ଏବଂ ଏମ୍‌ଏସ୍‌ଏମ୍‌ଇ ଲକ୍ଷ୍ୟ ଅନୁଯାୟୀ ୩୦.୪୧% ହାସଲ କରିଛନ୍ତି। ରାଜ୍ୟର ଆର୍ଥିକ ଅଭିବୃଦ୍ଧି ଅଭିବୃଦ୍ଧି ପାଇଁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏସିପି ସଫଳତା ଓ ରାଜ୍ୟର ଜିଏସ୍‌ଡିପି ଅନୁପାତକୁ ଋଣ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଅର୍ଥ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ର ବ୍ୟାଙ୍କଗୁଡ଼ିକୁ ଜିଏସ୍‌ଡିପି ଅନୁପାତରେ ବୃଦ୍ଧି ହୋଇଥିବା ଋଣ, ଶିକ୍ଷା ଋଣ ଅଧିନରେ ସବ୍‌ଭେନ୍‌ସନ ଯୋଜନା ସମ୍ପର୍କରେ ସୂଚନା ଦେଇଛନ୍ତି। ଆର୍‌ବିଆଇର କ୍ଷେତ୍ରୀୟ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତି ଏଫ୍‌ଆଇ ସାଚୁରେଶନ କ୍ୟାମ୍ପରେ ରି-କେୱାଇସି କରିବାରେ ଓଡ଼ିଶା ଦେଶରେ ପ୍ରଥମ ହୋଇଥିବା କହିଥିଲେ। କୃଷି ଏବଂ କୃଷକ ସଶକ୍ତୀକରଣ ପ୍ରମୁଖ ସଚିବ ଅରବିନ୍ଦ କୁମାର ପାଢ଼ୀ କୃଷି ଉଦ୍ୟୋଗୀଙ୍କ ପ୍ରୋତ୍ସାହନ, କୃଷି ଭିତ୍ତିଭୂମି ଓ ଏମ୍‌ଆଇଡିଏଚ୍ ଆଦି ଯୋଜନା ଉପରେ କହିଥିଲେ। ବାଣିଜ୍ୟ ଓ ପରିବହନ ବିଭାଗର ମୁଖ୍ୟ ଉଷା ପାଢ଼ୀ ସାମଗ୍ରିକ ବିକାଶ ଓ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ପିଏମ୍ ସ୍ୱନିଧି, ଆମ ସୁବାହାକ ଯୋଜନାର ଶୁଭାରମ୍ଭ ବିଷୟରେ ସୂଚନା ଦେଇଥିଲେ। ମିଶନ ଶକ୍ତି ବିଭାଗର କମିଶନର ତଥା ସଚିବ ଶାଳିନୀ ପଣ୍ଡିତ ମହିଳା ଏସ୍‌ଏଚ୍‌ଜିଙ୍କୁ ଅଧିକ ଋଣ ପ୍ରଦାନ କରିବା, ଋଣ ଟିକେଟ ପରିମାଣ ବଢ଼ାଇବା ସମ୍ପର୍କରେ କହିଥିଲେ। ଏମ୍‌ଏସ୍‌ଏମ୍‌ଇ ବିଭାଗର କମିଶନର ତଥା ସଚିବ ପ୍ରଶାନ୍ତ କୁମାର ରେଡ୍ଡୀ ବିଭିନ୍ନ ଯୋଜନା ପାଇଁ ସଂଶୋଧିତ ମାନଦଣ୍ଡ ଅନୁଯାୟୀ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଆର୍ଥିକ ସହାୟତା ପ୍ରଦାନ କରିବା ଉପରେ ଧ୍ୟାନଦେବାକୁ କହିଥିଲେ। ୟୁକୋ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ଏବଂ ଏସ୍‌ଏଲ୍‌ବିସି ଓଡ଼ିଶାର ସଂଯୋଜକ ଗୌତମ ପାତ୍ର ୨୦୨୫ ଜୁନ୍‌ରେ ଶେଷ ହୋଇଥିବା ତ୍ରୈମାସିକ ପାଇଁ ସମସ୍ତ ବ୍ୟାଙ୍କର ଆଚିଭମେଣ୍ଟ ବିଷୟରେ ଆଲୋଚନା କରିଥିଲେ। ଏସ୍‌ବିଆଇ, ପିଏନ୍‌ବି, ୟୁବିଆଇ, ୟୁକୋ, ବିଓଆଇ ଏବଂ ବିଓବିର ପ୍ରତିନିଧି ଯୋଗଦେଇଥିଲେ। ଶେଷରେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ଓଡ଼ିଶା ପ୍ରଭାରୀ ଲିଙ୍ଗରାଜ ନାୟକ ଧନ୍ୟବାଦ ଦେଇଥିଲେ।

# ଥମୁନି ସୁନା ଦର ବୃଦ୍ଧି

**ଭୁବନେଶ୍ୱର,୧୦।୯**

ପାର୍ବଣ ଋତୁ ଓ ବିବାହ ଋତୁରେ ଅଳଙ୍କାର କିଣିବାକୁ ଗ୍ରାହକ ପସନ୍ଦ କରୁଥିବାବେଳେ ନିୟମିତ ଭାବେ ସୁନା ଦର ବଢ଼ିଚାଲିଛି। ମଙ୍ଗଳବାର ୨୨ କ୍ୟାରେଟ ସୁନା ଦାମ ୧ ଲକ୍ଷ ଟଙ୍କା ଅତିକ୍ରମ କରିଥିବା ବେଳେ ବୁଧବାର ପୁଣି ଦର ବଢ଼ିଛି ଯାହାକି ଗ୍ରାହକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ୨୪ କ୍ୟାରେଟ୍ ୧୦ ଗ୍ରାମ ସୁନା ଦାମ ୧,୧୦,୫୦୯ ଟଙ୍କାରେ ପହଞ୍ଚିଛି। ମଙ୍ଗଳବାର ଏହା ୧,୧୦,୨୯୦ ଟଙ୍କା ଥିଲା । ଏଥିରେ ୨୧୯ ଟଙ୍କା ବୃଦ୍ଧି ହୋଇଛି । ସେହିପରି ୨୨ କ୍ୟାରେଟ୍ ୧୦ ଗ୍ରାମ ସୁନା ଦର ୧,୦୧,୩୦୦ ଟଙ୍କା ରହିଛି । ମଙ୍ଗଳବାର ୧,୦୧,୧୦୦ ଟଙ୍କା ଥିଲା । ଏଥିରେ ୨୦୦ ଟଙ୍କା ବୃଦ୍ଧି ହୋଇଛି। ୧୮ କ୍ୟାରେଟ୍ ୧୦ ଗ୍ରାମ ସୁନା ଦର ୮୨,୭୨୦ ଟଙ୍କାରୁ ୧୬୦ ଟଙ୍କା ବଢ଼ି ୮୨,୮୮୦ ଟଙ୍କା ରହିଛି । ତେବେ ରୁପା ଦରରେ ୨ଦିନ କୌଣସି ପରିବର୍ତ୍ତନ ହୋଇ ନାହିଁ । ୧୦୦ ଗ୍ରାମ ରୁପା ଦାମ୍ ୧୪,୦୦୦ ଟଙ୍କା ରହିଛି ।

# ଗ୍ରାମୀଣ ଅର୍ଥନୀତିକୁ ଶକ୍ତିଶାଳୀ କରିବ ପରିବର୍ତ୍ତିତ ଜିଏସ୍‌ଟି

**ଭୁବନେଶ୍ୱର,୧୦।୯**

ଜେସିବି ଇଣ୍ଡିଆ ଲିମିଟେଡ୍‌ର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଦୀପକ ସେଟ୍ଟୀ, ପରିବର୍ତ୍ତିତ ଜିଏସ୍‌ଟି ଉପରେ ନିଜର ମତ ଦେଇଛନ୍ତି। ପାର୍ବଣ ଋତୁ ପୂର୍ବରୁ ଟ୍ରାକ୍ଟର, କୃଷି ଯନ୍ତ୍ରପାତି ଏବଂ ଜଳସେଚନ ବ୍ୟବସ୍ଥା ଭଳି କୃଷି ଉପକରଣ ଉପରେ କମ୍ ଜିଏସ୍‌ଟି ଖର୍ଚ୍ଚ ହ୍ରାସକରି ଗ୍ରାମୀଣ ଗ୍ରାହକଙ୍କୁ ଉପକୃତ କରିବ ଏବଂ ଗ୍ରାମୀଣ ଅର୍ଥନୀତିକୁ ଶକ୍ତିଶାଳୀ କରିବ ବୋଲି ସେ କହିଛନ୍ତି। ଏହି ସଂସ୍କାରଗୁଡ଼ିକ ଗ୍ରାମୀଣ ଅର୍ଥନୀତିରେ ଭିତ୍ତିଭୂମି ବିକାଶ ଏବଂ ଅଭିବୃଦ୍ଧି ଉପରେ ଭାରତ ସରକାରଙ୍କ ଗୁରୁତ୍ୱ ସହ ସମନ୍ୱିତ। ଉଭୟ କ୍ଷେତ୍ରରେ ଜେସିବି ମେଶିନର ବହୁ ଅବଦାନ ରହିଛି।

# ବାରିପଦାରେ ହାଇଟେକ୍‌ର ୩ ଦିନିଆ ସ୍ୱାସ୍ଥ୍ୟ ଶିବିର




**ଭୁବନେଶ୍ୱର,୧୦।୯(ଅନୁରାଧା ମହାରଣା)**

ମୟୂରଭଞ୍ଜ ଜିଲା ବାରିପଦାଠାରେ ଭାରତୀୟ ସେନା ବାଲେଶ୍ୱର ମୁଖ୍ୟାଳୟ ଓ ଜିଲା ପ୍ରଶାସନ ବାରିପଦା ସହଯୋଗରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପକ୍ଷରୁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। କନ୍‌ଭେଣ୍ଟ ରୋଡ୍, ଷ୍ଟେଶନ ବଜାର ଆଶୀର୍ବାଦ ଛକ ନିକଟସ୍ଥ ବିବାହ ମଣ୍ଡପଠାରେ ୩ ଦିନ ଧରି ଆୟୋଜିତ ହୋଇଛି। ଏହି ଶିବିରରେ ବିଭିନ୍ନ ବିଭାଗର ସୁଦକ୍ଷ ଚିକିତ୍ସକଙ୍କ ଦ୍ୱାରା ସ୍ୱାସ୍ଥ୍ୟସେବା ସହ ସ୍ୱତନ୍ତ୍ର ଭାବେ ଚକ୍ଷୁ ଓ ଦନ୍ତ ପରୀକ୍ଷା ନିମନ୍ତେ ମୋବାଇଲ ଭ୍ୟାନ୍‌ର ବ୍ୟବସ୍ଥା କରାଯାଇଥିଲା। ଶିବିରକୁ ମୁଖ୍ୟ ଅତିଥି ମୟୂରଭଞ୍ଜର ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମୀ ରାଜଲକ୍ଷ୍ମୀ ଭଞ୍ଜଦେଓ ଏବଂ ହାଇଟେକ୍ ଗ୍ରୁପ୍‌ର ସିଇଓ ତଥା ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ ଉଦ୍‌ଘାଟନ କରିଥିବା ବେଳେ ଗୃହ ନିର୍ମାଣ ଓ ସହରାଞ୍ଚଳ ବିକାଶ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଶିବିର ପରିଦର୍ଶନ କରିଥିଲେ। ଏହି ଶିବିରରେ ୫୫୦୦ରୁ ଊର୍ଦ୍ଧ୍ୱ ଲୋକ ନିଜର ଚିକିତ୍ସା କରାଇଛନ୍ତି। ସ୍ୱତନ୍ତ୍ର ଅତିଥି ଲ୍ୟୁଟ୍‌ନାଣ୍ଟ ଜେନେରାଲ ପି.ଏସ୍. ଶେଖାୱତଙ୍କ ସମେତ ବିଭିନ୍ନ ପଦାଧିକାରୀ ଉପସ୍ଥିତ ଥିଲାବେଳେ ଶତାଧିକ ସେନା ଅଧିକାରୀ ଓ ସେମାନଙ୍କ ପରିବାରରେ ସ୍ୱାସ୍ଥ୍ୟ ଚିକିତ୍ସା କରାଇଥିଲେ। ପରବର୍ତ୍ତୀ ସମୟରେ ଆଶାୟୀ ରୋଗୀମାନଙ୍କର ହାଇଟେକ୍ ମେଡିକାଲରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ସେବା ଯୋଗାଇଦେବେ ବୋଲି ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଓ ସିଇଓ ସୁରେଶ କୁମାର ପାଣିଗ୍ରାହୀ ପ୍ରତିଶ୍ରୁତି ଦେଇଛନ୍ତି।

# ବଜାରରେ ହିରୋ ଗ୍ଲାମର ଏକ୍ସ ୧୨୫


ଭୁବନେଶ୍ୱରରେ ରୋହନ ହିରୋ ପକ୍ଷରୁ ଆୟୋଜିତ ଉନ୍ମୋଚନ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ରୋହନ ଦୁବେ, ସେଲ୍‌ସ ମ୍ୟାନେଜର ଜ୍ୟୋତି ରଞ୍ଜନ ପାତ୍ର ଏବଂ ମ୍ୟାନେଜର(ଲଜିଷ୍ଟିକ୍) ଜ୍ଞାନ ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।


କଟକ କନିକା ଛକସ୍ଥିତ ସନି ମୋଟର୍ସ ପରିଚାଳନା ନିର୍ଦ୍ଦେଶକ ଉମରଜିତ ସିଂହ ଗ୍ଲାମର ଏକ୍ସ ୧୨୫ର ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର,୧୦।୯**

ସ୍କୁଟର କମ୍ପାନୀ ହିରୋ ମୋଟରକର୍ପ ପକ୍ଷରୁ ନୂଆ ଗ୍ଲାମର ଏକ୍ସ ୧୨୫ ଉନ୍ମୋଚନ କରାଯାଇଛି। ଏହା ଭାରତରୁ ସବୁଠାରୁ ଅତ୍ୟାଧୁନିକ ୧୨୫ ସିସି ମୋଟରସାଇକେଲ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଆକର୍ଷଣୀୟ ଡିଜାଇନ, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା, ଅତୁଳନୀୟ ପରଫରମାନ୍ସ ଏବଂ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ସହ ପ୍ରସ୍ତୁତ ଏହି ବାଇକ୍ ଦୁଇଟି ଭାରିଆଣ୍ଟରେ ଉପଲବ୍ଧ ହେଉଛି। ଡ୍ରମର ମୂଲ୍ୟ ୮୯,୯୯୯ ଟଙ୍କା ରହିଥିବାବେଳେ ଡିସ୍କର ମୂଲ୍ୟ ୯୯,୯୯୯(ଏକ୍ସ ଶୋ' ରୁମ୍) ମୂଲ୍ୟ ରହିଛି। ଏହାର ସିଗ୍ନେଚର 'ଏଚ୍' ଫୁଲ୍ ଏଲ୍‌ଇଡି ଲାଇଟିଂ ପ୍ୟାକେଜ ମଧ୍ୟରେ ହାଇ ଡେନ୍‌ସିଟି ହେଡ୍ ଲ୍ୟାମ୍ପ, ଇଣ୍ଟିଗ୍ରେଟେଡ୍ ପୋଜିସନ ଲାଇଟ୍ସ ଓ ଷ୍ଟାଇଲିଶ ଏଲ୍‌ଇଡି ଟେଲ୍ ଲ୍ୟାମ୍ପ ରହିଛି। ଏହା ସହ ବ୍ଲୁ ଟୁଥ୍ କନେକ୍ଟିଭିଟି, ଟର୍ନ ବାଇ ଟର୍ନ ନେଭିଗେଶନ, ଡିଷ୍ଟାନ୍ସ ଟୁ ଏମ୍ପଟି ଗିୟର ପୋଜିସନ ଆଡଭାଇଜରି ଓ ଆମ୍ବିଏଣ୍ଟ ଲାଇଟ୍ ସେନ୍ସର ସହ ଆଡଭାନ୍ସଡ୍ ମଲ୍ଟି କଲର ଏଲ୍‌ସିଡି ଇନ୍‌ଷ୍ଟ୍ରୁମେଣ୍ଟ ଆଦି ବୈଶିଷ୍ଟ୍ୟ ରହିଛି। ଗ୍ଲାମର ଏକ୍ସରେ ଅତ୍ୟାଧୁନିକ ସ୍ପ୍ରିଣ୍ଟ-ଇବିଟି ଇଞ୍ଜିନ୍ ରହିଛି। କମ୍ପାନୀ ଦାବି କରିଛି, ଏହା ବିଶ୍ୱର ପ୍ରଥମ ୧୨୫ ସିସି ମୋଟର ସାଇକେଲ ଯେଉଁଥିରେ ଲୋ ବ୍ୟାଟେରି କିକ୍ ଷ୍ଟାର୍ଟ ଅଛି। ଆକର୍ଷଣୀୟ ଲୁକ୍ ସହ ସମ୍ପୂର୍ଣ୍ଣ ନୂତନ ଟେକଟାଇଲ ସୁଇଚ୍ ଗିୟର ଅଛି। ଏଥିରେ ୪ଟି ସ୍ୱତନ୍ତ୍ର ବୈଶିଷ୍ଟ୍ୟ ମଧ ରହିଛି। ହାଇୱେରେ ଚଳାଇବା ପାଇଁ କ୍ରୁଜ୍ କଣ୍ଟ୍ରୋଲ ବ୍ୟବସ୍ଥା ରହିଥିବାବେଳେ ଭିନ୍ନ ଭିନ୍ନ ଧରଣର ରାସ୍ତା ଓ ପାଣିପାଗରେ ଚଳାଇବା ପାଇଁ ଇକୋ, ରୋଡ୍ ଏବଂ ପାୱାର ଭଳି ୩ଟି ମୋଡ୍ ରହିଛି।

# ବାଘାଯତୀନ୍ ଥିଲେ ସ୍ୱାଧୀନତା ସଂଗ୍ରାମର ପ୍ରମୁଖ କର୍ଣ୍ଣଧାର

**ବାଲେଶ୍ୱର, ୧୦।୯ (ବାଞ୍ଛାନିଧି ଦେ)**

ବାଲେଶ୍ୱରସ୍ଥିତ ବାରବାଟି ବାଳିକା ହାଇସ୍କୁଲ ପରିସରରେ ବାଘାଯତୀନ ଉନ୍ନୟନ କମିଟି ଆନୁକୂଲ୍ୟରେ ଶହୀଦ ବାଘାଯତୀନଙ୍କ ୧୧୦ତମ ସ୍ମୃତି ଦିବସ ବୁଧବାର ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଏହି ଉତ୍ସବରେ ପୌରୋହିତ୍ୟ କରି ଶହୀଦଙ୍କ ଅମର ଗାଥା ସ୍ମୃତିଚାରଣ କରିଥିଲେ। ମୁଖ୍ୟଅତିଥି ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଶହୀଦ ବାଘାଯତୀନଙ୍କ ଅଦମ୍ୟ ସାହସିକତା, ବଳିଷ୍ଠ ନେତୃତ୍ୱ ଏବଂ ବ୍ରିଟିଶ ଶାସନ ବିରୋଧରେ ସଂଗ୍ରାମ ଅବିସ୍ମରଣୀୟ। ତାଙ୍କର ବଳିଦାନ ଓ ଦେଶପ୍ରେମ ଇତିହାସରେ ବିରଳ। ସଶସ୍ତ୍ର ସ୍ୱାଧୀନତା ସଂଗ୍ରାମର ସେ ଜଣେ ପ୍ରମୁଖ କର୍ଣ୍ଣଧାର ଥିଲେ ବୋଲି ବକ୍ତବ୍ୟରେ କହିଥିଲେ। କମିଟିର କାର୍ଯ୍ୟକାରୀ ସଭାପତି ସୁଜିତ୍ କୁମାର ଦେବ ସ୍ୱାଗତ ବକ୍ତବ୍ୟ ଓ କମିଟିର ସମ୍ପାଦକ ହରେନ୍ ଚନ୍ଦ୍ର ରଣା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବାଲେଶ୍ୱର ଜାତୀୟ ରାଜପଥ ଡାକ ବଙ୍ଗଳାରେ 'ରକ୍ତତୀର୍ଥ' ଯାତ୍ରୀ ଦଳଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସହରରେ ଥିବା ଉତ୍କଳମଣି ଗୋପବନ୍ଧୁ, ଫକୀର ମୋହନ ସେନାପତି, ବିଜୁ ପଟ୍ଟନାୟକ, ନେତାଜୀ ସୁବାଷ ଚନ୍ଦ୍ର ବୋଷ, ରାଜା ବୈକୁଣ୍ଠ ଦେବ, ମହାତ୍ମା ଗାନ୍ଧୀ ଓ ବାଘାଯତୀନ କ୍ଲବ ଠାରେ ଥିବା ବାଘାଯତୀନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଆୟୋଜିତ ରକ୍ତଦାନ ଶିବିରକୁ ବିଧାୟକ ଦତ୍ତ ଉଦ୍‌ଘାଟନ କରିଥିଲେ। ବାଘାଯତୀନ ହାଇସ୍କୁଲ, ଚଷାଖଣ୍ଡ ଦେଶୁଆ ପୋଖରୀସ୍ଥିତ 'ରକ୍ତ ତୀର୍ଥ', ଜିଲା କାରାଗାରରେ ଥିବା ଫାଶୀ ମଞ୍ଚ ଓ ସ୍ମୃତି ମଣ୍ଡପରେ ଶହୀଦମାନଙ୍କ ଉଦ୍ଦେଶ୍ୟରେ ମାଲ୍ୟାର୍ପଣ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ।

**ଶହୀଦଙ୍କ ୧୧୦ତମ ସ୍ମୃତି ଦିବସ**



ସ୍ମୃତିସଭାରେ ବିଧାୟକଙ୍କ ସହ ଅତିଥିଗଣ।

# ମାଓବାଦୀଙ୍କ ଅସ୍ତ୍ରଶସ୍ତ୍ର ସାମଗ୍ରୀ ଜବତ

**ମାଲକାନଗିରି, ୧୦।୯ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ ବିଜାପୁର ଜିଲାରେ ମାଓବାଦୀଙ୍କ ଦ୍ୱାରା ଲୁଚାଇ ରଖାଯାଇଥିବା ବିଭିନ୍ନ ଅସ୍ତ୍ରଶସ୍ତ୍ର ତିଆରି ସାମଗ୍ରୀ ସହ ଅନ୍ୟାନ୍ୟ ସରଞ୍ଜାମକୁ ଯବାନମାନେ ସର୍ଚ୍ଚ ସମୟରେ ବୁଧବାର ଜବତ କରିଛନ୍ତି। ସିଆରପିଏଫ ଯବାନମାନେ ବିଜାପୁର ଜିଲା ଏଲାରମାଡଗୁ ଜଙ୍ଗଲରେ କୋମ୍ବିଂ କରୁଥିବା ବେଳେ ଗୋଟିଏ ସ୍ଥାନରେ ଡମ୍ପ ଦେଖିବାକୁ ପାଇଥିଲେ। ଏହାକୁ ଖୋଳିବା ପରେ ସେଥିରୁ ୪୨ ଲୁହା ରଡ୍, ୭୧ କାଠରେ ତିଆରି ସ୍ପାଇକ୍ ସହ ପ୍ରିଣ୍ଟର୍, ଜେନେରେଟର ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି।



ଯବାନଙ୍କ ଦ୍ୱାରା ଜବତ ହୋଇଥିବା ବିଭିନ୍ନ ମାଓବାଦୀ ସାମଗ୍ରୀ।

# ମଦ ପିଇ ନିଲମ୍ବନ ହେଲେ ପ୍ରଧାନଶିକ୍ଷକ

**ନୂଆଗାଁ, ୧୦।୯ (ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଶିକ୍ଷା ବିଭାଗ ଅଧୀନ ଜାକେଡ଼ା ପଞ୍ଚାୟତ ଶିମିଳିସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଦ ପିଇ କାର୍ଯ୍ୟରେ ଅବହେଳା କରିଥିବା କାରଣରୁ ବୁଧବାର ବିଇଓ ଚିଠି ନଂ. ୨୦୯୯/୧୦।୯।୨୫ରେ ନିଲମ୍ବନ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଅର୍ଜ୍ଜୁନ ମଲ୍ଲିକ ନିଜ କାର୍ଯ୍ୟରେ ଅବହେଳା କରିବା ସହ ଅନେକ ସମୟରେ ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିଲେ। ଏଥିସହ ବିଦ୍ୟାଳୟକୁ ପ୍ରତିଦିନ ନିଶା ସେବନ କରି ଆସୁଥିବା ନେଇ ଅଭିଯୋଗ ହେଉଥିଲା। ବୁଧବାର ପ୍ରଧାନଶିକ୍ଷକ ମଲ୍ଲିକ ମଦ୍ୟପାନ କରି ବିଦ୍ୟାଳୟକୁ ଆସିଥିଲେ। ଛାତ୍ରୀଛାତ୍ରମାନଙ୍କୁ ପାଠ ପଢ଼ାଇବା ବଦଳରେ ବିଦ୍ୟାଳୟ ଚଟାଣରେ ଶୋଇ ରହିଥିଲେ। ତାଙ୍କୁ ଉଠାଇବା ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସେ ଉଠି ନ ଥିଲେ। ଏ ନେଇ ଅଭିଯୋଗ ହେବା ପରେ ବିଦ୍ୟାଳୟରେ ନୂଆଗାଁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜ୍ୟୋତ୍ସ୍ନାରାଣୀ ସେଠୀ ଏବଂ ଜାକେଡ଼ା କ୍ଲଷ୍ଟରର ସିଆର୍‌ସିସି ପ୍ରସନ୍ନ କୁମାର ବେହେରା ପହଞ୍ଚି ଥିଲେ। ପ୍ରଧାନଶିକ୍ଷକ ଚଟାଣରେ ଶୋଇ ରହିଥିବା ଦେଖିବା ପରେ ତାଙ୍କୁ ଉଠାଇବା ପାଇଁ ଚେଷ୍ଟା କରାଯାଇଥିଲା। କିନ୍ତୁ ସେ ଉଠି ନ ଥିଲେ। ଏ ନେଇ ଏକ ରିପୋର୍ଟ ବ୍ଲକ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯିବାରେ ପରେ ପ୍ରଧାନଶିକ୍ଷକ ମଲ୍ଲିକଙ୍କୁ ନୂଆଗାଁ ବିଇଓ ଭକ୍ତି ବିନୋଦ ସଲ ନିଲମ୍ବନ କରିଥିବା ସୂଚନା ମିଳିଛି। ନିଲମ୍ବନ ପରେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସମ୍ପୃକ୍ତ ସ୍କୁଲର ବରିଷ୍ଠ ଶିକ୍ଷକ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟ ତୁଲାଇବା ପାଇଁ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

**ଶିମିଳିସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**



ନିଶାସକ୍ତ ଅବସ୍ଥାରେ ପ୍ରଧାନଶିକ୍ଷକ ସ୍କୁଲରେ ଶୋଇଛନ୍ତି।

# ଝିଅକୁ ଦେଖିବାକୁ ଆସୁଥିବା ବେଳେ ଦୁର୍ଘଟଣାରେ ବାପାଙ୍କ ମୃତ୍ୟୁ

**କେନ୍ଦୁଝର, ୧୦।୯ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ସଦର ଥାନା ବୁଲାଣି ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସଦର ଥାନା ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ନରସିଂହପୁର ଗ୍ରାମର ପ୍ରଭାଷ ମୁଣ୍ଡା(୨୩)। କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରଭାଷ ସ୍ତ୍ରୀ ମିନତୀ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ପ୍ରଭାଷ ବାଇକ୍ (ନଂ. ଓଡି-୦୯-ଏଫ୍-୪୮୫୪) ଯୋଗେ ଝିଅକୁ ଦେଖିବାକୁ କେନ୍ଦୁଝର ଅଭିମୁଖେ ଯାଉଥିଲେ। ବିଳମ୍ବିତ ରାତି ପ୍ରାୟ ୧୨ଟାରେ ୨୦ନମ୍ବର ଜାତୀୟ ରାଜପଥର ସଦର ଥାନା ବୁଲାଣି ନିକଟରେ ଏକ ଅଜଣା ଗାଡି ବାଇକ୍‌କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଗାଡ଼ି ଚକ ତାଙ୍କ ଉପରେ ଚଢ଼ିଯିବା ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ପୋଲିସ ଏକ ମାମଲା(ନଂ. ୫୨୬/୨୫)। ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଜିଲା ପ୍ରଶାସନ ପକ୍ଷରୁ ପରିବାରଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।


## GOVERNMENT OF ODISHA
# HIGHER EDUCATION DEPARTMENT
## (SUBMISSION OF ONLINE APPLICATION FOR AWARD OF SCHOLARSHIP FOR THE ADMISSION YEAR 2025-26)

No. N-162: The Higher Education Department, Government of Odisha invites online application for award of Scholarship under **Mukhyamantri Medhabi Chhatra Protsahan Yojana - Higher Education** scheme for the year 2025-26 from eligible Students of Odisha, who are pursuing general courses, i.e. UG (+3) Courses, PG Courses and Technical & Professional Courses in SAMS and Non-SAMS Institutions (i.e. UGC/AICTE/MCI affiliated Universities/Management, Engineering, Medical & other Technical Institutions) inside and outside Odisha.
**Students can apply for Scholarships under URL: www.scholarship.odisha.gov.in.**
The different categories of merit, number, rate, amount to be paid and courses applicable for the scholarship are given in a tabular form:

| Sl. No. | Category of Merit | Rate of Scholarship per year | Remarks |
|---|---|---|---|
| 1 | e-Medhabruti Scholarship | | |
| a. | UG Merit | Rs.10,000/- | |
| b. | PG Merit | Rs.15,000/- | |
| c. | Technical & Professional Merit | Rs.20,000/- | The number of Scholarships under a particular category may be increased by the Government depending on the number of eligible students applied and validated in other categories in an academic year |
| 2. | Gopabandhu Sikhya Sahayata Yojana | Rs.20,000/- per year | Eligible students will get GSSY scholarship irrespective of getting any other scholarship |
| 3. | Vyasakabi Fakir Mohan Bhasabruti | UG Course: Rs.20,000 (One-Time in 1st year) PG Course: Rs.30,000 (One-Time in 1st year) | Eligible students will get VFMB scholarship irrespective of getting any other scholarship |

**N.B.:** (1) Aadhaar is made mandatory for availing scholarship. Please provide correct Aadhaar number of self in the Online application form. In case it is found that Aadhaar number provided by the student is wrong or is not his/her, the application is liable to be rejected.
(2) Aadhaar seeding with Bank account is mandatory to receive scholarship under all MMCPY schemes.
From 2025-26 onwards, disbursement will be done only through Aadhaar Payment Bridge System (APBS).
Ensure your Aadhaar is linked to your active Bank account to avoid payment issues.

**Schedule Timeline for Online Application**

| | | |
|---|---|---|
| 01 | Opening date of Online application for students<br>Last date of Online application for students | 10.09.2025<br>09.10.2025 |
| 02 | Validation of students record by Principal/Head of the Institution | 10.09.2025 to 23.10.2025 |
| 03 | Validation of students record by DWO (Only for GSSY) | 23.10.2025 to 31.10.2025 |

**NO FURTHER EXTENSION OF DATELINE WILL BE MADE BY THE HIGHER EDUCATION DEPARTMENT.**
In case of any problem faced by the students at the time of filling up the application online, they may refer to FAQs available on the home page of the website or take the help of **helpline, Higher Education Department - 0674 (2396550), 0674 (2323401), 0674 (2323402), 0674 (2323404)** (on all working days from 10.30 A.M. to 5.30 P.M.) or e-mail on **scholarshiphed@gmail.com**.
**OIPR-11001/11/0106/2526** **Sd./- Joint Secretary to Government**

**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA – 768017, DISTRICT: SAMBALPUR (ODISHA), PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in CIN : U40101OR1995SGC003963
No. CAD-1705
**No. HHEP/Tech-W-152(Vol-1)/6094** **Date : 09.09.2025**
**e-TENDER CALL NOTICE NO. HHEP-50/2025**
Unit Head, HHEP, Burla invites percentage rate e-tender in double cover system from firm / agency / eligible class of contractor registered with the Govt. of Odisha and contractor of equivalent grade / class registered with Central Govt./ MES / Railway to be received **online mode only** for the following work in the portal **https://tendersodisha.gov.in**

| Name of work | Approx. tender value of work (in Rs.) excluding GST, EPF & ESI | Cost of tender paper (Non-Refundable) | EMD in shape of DD/BC |
|---|---|---|---|
| Operation and maintenance of water supply system of Residential and Non-Residential buildings of HHEP, Burla for two years | 37,24,019/- | Rs. 7080/- (Rs. 6000 /- + GST 18%) | 37300/- |

- Sale of tender paper: 12.09.2025(11.00AM) to 23.09.2025 upto 03.00PM
- Receipt of tender paper: 23.09.2025 upto 03.00PM
- Date & time of opening of tender: 23.09.2025 at 04.00PM
- Further details can be seen from the e-procurement portal **https://tendersodisha.gov.in / www.ohpcltd.com** **Sd/-**

OIPR-04007/11/0069/2526 **Unit Head, HHEP, Burla**

**DEPUTY DIRECTOR**
**NANDANKANAN ZOOLOGICAL PARK**
**P.O-BARANG, DIST-KHURDA, PIN-754005**
**PHONE/FA No-0674-2466075, 9437022023(M)**
Email: deputydirector.kanan@gmail.com
NANDANKANAN CONSERVE | EDUCATE | INSPIRE
Web:www.nandankanan.org
**No.MM-185** **e-PROCUREMENT NOTICE**
**e-Tender No.DD-NKN-04/PMU/NKZP-2025-26, Dt.09.09.2025**

| | | | |
|---|---|---|---|
| 1 | Name of the Work | : | Re-Tender for Expression of interest-cum-request for proposal (RFP) for engagement of an agency for sourcing, handling crating, Transportation and documentation of animals from India or Abroad to Nandankanan Zoological Park, Odisha, Bhubaneswar through patrons of Nandankanan. |
| 2 | No. of Works | : | 1 (One) No. |
| 3 | Date of availability of bid document in the portal | : | 09.09.2025 |
| 4 | Last date for receipt of bids in the portal | : | 23.09.2025 upto 5.00 P.M. |
| 5 | Date of Opening of Technical Bid (Cover-I) | : | 24.09.2025 at 3.30 P.M. |
| 6 | Name & Address of Officer Inviting Tender (OIT) | : | Deputy Director, Nandankanan Zoological Park, P.O-Barang, Dist- Khordha, Pin-754005 |

Further details can be seen from the e-Procurement portal https/www.tendersodisha.gov.in.
**Sd./- Deputy Director**
**Nandankanan Zoological Park**
**OIPR-08070/11/0106/2526**

**"e" PROCUREMENT NOTICE**
**JAJPUR MUNICIPALITY, JAJPUR**
**Tender Call Notice No. 3018** **Date: 08.09.2025**
No. C-1029: Bid documents consisting of the schedule of quantities and the set of terms & conditions of contract and other necessary documents can be seen in the Government Website i.e. **www.tendersodisha.gov.in**.

1. Name of work : Building works, Electrical Works
2. No. of works : 4 (Four) Nos.
3. Bid Value : Rs.847457/- to 3437178/-
4. Bid Id : JM-06/2025-26
5. Tender Id : 2025_ORULB_117798_01 & 2025_ORULB_117798_4
6. Period of Completion : 60 Day to 120 Days
7. Date of availability of Bid documents in the portal : From 11.00 A.M. of Dt.09.09.2025 to 19.09.2025 upto 5.00 P.M.
8. Last date for receipt of bids in the portal : Dt.19.09.2025 upto 5.00 P.M.
9. Bids received online shall be opened on : Dt.23.09.2025 at 11.00 A.M.
10. Name & address of the Officer Inviting Bid : Executive Officer, Jajpur Municipality

All other terms and conditions are available in the DTCN & BOQ uploaded in the above website.
**Sd./- Executive Officer, Jajpur Municipality**
**OIPR-13171/11/0034/2526**

**OFFICE OF THE SUPERINTENDING ENGINEER**
No. B-505 **CUTTACK (R&B) DIVISION NO. II, CUTTACK**
**E-Mail ID: eepwdcuttack2@gmail.com, Tel./Fax No.: (0671) 2973399**
**GOVERNMENT OF ODISHA "e" Procurement Notice**
**e-Procurement Notice for Road Works**
**Bid Identification No. S.E. CTC (R&B)-II-12 of 2025-26**

1. Name of the work : 01 No. of Road Work
2. Estimated Cost : Rs.25,23,945/-
3. Period of Completion : 01 (One) Calendar Month
4. Date & time of sale & receipt of bid document : From 11.09.2025 to 5 P.M. of 20.09.2025
5. Last date/time of receipt of bids : 5 P.M. of 20.09.2025
6. Date & time of Opening of Bids: 11 A.M. of 22.09.2025
7. Name and address of the Officer Inviting Bid : Superintending Engineer, Cuttack (R&B) Division-II, Cuttack

Further details can be seen from the e-procurement portal **http://www.tendersorissa.gov.in**.
Any addendum/corrigendum/cancellation of tender can also be seen in the said website.
**Sd./- Superintending Engineer**
**Cuttack (R&B) Division No. II**
**OIPR-34137/11/0022/2526**

**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA – 768017, DISTRICT: SAMBALPUR (ODISHA), PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in CIN : U40101OR1995SGC003963
No. CAD-1709
**No. HHEP/Tech-W-56/21/6107** **Date :09.09.2025**
**e-TENDER CALL NOTICE NO. HHEP-51/2025**
Unit Head, HHEP, Burla invites percentage rate e-tender in double cover system (Cover-I Technical Bid and Cover-II Price bid) from the eligible class of contractor registered with the Govt. of Odisha and contractor of equivalent grade / class registered with Central Govt./ MES / Railway to be received **online mode only** for the following work in the portal **https://tendersodisha.gov.in**

| Name of work | Approx. tender value of work (in Rs.) excluding GST, EPF & ESI | Cost of tender paper (Non-Refundable) | EMD in Rs. | Class of contractor |
|---|---|---|---|---|
| Renovation of sewerage system at SD-3 block and construction of storm water drains at SD-3 & SD-5 blocks of HHEP, Burla | 957129/- | Rs. 4720/- (Rs. 4000 /- + GST 18%) | 9575/- | 'D & C' |

- Sale of tender paper : **12.09.2025 (11.00AM) to 24.09.2025 upto 03.00PM**
- Receipt of tender paper: **24.09.2025 upto 03.00PM**
- Date & time of opening of tender: **24.09.2025 at 04.00PM**
- Further details can be seen from the e-procurement portal **https://tendersodisha.gov.in / www.ohpcltd.com** **Sd/-**

OIPR-04007/11/0070/2526 **Unit Head, HHEP, Burla**

**PANCHAYAT SAMITI, GUMMA**
**DIST.: GAJAPATI (ODISHA), PIN - 761207**
**Adv. No. 05/2025-26** **Dt.: 08.09.2025**
**TENDER CALL NOTICE**
No. I-300: Sealed tenders (Percentage rate) are invited for 03 Nos. of works from the interested "D"/ "C"/ "B" Class contractors registered with the Govt. for execution of civil works under Panchayat Samiti, Gumma, Dist.: Gajapti. The details notification is available at official website: **www.Gajapati.odisha.gov.in**. Interested bidders fulfilling the eligibility criteria may submit their proposal(s) to the Panchayat Samiti, Gumma. Gajapati, Proposal(s) complete in all respect should reach the undersigned on or before 3.00 P.M. of 23.09.2025 through Regd./Speed Post and the same will be opened on 03.00 P.M. of 24.09.2025. The undersinged reserves the right to reject any or all the tender(s) without assigning any reason thereof.
**Sd./- Block Development Officer**
**Gumma, Gajapati**
**OIPR-19347/11/0007/2526**

**OFFICE OF THE SUPERINTENDING ENGINEER, M.I. DIVISION, CUTTACK**
**Nayabazar, Cuttack - 04**
**email Id: eemidcuttack@yahoo.co.in**
**Letter No. 3949** **Date: 08.09.2025**
**1st Corrigendum to Tender Call Notice No. 09/2025-26**
No. A-603: It is to notify that the **TENDER CALL NOTICE No. 09/2025-26** of M.I. Division, Cuttack through online has been **CANCELLED due to Administrative Ground.**
**Sd./- Superintending Engineer**
**OIPR-32121/11/0043/2526** **M.I. Division, Cuttack**

**ODISHA UNIVERSITY OF AGRICULTURE & TECHNOLOGY, BHUBANESWAR-3**
**Letter No.ACD-I-ADM-0013/2022/16305/UAT** **Dt.8th, September, 2025**
**UNDER GRADUATE SPOT COUNSELING & ADMISSION NOTICE-2025-26**
No.KK-221: Vacant seats in different UG Course programme under different categories are available for spot counseling and admission in OUAT as per clause 7.3.2 of UG prospectus 2025-26. All the seats for spot admission are cost sharing ones. **The seats are likely to increase as the seats vacated by cancellation of admission till 22.09.2025 (5.00 PM) will be included for spot counseling & admission.**
The candidates who have been awarded rank in OUAT UG Admission-2025 are eligible to apply. Candidates interested to participate in spot counseling & admission must register online by logging in using their registered email id and mobile number through OUAT website **www.ouat.ac.in (Academic section>admission section)/ https://ouat-lokaseba-odisha.in/** paying a registration fees of Rs.500/- **(mandatory)**. The spot counseling and admission programme is given below.

| Sl. No. | Programme | Date |
|---|---|---|
| 1 | Online Registration | 08.09.2025 to 15.09.2025 |
| 2 | Availability of Intimation-cum-Rank Card | 17.09.2025 |
| 3 | Spot Counselling and Admission | 23.09.2025 & 24.09.2025 |

**Candidates must visit OUAT website: www.ouat.ac.in for**
i) Vacant seat position available for UG spot counseling and admission-2025.
ii) Guideline for UG spot counseling and admission -2025.
**OIPR-01533/11/0017/2526** **Sd./- REGISTRAR**

**OFFICE OF THE PANCHAYAT SAMITI, NILGIRI, BALASORE**
**Email id: (ori-nilgiri@nic.in), Phone No.: 06782-233236**
**TENDER NOTICE**
No. I-304: A tender notice of "Bid Identification No. KGBV/2025-26/Nilgiri/004" for "Construction of New KGBV Hostel Building at Chhatrapur (Rs.83,77,074/-)" has been published on website. For further details information applicants are advised to visit **www.tendersorissa.gov.in & https://balasore.odisha.gov.in.**
**Sd./- Block Development Officer, Nilgiri**
**OIPR-19177/11/0003/2526**

ଓଡ଼ିଶା ସରକାର No.A-
ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଆଖୁଆପଦା ଜଳସେଚନ ବିଭାଜନ
ଇମେଲ–akp.irrigationdivision@gmail.com
**'e'- Procurement Notice No.09/2025-26**

1. କାର୍ଯ୍ୟର ନାମ : ନଦୀ ବନ୍ଧ ମରାମତି କାର୍ଯ୍ୟ
2. ମୋଟ କାର୍ଯ୍ୟ ସଂଖ୍ୟା : ୦୪ ଗୋଟି କାର୍ଯ୍ୟ
3. ଅଟକଳ ମୂଲ୍ୟ : ୩୫.୨୨ ଲକ୍ଷରୁ ୮୩.୦୦ ଲକ୍ଷ
4. ଇ.ଏମ.ଡି (Bid Security) ଓ ବିଡ୍ ମୂଲ୍ୟର ଦେୟ ପ୍ରଣାଳୀ : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN.
5. କାର୍ଯ୍ୟ ସମାପ୍ତି ସମୟ : ୬ ମାସ
6. ନିମ୍ନଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ :

I. Procurement Officer : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନ,ଆଖୁଆପଦା
II. ଅନଲାଇନ Biddingର ସମୟସୀମା: ତା.୧୦.୦୯.୨୦୨୫ ଦିବା ୧୦ ଘଟିକାରୁ ତା.୧୯.୦୯.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ
III. Technical ଏବଂ Financial bid: ଖୋଲାଯିବାର ତାରିଖ ଓ ସମୟ: ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୨୦.୦୯.୨୦୨୫ ଦିବା ୧୧.୩୦
IV. Transparent Lotteryର ତାରିଖ ଓ ସମୟ : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୨୬.୦୯.୨୦୨୫ ଦିବା ୧୧.୦୦ ଘଟିକା ସମୟରେ।

ଅନ୍‌ଲାଇନ ତଥ୍ୟ ଏହି ୱେବସାଇଟରେ ପ୍ରଦାନ କରାଯାଇଛି www.tendersorissa.gov.in
ସ୍ୱା./– ଅଧୀକ୍ଷଣ ଯନ୍ତ୍ରୀ
ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା
**OIPR-32548/11/0010/2526**

**THE ODISHA STATE POLICE HOUSING & WELFARE CORPORATION LTD.**
**(A Government of Odisha Undertaking)**
**Janpath, Bhoinagar, Bhubaneswar - 22**
**Ph.: 0674-2541545, 2542921**
**E-mail: ophwc.od@od.nic.in, Website: www.ophwc.com**
**e-Procurement Notice No. 12/OPHWC/2025-26**
**INVITATION FOR BIDS (IFB)**
No. CAD-1704: The Chief Engineer (OSPH&WC), Odisha, Bhubaneswar invites percentage rate bid in Double Cover System in ONLINE MODE only, for the works as detailed below:

| | | |
|---|---|---|
| 1 | Nature of Work | Building Works |
| 2 | No. of Works | 29 Nos. |
| 3 | Value of Tender | Rs.51.19 Lakh to Rs.465.78 Lakh |
| 4 | Class of Contrator | 'B' Class to 'A' Class |
| 5 | Cost of Bid document (to be paid online) | Rs.11,800.00 |
| 6 | Availability of Bid documents in the website | Dt.12.09.2025 to Dt.04.10.2025 upto 5.00 P.M. |
| 7 | Last date/time of receipt of Bids in the portal | Dt.04.10.2025 upto 5.00 P.M. |
| 8 | Date of Opening Bid | Dt.06.10.2025 at 10.30 A.M. |
| 9 | Date of Technical Presentation (among qualified bidders only) | Date & time will be notified after opening of the Technical Bid |
| 10 | * The Bidders have to participate in ONLINE bidding only. Further details can aslo be seen from the website: **https://tendersodisha.gov.in**. Any addendum/corrigendum/cancellation of tender shall not be published in Newspaper and can only be seen in the said website. * The authority reserves the right to reject any or all bids and terminate the tender process without asigning any reason thereof. | |

**Sd./- Chief Engineer (OSPH&WC)**
**N.B.:** The quoted rate should be all inclusive but excluding G.S.T. as applicable under works contract.
**OIPR-12025/11/0047/2526**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................



ରିସାନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜନଶୁଣାଣିକୁ ସ୍ୱାସ୍ଥ୍ୟ ବିଭାଗର ଅଣଦେଖା

ଭୁବନେଶ୍ୱର,୧୦।୯(ରବିନାରାୟଣ ଜେନା)

■ ପ୍ରଦର୍ଶନ ସର୍ବନିମ୍ନ ୫୨%, ମିଶନ ଶକ୍ତିର ସର୍ବାଧିକ ୯୩%

■ ଆଜି ବିଭାଗୀୟ ସମୀକ୍ଷା ନେବେ ସରକାର

ରାଜ୍ୟବାସୀଙ୍କୁ ସୁଶାସନ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅଗଷ୍ଟ ୨୬ରେ 'ଆମ ଶାସନ' ବ୍ୟବସ୍ଥା ଆପଣାଯାଇଛି। ଆଭିମୁଖ୍ୟ ରହିଛି, ସରକାରଙ୍କ ପ୍ରତ୍ୟେକ ଯୋଜନା ଯେପରି ସମସ୍ତ ହିତାଧିକାରୀଙ୍କ ନିକଟରେ ନିର୍ଦ୍ଦିଷ୍ଟ ସମୟ ଭିତରେ ପହଞ୍ଚିବ।

ଏଥିପାଇଁ ପର୍ଯ୍ୟାୟକ୍ରମେ ବିଭାଗୀୟ ଅଧିକାରୀଙ୍କଠାରୁ ଜିଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ବାରମ୍ବାର ତାଗିଦ୍ କରାଯାଉଛି। ହେଲେ ସ୍ୱାସ୍ଥ୍ୟ ବିଭାଗ ଭଳି କେତେକ ବିଭାଗ ଏହାକୁ ଗୁରୁତ୍ୱ ଦେଉ ନ ଥିବା ପରିଲକ୍ଷିତ ହେଉଛି। କେତେକ ବିଭାଗ ୯୩ ପ୍ରତିଶତ ଲୋକଙ୍କ ଅଭିଯୋଗର ସମାଧାନ କରୁଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ମାତ୍ର ୫୨ ପ୍ରତିଶତରେ ରହିଛି। ବିଭାଗର ସର୍ବନିମ୍ନ ପ୍ରଦର୍ଶନକୁ ନେଇ ଗୁରୁବାର ବିଭାଗୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହେବାକୁ ରହିଛି।

ସବୁଠାରୁ ବଡ଼କଥା ହେଲା, ଯେଉଁ ଗରିବ ହିତାଧିକାରୀମାନେ ସରକାରୀ ଯୋଜନାର ସୁଫଳ ପାଉନାହାନ୍ତି, ସେମାନଙ୍କ କଥା ଶୁଣିବା ପାଇଁ ସରକାରଙ୍କ ପକ୍ଷରୁ ଜନଶୁଣାଣି ପୋର୍ଟାଲ କାର୍ଯ୍ୟକ୍ଷମ ହେବା ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ଉପସ୍ଥିତ ରହି ଅଭିଯୋଗ ଶୁଣୁଛନ୍ତି। ପ୍ରତ୍ୟେକ ମୁହୂର୍ତ୍ତରେ ଲୋକଙ୍କ ଅଭିଯୋଗର ତ୍ୱରିତ ସମାଧାନ ଲାଗି ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଉଛନ୍ତି। ଏହାସତ୍ତ୍ୱେ ଅଧିକାଂଶ ବିଭାଗ ଲୋକଙ୍କ ସମସ୍ୟା ଶୁଣିବାରେ ଶତପ୍ରତିଶତ ପ୍ରଦର୍ଶନ କରିପାରୁନାହାନ୍ତି। ଏହାକୁ ନେଇ ଗୁରୁବାର ସବୁ ବିଭାଗ ମଧ୍ୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ସୁକାନ୍ତ କୁମାର ବେହେରା ସବୁ ବିଭାଗର କ୍ଷେତ୍ରୀୟ ଅଧିକାରୀଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। କାହିଁକି ଦୀର୍ଘଦିନ ଧରି ଲୋକଙ୍କ ଅଭିଯୋଗର ଶୁଣାଣି ହେଉନାହିଁ ସେନେଇ ଚିଙ୍କିନିଖି ସମୀକ୍ଷା କରାଯିବ। ଏନେଇ ସ୍ୱତନ୍ତ୍ର ସଚିବ ଚଳିତମାସ ୪ରେ ଏକ ପତ୍ର ଲେଖିଥିବାବେଳେ ପୁଣିଥରେ ୬ ତାରିଖରେ ପତ୍ର ଲେଖି ଅବଗତ କରାଇଛନ୍ତି।

ସେ ଉକ୍ତ ପତ୍ରରେ ଦର୍ଶାଇଛନ୍ତି, ପ୍ରତ୍ୟେକ ସୋମବାର ଜନଶୁଣାଣି ପୋର୍ଟାଲ ଜରିଆରେ ଆସୁଥିବା ଅଭିଯୋଗଗୁଡ଼ିକୁ ନିୟମିତ ପ୍ରକ୍ରିୟା ଭିତରେ ଶୁଣିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ରହିଛି। ଏହାସତ୍ତ୍ୱେ ଅଧିକାଂଶ ବିଭାଗ ଜନଶୁଣାଣି ଅଭିଯୋଗ ତଥା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ନିର୍ଦ୍ଦେଶକୁ ଗୁରୁତ୍ୱ ଦେଉ ନ ଥିବା ପରିଲକ୍ଷିତ ହୋଇଛି। ଏହାକୁ ନେଇ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହେବ। ତେବେ ବିଭାଗୀୟ ତଥ୍ୟ ଅନୁଯାୟୀ, ସ୍ୱାସ୍ଥ୍ୟ ବିଭାଗକୁ ସମସ୍ତ ପ୍ରକାର ଶୁଣାଣି ବ୍ୟବସ୍ଥା ଜରିଆରେ ୩,୪୦୪ଟି ଅଭିଯୋଗ ଆସିଛି। ସେଥିମଧ୍ୟରୁ ୧୭୬୮ଟିରେ ସମାଧାନ ହୋଇଛି। ବାକି ୧୬୩୬ଟି ଅଭିଯୋଗ ଏବେ ବି ବିଭାଗରେ ଗଡୁଛି। ବିଭାଗରେ ଜନଶୁଣାଣି କାର୍ଯ୍ୟକାରିତା ହାର ୫୨% ରହିଛି, ଯାହାକି ସର୍ବନିମ୍ନ। ସେହିପରି ବିଜ୍ଞାନ ଓ କାରିଗରି ବିଭାଗକୁ ମାତ୍ର ୨୫ଟି ଅଭିଯୋଗ ଆସିଥିଲା, ସେଥିରୁ ୧୫ଟିର ଶୁଣାଣି ହୋଇଛି। ଏଥିରେ ବିଭାଗର ପ୍ରଦର୍ଶନ ହାର ୬୦ପ୍ରତିଶତ ରହିଥିବାବେଳେ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ୬୧ ପ୍ରତିଶତ ଏବଂ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଭାଗର ପ୍ରଦର୍ଶନ ହାର ୬୨ ପ୍ରତିଶତ ରହିଛି। ଅନ୍ୟପକ୍ଷେ ମିଶନ ଶକ୍ତି ବିଭାଗର ପ୍ରଦର୍ଶନ ହାର ୯୩ ପ୍ରତିଶତ ରହିଥିବାବେଳେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରଦର୍ଶନ ହାର ୯୨ପ୍ରତିଶତ ରହିଛି। ଏହି ପରିପ୍ରେକ୍ଷୀରେ କେବଳ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କ୍ଷେତ୍ରରେ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଭାଗର ପ୍ରଦର୍ଶନ ହାର ସର୍ବନିମ୍ନ ୬୨ ପ୍ରତିଶତ ରହିଥିବାବେଳେ ସୂଚନା ଓ ଲୋକସମ୍ପର୍କ, ସଂସଦୀୟ ବ୍ୟାପାର ଏବଂ ବିଜ୍ଞାନ ଓ କାରିଗରି ବିଭାଗର ପ୍ରଦର୍ଶନ ହାର ଶତପ୍ରତିଶତ ରହିଥିବା ସ୍ୱତନ୍ତ୍ର ସଚିବଙ୍କ ତଥ୍ୟରୁ ଜଣାପଡ଼ିଛି।

# ନୂଆ ଭାବେ ଗଢ଼ିଉଠିବ ବିଜେଡି: ଅମର

ଭୁବନେଶ୍ୱର, ୧୦।୯(ସୁନିତ୍ ମିଶ୍ର)

ନୂଆ ନାମ,ରୂପ ଓ ଆକାରରେ ବିଜେଡି ଆସିବା ସମ୍ଭାବନା ରହିଛି। ବିଜେଡି ନୂଆ ଭାବେ ଗଢ଼ି ଉଠିବ। ସେହି ଦଳର ଲୋକମାନେ ହିଁ ନୂଆ ବିଜେଡି ଗଠନ କରିବେ। ଲୋକ ଓ କର୍ମୀଙ୍କଠାରୁ ବର୍ତ୍ତମାନର ବିଜେଡି ଦୂରେଇଯାଉଛି ବୋଲି ଦଳର ବରିଷ୍ଠ ନେତା ଅମର ପ୍ରସାଦ ଶତପଥୀ କହିଛନ୍ତି । ଏବେ ବିଜେଡିରେ ଯାହା ଘଟୁଛି, ନିର୍ଦ୍ଦିଷ୍ଟ ନୀତି ଓ ବିଚାରଧାରାରେ ଦଳ ନ ଚାଲିଲେ ଆଗକୁ ଆହୁରି ନେତା ଓ କର୍ମୀ ଦୂରେଇଯିବେ। ବିଜେଡିରେ ଏକନାଥ ସିନ୍ଦେ କିଏ ହେବେ ବୋଲି ଗଣମାଧ୍ୟମ ପକ୍ଷରୁ ତାଙ୍କୁ ପ୍ରଶ୍ନ କରାଯାଇଥିବା ବେଳେ ସେ କହିଛନ୍ତି, ସେ ଗୋପରେ ବଢୁଛି କି ମଥୁରାକୁ ଆସିଗଲେଣି ତାହା ପରବର୍ତ୍ତୀ କଥା। ଭାସ୍କର ରାଓଙ୍କ ଭଳି ଜଣେ ଟାଣୁଆ ନେତା ଯେଉଁ ନିଷ୍ପତ୍ତି ନେଇଛନ୍ତି ତାଙ୍କୁ ଦଳର ଜଣେ ପୂର୍ବତନ ଏମ୍‌ପି ଶୁଭେଚ୍ଛା ଜଣାଇବା ସହ ବିଜେଡିରେ ଆଭ୍ୟନ୍ତରୀଣ ସଂଘର୍ଷ ବଢ଼ିବାର ଆଶଙ୍କା ଭବିଷ୍ୟତରେ ଥିବା ସେ କହିଛନ୍ତି।

ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି, ନବୀନ ପଟ୍ଟନାୟକ ଗତ କିଛିବର୍ଷ ଧରି ଭାଜପା ପାଖରେ ଆତ୍ମସମର୍ପଣ କରିଦେଇଛନ୍ତି। ଗତ ଉପରାଷ୍ଟ୍ରପତି ନିର୍ବାଚନରେ ଏହା ସ୍ପଷ୍ଟ ବି ହୋଇଗଲା। ବିଜେଡିର କେତେଜଣ ଯୁବକ ଆସିଥିଲେ,ସେମାନେ ମୋ ଠାରୁ ବିଜେଡିର ସମ୍ବିଧାନର ଜେରକ୍ସ କପି ନେଇକି ଯାଇଛନ୍ତି। ସେମାନେ ନୂଆ ଆଞ୍ଚଳିକ ଦଳ ଗଢ଼ିବା ସମ୍ଭାବନା ରହିଛି। ତେବେ ଏହି ନୂଆ ଦଳ ଗଠନ ହେଲେ କଂଗ୍ରେସକୁ ଫରକ ପଡ଼ିବ ନାହିଁ। ବରଂ ଭାଜପା ଓ ବିଜେଡି ଅଧିକ କ୍ଷତିଗ୍ରସ୍ତ ହେବେ ବୋଲି କାନୁନ୍‌ଗୋ କହିଛନ୍ତି।


## ପ୍ରଥମ ଜନ୍ମଦିନର ଶୁଭେଚ୍ଛା



Rishan Das
(Bhubaneswar)

ଆଜି ତୁମର ପ୍ରଥମ ଜନ୍ମଦିନରେ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ତୁମର ଚଲାପଥ କୁସୁମିତ କରନ୍ତୁ।

ଶୁଭେଚ୍ଛାସହ:
ମା, ବାବା, ମାମା, ଦିଦି, ବଡ଼ବାପା, ବଡ଼ବୋଉ

ଧ-୭୬୪୯୩

VIKRAMA SIMHAPURI UNIVERSITY, Andra Pradesh
YOGI VEMANA UNIVERSITY, Andra Pradesh
Equivalent to Utkal & FM University
B.Ed. Regular (2025-27)
₹80,000/-
Total Course Fee
Counselling Centre - Odisha
Khan Nagar, Badambadi, Cuttack-12
7749063161
9439857522


# ସୂଚନା ଆୟୁକ୍ତଙ୍କ ବହିଷ୍କାର ଦାବିକଲା 'ଓସା'

ଭୁବନେଶ୍ୱର,୧୦।୯
(ରବିନାରାୟଣ ଜେନା)




ସୂଚନା ଆୟୋଗଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ(ଓସା) ପକ୍ଷରୁ ବିକ୍ଷୋଭ ଓ ପ୍ରତିବାଦ ସଭା।

ଓଡ଼ିଶା ସୂଚନା କମିଶନଙ୍କ ପକ୍ଷରୁ କେସ୍ ଶୁଣାଣିରେ ଅବହେଳା ଅଭିଯୋଗ କରି ଓଡ଼ିଶା ସୂଚନା ଅଧିକାର ଅଭିଯାନ(ଓସା) ପକ୍ଷରୁ ବୁଧବାର ରାଜ୍ୟ ସୂଚନା କମିଶନଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି।

ଓସାର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଯୁଗ୍ମ ଆବାହକ ଶ୍ରୀକାନ୍ତ ପାକଳ କହିଥିଲେ, ରାଜ୍ୟ ସୂଚନା କମିଶନଙ୍କ ଦ୍ୱାରା ସୂଚନା ଅଧିକାର ଆଇନକୁ ପଙ୍ଗୁ ଓ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରାଯାଉଛି। ନୂତନ ନିଯୁକ୍ତି ପାଇଥିବା ମୁଖ୍ୟ ସୂଚନା କମିଶନର ଓ ସଦସ୍ୟମାନଙ୍କ ଗତ ଚାରିମାସର କାର୍ଯ୍ୟକଳାପ ଅତ୍ୟନ୍ତ ଭୟଙ୍କର। ସୂଚନା କମିଶନରମାନେ ଆଇନ ସମ୍ପର୍କରେ କିଛି ଜାଣୁନାହାନ୍ତି। ସେମାନଙ୍କଠାରେ ଅଭିଜ୍ଞତାର ଅଭାବ ସାଙ୍ଗକୁ ଆଇନକୁ ବୁଝିବାରେ ଅକ୍ଷମତା, କେସ୍ ପ୍ରୋସିଡିଙ୍ଗ୍ ଲେଖିବାରେ ଚରମ ଅଜ୍ଞତା ରହିଛି। ଦିନକୁ ମାତ୍ର ୧୦ଟି କେସ୍‌ର ଶୁଣାଣି ହେଉଛି। କେସ୍‌ଗୁଡ଼ିକୁ ଯେନତେନ ପ୍ରକାରେ ଶୁଣି ବନ୍ଦ କରାଯାଉଛି। ଇତିମଧ୍ୟରେ ୮୦୦ କେସ୍ ଖାରଜ ହୋଇଥିବାବେଳେ ୬୦୦୦ କେସ୍‌କୁ ବନ୍ଦ କରିବା ପାଇଁ ଆବେଦନକାରୀଙ୍କୁ ଚିଠି ଲେଖାଯାଇଛି, ଯାହାକି ସୂଚନା ଅଧିକାର ଆଇନ ଓ ଓଡ଼ିଶା ସୂଚନା କମିଶନ(ଏପ୍ରିଲ ଶୁଣାଣି ପ୍ରକ୍ରିୟା) ନିୟମାବଳୀର ବିରୁଦ୍ଧାଚରଣ କରୁଛି। ତେଣୁ ଓଡ଼ିଶା ସୂଚନା କମିଶନରମାନଙ୍କୁ ତୁରନ୍ତ ବହିଷ୍କାର କରିବା ଲାଗି ଶ୍ରୀକାନ୍ତ ଦାବି କରିଛନ୍ତି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସୂଚନା କର୍ମୀ ପ୍ରକାଶ ଦାସ ପ୍ରମୁଖ ସାମିଲ ଥିଲେ।

# ସେମିକଣ୍ଡକ୍ଟର ସୁଯୋଗକୁ ଉପଯୋଗ କର: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୧୦।୯
(ରବିନାରାୟଣ ଜେନା)

ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶାରେ ବିପୁଳ ସମ୍ଭାବନା ରହିଛି। ଏହାର ସୁଯୋଗ ନେବା ସହିତ ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନକୁ ବୃଦ୍ଧିକରି ସ୍ୱଚ୍ଛ ଉର୍ଜାକୁ ପ୍ରୋତ୍ସାହନ ଦେବା, ପିଏମ୍ ସୂର୍ଯ୍ୟଘର ଯୋଜନା କାର୍ଯ୍ୟକାରିତାକୁ ପ୍ରୋତ୍ସାହିତ କରିବା ଲାଗି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ଲୋକସେବା ଭବନରେ ବୁଧବାର ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ମୁଖ୍ୟ ଶାସନ ସଚିବ କହିଥିଲେ, ଓଡ଼ିଶାର ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ(ଏମ୍ଏସ୍ଏମ୍ଇ) ବିଭାଗର ଗୁରୁତ୍ୱ କିପରି ଜାତୀୟସ୍ତରରେ ପ୍ରତିପାଦିତ ହେବ, ସେଥିପ୍ରତି ଦୃଷ୍ଟିଦେବାକୁ ପଡ଼ିବ। ଏମ୍ଏସ୍ଏମ୍ଇ ଉତ୍ପାଦ ପାଇଁ ସ୍ୱତନ୍ତ୍ର ଭାବେ ବଜାର ସୃଷ୍ଟି ହେବା ନିହାତି ଆବଶ୍ୟକ। ଏଥିପାଇଁ ସମ୍ପୃକ୍ତ ବିଭାଗ ସହ ଆବଶ୍ୟକ ସମନ୍ୱୟ ରକ୍ଷାକରି ଏମ୍ଏସ୍ଏମ୍ଇ ଉତ୍ପାଦର ଗୁଣାତ୍ମକତା ବୃଦ୍ଧି କରିବା ସହିତ ଏମ୍ଏସ୍ଏମ୍ଇ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଦେବା ଏବଂ ରିହାତି ସୁବିଧା ଯୋଗାଇବାକୁ ସେ ପରାମର୍ଶ ଦେଇଥିଲେ।

ସେ ପୁଣି କହିଥିଲେ, ସରକାରୀ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟାନ୍ୱୟନର ରିୟଲ ଟାଇମ(ସଦ୍ୟତମ) ସ୍ଥିତି ମୁଖ୍ୟମନ୍ତ୍ରୀଙ୍କ ଡ୍ୟାସ୍ ବୋର୍ଡ ଜରିଆରେ ଜଣାପଡ଼ିବ। ତେଣୁ ଏଥିରେ ତଦାରଖ ହେବାକୁଥିବା ଓଡ଼ିଶା ଲୋକସେବା ଅଧିକାରୀ ଅଧିନିୟମ (ଓଆର୍‌ଟିପିଏସ୍ଏ), ଶିଳ୍ପ ପ୍ରକଳ୍ପ, ଭିତ୍ତିଭୂମି ପ୍ରକଳ୍ପ, ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ କାର୍ଯ୍ୟ କେତେଦୂର କାର୍ଯ୍ୟକ୍ଷମ ହୋଇଛି, ସେନେଇ ବିଭାଗୀୟ ଅଧିକାରୀଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହାସହ ଚଳିତମାସ ୧୮ ତାରିଖରେ ବିଧାନସଭା ଅଧିବେଶନ ଆରମ୍ଭ ହେବାକୁ ଥିବାରୁ ଗୃହରେ ଉପସ୍ଥାପନ ହେବାକୁଥିବା ବିଭିନ୍ନ ବିଭାଗର ବିଲ୍ ନିମନ୍ତେ ଆବଶ୍ୟକ ପ୍ରସ୍ତୁତି ରହିବା,୨୦୨୫-୨୬ ବର୍ଷରେ ବଜେଟ୍ ଅନୁମୋଦନ ହିସାବରେ କାର୍ଯ୍ୟ ଅଗ୍ରଗତି ଓ ଖର୍ଚ୍ଚ ସ୍ଥିତି ସମୀକ୍ଷା କରିବା, ଖାଲିଥିବା ଗ୍ରୁପ୍-ସି ପଦବୀ ପୂରଣ ଆଦି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଆହୁଜା ଗୁରୁତ୍ୱ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶାରେ ଉଚ୍ଚଶିକ୍ଷା ନାମଲେଖା ସ୍ଥିତି ନୈରାଶ୍ୟଜନକ

## ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ ପାଇଁ ପରାମର୍ଶ ଦେଲେ ବିଶେଷଜ୍ଞ

ଭୁବନେଶ୍ୱର,୧୦।୯(ଅନୁରାଧା ମହାରଣା)

ପ୍ରାଥମିକ ଶିକ୍ଷା ତୁଳନାରେ ଓଡ଼ିଶାରେ ଉଚ୍ଚଶିକ୍ଷା ନାମଲେଖା ଅନୁପାତ ଅତି ନୈରାଶ୍ୟଜନକ ରହିଛି। ଆବଶ୍ୟକ ଭିତ୍ତିଭୂମି ଓ ଅନ୍ୟାନ୍ୟ ସୁବିଧା ନ ଥିବାରୁ ଛାତ୍ରୀଛାତ୍ର ବାହାର ରାଜ୍ୟ ତଥା ବିଦେଶକୁ ଚାଲିଯାଉଛନ୍ତି। ୨୦୩୫ ସୁଦ୍ଧା ଓଡ଼ିଶାରୁ ୫ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ପାଇଁ ବିଦେଶକୁ ଯିବାର ଆକଳନ କରାଯାଉଛି। ଶିକ୍ଷାସନ୍ଧାନ ଏବଂ ଦୈତାରି ନାୟକ ପ୍ରତିଷ୍ଠାନ ଅଫ୍ ଡେଭଲପ୍‌ମେଣ୍ଟ ଷ୍ଟଡିଜ୍ ପକ୍ଷରୁ ଜେଏନ୍‌ୟୁ ଓଡ଼ିଶା ଆଲୁମ୍ନି ଆସୋସିଏଶନ ସହଯୋଗରେ ପ୍ରକାଶିତ ରିପୋର୍ଟରେ ଏଭଳି ତଥ୍ୟ ଉଲ୍ଲେଖ କରାଯାଇଛି। ରାଜ୍ୟ ସରକାର ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଉଚ୍ଚଶିକ୍ଷା ଭିତ୍ତିଭୂମି ନିର୍ମାଣ ପାଇଁ ତୁରନ୍ତ ପଦକ୍ଷେପ ନ ନେଲେ ଏହି ଧାରା ଏକ ବଡ଼ ଆର୍ଥିକ ଏବଂ ବୌଦ୍ଧିକ କ୍ଷତି ଘଟାଇପାରେ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିବା ଅବସରରେ ସତର୍କ କରାଇଛନ୍ତି।

ବୁଧବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସମ୍ମିଳନୀରେ ଶିକ୍ଷାସନ୍ଧାନ ଅଧକ୍ଷ ପ୍ରଫେସର ଜତୀନ୍ଦ୍ର ନାଏକ କହିଲେ, ଏକ ଦୃଢ଼ ଶିକ୍ଷା ଭିତ୍ତିଭୂମି ନିଶ୍ଚିତ ଭାବରେ ଓଡ଼ିଶାକୁ ଆର୍ଥିକ ଏବଂ ସାମାଜିକ ଅଭିବୃଦ୍ଧି ଆଡ଼କୁ ପ୍ରେରଣା ଦେବା ପାଇଁ ମେରୁଦଣ୍ଡ ଭାବରେ କାର୍ଯ୍ୟ କରିବ। ପ୍ରାଥମିକ ଶିକ୍ଷାରେ ଉନ୍ନତି ସତ୍ତ୍ୱେ ଉଚ୍ଚଶିକ୍ଷାରେ ଓଡ଼ିଶାର ନାମଲେଖା ଅନୁପାତ (ଜିଇଆର୍) ମାତ୍ର ୨୨.୧% ରହିଛି, ଯାହା ଜାତୀୟ ହାର ୨୮.୪% ଠାରୁ ବହୁତ କମ୍। ତେବେ ଚଣ୍ଡିଗଡ଼ରେ ଏହା ୬୪.୮%, ପୁଡୁଚେରୀରେ ୬୧.୫%, ଦିଲ୍ଲୀରେ ୪୯%, ତାମିଲନାଡୁରେ ୪୭%, କେରଳରେ ୪୧.୩%, ରାଜସ୍ଥାନରେ ୨୮%, ମଧ୍ୟପ୍ରଦେଶରେ ୨୮% ରହିଛି। ଏହି ଅବସରରେ ପ୍ରକାଶିତ ଏକ ଶ୍ୱେତପତ୍ରରେ ଦର୍ଶାଯାଇଛି, ରାଜ୍ୟରେ ପ୍ରସ୍ତାବିତ ବେଦାନ୍ତ ୱାଟରଫ୍ରଣ୍ଟ ଶିକ୍ଷା ନଗରୀକୁ ଏକ ରଣନୈତିକ ସମାଧାନ ଭାବରେ ଉଲ୍ଲେଖ କରିଛି।


# Classified Everyday
0674-2580101, 9692975378



REAL ESTATE
SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 9692276835, 7077632085. D-1698

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, 2BHK/3BHK Flat/ Duplex ଅଛି। 8327785834. D-1781

ସିଦ୍ଧିଆ High School ନିକଟ ଆଙ୍ଗୁଳାରେ Farmhouse, Cultivation, Business ପାଇଁ ଉପଯୁକ୍ତ land ସୁଲଭ ମୂଲ୍ୟରେ ଉପଲବ୍ଧ, ଯାହା ବାଲେଶ୍ୱର Railway Station ଠାରୁ 10 K.M. Direct owner. Contact- 7978551614, 9439049194. D-1873

2047sqft. commercial (NH-57) boundarywall land sale at Pitapalli, Bhubaneswar- 7008634668. D-1877

ଉତ୍ତରା ନିକଟ ଗୁଡ଼ିଆପୋଖରୀ ଛକ ଠାରୁ 1.5KM ଓ 2.5.KM ଦୂରତାରେ 1750sqft. ବାଉଣ୍ଡରୀ ସହ ଘରବାଡ଼ି plot ବିକ୍ରୟ ହେବ। 1460/- ଓ 1660/-. 7978551614. D-1872

ଭୁବନେଶ୍ୱର ନଖରାଛକରୁ 9 K.M. ଦୂରରେ ଘରବାରି ପ୍ଲଟ 8,40,000/- ରେ ମିଳୁଛି। 8093465134. D-1923

ଭୁବନେଶ୍ୱର NISER, IIT ଜଟଣୀ ପାଖରେ ପ୍ରସ୍ତାବିତ BDA 200ft ରୋଡକୁ ଲାଗି investment ପ୍ଲଟ୍ ପୋଜେସନ ଥାଇ Sqft.- 650/-, 850/- ବିକ୍ରି ହେଉଛି- 9337166296. D-1942




Newly open health benefits spa by experts therapist con 8658088274. D-1866

The massage felt totally professional! & comfortable at all times- 7978109255. D-76492

## LOST

ମୁଁ , ଶ୍ରୀମତୀ ଶକୁନ୍ତଳା ପ୍ରଧାନ, ସ୍ୱାମୀ- ଉଦୟନାଥ ପ୍ରଧାନ, ଲେଙ୍କୁଡ଼ିପଡା, ନୟାଗଡ଼ର ବାସିନ୍ଦା, ଏତଦ୍ୱାରା ଶପଥପୂର୍ବକ ସହିତ ଘୋଷଣା କରୁଛି ଯେ: ଆଶାମଣି ସ୍ୱାଇଁଙ୍କଠାରୁ କ୍ରୟ କରାଯାଇଥିଲା, ଏକର ୦.୨୩ଡିସିମିଲ ସମ୍ପତ୍ତିର ମୂଳ ବିକ୍ରି କବଲା ନଂ.- ୯୪, ତା. ୦୧।୦୮।୧୯୮୮ ଏହା ୨୫।୦୮।୨୦୨୫ ତାରିଖରେ ମୋ ପୈତୃକ ଗ୍ରାମରୁ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ, ନୟାଗଡ଼ ଯିବା ସମୟରେ ହଜିଯାଇଥିଲେ। ଆମେ କ୍ରୟ କବଲାର ସହି ନକଲ ଜରିଆରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ନୟାଗଡ ମୁଖ୍ୟ ଶାଖାରେ ଋଣ ପାଇଁ ଆବେଦନ କରିଛୁ। ଯଦି କାହାରିକୁ ମୂଳ କବଲା ମିଳେ ତେବେ ଦୟାକରି ଶାଖା ପରିଚାଳକ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ମୁଖ୍ୟ ଶାଖା, ନୟାଗଡଙ୍କ ସହ ଯୋଗାଯୋଗ କରନ୍ତୁ। ଧ-1944

Original RSD No.11091800301 Dtd. 18.05.2018, RSD No.11091101638 Dtd. 19.10.2011, RSD No.11091100462 Dtd.21.03.2011, RSD No.321 Dtd. 13.03.2007, RSD No. 11091200028 Dtd.04.01.2012 relating to our properties at Mouza- Badalasasan, Tahasil/SRO/P.S.- Balipatana, District.- Khurda bearing Plot No.2661, 2661/5118, 2664/4897, 2665, 2658, 2664 are missing/lost. Any person/s dealing with property with the missing original title deeds shall be at his/her/their own risk and responsibility. We intend to mortgage with Indian Bank for availing loan. Any person having claim to the said property may file objection to the Indian Bank, Lingipur Branch, Bhubaneswar- 751002 (Phone- 9090071901) within seven days.
Bindusagar Pradhan D-1937

## AFFIDAVIT

By virtue of an affidavit sworn before the Notary Public, Barbil Vide Sl. No.- 3436, Dt 26.8.2025, I Kali Charan Swain, Son of Balakrushna Swain, of Village Badawaubarai, P.O- Govindpur, P.S.- Govindpur, Dist.- Cuttack, Odisha, 758003, declares my correct middle name "Charan" instead of "Charna" for all official purpose. D-1945

By virtue of an affidavit sworn before the Executive Magistrate, Bhubaneswar, dated- 10.09.2025, I, Surendra Nath Pattnayak, Address:- At.- FR-46/10, Shailashree Vihar, P.O.- Sailashree Vihar, P.S.- Chandrasekharpur, Bhubaneswar, Dist.- Khordha, Odisha, PIN- 751021, declare that, I have changed my name from Surendra Pattnayak to Surendra Nath Pattnayak. Henceforth, I shall be known as Surendra Nath Pattnayak for all purposes.
Surendra Nath Pattnayak D-1935

I, Manasi Patro, D/o- Ganesh Chandra Patro, Wife of Sri Santosh Kumar Samal, Resident of Qr. No.- LA-613, HAL Township, P.O.- Sunabeda- 02, P.S.- Sunabeda, Dist.- Koraput, Odisha, 763002 have changed my name by virtue of Marriage Certificate and shall be hereafter known as Manasi Samal and my date of birth has wrongly recorded as 19.07.1991 in my Aadhaar Card and to record as 09.07.1993 as per my birth Certificate and 10th Board Certificate as I sworn affidavit before the Notary Public, Sunabeda on dated- 12.08.2025. That, Manasi Patro and Manasi Samal both the name are same and one only. D-1940

By virtue of an affidavit sworn before the Executive, Boudh, No.1064, date 24.07.25, I Buluri Sethy, W/o. Dhrub Sethy, R/o. Village- Kamalpur, P.O.- Telibandh, P.S./Dist. Boudh, Odisha, PIN- 762014 declare that I have changed my name from Buluri Jhankara to Buluri Sethy. Henceforth I shall be known as Buluri Sethy for all purposes.
Buluri Sethy D-1943

By virtue of an Affidavit sworn before the Executive Magistrate, Sambalpur No.- 546 date.- 12.08.25, I, Swayam Prava Parida, W/o- Chitta Ranjan Parida, R/o- Dhuriapada, P.O.- A.Katapali, P.S.- Burla, Dist.- Sambalpur- 768006 declare that my name has been wrongly mentioned in Aadhaar Card as Swayaprabha Parida, In order to correct my Aadhaar Card. Henceforth, I shall be known as Swayam Prava Parida for all purposes.
Swayam Prava Parida D-1938

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

୩୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ସୁଧାଂଶୁ ମୋହନ ରାଉତରାୟ
କବି ତଥା ପ୍ରଶାସକ
ପ୍ଲଟ୍ ନଂ-୧୫୭, ସହିଦନଗର, ଭୁବନେଶ୍ୱର
ଆବିର୍ଭାବ : ୧୪.୧୨.୧୯୩୨
ତିରୋଧାନ : ୨୯.୦୯.୧୯୯୧
'ପକ୍ଷହୀନ କପୋତ' ଟି ତୁମକୁ ଦେଲା ଅମୃତ ପରଶି
'ଫଗୁ ସକାଳ' ଘୋଷି ଜାଣ ବଢ଼ୁଥିବ ଯଶରାଶି
'ତୁମ ପାଇଁ କବିତା' ର ଗୀତି କେତେ ଟଗ ବୁଣିଯେ ଦେଉଛି
ଲେଖିଗଲ ଶେଷ କଥା "ଶେଷ ବସନ୍ତ"ରେ ଶେଷ ସ୍ମୃତି
ଭଗବାନ ଆପଣଙ୍କ ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ। ଏହାହିଁ ଆମର ପ୍ରାର୍ଥନା।
ଆପଣଙ୍କର ବନ୍ଧୁ ଓ ପରିବାରବର୍ଗ
ଧ-1936

## ଏକାଦଶାହ ଉପଲକ୍ଷେ



ସ୍ୱ ବାଳାମଣି ଭୋଳ
ତଳନୂଆ ସାହି, ପୁରୀ
ଆବିର୍ଭାବ:୦୧।୦୧।୧୯୩୬
ତିରୋଧାନ: ୦୧।୦୯।୨୦୨୫
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ଜ୍ୟେଷ୍ଠ ପୁତ୍ର- ଦେବୀପ୍ରସାଦ ଭୋଳ, ପୁତ୍ର ବଧୂ-ରେଣୁ ବିଶ୍ୱାଳ, କନିଷ୍ଠ ପୁତ୍ର- ଦେବବ୍ରତ ଭୋଳ, କନିଷ୍ଠ ପୁତ୍ର ବଧୂ- ଚନ୍ଦନା ବିଶ୍ୱାଳ।
ଧ-୮୪୧



ପରିଣୀତି

# ସାତ୍ ଖୁନ୍ ମାଫ୍ ଦେଖି ନ ଥିଲେ...

ପରିଣୀତି ଚୋପ୍ରା କାହିଁକି ଶେଷରେ ଅଭିନୟକୁ କ୍ୟାରିୟର କରିବାକୁ ସ୍ଥିର କଲେ। ଯେତେବେଳେ ସେ ପାଠ ପଢୁଥିଲେ ସେତେବେଳେ ପ୍ରିୟଙ୍କା ଚୋପ୍ରାଙ୍କ ଅଭିନୀତ ସିନେମା ଦେଖୁଥିଲେ। ଏକଦା 'ସାତ୍ ଖୁନ୍ ମାଫ୍' ଦେଖିବା ପରେ ଚିତ୍ରଟି ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଆଉ ଏହା ପରେ କ'ଣ ଘଟିଲା ସେ ବିଷୟରେ ପରିଣୀତି କହନ୍ତି, 'ପ୍ରଥମେ ମୋର ଅଭିନୟ ପ୍ରତି ଆଦୌ ରୁଚି ନ ଥିଲା। ବଲିଉଡ୍‌ର ନାମୀ ବ୍ୟାନର ଯଶରାଜ ଫିଲ୍ମସରେ ମୁଁ କିଛି ଦିନ ପିଆରଓ ଭାବରେ କାମ କରିଥିଲି। କିନ୍ତୁ 'ସାତ୍ ଖୁନ୍ ମାଫ୍' ଦେଖିବା ପରେ ମୋ ମନକୁ ଏକ ନୂଆ କଥା ଆସିଲା। ମୁଁ ଅଭିନୟ କଲେ କେମିତି ହୁଅନ୍ତା ! ବାସ୍ କିଛି ଦିନ ଚିନ୍ତା କରିବା ପରେ ମାଇଣ୍ଡ ମେକ୍‌ଅପ୍ କଲି ଯେ ମୁଁ ଭବିଷ୍ୟତରେ କେବଳ ଆକ୍ଟିଂକୁ ହିଁ କ୍ୟାରିୟର କରିବି। ପୁଣି ଏପରି ସଂଯୋଗ ଯଶରାଜ ଫିଲ୍ମସ ବ୍ୟାନରରେ ଏବଂ ଆଦିତ୍ୟ ଚୋପ୍ରାଙ୍କ ପ୍ରଯୋଜନାରେ ନିର୍ମିତ ଫିଲ୍ମ 'ଲେଡିଜ ଭର୍ସେସ ରିକି ବହଲ'ରେ ମୋତେ ପ୍ରଥମେ ବ୍ରେକ୍ ମିଳିଥିଲା। '' ନିଜର ପ୍ରଥମ ସିନେମା ପାଇଁ ପରିଣୀତିଙ୍କୁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଭାବରେ ଫିଲ୍ମ ଫେୟାର ପୁରସ୍କାର ମିଳିଥିଲା। କେବଳ ସେତିକି ନୁହେଁ, 'ଇସକ୍‌ଜ୍ୟାଦେ' ପାଇଁ ତାଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ସ୍ପେଶାଲ ଜୁରୀ ଆୱାର୍ଡରେ ସମ୍ମାନିତ କରାଯାଇଥିଲା।

# ଏପଟେ ଖୁସି ସେପଟେ ଟେନ୍‌ସନ୍

ନୋରା ଫତେହି ଏବେ ଲଙ୍ଗ ଭ୍ୟାକେଶନରେ ଯାଇଛନ୍ତି। ଏଥିପାଇଁ ସେ ଏବେ ପ୍ୟାରିସରେ ଡେରା ପକାଇଛନ୍ତି। ଅନ୍ୟପକ୍ଷରେ ସେ ଏକ ଅନଟାଇଟଲ୍‌ଡ ସିନେମାରେ ଅଭିନୟ କରିବାକୁ ଯାଉଛନ୍ତି ଏହି ଅଭିନେତ୍ରୀ । ଏଥିରେ ତାଙ୍କୁ ମିଳିଥିବା ଭୂମିକାଟି ଛୋଟ, ହେଲେ ଚିତ୍ରଟିରେ ସଂଯୋଜିତ ଏକ ଆଇଟମ୍ ନମ୍ବରରେ ସେ ମଧ୍ୟ ଡ୍ୟାନ୍ସ କରିବେ। ହେଲେ ଏଥିରେ ଆଉ ଏକ ଦୃଶ୍ୟ ସଂଯୋଜିତ ହେବାକୁ ଯାଉଛି ଯାହାକୁ ନେଇ ନୋରାଙ୍କର ଟେନ୍‌ସନ ବଢ଼ିଯାଇଛି। ତାହା କ'ଣ ଜାଣନ୍ତି ? ଏହି ଫିଲ୍ମର ଏକ ଦୃଶ୍ୟରେ ସେ ବିକିନି ପିନ୍ଧି ସୁଇମିଂ ପୁଲ୍‌ରେ ପହଁରୁଥିବାର ଶଟ୍ ନିଆଯିବ। ଆଉ ଏହାକୁ ନେଇ ନୋରା ଅଡୁଆରେ ପଡିଛନ୍ତି। ''ଯେତେବେଳେ ପ୍ରଯୋଜକ ମୋ ସହ କଥା ହେଲେ ସେତେବେଳେ ଏକଥା କିଛି କହି ନ ଥିଲେ। ହେଲେ ଏବେ ଏଥିରେ ବିକିନି ଶଟ୍ ଯୋଡା ଯାଇଛି। ତେବେ ଏ ନେଇ ଶେଷ ନିଷ୍ପତ୍ତି ନେବାକୁ ପ୍ରଯୋଜକ ମୋତେ ଅବଶ୍ୟ ଦୁଇ ସପ୍ତାହ ସମୟ ଦେଇଛନ୍ତି। ଏହି ବିଷୟରେ ଭଲ ଭାବରେ ଚିନ୍ତା କରିବା ପରେ ଯାହା ନିଷ୍ପତ୍ତି ନେବି। ''



ନୋରା

## ପରଦାରେ...

# ହୀର୍ ଏକ୍ସପ୍ରେସ୍

ଚଳିତ ମାସ ୧୨ ତାରିଖରେ ପରଦା ଉପରକୁ ଆସୁଛି ଏକ ଭିନ୍ନ ଧରଣର ହିନ୍ଦୀ ସିନେମା 'ହୀର୍ ଏକ୍ସପ୍ରେସ୍'। କାହାଣୀ ଅନୁସାରେ ହୀର୍ ୱାଲିୟା ପଞ୍ଜାବର ଜଣେ ଯୁବତୀ। ନିଜ ମା'ଙ୍କ ମୃତ୍ୟୁ ପରେ ସେ ଇଂଲଣ୍ଡ ଚାଲିଯାଆନ୍ତି। ସେଠାରେ ସେ ନିଜ ପରିବାର ଚଳାଇବାକୁ ସାହସର ସହ ଆଗକୁ ପାଦ ବଢ଼ାନ୍ତି। ବାଧାବିଘ୍ନର ସମ୍ମୁଖୀନ ହୋଇ ମଧ୍ୟ ସେ ନିଜ ଲକ୍ଷ୍ୟ ପଥରୁ ବିଚ୍ୟୁତ ହୁଅନ୍ତି ନାହିଁ। ତେବେ ଏଥିରେ ସେ କେତେ ସଫଳ ହୁଅନ୍ତି, ନିଜ ପରିବାରକୁ ସେ ସେଠାରେ ସୁରୁଖୁରୁରେ ଚଳାଇ ପାରନ୍ତି ତ ?

ଏଭଳି ଅନେକ ପ୍ରଶ୍ନର ଉତ୍ତର ରହିଛି ଏହି ସିନେମାରେ। ଏହାର ମୁଖ୍ୟ ଚରିତ୍ର ହୀର୍ ଭୂମିକାରେ ଡିଭିତା ଜୁନେଜା ଅଭିନୟ କରିଛନ୍ତି।

ତାଙ୍କ ବ୍ୟତୀତ ଏହାର କାଷ୍ଟିଂରେ ଆଶୁତୋଷ ରାଣା, ସଞ୍ଜୟ ମିଶ୍ର, ଗୁଲସନ୍ ଗ୍ରୋଭର, ପ୍ରୀତ କମାନି ଏବଂ ମେଘନା ମଲ୍ଲିକ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଉମେଶ ଶୁକ୍ଳା, ସଞ୍ଜୟ ଗ୍ରୋଭର, ଆଶିଷ ୱ୍ ଏବଂ ମୋହିତ। ସଞ୍ଜୟ ଗ୍ରୋଭର ଏହାର କାହାଣୀ ରଚନା କରିଛନ୍ତି।

ସମୀର ଆର୍ଯ୍ୟ ଚିତ୍ରଟିର ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଉମେଶ ଶୁକ୍ଳା। କେବଳ ହିନ୍ଦୀ ଭାଷାରେ ନିର୍ମିତ ଏହି ଫିଲ୍ମର ଅବଧି ରହିଛି ୧୪୨ ମିନିଟ୍। ତେବେ ଏହି ଫିଲ୍ମରେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଡିଭିତା।



'ହୀର୍ ଏକ୍ସପ୍ରେସ୍' ଫିଲ୍ମରେ ଡିଭିତା ଜୁନେଜା

# ଥ୍ୟାଙ୍କ୍ସ ସଲମାନ

'ଦବଙ୍ଗ ଗର୍ଲ' ସୋନାକ୍ଷୀ ସିହ୍ନା ନିଜ ଅଭିନୟ ଜୀବନରେ ଏକ ସ୍ମୃତିକୁ ଏପର୍ଯ୍ୟନ୍ତ ମନେ ପକାଉଛନ୍ତି। ପୁଣି ଏପରି ଘଟଣା ସବୁଦିନ ପାଇଁ ତାଙ୍କ ହୃଦୟରେ ଜେରକ୍ସ ଭଳି ରହିଥିବ ବୋଲି କହି ବୁଲୁଛନ୍ତି। ହେଲେ ତାହା ଏମିତି କ'ଣ ଯେ, ଯାହାକୁ ବାରମ୍ବାର ମନେ ପକାଉଛନ୍ତି ଏହି ଅଭିନେତ୍ରୀ ? ଅସଲ କଥା ହେଲା, ଯେତେବେଳେ ତାଙ୍କୁ ବଲିଉଡ୍‌ରେ ଡେବ୍ୟୁ କରିବାର ସୁଯୋଗ ମିଳିଲା ସେତେବେଳେ ଗୋଟିଏ କଥା ତାଙ୍କ ପାଇଁ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଥିଲା। ତାହା ଥିଲା ତାଙ୍କ ଓଜନ। ପ୍ରଥମ ସିନେମା 'ଦବଙ୍ଗ'ରେ ସାଇନ୍ କରିବା ସମୟରେ ସୋନାକ୍ଷୀଙ୍କ ଓଜନ କେତେ ଥିଲା ଜାଣନ୍ତି ? ୯୦ କିଗ୍ରା। ତେଣୁ ଏହାକୁ ଯେତେଶୀଘ୍ର କମାଇବାକୁ ତାଙ୍କୁ ପରାମର୍ଶ ଦିଆଯାଇଥିଲା। ଏପରି କି ଫିଲ୍ମର ଶୁଟିଂକୁ ମଧ୍ୟ ସେହି ଅନୁସାରେ ଫିକ୍ସ କରାଯାଇଥିଲା। ଆଉ ତା'ପରେ ଏଥିପାଇଁ ଦିନରାତି ଲାଗିପଡ଼ିଥିଲେ ସୋନାକ୍ଷୀ। ଦୁଇ ବର୍ଷ ପରିଶ୍ରମ କରିବା ପରେ ସେ ନିଜର ଓଜନ ୯୦ରୁ ୬୦ କିଗ୍ରାକୁ କମାଇବାରେ ସକ୍ଷମ ହୋଇଥିଲେ। ''ଏହି ଦୁଇ ବର୍ଷ ମୁଁ ଯେଉଁ ପରିଶ୍ରମ କରିଛି ତାହାକୁ କଦାପି ଭୁଲିପାରିବି ନାହିଁ। ସେତେବେଳେ ସଲ୍ଲୁଜୀ (ସଲମାନ୍ ଖାନ୍) ଯେଉଁ ଟିପ୍ସ ଦେଇଥିଲେ ତାହାକୁ ଗୋଟି ଗୋଟି ଅନୁସରଣ କରିବା ଯୋଗୁ ମୋର ଏହି ମିଶନ ସଫଳ ହୋଇଥିଲା। ଏ ନେଇ ତାଙ୍କୁ ଯେତେ ଧନ୍ୟବାଦ ଦେବି ତାହା ସେତେ କମ୍ ହେବ ବୋଲି କହନ୍ତି ସୋନାକ୍ଷୀ।'' ମଡେଲିଂରୁ ଅଭିନୟ ଜଗତରେ ପ୍ରବେଶ କରିଥିଲେ ସେ।



ସୋନାକ୍ଷୀ

## ଅତୀତରୁ

❖କେ.ଏଚ.ଡି. ରାଓଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ପରିବାର'। ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଉପେନ୍ଦ୍ର କୁମାର। ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଚକ୍ରପାଣି, ଅନୀତା ଦାସ, ଅଭୟ, ନରେନ୍ଦ୍ର, ଭୋଳାନାଥ ପ୍ରମୁଖ କଳାକାର।

❖ସତ୍ୟସାଇ ମୁଭିଟୋନ୍, ବ୍ରହ୍ମପୁର ବ୍ୟାନରରେ ପ୍ରସ୍ତୁତ ଓଡ଼ିଆ ଚିତ୍ର 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ'ର ନିର୍ଦ୍ଦେଶନା ଦେଇଥିଲେ ଏନ. ଗୋପାଳ। ଏହି ଫିଲ୍ମର ନାୟିକା ସାଜିଥିଲେ ରୋଜାରମଣି ଏବଂ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଥିଲେ ଚକ୍ରପାଣି।

❖ଡି.କେ. ପ୍ରଡକ୍ସନ, କଟକ ବ୍ୟାନରରେ ନିର୍ମିତ ହୋଇଥିବା ଓଡ଼ିଆ ସିନେମା 'ଗୌରୀ'ର ଟାଇଟଲ ଭୂମିକାରେ ଅଭିନୟ କରିଥିଲେ ମହାଶ୍ୱେତା ରାୟ। ଧୀର ବିଶ୍ୱାଳଙ୍କ ପ୍ରଯୋଜିତ ଏବଂ ନିର୍ଦ୍ଦେଶିତ ଏହି ଫିଲ୍ମର ନାୟକ ସାଜିଥିଲେ ପ୍ରଶାନ୍ତ ନନ୍ଦ। ଗୀତଗୁଡିକୁ ସ୍ୱର ଦେଇଥିଲେ ପ୍ରଫୁଲ୍ଲ କର।

❖ଓଡ଼ିଆ ସିନେମା 'ସଉତୁଣୀ'ର ନିର୍ଦ୍ଦେଶନା ଭାର ସମ୍ଭାଳିଥିଲେ ଅକ୍ଷୟ ମହାନ୍ତି (କାଶ୍ୟପ)। ବାସୁଦେବ ରଥଙ୍କ ସ୍ୱର ସଂଯୋଜନାରେ ଏଥିରେ ସଂଯୋଜିତ ଗୀତଗୁଡ଼ିକ ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଥିଲା। ତନ୍ଦ୍ରା ରାୟ, ଡ. ସଚ୍ଚି ମିଶ୍ର, ଅନୀତା ଦାସ ଏବଂ ବିଜୟ ମହାନ୍ତି ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

❖ଦୁର୍ଗାଶଙ୍କର ପଟ୍ଟନାୟକଙ୍କ ପ୍ରଯୋଜିତ ଏବଂ ବିଶ୍ୱଜିତ ଦାସଙ୍କ ନିର୍ଦ୍ଦେଶିତ 'ନିଝୁମ ରାତିର ସାଥୀ'ର ମୁଖ୍ୟ ଭୂମିକାରେ ଉତ୍ତମ ମହାନ୍ତି ଏବଂ ମହାଶ୍ୱେତା ରାୟଙ୍କୁ ଦେଖିବାକୁ ମିଳିଥିଲା। ଗୀତଗୁଡ଼ିକର ସ୍ୱର ସଂଯୋଜନା କରିଥିଲେ ଅକ୍ଷୟ ମହାନ୍ତି।

# ଅପେକ୍ଷା କରିଛନ୍ତି ଅର୍ଦ୍ଧେନ୍ଦୁ

ଅର୍ଦ୍ଧେନ୍ଦୁ ସାହୁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ସେପଟେ ଏହି ଶୁଭ ଦିନ ଯେତିକି ପାଖେଇ ଆସୁଛି ମନ ଭିତରେ ଆଗ୍ରହ ସେତେ ବଢ଼ି ବଢ଼ି ଚାଲିଛି। ହେଲେ ସେ ଏମିତି କେଉଁ ଜିନିଷକୁ ଅପେକ୍ଷା କରିଛନ୍ତି ? କେତେକ ତ ଏ ନେଇ ପୂର୍ବାନୁମାନ କରିସାରିବେନି। ହେଲେ ତାହା ଜଣାଇ ଦେବା ହିଁ ଠିକ୍ ହେବ। ହଁ, କଥା କ'ଣ କି ଅର୍ଦ୍ଧେନ୍ଦୁଙ୍କ ଅଭିନୀତ ନୂଆ ଓଡ଼ିଆ ସିନେମା 'ଚ୍ୟାଲେଞ୍ଜ' ଏଥର ଦଶହରାରେ ମୁକ୍ତିଲାଭ କରିବାକୁ ଯାଉଛି। ଆଉ ଏଭଳି ଏକ ଆକ୍ସନଭିତ୍ତିକ ଫିଲ୍ମର ସଫଳତାକୁ ନେଇ ଢେର ଆଶା ରଖିଛନ୍ତି ଏହି ଅଭିନେତା। ସବୁଠାରୁ ଖାସ୍ କଥା ହେଲା, ଏହି ଫିଲ୍ମରେ ଅନ୍ୟତମ ଲୋକପ୍ରିୟ ପୌରାଣିକ ଧାରାବାହିକ 'ମହାଭାରତ'ର ଦୁର୍ଯ୍ୟୋଧନ ଚରିତ୍ରରେ ଅଭିନୟ କରିଥିବା ପୁନୀତ ଇସାର ଏଥିରେ ନିଜର ଓଲିଉଡ୍ ଡେବ୍ୟୁ କରିବାକୁ ଯାଉଛନ୍ତି। ଉକ୍ତ ସିନେମାରେ ଅର୍ଦ୍ଧେନ୍ଦୁଙ୍କ ନାୟିକା ସାଜିଛନ୍ତି ଏଲିନା ସାମନ୍ତରାୟ। ତା'ସହ ପୁପିନ୍ଦର ଏବଂ ଲିପିଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଦର୍ଶକ ଦେଖିବାକୁ ପାଇବେ। ଏଥିରେ ସଂଯୋଜିତ 'ଭାଙ୍ଗ' ଗୀତ ମାତ୍ର ଦିନ କେଇଟାରେ ସୋସିଆଲ ମିଡିଆରେ ଲକ୍ଷାଧିକ ଦର୍ଶକଙ୍କ ପ୍ରଶଂସା ସାଉଁଟି ପାରିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଆଦିକନ୍ଦ ଏଣ୍ଟରଟେନମେଣ୍ଟ ବ୍ୟାନରରେ ତଥା ଆଦିକନ୍ଦ ସାହୁଙ୍କ ପ୍ରଯୋଜନାରେ ଏବଂ ଜୀ ସାର୍ଥକର ସହଭାଗିତାରେ ଏହାକୁ ପ୍ରସ୍ତୁତ କରାଯାଇଛି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ସାଇ କିରଣ ମଙ୍ଗରାଜ। କାହାଣୀ ଓ ଚିତ୍ରନାଟ୍ୟ ମାନସ ପଡ଼ିଆରୀ ରଚନା କରିଛନ୍ତି। ଚିତ୍ର ଉତ୍ତୋଳନ କରିଛନ୍ତି ପ୍ରତାପ ରାଉତ। ଗୀତଗୁଡିକ ସ୍ୱର ଦେଇଛନ୍ତି ଗୌରବ ଆନନ୍ଦ। ପ୍ରଚାର ଓ ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ ପ୍ରଣୟ ଜେଠୀ।



'ଚ୍ୟାଲେଞ୍ଜ' ଫିଲ୍ମରେ ଅର୍ଦ୍ଧେନ୍ଦୁ

# ଆତ୍ମବିଶ୍ଳେଷଣର ସମୟ ଆସିଛି..

ଆମ ଓଡ଼ିଆ ସିନେମା ଏବେ ଏକ ନୂଆ ଧାରା ଧରିଛି। ଗତ କିଛି ବର୍ଷ ହେବ କେତୋଟି ଭଲ ଭଲ ସିନେମା ପ୍ରସ୍ତୁତ ହୋଇ ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଛି। ଏଥର ରଜରେ 'ବୋଉ ବୁଟୁ ଭୂତ' ଯେଉଁଭଳି ଆଶାତୀତ ସଫଳତା ହାସଲ କଲା ଆଉ ରେକର୍ଡ ବିଜନେସ କରିବାରେ ସକ୍ଷମ ହେଲା–ଏହାଦ୍ୱାରା ଅନ୍ୟ ପ୍ରଯୋଜକମାନେ ନିଶ୍ଚୟ ଅନୁପ୍ରାଣିତ ହୋଇଥିବେ। ଭଲ କାହାଣୀଟିଏ ଚୟନ କଲେ ଆଉ ତାହାକୁ ଠିକ୍ ଭାବରେ ଉପସ୍ଥାପନ କରାଯାଇପାରିଲେ ସିନେମାଟି ନିଶ୍ଚୟ ଦର୍ଶକାଦୃତ ହେବ। ତେଣୁ ଏବେ ଆମ ଓଡ଼ିଆ ସିନେମା ଜଗତ ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କର ଆତ୍ମବିଶ୍ଳେଷଣର ସମୟ ଆସିଛି କହିଲେ ଭୁଲ୍ ହେବ ନାହିଁ।

ଆମ ରାଜ୍ୟରେ ଭଲ ଶୁଟିଂ ଲୋକେଶନ ରହିଛି। ଏପରି ସ୍ଥାନ ଗୁଡ଼ିକରେ ବଲିଉଡ ଚଳଚ୍ଚିତ୍ର ମଧ୍ୟ ଶୁଟିଂ ହୋଇପାରିବ। ତେଣୁ ଏଭଳି ସ୍ଥାନକୁ ଦୃଷ୍ଟି ଦିଆଯିବା ନିହାତି ଦରକାର।

ଓଡ଼ିଆ ସିନେମାର ସଂଖ୍ୟା ବଢୁଛି–ଏଥିରେ ଦ୍ୱିମତ ହେବାର ନାହିଁ। ହେଲେ ଭଲ ସିନେମାଟିଏ ନିର୍ମାଣ କଲେ ଆଉ ତାହା ଯଦି ଭଲ ବିଜନେସ୍ କଲା ତେବେ ସମ୍ପୃକ୍ତ ପ୍ରଯୋଜକ ଆଉ ଏକ ସିନେମା ନିର୍ମାଣ କରିବାକୁ ନିଶ୍ଚୟ ମନ ବଳାଇବେ। କେବଳ ସଂଖ୍ୟା ବଢ଼ିଲେ ହେବ ନାହିଁ, ଦର୍ଶକଙ୍କ ମନକୁ ପ୍ରଭାବିତ କରିବା ଭଳି ସିନେମା ପ୍ରସ୍ତୁତ ହେବା ଆବଶ୍ୟକ। ଏଭଳି କେତେକ ସିନେମା ତିଆରି ହେଉଛି ଯାହା ରିଲିଜ ହେବାର ଦିନ କେଇଟା ଭିତରେ ପ୍ରେକ୍ଷାଳୟରୁ ଓହ୍ଲାଇ ଯାଉଛି। ସିନେମାର ପ୍ରଚାର ପ୍ରସାର ଦିଗରେ ମଧ୍ୟ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ।

ଚଳିତ ବର୍ଷ ଏପର୍ଯ୍ୟନ୍ତ ୩୦ଟି ଚଳଚ୍ଚିତ୍ର ରିଲିଜ ହୋଇଛି। ହେଲେ କେତୋଟି ସିନେମାକୁ ବ୍ୟବସାୟିକ ସଫଳତା ମିଳିଛି କହିଲେ ? ବାସ୍, ହାତଗଣତି କିଛି ସିନେମା ହିଁ ଏହାର ତାଲିକାଭୁକ୍ତ ହେବେ। ଚଳଚ୍ଚିତ୍ରଟିଏ



ନିର୍ମାଣ କରିବା ପୂର୍ବରୁ ଅନେକ ଦିଗ ପ୍ରତି ଦୃଷ୍ଟି ଦିଆଯିବା ଦରକାର। ଏବେ ଅଧିକାଂଶ ସିନେମାକୁ ଅନ୍ୟ ପ୍ରାନ୍ତୀୟ ଭାଷା ଫିଲ୍ମରୁ କପି କରାଯାଉଛି। ଆମ ନିଜସ୍ୱ କାହାଣୀକୁ ଆଧାର କରି ଭଲ ଚିତ୍ର ତିଆରି ହୋଇପାରିବ, ଯାହାର ଅନେକ ଉଦାହରଣ ଅତୀତରେ ରହିଛି।

ବର୍ତ୍ତମାନ କେତେକ ପ୍ରେକ୍ଷାଳୟ ବନ୍ଦ ହୋଇଯାଇଥିବା ବେଳେ ଆଉ କେତେକକୁ ନବୀକରଣ କରାଯାଇଛି। ଅନ୍ୟପକ୍ଷରେ ମଲ୍ଟିପ୍ଲେକ୍ସର ଡିମାଣ୍ଡ କାହିଁରେ କେତେ। ବିଶେଷଭାବରେ ଯୁବପିଢ଼ି ଏଠାରେ ସିନେମା ଦେଖିବାକୁ ପସନ୍ଦ କରୁଛନ୍ତି। ତେବେ ପ୍ରେକ୍ଷାଳୟ ସଂଖ୍ୟା ବଢ଼ିଲେ ତାହା ନିଶ୍ଚୟ ସିନେମା ବ୍ୟବସାୟକୁ ଆହୁରି ସହାୟ ହେବ।

ଆଉ ଏକ କଥା ହେଲା ଓଡ଼ିଆ ସିନେମା ଦେଖିବାକୁ ଦର୍ଶକଙ୍କ ଆଗ୍ରହ। ଦିନ ଥିଲା ଓଡ଼ିଆ ସିନେମାଟିଏ ମୁକ୍ତିଲାଭ କଲେ ପ୍ରେକ୍ଷାଳୟ ସାମନାରେ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଥିଲା। କିନ୍ତୁ ଯଦି ଆମେ ଗତ କିଛି ବର୍ଷର ଦର୍ଶକଙ୍କ ସଂଖ୍ୟା ଉପରେ ଦୃଷ୍ଟି ନିକ୍ଷେପ କରିବା ତେବେ ତାହା କେତେ ହେବ ପ୍ରାୟ ସମସ୍ତେ ଜାଣନ୍ତି। ତେବେ ଏଇ କିଛି ବର୍ଷ ହେବ, 'ଦମନ୍', 'କର୍ମ', 'ମାଲ୍ୟଗିରି', 'ପ୍ରତୀକ୍ଷା' ଆଦି କେତେକ ସିନେମା ଦର୍ଶକଙ୍କ ହୃଦୟ ଜିଣିବାରେ ସକ୍ଷମ ହୋଇଛି। ତେଣୁ ସିନେମାଟିଏ ନିର୍ମାଣ କରିବା ସମୟରେ ଦର୍ଶକଙ୍କର ମାନସିକତାକୁ ଅଗ୍ରାଧିକାର ଦେବା ଦରକାର।

ବର୍ତ୍ତମାନ ଆମ ଓଡ଼ିଆ ସିନେମା ପାଇଁ ଏକ ଭଲ ସମୟ ଆସିଛି। କେବଳ ସେତିକି ନୁହେଁ, ଜାତୀୟ ଚଳଚ୍ଚିତ୍ର ପୁରସ୍କାର ତାଲିକାରେ ଆମ ଓଡ଼ିଆ ଚଳଚ୍ଚିତ୍ର ଏବେ ଲଗାତର ସ୍ଥାନ ପାଉଛି। ତେବେ ଭଲ ସିନେମା ନିର୍ମାଣ ହେଲେ ତାହା ନିଶ୍ଚୟ ଦର୍ଶକାଦୃତ ହେବ ଏବଂ ଭଲ ବିଜନେସ୍ ମଧ୍ୟ କରିବ। ତା'ସହ ଆମ ଓଡ଼ିଆ ସିନେମାର ହଜି ଯାଇଥିବା ସୁନେଲି ଦିନ ପୁଣି ଥରେ ନିଶ୍ଚୟ ଫେରି ଆସିବ–ଏଥିରେ ତିଳେ ହେଲେ ସନ୍ଦେହ ନାହିଁ।

–ଶୁଭ୍ର ମହାପାତ୍ର

ଧରିତ୍ରୀ DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୧/୨୦୨୫ Bhubaneswar, Thursday, September 11/ 2025

## କେଭିଏଲ୍‌ରେ ଭାଗନେବେ ୭୬ ଦଳ

ଭୁବନେଶ୍ୱର, ୧୦ା୯(ତପନ ସ୍ୱାଇଁ)

କଳିଙ୍ଗ ଭଲିବଲ୍ ଲିଗ୍(କେଭିଏଲ୍) ପାଇଁ ପଞ୍ଜୀକରଣ ପ୍ରକ୍ରିୟା ଶେଷ ହୋଇଛି। ଏଥିରେ ରାଜ୍ୟର ମୋଟ୍ ୭୬ଟି ଦଳ ଭାଗନେଉଥିବା ଜଣାପଡ଼ିଛି। ୧୬ ବର୍ଷରୁ କମ୍ ବୟସ ବର୍ଗର ଖେଳାଳିଙ୍କୁ ନେଇ ଲିଗ୍ ଆୟୋଜନ କରାଯିବ। ୪ଟି ଜୋନ୍‌ରେ ଲିଗ୍ ଖେଳାଯିବା ପରେ କଟକରେ ଫାଇନାଲ ଅନୁଷ୍ଠିତ ହେବ। ଏଥିରେ ଚାମ୍ପିୟନ ଦଳ ଜାତୀୟ ପ୍ରତିଯୋଗିତାରେ ଭାଗନେବା ଲାଗି ଆସାମ ଯାତ୍ରା କରିବ। କଟକ ବାରବାଟୀ ଷ୍ଟାଡିୟମ ପରିସରସ୍ଥିତ ଗେଷ୍ଟହାଉସ୍‌ରେ ଅନୁଷ୍ଠିତ କଳିଙ୍ଗ ଭଲିବଲ ବିକାଶ ପରିଷଦ(କେଭିଡିସି)ର ସାଧାରଣ ପରିଷଦ ବୈଠକରେ ଏହି ସୂଚନା ଦିଆଯାଇଛି। କେଭିଡିସି ସମ୍ପାଦକ ସଂଗ୍ରାମ ଓଝାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟରେ ଭଲିବଲ୍ କ୍ରୀଡ଼ାର ସାମଗ୍ରିକ ବିକାଶ ଦିଗରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। କେଭିଏଲ୍‌ର ପ୍ରଥମ ପର୍ଯ୍ୟାୟ ଲିଗ୍ କଟକ ଜିଲାର ନାରଙ୍ଗବସ୍ତାରେ ଆୟୋଜନ ହେବ। ପରେ ଯାଜପୁର, ଅନୁଗୋଳ ଏବଂ ଭୁବନେଶ୍ୱରରେ ଲିଗ୍‌ର ଅବଶିଷ୍ଟ ମ୍ୟାଚ୍ ଖେଳାଯିବ। ବୈଠକରେ କେଭିଡିସି ସଭାପତି ଅଭିଲାଷ ଦାସ, ଉପସଭାପତି ରମାକାନ୍ତ ପଟ୍ଟନାୟକ, ଶିବରଞ୍ଜିତ ଜେନା, କାର୍ଯ୍ୟନିର୍ବାହୀ ସଦସ୍ୟ କୁମାରଶ୍ରୀ ସାହୁ, ଦୀପ୍ତିରଞ୍ଜନ ମହାନ୍ତି, ଆଦର୍ଶ ଆନନ୍ଦଡିଗଲପ୍ରମୁଖ ଉପସ୍ଥିତ ଥିଲେ।

# ଭାରତର ସହଜ ବିଜୟ

ଦୁବାଇ,୧୦ା୯

ଚଳିତ ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟରେ ବୁଧବାର ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ଭାରତ ଅତି ସହଜରେ ଆୟୋଜକ ୟୁନାଇଟେଡ୍ ଆରବ ଏମିରେଟ୍ସ(ୟୁଏଇ)କୁ ୯ ଉଇକେଟରେ ପରାସ୍ତ କରିଦେଇଛି। ପ୍ରଥମେ ବ୍ୟାଟିଂ କରିଥିବା ୟୁଏଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୧୩.୧ ଓଭରରେ ୫୭ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ୫୮ ରନ୍‌ର ଛୋଟିଆ ଟାର୍ଗେଟ୍‌କୁ ଭାରତ ମାତ୍ର ୪.୩ ଓଭରରେ ୧ ଉଇକେଟ କ୍ଷତିରେ ହାସଲକରି ନେଇଥିଲା। ଭାରତ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ପ୍ରଥମେ ବ୍ୟାଟିଂ କରିଥିବା ୟୁଏଇ ୧୩.୧ ଓଭରରେ ୫୭ ରନରେ ଅଲଆଉଟ୍ ହୋଇଯାଇଥିଲା। ଏହା ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟ ଇତିହାସର ଦ୍ୱିତୀୟ ସର୍ବନିମ୍ନ ଦଳଗତ ସ୍କୋର। ଘରୋଇ ଦଳ ପାଇଁ ଦୁଇ ଓପନର ଆଲିଶାନ ଶାରାଫୁ ୨୨ ଓ ଅଧିନାୟକ ମହମ୍ମଦ ୱସିମ ୧୯ ରନ କରିଥିଲେ। ଏମାନଙ୍କୁ ଛାଡ଼ି ଦେଲେ ଅନ୍ୟ କୌଣସି ବ୍ୟାଟର ଦୁଇ ଅଙ୍କ ସ୍କୋର ଛୁଇଁପାରିନଥିଲେ। ଭାରତ ପାଇଁ କୁଲଦୀପ ଯାଦବ ୪ ଓ ଶିବମ ଦୁବେ ୩ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରୁଣ ଚକ୍ରବର୍ତ୍ତୀ, ଅକ୍ଷର ପଟେଲ ଓ ଯଶପ୍ରୀତ ବୁମରା ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଭାରତକୁ ଅଭିଷେକ ଶର୍ମା ଓ ଶୁବମନ ଗିଲ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ୩.୫ ଓଭରରେ ୪୮ ରନ କରିଥିଲେ। ଏକମାତ୍ର ବ୍ୟାଟର ଭାବେ ଅଭିଷେକ ୧୬ ବଲରେ ୨ ଚୌକା ଓ ୩ ଛକା ସହିତ ୩୦ ରନ କରି ପାଭିଲିଅନ କରିଥିଲେ। ତାଙ୍କ ବଲରେ କ୍ରିଜ୍‌କୁ ଓହ୍ଲାଇଥିବା ଅଧିନାୟକ ସୂର୍ଯ୍ୟକୁମାର ୭ ଓ ଗିଲ୍ ୨୦ (୨ ଚୌକା ଓ ୧ ଛକା) ରନ କରି ମ୍ୟାଚ୍ ଫିନିଶ୍ କରିଥିଲେ।

**ଏସିଆ କପ୍ କ୍ରିକେଟ**
**(ଆଜିର ମ୍ୟାଚ୍)**
**ବାଂଲାଦେଶ ବନାମ ହଂକଂ**
ଭେନ୍ୟୁ: ଆବୁଧାବି
ସମୟ: ରାତି ୮ଟା
ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟଓ୍ୱର୍କ


ଉଇକେଟ ନେବା ପରେ କୁଲଦୀପ ଯାଦବଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ସଂକ୍ଷିପ୍ତ ସ୍କୋର**

ୟୁଏଇ: ୧୩.୧ ଓଭରରେ ୫୭/ଅଲଆଉଟ୍ (ଆଲିଶାନ ଶାରଫୁ-୨୨, ମହମ୍ମଦ ୱସିମ-୧୯, କୁଲଦୀପ ଯାଦବ-୪/୭, ଶିବମ ଦୁବେ-୩/୪, ବରୁଣ ଚକ୍ରବର୍ତ୍ତୀ-୪/୧) । ଭାରତ: ୪.୩ ଓଭରରେ ୬୦/୧ (ଅଭିଷେକ ଶର୍ମା-୩୦, ଶୁବମନ ଗିଲ୍-୨୦*, ସୂର୍ଯ୍ୟକୁମାର ଯାଦବ-୭*, ଜୁନେଦ ସିଦ୍ଦିକି-୧/୧୬)।

## ଭାରତ ପାଇଁ ପଦକ ନିଶ୍ଚିତ କଲେ ନୂପୁର

ଲିଭରପୁଲ୍, ୧୦ା୯(ପି.ଟି.)

**ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍**

ଏଠାରେ ଅନୁଷ୍ଠିତ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତ ପାଇଁ ପ୍ରଥମ ପଦକ ନିଶ୍ଚିତ କରିଛନ୍ତି ହେଭିୱେଟ୍ ବକ୍ସର ନୂପୁର ଶେଓରାନ୍। ବୁଧବାର ଅନୁଷ୍ଠିତ ୮୦+ କେଜି ମହିଳା ବର୍ଗର କ୍ୱାର୍ଟର ଫାଇନାଲ ଲଢ଼େଇରେ ସେ ଉଜ୍‌ବେକିସ୍ତାନର ଓଲ୍ଟିନୟ ସୋଟିମବୋୟେଭାଙ୍କୁ ପରାସ୍ତ କରିଛନ୍ତି। କିମ୍ବଦନ୍ତୀ ବକ୍ସର ହାୱା ସିଂଙ୍କ ୩୬ ବର୍ଷୀୟା ନାତୁଣୀ ନୂପୁର ସିଧାସଳଖ କ୍ୱାର୍ଟର ଫାଇନାଲ ଖେଳିବାକୁ ସୁଯୋଗ ପାଇଥିଲେ। ଏହି ମୁକାବିଲାରେ ସେ ଉଜ୍‌ବେକ୍ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୪-୧ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ସେ ଅତିକମ୍‌ରେ ଗୋଟିଏ ବ୍ରୋଞ୍ଜ ପଦକ ପାଇବା ନିଶ୍ଚିତ ହୋଇଛି। ୮୦+ କେଜି ଏକ ଅଣ ଅଲିମ୍ପିକ୍ସ ବର୍ଗ ହୋଇଥିବାରୁ ମାତ୍ର ୧୦ ବକ୍ସର ଭାଗ ନେଇଛନ୍ତି। ପୂରା ଲଢ଼େଇରେ ନୂପୁର ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଅନ୍ତିମ ପର୍ଯ୍ୟାୟରେ କ୍ଲିନର ପଞ୍ଚ୍ ମାରି ସେ ମୂଲ୍ୟବାନ୍ ପଏଣ୍ଟ ହାସଲ କରିନେଇଥିଲେ। ମଙ୍ଗଳବାର ରାତିରେ ଯଦୁମଣି ସିଂ (୪୮ କେଜି) ଓ ଅବିନାଶ ଜମୱାଲ (୬୫ କେଜି) ବିଜୟ ସହ ପୁରୁଷ ବର୍ଗର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ତେବେ ଜୁଗ୍‌ନୁ ଆଲାୱତ୍ (୮୫ କେଜି)ଙ୍କ ଅଭିଯାନ ପ୍ରଥମ ରାଉଣ୍ଡରୁ ଶେଷ ହୋଇଛି। ଦୁଇଥର ବିଶ୍ୱ ଚାମ୍ପିୟନ ନିଖତ୍ ଜରିନ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ମେଡାଲିଷ୍ଟ ଯଶ୍ମିନ୍ ଲାମ୍ବୋରିଆ, ପୂଜାରାଣୀ ଓ ଜମୱାଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।


ନୂପୁର ଶେଓରାନ୍

**ପ୍ରୋ କବାଡ଼ି ଲିଗ୍**

## ତେଲ୍‌ଗୁ ଟାଇଟନ୍ସ, ପୁନେରୀ ପଲ୍‌ଟନ ବିଜୟୀ

ଭାଇଜାଗ, ୧୦ା୯

ପ୍ରୋ କବାଡ଼ି ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚରେ ତେଲଗୁ ଟାଇଟନ୍ସ ୪୫-୩୭ ପଏଣ୍ଟରେ ୟୁ ମୁମ୍ବାକୁ ପରାସ୍ତ କରିଛି। ଏଥିସହ ଲିଗ୍‌ର ଭାଇଜାଗ୍ ପର୍ଯ୍ୟାୟ ଶେଷ ହୋଇଛି। ଭରତ ହୁଡା ୧୩, ଚେତନ ସାହୁ ୬ ଓ ଅଧିନାୟକ ବିଜୟ ମଲିକ ୫ ପଏଣ୍ଟ ହାସଲ କରି ଟାଇଟନ୍ସକୁ କ୍ରମାଗତ ତୃତୀୟ ବିଜୟ ଭେଟି ଦେଇଥିଲେ। ମ୍ୟାଚରେ ଭରତଙ୍କ ପ୍ରଦର୍ଶନ ଚମତ୍କାର ରହିଥିଲା। କ୍ରମାଗତ ୨ ପରାଜୟ ପରେ ୩ ବିଜୟ ହାସଲ କରିଥିବାରୁ ଟାଇଟନ୍ସ ୬ ପଏଣ୍ଟରେ ପହଞ୍ଚି ଯାଇଛି। ଅନ୍ୟପକ୍ଷରେ ପ୍ରଦର୍ଶନରେ ସ୍ଥିରତା ବଜାୟ ରଖି ନ ପାରିବାରୁ ୟୁ ମୁମ୍ବା ୬ ପଏଣ୍ଟରେ ଅପରିବର୍ତ୍ତିତ ରହିଛି। ଅନ୍ୟ ଏକ ମ୍ୟାଚ୍‌ରେ ପୁନେରୀ ପଲ୍‌ଟନ ୪୩-୩୨ ପଏଣ୍ଟରେ ୟୁପି ଯୋଦ୍ଧାସକୁ ପରାସ୍ତ କରିଛି। ପଲ୍‌ଟନ୍ ପକ୍ଷରୁ ଆଦିତ୍ୟ ସିନ୍ଦେ ସର୍ବାଧିକ ୧୨, ପଙ୍କଜ ମୋହିତେ ୧୦, ଗୌରବ ଖତ୍ରୀ ୫ ପଏଣ୍ଟ ହାସଲ କରିଥିଲେ। ପଲ୍‌ଟନ ୮ ପଏଣ୍ଟ ସହ ଟେବୁଲର ଶୀର୍ଷକୁ ଉନ୍ନିତ ହୋଇଛି।




## କୋରିଆକୁ ୪-୨ରେ ହରାଇଲା ଭାରତ

ହାଙ୍ଗ୍‌ଝୋ, ୧୦ା୯

**ଏସିଆ କପ୍ ମହିଳା ହକି ସୁପର-୪**

ଏଠାରେ ଚାଲିଥିବା ଏସିଆ କପ୍ ମହିଳା ହକିର ସୁପର-୪ ପର୍ଯ୍ୟାୟ ବୁଧବାର ଆରମ୍ଭ ହୋଇଛି। ପ୍ରଥମ ଦିନ ମ୍ୟାଚରେ ଭାରତ ୪-୨ ଗୋଲରେ ଦକ୍ଷିଣ କୋରିଆକୁ ହରାଇ ଅଭିଯାନ ଆରମ୍ଭ କରିଛି। ଫଳରେ ଭାରତକୁ ୩ ପଏଣ୍ଟ ମିଳିଛି। ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା ଭାରତ ୨ୟ ମିନିଟ୍‌ରେ ପେନାଲ୍ଟି କର୍ନରର ସୁଯୋଗ ସୃଷ୍ଟି କରିଥିଲା। ବୈଷ୍ଣବୀ ଭିଥାଲ ଫାଲ୍‌କେ ଏହାକୁ ଗୋଲରେ ପରିଣତ କରି ଦଳକୁ ଅଗ୍ରଣୀ କରିଥିଲେ। ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଭାରତ ଏହି ଏକମାତ୍ର ଗୋଲରେ ଅଗ୍ରଣୀ ରହିଥିଲା। ତୃତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୩୩ତମ ମିନିଟ୍‌ରେ ସଙ୍ଗୀତା କୁମାରୀ ଏକ ଫିଲ୍ଡ ଗୋଲ ଦେଇ ଭାରତର ଅଗ୍ରଣୀ ବ୍ୟବଧାନକୁ ବୃଦ୍ଧି କରିଥିବାବେଳେ ଏହାର ଅଳ୍ପ କିଛି ସେକେଣ୍ଡ ମଧ୍ୟରେ କୋରିଆ ଏକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ଏଥିରୁ ଗୋଟିଏ ଗୋଲ ପରିଶୋଧ କରିଥିଲେ କିମ୍ ୟୁଜିନ। ତେବେ ୪୦ତମ ମିନିଟ୍‌ରେ ଲାଲ୍‌ରେମସିଆମି ଏକ ଫିଲ୍ଡ ଗୋଲ ମାଧ୍ୟମରେ ଭାରତର ଅଗ୍ରଣୀ ବ୍ୟବଧାନକୁ ୩-୧ରେ ପହଞ୍ଚାଇ ଦେଇଥିଲେ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୫୩ତମ ମିନିଟରେ କିମ୍ ୟୁଜିନ ପେନାଲ୍ଟି କର୍ନରରୁ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିବାବେଳେ ୫୯ତମ ମିନିଟ୍‌ରେ ଭାରତର ଋତୁଜା ଦାଦାସୋ ପିସାଲ ସେହି ପେନାଲ୍ଟି କର୍ନରରୁ ଏକ ଗୋଲ ଦେଇ ଭାରତର ବିଜୟକୁ ନିଶ୍ଚିତ କରିଦେଇଥିଲେ। ୫ମରୁ ୮ମ ସ୍ଥାନ ପାଇଁ ଅନୁଷ୍ଠିତ ୨ଟି କ୍ଲାସିଫିକେଶନ ମ୍ୟାଚ୍‌ରେ ମାଲେସିଆ ୫-୧ରେ ସିଙ୍ଗାପୁର ଏବଂ ଥାଇଲାଣ୍ଡ ୨-୧ରେ ଚାଇନିଜ୍ ତାଇପେକୁ ପରାସ୍ତ କରିଛି।


ଭାରତ-ଦକ୍ଷିଣ କୋରିଆ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ଏସ୍‌ଆର୍ ଅଲ୍ ଓଡ଼ିଶା ଓପନ୍ ଫିଡେ ରେଟିଂ ଚେସ୍ ୨୭ରୁ

ଭୁବନେଶ୍ୱର, ୧୦ା୯(ତପନ ସ୍ୱାଇଁ)

**■ ୨,୦୦,୧୦୦ ଅର୍ଥ ପୁରସ୍କାର ସହ ୮୯ ଟ୍ରଫି ଓ ୫୪ ପଦକ ପ୍ରଦାନ କରାଯିବ**

ଚଳିତ ମାସ ୨୭ରୁ ୩୦ ପର୍ଯ୍ୟନ୍ତ ଫୁଲନଖରାସ୍ଥିତ କୁରାଙ୍ଗ ଶାସନ ଆମ୍ରପଲ୍ଲୀ ରିସର୍ଟରେ ପ୍ରଥମ ଏସ୍‌ଆର୍ ଅଲ୍ ଓଡ଼ିଶା ଓପନ୍ ଫିଡେ ରେଟିଂ ଚେସ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ରାଜ୍ୟର ପ୍ରତିଷ୍ଠିତ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସ୍‌ଆର୍ ଚେସ୍ ସେଣ୍ଟର ଆନୁକୂଲ୍ୟରେ ହେବାକୁ ଯାଉଥିବା ଏହି ପ୍ରତିଯୋଗିତା ଭାଗ୍ୟଶ୍ରୀ ମେମୋରିଆଲ୍ ନାମରେ ପରିଚିତ ହେବ। ବିଶ୍ୱ ଚେସ୍ ସଂଘ, ସର୍ବଭାରତୀୟ ଚେସ୍ ମହାସଂଘ ଓ ରାଜ୍ୟ ଚେସ୍ ସଂଘର ସ୍ୱୀକୃତିପ୍ରାପ୍ତ ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ୨,୦୦,୧୦୦ ଟଙ୍କାର ଅର୍ଥ ପୁରସ୍କାର ସହ ୮୯ଟି ଆକର୍ଷଣୀୟ ଟ୍ରଫି ଏବଂ ୫୪ଟି ପଦକ ପୁରସ୍କାର ଆକାରରେ ପ୍ରଦାନ କରାଯିବ। ଏହାଛଡ଼ା ଚାମ୍ପିୟନ ଖେଳାଳିଙ୍କୁ ସ୍ୱତନ୍ତ୍ର ଚେସ୍ ଟ୍ରଫି, ପଦକ ଓ ମୁକୁଟ ସହ ୩୦,୦୦୦ ଟଙ୍କା ଦିଆଯାଇ ପୁରସ୍କୃତ କରାଯିବ। ରନରଅପ୍‌ଙ୍କୁ ୨୦,୦୦୦ ଏବଂ ୩ୟ ସ୍ଥାନର ଖେଳାଳିଙ୍କୁ ୧୫,୦୦୦ ଟଙ୍କା ସହ ଟ୍ରଫି ଓ ପଦକ ଦିଆଯିବ। ଏହା ବ୍ୟତୀତ ବିଭିନ୍ନ ବୟସବର୍ଗର କୃତୀ ପ୍ରତିଯୋଗୀଙ୍କ ପାଇଁ ଆକର୍ଷଣୀୟ ପୁରସ୍କାର ମାନ ରହିଛି। ସେହିପରି ରେଟିଂ ବର୍ଗରେ ପ୍ରଥମ ୩ ସ୍ଥାନ ଅଧିକାର କରିବା ଖେଳାଳିଙ୍କୁ ଯଥାକ୍ରମେ ୨୫୦୦, ୧୫୦୦ ଓ ୧୧୦୦ ଟଙ୍କା ଏବଂ ପଦକ ପ୍ରଦାନ କରାଯିବ ବୋଲି ଏସ୍‌ଆର୍ ଚେସ୍ ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକ ପ୍ରକାଶ କରିଛନ୍ତି। ରାଜ୍ୟର ଯେ କୌଣସି ଖେଳାଳି ୧୦୦୦ ଟଙ୍କାର ଏଣ୍ଟ୍ରି ଫି' ଦେଇ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ୮ ରାଉଣ୍ଡ ଭିତ୍ତିକ ପ୍ରତିଯୋଗିତା ଅବସରରେ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ବେଣୁଧର ଦାଶ, ଅଜୟ କୁମାର ଦାସ ଏବଂ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶଙ୍କୁ ସ୍ୱତନ୍ତ୍ର ଭାବେ ଏସ୍‌ଆର୍ ଚେସ୍ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ ବୋଲି ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି।




## ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ସିଟି ଲିଗ୍


କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଭୁବନେଶ୍ୱର, ୧୦ା୯(ତପନ ସ୍ୱାଇଁ)

ଖେଲୋ ଇଣ୍ଡିଆ ଅସ୍ମିତା ମହିଳା ଭାରୋତ୍ତୋଳନ ସିଟି ଲିଗ୍-୨୦୨୫-୨୬ର କଟକ ସଂସ୍କରଣ କଟକସ୍ଥିତ କଳିଙ୍ଗ ଜିମ୍ନାସିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଖେଲୋ ଇଣ୍ଡିଆ ଦ୍ୱାରା ଦେଶର ମହିଳା କ୍ରୀଡ଼ାବିତ୍‌ଙ୍କର ଉତ୍ସାହ ଓ ଅଭିଜ୍ଞତା ବଢ଼ାଇବା ନିମନ୍ତେ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି। କଟକ ଜିଲା ଭାରୋତ୍ତୋଳନ ସଂଘ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ୩୫ ବାଳିକା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଜିଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ବେହେରା, ପୂର୍ବତନ ଏସ୍‌ପି ଭକ୍ତ ବତ୍ସଳ ଦାସ, ରାଜ୍ୟ ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ଗୋପାଳକୃଷ୍ଣ ଦାସ, ଜିଲା ସଂଘ ସଭାପତି ରାଜକିଶୋର ଦାସ, ସମ୍ପାଦକ ବିରଜା ପ୍ରସାଦ ଦାସ ଓ ଅଲିମ୍ପିଆନ୍ କେ. ରବି କୁମାର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ବଡ଼ ବିଜୟ ସତ୍ତ୍ୱେ ଭାରତର ବିଦାୟ

**ଦୋହା,୧୦ା୯(ପି.ଟି.):** ୨୩ ବର୍ଷରୁ କମ୍ ଭାରତୀୟ ପୁରୁଷ ଫୁଟ୍‌ବଲ ଦଳ ବୁଧବାର ବ୍ରୁନେଇ ଦାରୁସଲାମକୁ ୬-୦ ଗୋଲରେ ହରାଇବା ସତ୍ତ୍ୱେ ଏଏଫ୍‌ସି ଅଣ୍ଡର-୨୩ ଏସିଆନ କପ୍ କ୍ୱାଲିଫାୟର୍ସରୁ ବିଦାୟ ନେଇଛି। ୩ ମ୍ୟାଚ୍‌ରୁ ୨ ବିଜୟ ଓ ୬ ପଏଣ୍ଟ ସହ ଗ୍ରୁପ୍ ପର୍ଯ୍ୟାୟ ଅଭିଯାନ ଶେଷ କରିଥିବା ଭାରତୀୟ ଦଳକୁ କାତାର ଓ ବାହାରିନ୍ ମଧ୍ୟରେ ଅବଦୁଲା ବିନ୍ ଖଲିଫା ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ର ଫଳାଫଳକୁ ଅପେକ୍ଷା କରିବାକୁ ପଡ଼ିଥିଲା। ଏହି ମ୍ୟାଚ୍‌କୁ କାତାର ୨-୧ ଗୋଲରେ ଜିତିବା ସହ ଗ୍ରୁପ୍-ଏଚ୍'ର ଶୀର୍ଷରେ ରହିଥିବା ବେଳେ ଭାରତ ଦ୍ୱିତୀୟ ସ୍ଥାନରେ ରହିଥିଲା। ସମସ୍ତ ୧୧ ଗ୍ରୁପ୍‌ର ଟପ୍ ଦଳ ସହିତ ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଥିବା ୪ ଶ୍ରେଷ୍ଠ ଦଳ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଥିଲେ। କିନ୍ତୁ ଭାରତ ପଞ୍ଚମ ସ୍ଥାନରେ ରହିଯାଇଥିଲା।

## ଓଡ଼ିଶାକୁ ୧ ସ୍ୱର୍ଣ୍ଣ ସହ ୯ ପଦକ

ଭୁବନେଶ୍ୱର, ୧୦ା୯ (ତପନ ସ୍ୱାଇଁ)

**ଜାତୀୟ ଜୁନିୟର ପାରା ବ୍ୟାଡ୍‌ମିଣ୍ଟନ**

ଉତ୍ତର ପ୍ରଦେଶର ଲକ୍ଷ୍ନୌଠାରେ ୨ୟ ଜାତୀୟ ଜୁନିୟର ଏବଂ ୟୁଥ୍ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ବୁଧବାର ଶେଷ ହୋଇଛି। ଏଥିରେ ଓଡ଼ିଶା ପ୍ରତିଯୋଗୀମାନେ ୧ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ ବ୍ରୋଞ୍ଜ ଏହିପରି ମୋଟ ୧୦ଟି ପଦକ ହାସଲ କରିଛନ୍ତି। ସୌମ୍ୟରଞ୍ଜନ ମହାକୁଲ ୧୭ ବର୍ଷରୁ କମ୍ ଏସଏଲ୍-୩ରେ ରୌପ୍ୟ ଏବଂ ୧୯ ବର୍ଷରୁ କମ୍ ଏସଏଲ୍-୩ରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ବିଭାସିନ୍ଧୁ ବାରିକ ୧୯ ବର୍ଷରୁ କମ୍ ଏସଏଲ୍-୩ ସିଙ୍ଗଲ୍ସରେ ରୌପ୍ୟ ଏବଂ ହରିୟାଣାର କାର୍ତ୍ତିକ ସୁହାଗଙ୍କୁ ସାଥିକରି ଡବଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ବିଭାସିନ୍ଧୁ ୟୁଥ୍ ଡବଲ୍ସରେ ମଧ୍ୟ ବ୍ରୋଞ୍ଜ ପଦକ ପାଇଛନ୍ତି। ଆକାଶ ରଞ୍ଜନ ମୁଣ୍ଡ ୟୁଥ୍ ଏସଏଲ୍-୩ରେ ବ୍ରୋଞ୍ଜ, ଅଜୟ କୁମାର ପ୍ରଧାନ ୧୯ ବର୍ଷରୁ କମ୍ ଏସ୍‌ୟୁ-୫ ଡବଲ୍ସରେ ବ୍ରୋଞ୍ଜ ଏବଂ ରାଣୀ ଗାର୍ଡିଆ ୧୯ ବର୍ଷରୁ କମ୍ ବାଳିକା ଏସଏଲ୍-୪ ଏବଂ ଏସୟୁ-୫ ସିଙ୍ଗଲ୍ସରେ ରୌପ୍ୟ ଏବଂ ୟୁଥ୍ ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ପଦକ ବିଜୟୀ ଖେଳାଳିଙ୍କ ସହ କୋଚ୍ ଅମରେନ୍ଦ୍ର ବେହେରା ଓ ପ୍ରତୀକ ବେହେରାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।


କୋଚ୍‌ଙ୍କ ସହ ପଦକ ବିଜୟୀ ଓଡ଼ିଶା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ